# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୫/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, January 5/2023 | Page 16 ₹ 7.00

୪୯ଶ ଭାଗ ୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 43 | ମୂଲ୍ୟ ₹୭/-





## ସଂକ୍ଷେପରେ

### ସୋନିଆ ହସ୍ପିଟାଲରେ



**ନୂଆଦିଲ୍ଲୀ,୪।୧:** ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ଦିଲ୍ଲୀର ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସହ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହସ୍ପିଟାଲ ଯାଇଥିଲେ। ସୋନିଆଙ୍କର ଶ୍ୱାସନଳୀରେ ସଂକ୍ରମଣ ହୋଇଥିବା କୁହାଯାଉଛି। ମଙ୍ଗଳବାର ସେ ଅସୁସ୍ଥ ଥିବାରୁ ଉତ୍ତରପ୍ରଦେଶରେ ଭାରତ ଯୋଡ଼ୋ ଯାତ୍ରାରେ ଥିବା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ସନ୍ଧ୍ୟାରେ ନୂଆଦିଲ୍ଲୀ ଫେରିଥିଲେ। ବୁଧବାର ସକାଳେ ପୁଣି ପଦଯାତ୍ରା ଆରମ୍ଭ ହୋଇଛି।

### ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା



**ନୂଆଦିଲ୍ଲୀ, ୪।୧:** ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ସୁବିଧା ଯୋଗାଇ ଦେବା ଲାଗି କେନ୍ଦ୍ର ନିଷ୍ପତ୍ତି ନେଇଛି। ଦେଶର ଯେ କୌଣସି ସ୍ଥାନକୁ ଯାତ୍ରା କରିବାବେଳେ ବୋଷଙ୍କ ସୁରକ୍ଷାରେ ୨୫ରୁ ୩୦ ଆର୍ମଡ୍ ଫୋର୍ସ ତାଙ୍କ ପାଖରେ ଉପସ୍ଥିତ ରହିବେ। ଅବସର ପ୍ରାପ୍ତ ଆଇଏଏସ୍ ଅଫିସର ବୋଷ ଗତବର୍ଷ ନଭେମ୍ବରରେ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନର ଉପରାଷ୍ଟ୍ରପତି ଜଗଦୀପ ଧନ୍‌କର ପୂର୍ବରୁ ପଶ୍ଚିମବଙ୍ଗ ରାଜ୍ୟପାଳ ଦାୟିତ୍ୱରେ ଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ମଧ ଜେଡ୍ ପ୍ଲସ୍ ସିକ୍ୟୁରିଟି ଯୋଗାଇ ଦିଆଯାଇଥିଲା।

### ମହିଳା ଇଞ୍ଜିନିୟରଙ୍କ ଉପରେ ଟ୍ରକ୍ ମାଡ଼ିଗଲା

**ଚେନ୍ନାଇ,୪।୧:** ଚେନ୍ନାଇର ଜଣେ ୨୨ ବର୍ଷୀୟ ମହିଳା ଇଞ୍ଜିନିୟର ମଙ୍ଗଳବାର ରାସ୍ତାରେ ପଟ୍‌ହୋଲ୍‌କୁ ଏଡ଼ାଇବାକୁ ଉଦ୍ୟମ କରୁଥିବାବେଳେ ସ୍କୁଟିରୁ ପଡ଼ିଯାଇଥିଲେ। ଏହି ସମୟରେ ତାଙ୍କ ଉପରେ ଏକ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଶୋଭନା ନାମ୍ନୀ ଏହି ଇଞ୍ଜିନିୟର ଜୋହୋ ନାମକ ଏକ ଘରୋଇ ଟେକ୍ନିକାଲ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ସ୍କୁଟିରେ ତାଙ୍କ ଭାଇ ହରିଶଙ୍କୁ ନେଇ ଏନ୍‌ଇଇଟି କୋଚିଂ କ୍ଲାସ୍‌ରେ ଡ୍ରପ୍ କରିବାକୁ ଯାଉଥିବାବେଳେ ମଦୁରାଭୋୟାଲସ୍ଥିତ ସର୍ଭିସ୍ ରୋଡ୍‌ରେ ଦୁର୍ଘଟଣା ଘଟିଥିଲା। ତାଙ୍କ ଭାଇ ମଧ ଦୁର୍ଘଟଣାରେ ଆହତ ହୋଇଛନ୍ତି।

### ସେଲ୍‌ଫି ନେବାବେଳେ ୫୦୦ ଫୁଟ୍ ତଳକୁ ଖସି ଯୁବକଙ୍କ ମୃତ୍ୟୁ

**ପୁଣେ,୪।୧:** ମହାରାଷ୍ଟ୍ରର ଭରଣ୍ଡା ଘାଟ ରୋଡ୍‌ରେ ମାଙ୍କଡ଼ ସହ ସେଲ୍‌ଫି ନେବାବେଳେ ୫୦୦ ଫୁଟ ଘାଟି ତଳକୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଜଣକ ମହାରାଷ୍ଟ୍ରର ଅବଦୁଲ୍ ଶେଖ୍ ବୋଲି ଜଣାପଡ଼ିଛି। କୋନକଣସ୍ଥିତ ନିଜ ଘରକୁ କାର୍‌ରେ ଯିବା ସମୟରେ ସେ ୱାଘଜଇଠାରେ କାର୍ ରଖି କିଛି ସମୟ ବୁଲାବୁଲି କରିଥିଲେ। ସେଠାରେ ଥିବା ମାଙ୍କଡ଼ଙ୍କ ସହ ଅବଦୁଲ ସେଲ୍‌ଫି ନେଉଥିବାବେଳେ ଘାଟି ତଳକୁ ଖସି ପଡ଼ିଥିବା ପୋଲିସ କହିଛି।

# ହାଇପରସୋନିକ୍ ମିଶାଇଲ ପ୍ରସ୍ତୁତ

## ଆଟଲାଣ୍ଟିକ୍ ଓ ଭାରତ ମହାସାଗରକୁ ରୁଷିଆ ପଠାଇଲା ଯୁଦ୍ଧଜାହାଜ



ଭ୍ଲାଡିମିର ପୁଟିନ୍



ପ୍ରତୀକାତ୍ମକ ଚିତ୍ର

**ମସ୍କୋ,୪।୧**

ୟୁକ୍ରେନ୍ ଆକ୍ରମଣର ୩୧୫ ଦିନ ପରେ ମଧ୍ୟ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଯୁଦ୍ଧଖୋର ମନୋଭାବ ଯାଇନାହିଁ। ସେ ହାଇପରସୋନିକ୍ କ୍ରୁଜ୍ ମିଶାଇଲ ବୋଝେଇ ଯୁଦ୍ଧଜାହାଜ ଆଡ୍‌ମିରାଲ ଗୋର୍ଶକୋଭ୍‌କୁ ଆଟ୍‌ଲାଣ୍ଟିକ୍ ଏବଂ ଭାରତ ମହାସାଗରରେ ମୁତୟନ କରିଛନ୍ତି। ରୁଷୀୟ ସୈନ୍ୟଙ୍କୁ ୟୁକ୍ରେନୀୟ ସେନା ମୁହଁତୋଡ଼ ଜବାବ ଦେଉଥିବାବେଳେ ପୁଟିନ୍ ଏଭଳି ଢଙ୍ଗରେ ନିଜ ସାମରିକ ଶକ୍ତି ପ୍ରଦର୍ଶନ କରିଛନ୍ତି।

ରୁଷିଆ ରାଷ୍ଟ୍ରପତି ପୁଟିନ୍ ବୁଧବାର ଆଡ୍‌ମିରାଲ ଗୋର୍ଶକୋଭ୍ ଯୁଦ୍ଧଜାହାଜର ମୁତୟନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ ଫ୍ରିଗେଟ୍‌ର କମାଣ୍ଡର ଆଇଗୋର କ୍ରୋଖମାଲଙ୍କ ସହ ଆଲୋଚନା କରିଛନ୍ତି। ପୁଟିନ୍ କହିଛନ୍ତି, ଏହି ଯୁଦ୍ଧଜାହାଜରେ ସଦ୍ୟତମ ହାଇପରସୋନିକ୍ ମିଶାଇଲ ସିଷ୍ଟମ୍ 'ଜିର୍କୋନ୍' ରହିଛି। ଦେଶମାତୃକାର ସେବା ପାଇଁ କ୍ରିଉଙ୍କୁ ସଫଳତା କାମନା କରୁଛି। ଜଳ ଓ ସ୍ଥଳରେ ଶତ୍ରୁପକ୍ଷଙ୍କୁ ପ୍ରତିହତ କରିବା ଲାଗି ଲକ୍ଷ୍ୟସ୍ଥଳକୁ ଭେଦ କରିବାରେ ଏହା ସକ୍ଷମ। ଏହି ମିଶାଇଲ ସିଷ୍ଟମ୍‌ରେ ୧,୦୦୦ କି.ମି. ଦୂର ପର୍ଯ୍ୟନ୍ତ ଟାର୍ଗେଟ କରାଯାଇପାରିବ। ହାଇପରସୋନିକ୍ କ୍ଷେପଣାସ୍ତ୍ରଗୁଡ଼ିକର ବେଗ ଶବ୍ଦର ଗତିଠାରୁ ୫ ଗୁଣା ଅଧିକ। ଆମେରିକା ଓ ଚାଇନା ମଧ୍ୟରେ ହାଇପରସୋନିକ୍ କ୍ଷେପଣାସ୍ତ୍ର ବିକଶିତ କରିବା ନେଇ ପ୍ରତିଯୋଗିତା ଚାଲିଥିବାବେଳେ ରୁଷିଆ ଜିର୍କୋନ୍‌କୁ ଗତବର୍ଷ ଯୁଦ୍ଧଜାହାଜ ଓ ବୁଡ଼ାଜାହାଜରୁ ପରୀକ୍ଷଣ କରିଥିଲା। ରୁଷିଆ ପ୍ରତି ବିପଦ ସୃଷ୍ଟି ହେଲେ ଏବଂ କ୍ଷେତ୍ରୀୟ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ଶତ୍ରୁପକ୍ଷର ମୁକାବିଲା ସକାଶେ ଏହାକୁ ବିକଶିତ କରାଯାଇଛି ବୋଲି ଶୋଇଗୁ କହିଛନ୍ତି।

➥ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ କହିଛନ୍ତି, ଡୋନେସ୍କ ରିଜିୟନ୍‌ର ମସ୍କୋ ନିୟନ୍ତ୍ରଣରେ ଥିବା ମାକିଭ୍‌କା ସହରରେ ୟୁକ୍ରେନ୍ ସୈନ୍ୟଙ୍କ ଆକ୍ରମଣରେ ୮୯ ରୁଷୀୟ ସୈନ୍ୟ ନିହତ ହୋଇଛନ୍ତି।

➥ରୁଷୀୟ ସୈନ୍ୟମାନେ ବିନା ଅନୁମତିରେ ମୋବାଇଲ ଫୋନ୍ ବ୍ୟବହାର କରିଥିବାରୁ ୟୁକ୍ରେନୀୟ ପ୍ରତିପକ୍ଷ ସେମାନଙ୍କୁ ଟାର୍ଗେଟ କରିବାରେ ସକ୍ଷମ ହୋଇଥିଲେ।

➥ଯୁଦ୍ଧରେ ପ୍ରାଣ ହରାଇଥିବା ରୁଷୀୟ ସୈନ୍ୟମାନଙ୍କ ବିଧବାଙ୍କୁ ସମର୍ଥନ କରୁଥିବା ଏକ ଜାତୀୟତାବାଦୀ ଗୋଷ୍ଠୀ ପୁଟିନ୍‌ଙ୍କୁ ୟୁକ୍ରେନ୍ ଉପରେ ବିଜୟ ହାସଲ ସୁନିଶ୍ଚିତ କରିବାକୁ କହିଛି। ଏଥିଲାଗି ସୀମାକୁ ଅନେକ ନିୟୁତ ସୈନ୍ୟ ପ୍ରେରଣ ନିର୍ଦ୍ଦେଶ ଦେବାକୁ ପରାମର୍ଶ ଦେଇଛି।

➥ୟୁକ୍ରେନ୍‌କୁ ଯୁଦ୍ଧରେ ଜର୍ମାନୀ ସମର୍ଥନ କରୁଛି। ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ବର୍ଲିନ୍‌ରେ ବିକ୍ଷୋଭକାରୀମାନେ ଆହ୍ୱାନ ଦେଇଛନ୍ତି। କାରଣ ଗ୍ୟାସ୍ ପାଇଁ ଜର୍ମାନୀ ରୁଷିଆ ଉପରେ ନିର୍ଭରଶୀଳ।



"ବର୍ତ୍ତମାନ ୟୁକ୍ରେନ୍‌କୁ ଆମର ସର୍ବାଧିକ ସାମରିକ ସହାୟତା ଆବଶ୍ୟକ।
**-ଇମାନ୍ୱେଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି**

➥ୟୁକ୍ରେନ୍‌କୁ ଦୀର୍ଘକାଳୀନ ସାମରିକ ସହଯୋଗ କରିବା ପାଇଁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ମତ ଦେଇଛନ୍ତି।

➥ୟୁକ୍ରେନ୍ ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ଫେବୃୟାରୀ ୩ରେ କିଭ୍‌ରେ ବୈଠକ ହେବ। ଆର୍ଥିକ ଓ ସାମରିକ ସହାୟତା ପ୍ରଦାନ ନେଇ ଉକ୍ତ ବୈଠକରେ ଆଲୋଚନା ହେବ ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଅଫିସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

### ନୂଆ ଦଲାଇ ଲାମା ଚୟନରେ ହସ୍ତକ୍ଷେପ କରିବ ଚାଇନା



ପେନ୍‌ପା ସେରିଙ୍ଗ

**କୋଲକାତା,୪।୧**

ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନରେ ଚାଇନା ହସ୍ତକ୍ଷେପ କରିବ। ଏଥିପାଇଁ ବେଜିଂ ୧୫ ବର୍ଷ ହେଲା ପ୍ରସ୍ତୁତି ଚଳାଇଥିବା ତିବ୍ବତ ନିର୍ବାସିତ ସରକାରର ମୁଖ୍ୟ ପେନ୍‌ପା ସେରିଙ୍ଗ କହିଛନ୍ତି। ଗଣତାନ୍ତ୍ରିକ ଉପାୟରେ ଦଲାଇଲାମାଙ୍କ ଉତ୍ତରାଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଉ ବୋଲି ସେରିଙ୍ଗ୍‌ଙ୍କ ପ୍ରଶାସନ ଚାହାନ୍ତି। ପୂର୍ବରୁ ଦଲାଇଲାମା ଚୟନ କରିଥିବା ଉତ୍ତରାଧିକାରୀଙ୍କୁ ସାଧାରଣ ନଜରରୁ ହଟାଇ ଦିଆଯାଇ ଚାଇନାର କମ୍ୟୁନିଷ୍ଟ ସରକାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପଞ୍ଚେନ୍ ଲାମାଙ୍କୁ ନିଯୁକ୍ତି ଦେଇଥିଲା। ଆଗାମୀ ଦିନରେ ଏହାର ପୁନରାବୃତ୍ତି ହୋଇପାରେ ବୋଲି କୋଲକାତା ଗସ୍ତରେ ଆସିଥିବା ସେରିଙ୍ଗ୍ କହିଛନ୍ତି। ଚାଇନା-ତିବ୍ବତ ବିବାଦର ସମାଧାନ ନ ହେଲେ ଦଲାଇଲାମାଙ୍କ ପରଲୋକ ପରେ ତୀବ୍ବତୀୟଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଦଲାଇ ଲାମାଙ୍କ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟାରେ ଚାଇନା ନିଶ୍ଚୟ ହସ୍ତକ୍ଷେପ କରିବ ବୋଲି ତିବ୍ବତ ନିର୍ବାଚିତ ସରକାରର ମୁଖ୍ୟ କହିଛନ୍ତି।

## ୬ ଭାରତୀୟ ବଂଶୋଦ୍ଭବଙ୍କୁ ପୁନଃ ମନୋନୀତ କଲେ ବାଇଡେନ୍

**ୱାଶିଂଟନ,୪।୧**

### ଆମେରିକାର ପ୍ରଶାସନିକ ପଦବୀ

ଆମେରିକା ପ୍ରଶାସନର କେତେକ ଶୀର୍ଷ ପଦବୀକୁ ଅନ୍ୟୂନ ୬ ଜଣ ଭାରତୀୟ ବଂଶୋଦ୍ଭବଙ୍କୁ ରାଷ୍ଟ୍ରପତି ଜୋ ବାଇଡେନ୍ ପୁନଃ ମନୋନୀତ କରିଛନ୍ତି। ସେଗୁଡ଼ିକୁ ସିନେଟ ଅନୁମୋଦନ ନିମନ୍ତେ ପଠାଯାଇଛି। ରିଚାର୍ଡ ବର୍ମା (୫୪)ଙ୍କୁ ପରରାଷ୍ଟ୍ର ବିଭାଗର ପରିଚାଳନା ଓ ସମ୍ବଳ ବିଭାଗ ଉପସଚିବ ପାଇଁ ମନୋନୀତ କରାଯାଇଥିବାବେଳ ଡ. ବିବେକ ହାଲେଗେରେ ମୂର୍ତ୍ତିଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କାର୍ଯ୍ୟନିର୍ବାହୀ ବୋର୍ଡର ପ୍ରତିନିଧି ଭାବେ ମନୋନୀତ କରାଯାଇଛି। ବର୍ମା ପୂର୍ବରୁ ଭାରତରେ ଆମେରିକାର ରାଷ୍ଟ୍ରଦୂତ ଥିଲେ। ଏବେ ସେ ମୁଖ୍ୟ ନ୍ୟାୟିକ ଅଧିକାରୀ ଏବଂ ମାଷ୍ଟରକାର୍ଡରେ ଗ୍ଲୋବାଲ ପବ୍ଲିକ୍ ପଲିସି ମୁଖ୍ୟ ଅଛନ୍ତି। ସେହିପରି ମୂର୍ତ୍ତି ଆମେରିକାର ୨୧ତମ ସର୍ଜନ ଜେନେରାଲ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ଚତୁର୍ବେଦୀଙ୍କୁ ବରିଷ୍ଠ ବ୍ୟାପାର ବିଭାଗ ଜେନେରାଲ କାଉନସିଲ, ରବି ଚୌଧରୀଙ୍କୁ ଆମେରିକା ବାୟୁସେନାର ସହକାରୀ ସଚିବ, ଗୀତା ରାଓ ଗୁପ୍ତାଙ୍କୁ ବିଶ୍ୱ ମହିଳା ପ୍ରସଙ୍ଗରେ ଆମ୍ବାସଡର ଆଟ୍ ଲାର୍ଜ ଏବଂ ରାଧା ଆୟେଙ୍ଗାର ପ୍ଲମ୍ବ୍‌ଙ୍କୁ ପ୍ରତିରକ୍ଷା ବିଭାଗ ଉପ ଅନୁସଚିବ ଭାବେ ମନୋନୀତ କରାଯାଇଛି। ପୂର୍ବରୁ ରାଷ୍ଟ୍ରପତି ଉପରୋକ୍ତ ନାମକୁ ସିନେଟକୁ ପଠାଇଥିଲେ ମଧ ତାହା ଅନୁମୋଦନ ହୋଇପାରି ନ ଥିଲା। ମଙ୍ଗଳବାର ୧୧୮ତମ କଂଗ୍ରେସର ପ୍ରଥମ ଦିନରେ ସିନେଟରମାନେ ଶପଥ ନେବା ସହ ପ୍ରତିନିଧି ସଭାର ବାଚସ୍ପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି।

### ମୁମ୍ବାଇକୁ ମିଳିଲା ପ୍ରଥମ ସ୍ୱତନ୍ତ୍ର ପୋଲିସ କମିଶନର

**ମୁମ୍ବାଇ,୪।୧**



ମହାରାଷ୍ଟ୍ର ସରକାର ମୁମ୍ବାଇ ପାଇଁ ସ୍ୱତନ୍ତ୍ର ପୋଲିସ କମିଶନର ନିଯୁକ୍ତ ଭାବେ ବରିଷ୍ଠ ଆଇପିଏସ୍ ଅଫିସର ତଥା ଅତିରିକ୍ତ ପୋଲିସ ଡିଜି ଦେବେନ ଭାରତୀଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରଥମ ଥର ଲାଗି ରାଜ୍ୟ ସରକାର ମୁମ୍ବାଇ ପାଇଁ ସ୍ୱତନ୍ତ୍ର ପୋଲିସ କମିଶନର ପଦବୀ ସୃଷ୍ଟି କରିଛନ୍ତି। ଭାରତୀ ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର।

## ଏମ୍‌ପି ସରକାରଙ୍କ ବିରୋଧରେ ୧୦ ହଜାର କୋଟିର ମାମଲା

**ଇନ୍ଦୋର,୪।୧**

### ମିଛ ଅଭିଯୋଗରେ ୨ ବର୍ଷ ଜେଲ

ମଧ୍ୟପ୍ରଦେଶର ପଟଲମ୍ ଅଞ୍ଚଳର ଜଣେ ଆଦିବାସୀଙ୍କୁ ମିଛ ଅଭିଯୋଗରେ ୬୬୬ ଦିନ ଜେଲରେ ରଖାଯାଇଥିଲା। ଗତବର୍ଷ ଅକ୍ଟୋବରରେ ତାଙ୍କୁ ଗଣବଳାତ୍କାର ମାମଲାରେ ଦୋଷମୁକ୍ତ କରାଯାଇଥିଲା। ଏହି ବ୍ୟକ୍ତି ଜଣକ ବିନା ଦୋଷରେ ଜେଲ ଯାଇଥିବାରୁ ମଧ୍ୟପ୍ରଦେଶ ସରକାର ତାଙ୍କୁ ୧୦,୦୦୬ କୋଟି ଟଙ୍କା କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରି ମାନହାନି ମାମଲା ଦାଏର କରିଛନ୍ତି। ଆବେଦନକାରୀ କନ୍ତୁ ଓରଫ କାନ୍ତିଲାଲ ଭିଲ୍ (୩୫)ଙ୍କୁ ଯୌନ ସୁଖରୁ ବଞ୍ଚିତ କରାଯାଇଥିବାରୁ ସେ ଏତେ ପରିମାଣରେ ଅର୍ଥରାଶି ଦାବି କରିଛନ୍ତି। ଏବେ ବି ସେ ଜେଲ ସମୟର ଯନ୍ତ୍ରଣାକୁ ଭୁଲିପାରି ନାହାନ୍ତି। ଏହା ତାଙ୍କର ସଂସାରକୁ ଓଲଟପାଲଟ କରିଦେଇଥିଲା। ତାଙ୍କ ସ୍ତ୍ରୀ, ପିଲା ଓ ବୃଦ୍ଧା ମାଆ ନାହିଁ ନ ଥିବା ହଇରାଣ ହୋଇଥିଲେ। ଜେଲରେ ରହିବାରୁ ତାଙ୍କୁ ଚର୍ମରୋଗ ସମେତ ଅନ୍ୟାନ୍ୟ ରୋଗ ହୋଇଥିଲା, ଯାହା ଏବେ ମଧ ଅନୁଭୂତ ହେଉଛି ବୋଲି କନ୍ତୁ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି।

## ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣା: ଅଭିଯୁକ୍ତଙ୍କୁ ବ୍ୟାନ୍ କଲା ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୪।୧**

ନଭେମ୍ବର ମାସରେ ଏୟାର ଇଣ୍ଡିଆ ବିମାନର ବିଜ୍‌ନେସ୍ କ୍ଲାସ୍‌ରେ ଯାତ୍ରା କରୁଥିବା ଜଣେ ବ୍ୟକ୍ତି ଆଉ ଜଣେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣାରେ ଏୟାର ଲାଇନ୍ସ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ୩୦ ଦିନିଆ ବ୍ୟାନ୍ ଲଗାଯାଇଛି। ବିମାନ ଯାତ୍ରା ନିୟମକୁ ପାଳନ କରୁ ନ ଥିବା ବ୍ୟକ୍ତିବିଶେଷଙ୍କୁ ବିମାନ ଉଡ଼ାଣ ତାଲିକାରୁ ବାଦ୍ ଦିଆଯିବା ନେଇ ନିୟମ ଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ବୁଧବାର କହିଛି। ଏ ନେଇ ଏୟାର ଇଣ୍ଡିଆ ପକ୍ଷରୁ ଅଭିଯୋଗ କରାଯାଇଥିବାବେଳେ ମହିଳା ଜଣକ ଏୟାର ଇଣ୍ଡିଆ ଗ୍ରୁପ୍ ଚେୟାରମ୍ୟାନ୍ ଏନ୍. ଚନ୍ଦ୍ରଶେଖରନ୍‌ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍‌ର ବିଜ୍‌ନେସ୍ ଶ୍ରେଣୀର ନିଶାସକ୍ତ ବ୍ୟକ୍ତି ଆଉଜଣେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ। ଏହାପରେ ମହିଳାଙ୍କ ପୋଷାକ, ବ୍ୟାଗ୍ ଏବଂ ଜୋତା ପରିସ୍ରାରେ ଭିଜିଯାଇଥିବା ମହିଳାଜଣକ କ୍ରିଉଙ୍କୁ ଜଣାଇଥିଲେ। ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଏୟାର ଲାଇନ୍ସ ପକ୍ଷରୁ କୁହାଯାଇଥିବାବେଳେ ଦିଲ୍ଲୀ ବିମାନ ବନ୍ଦରରେ ବିମାନ ଅବତରଣ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା।

### ଡ୍ରମ୍‌ରୁ ମିଳିଲା ମହିଳାଙ୍କ ଗଳିତ ମୃତଦେହ

**ବେଙ୍ଗାଲୁରୁ, ୪।୧**

ବେଙ୍ଗାଲୁରୁର ଯଶୋବନ୍ତପୁର ରେଳ ଷ୍ଟେଶନ୍‌ର ଏକ ପ୍ଲାଷ୍ଟିକ୍ ଡ୍ରମ୍‌ରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ମିଳିଛି। ବୁଧବାର ସକାଳେ ଜଣେ ରେଳ ଷ୍ଟେଶନର ସଫେଇ କର୍ମଚାରୀ ଡ୍ରମ୍ ସଫା କରିବାକୁ ଯାଇଥିବାବେଳେ ମୃତଦେହ ଦେଖିଥିଲେ। ଫୋରେନ୍ସିକ୍ ଟିମ୍ ରେଳଷ୍ଟେଶନ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ପରିଚୟ ମିଳିପାରି ନାହିଁ। ତେବେ ତାଙ୍କ ବୟସ ଅନ୍ୟୂନ ୨୦ ବର୍ଷ ହେବ ବୋଲି ଅନୁମାନ କରୁଥିବାବେଳେ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ଦାୟିତ୍ୱ ଗ୍ରହଣ କରିବାର ୨ ଦିନ ପରେ ବୁଧବାର ବ୍ରାସିଲିଆରେ ତାଙ୍କ ଆର୍ଥିକ ନୀତିକୁ ବିରୋଧକରି ବିକ୍ଷୋଭ କରାଯାଉଛି।

## ଶୁଣାଣିରୁ ଓହରିଲେ ଜଷ୍ଟିସ୍ ତ୍ରିବେଦୀ

**ନୂଆଦିଲ୍ଲୀ,୪।୧(ପି.ଟି.)**

### ବିଲ୍‌କିସ୍ ମାମଲା



ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରାଯିବା ସହ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ୧୧ ଜଣ ଦୋଷୀଙ୍କୁ ଦଣ୍ଡ ଅବଧି ପୂରଣ ହେବା ପୂର୍ବରୁ ମୁକ୍ତ କରିଦିଆଯିବା ଘଟଣାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହାର ଶୁଣାଣିରୁ ବିଚାରପତି ବେଲା ଏମ୍. ତ୍ରିବେଦୀ ବୁଧବାର ଓହରିଯାଇଛନ୍ତି। ଜଘନ୍ୟ ଅପରାଧ ମାମଲାରେ ଦୋଷୀଙ୍କୁ ସମୟ ପୂର୍ବରୁ ମୁକ୍ତ କରିଦେବା ଘଟଣାକୁ ସିପିଆଇ(ଏମ୍) ନେତା ସୁଭାଷିନୀ ଅଲି, ସାମ୍ବାଦିକ ରେବତୀ ଲାଉଲ, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ରୂପରେଖା ବର୍ମା ଏବଂ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୈତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଅଜୟ ରାସ୍ତୋଗୀ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ପିଟିଶନଗୁଡ଼ିକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଆବେଦନକାରୀମାନେ ମାମଲାରେ ସେମାନଙ୍କର ଶୁଣାଣି ଅଧିକାର ପ୍ରମାଣ କରିବାକୁ ଚାହୁଁଛନ୍ତି ବୋଲି ଅପରାଧୀ ପକ୍ଷଙ୍କ ଓକିଲ ଋଷି ମାଲହୋତ୍ରା କହିଥିଲେ। ଆବେଦନକାରୀ ପକ୍ଷଙ୍କ ଓକିଲ ବ୍ରିନ୍ଦା ଗ୍ରୋଭର ଏବଂ ଅପର୍ଣ୍ଣା ଭଟ୍ଟ ଏହାକୁ ବିରୋଧ କରିଥିଲେ। ଫେବୃୟାରୀରେ ଚୂଡ଼ାନ୍ତ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଭଟ୍ଟ ଅନୁରୋଧ କରିବା ପରେ ଖଣ୍ଡପୀଠ ଏଥିରେ ରାଜି ହୋଇଥିଲେ। ପୂର୍ବରୁ ଜଷ୍ଟିସ୍ ତ୍ରିବେଦୀ ପୀଡ଼ିତା ବିଲ୍‌କିସ୍‌ଙ୍କ ଶୁଣାଣିରୁ ଓହରିଯାଇଥିବା ତାଙ୍କ ଓକିଲ ଶୋଭା ଗୁପ୍ତା କହିବା ପରେ ଜଷ୍ଟିସ୍ ରସ୍ତୋଗୀ ତାଙ୍କ ସହ ଆଲୋଚନା କରିଥିଲେ। ଜଷ୍ଟିସ୍ ତ୍ରିବେଦୀ ପୀଡ଼ିତାଙ୍କ ଆବେଦନର ଶୁଣାଣିରୁ ଓହରିଯାଇଥିବାରୁ ବର୍ତ୍ତମାନର ଶୁଣାଣିରୁ ଦୂରେଇ ରହିବାକୁ ଚାହୁଁଛନ୍ତି। ଅନ୍ୟ ଖଣ୍ଡପୀଠରେ ମାମଲାଗୁଡ଼ିକ ଶୁଣାଣି ହେବ ବୋଲି ଜଷ୍ଟିସ୍ ରସ୍ତୋଗୀ କହିଥିଲେ।

## ଆଲ୍ଲାହାବାଦ ହାଇକୋର୍ଟ ରାୟ ଉପରେ ସ୍ଥଗିତାଦେଶ

**ନୂଆଦିଲ୍ଲୀ,୪।୧**

■ଓବିସି ସଂରକ୍ଷଣ ବିନା ୟୁପି ପୌର ନିର୍ବାଚନ
■ଯୋଗୀ ସରକାରଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି



ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣ ବିନା ପୌର ନିର୍ବାଚନ କରାଇବାକୁ ଆଲ୍ଲାହାବାଦ ହାଇକୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ବୁଧବାର ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଫଳରେ ପୌର ନିର୍ବାଚନରେ ସଂରକ୍ଷଣକୁ ନେଇ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ମିଳିବ ବୋଲି ୟୁପି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ପୌର ନିର୍ବାଚନରେ ସଂରକ୍ଷଣ ସୁବିଧା ଦେବା ନିମନ୍ତେ ଓବିସି ମାନଙ୍କର ରାଜନୈତିକ ଅନଗ୍ରସରତା ସମ୍ପର୍କରେ ମାର୍ଚ୍ଚ ୩୧ ସୁଦ୍ଧା ରିପୋର୍ଟ ଦେବାକୁ ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଉତ୍ତରପ୍ରଦେଶ ପୌର ନିର୍ବାଚନରେ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା ନିମନ୍ତେ ରାଜ୍ୟ ସରକାର ଡିସେମ୍ବର ୫ରେ ନିର୍ଦ୍ଦେଶନାମା ଜାରି କରିଥିଲେ। ୨୭ ତାରିଖରେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ଏହାକୁ ଖାରଜ କରିଦେଇଥିଲେ। ବିନା ଓବିସି କୋଟାରେ ନିର୍ବାଚନ କରାଇବା ଲାଗି ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଓବିସି କମିଶନ ଗଠନ ସରିଛି ଏବଂ ମାର୍ଚ୍ଚ ସୁଦ୍ଧା ଏହାର କାର୍ଯ୍ୟ ଶେଷ କରିବ ବୋଲି ୟୁପି ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବିନା ସଂରକ୍ଷଣରେ ପୌର ନିର୍ବାଚନ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଥିଲେ। ସମାଜବାଦୀ ପାର୍ଟି ମଧ୍ୟ ଲକ୍ଷ୍ନୌ ବେଞ୍ଚ୍‌ର ରାୟକୁ ବିରୋଧକରି ସୁପ୍ରିମକୋର୍ଟରେ ସ୍ୱେଶାଲ ଲିଭ୍ ପିଟିଶନ ଦାଏର କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୫/୨୦୨୩ | Bhubaneswar, Thursday, January 5/2023 | ପୃଷ୍ଠା-୧



**ପନ୍ତଙ୍କୁ ଏୟାରଲିଫ୍ଟ**

ଦୁର୍ଘଟଣାରେ ଆଘାତପ୍ରାପ୍ତ ହୋଇଥିବା ଭାରତୀୟ କ୍ରିକେଟ ଦଳର ସଦସ୍ୟ ରିଷଭ ପନ୍ତଙ୍କୁ ଡେରାଡୁନରୁ ମୁମ୍ବାଇକୁ ଏୟାରଲିଫ୍ଟ କରାଯାଇଛି। ୧୪

୦୯ **କୋହଲିଙ୍କ ସହ ବୃନ୍ଦାବନରେ ଅନୁଷ୍କା**

ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ସ୍ୱାମୀ ବିରାଟ କୋହଲିଙ୍କ ସହ ବୃନ୍ଦାବନ ଭ୍ରମଣରେ ଯାଇଛନ୍ତି।





ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ବୁଧବାର ଗୋଟିଏ ବଡ଼ ଲୁହାବିମ୍ ଲଗାଯାଉଛି।

# ୧୨୦ ବର୍ଷ ପରେ ଖୋଲିବ ସୂର୍ଯ୍ୟମନ୍ଦିର ଗର୍ଭଗୃହ

## ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ବାଲି କଢ଼ାଯିବ

- ଲିଫ୍ଟ ପାଇଁ ଲାଗିଲା ପ୍ଲାଟଫର୍ମ, ବିମ୍
- କାର୍ଯ୍ୟ ସରିବାକୁ ଲାଗିବ ୩ ବର୍ଷ

**କୋଣାର୍କ, ୪।୧(ଡି.ଏନ୍.ଏ)**

୧୩ ଶହ ଶତାବ୍ଦୀରେ ନିର୍ମିତ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭଗୃହ ଦୀର୍ଘ ୧୨୦ ବର୍ଷ ପରେ ପୁଣି ଖୋଲାଯିବ। ଗର୍ଭଗୃହରୁ ବାଲି କଢ଼ାଯିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ଏଭଳି ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଗର୍ଭଗୃହରୁ ବାଲି କଢ଼ାଯିବା ଦ୍ୱାରା ଜଗମୋହନ ସୁରକ୍ଷା ସହ ମନ୍ଦିର ମୁଖଶାଳା ଦେଇ ପ୍ରଥମ ସୂର୍ଯ୍ୟୋଦୟର କିରଣ ପଡୁଥିବା ପଥରକୁ ପର୍ଯ୍ୟଟକମାନେ ଦେଖିପାରିବେ। ଏ ନେଇ ପ୍ରକ୍ରିୟା ଆରମ୍ଭ ପରେ ଏଏସ୍ଆଇ ଏବଂ ବିଡିଆର୍ କନଷ୍ଟ୍ରକ୍ଶନ ଲିମିଟେଡ୍ କମ୍ପାନୀର ନିର୍ମାଣ ବିଭାଗ ପକ୍ଷରୁ ଲିଫ୍ଟ ପାଇଁ ପ୍ଲାଟଫର୍ମ ମୂଳଦୁଆ ଓ ଉତ୍ତର-ପଶ୍ଚିମ କୋଣରେ ରାସ୍ତା ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଚାଲିଛି। ବୁଧବାର ଗୋଟିଏ ବଡ଼ ଲୁହାବିମ୍କୁ ମନ୍ଦିରର ଉତ୍ତର କୋଣରେ ଲଗାଯାଇଛି। ଆହୁରି ତିନୋଟି ଏହିଭଳି ପ୍ଲାଟଫର୍ମ ବିମ୍ ଲଗାଯିବ। ପରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଏହି ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ଗର୍ଭଗୃହରେ ଥିବା ବାଲିକୁ ପର୍ଯ୍ୟାୟ କ୍ରମେ ମନ୍ଦିର ପାଦଦେଶକୁ ☞ପୃଷ୍ଠା-୨

# ଗୁଜରାଟରେ ବିକ୍ଷୋଭ ଅପରାଧ

## ବିଲ୍କୁ ରାଷ୍ଟ୍ରପତିଙ୍କ ମୋହର

- ଶକ୍ତିଶାଳୀ ହେଲା ପୋଲିସ
- ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ମଧ୍ୟ ଚାପିହେବ

**ନୂଆଦିଲ୍ଲୀ,୪।୧**

ଫୌଜଦାରି ଦଣ୍ଡ ସଂହିତା (ସିଆର୍ପିସି)ର ଧାରା ୧୪୪ ଜାରି ହୋଇଥିବା ସ୍ଥାନରେ କୌଣସି ପ୍ରକାର ବିକ୍ଷୋଭ ପ୍ରଦର୍ଶନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ ଆପରାଧିକ କାର୍ଯ୍ୟାନୁଷ୍ଠାନ ନେଇପାରିବ। ଭାଜପା ଶାସିତ ଗୁଜରାଟ ବିଧାନସଭାରେ ୨୦୨୨ ମାର୍ଚ୍ଚରେ ଗୃହୀତ ଏ ସମ୍ପର୍କିତ ବିଲ୍କୁ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିଯୋଗୁ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ବିରୋଧୀ ଓ ବିକ୍ଷୋଭକାରୀଙ୍କ ମୁହଁ ବନ୍ଦ ପାଇଁ ଅନୁରୂପ ବିଧେୟକ ପାରିତ କରି ଆଇନ ପ୍ରଣୟନ କରିବା ଆଶଙ୍କା ଉପୁଜିଛି। ଏପରି ହେଲେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) (ଏ), (ବି) ଏବଂ (ସି) ଅନୁସାରେ ନିଜ ହକ୍ ଓ ଅଧିକାର ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ବିକ୍ଷୋଭକାରୀମାନଙ୍କୁ ପୋଲିସ ଗିରଫ କରି ଆଇନର କାଠଗଡ଼ାରେ ଛିଡ଼ା କରାଇବା ବାଟ ଫିଟିବ।

ଭାରତୀୟ ସମ୍ବିଧାନ ଦେଶର ସମସ୍ତ ନାଗରିକଙ୍କୁ ବିକ୍ଷୋଭ ପ୍ରଦର୍ଶନ ଓ ସ୍ୱର ଉତ୍ତୋଳନ କରିବାର ଅଧିକାର ଦେଇଛି। ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ବିକ୍ଷୋଭ କରିବା ମଧ୍ୟ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। କୌଣସି ସ୍ଥାନରେ ବେଆଇନ ସମ୍ମିଳନୀ ହେତୁ ସାଧାରଣରେ ଶାନ୍ତିଭଙ୍ଗ ହେବା କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ସୃଷ୍ଟିହେଲେ ଜିଲା/ସବ୍ଡିଭିଜନାଲ/ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ସିଆର୍ପିସିର ୧୪୪ ଧାରା ଜାରି କରିଥାଆନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଅଞ୍ଚଳରେ କେହି ବିକ୍ଷୋଭ କଲେ ଉଲ୍ଲଂଘନକାରୀ ଭାବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। ବିକ୍ଷୋଭକାରୀଙ୍କୁ ସର୍ବାଧିକ ୩ ବର୍ଷ ଜେଲଦଣ୍ଡ ଏବଂ/କିମ୍ବା ୧,୨୦୦ରୁ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦେଶ ଦିଆଯିବା ବ୍ୟବସ୍ଥା ସିଆର୍ପିସିରେ ରହିଛି। ଅନେକ ସମୟରେ ଏହି ଆଇନର ଦୁରୁପଯୋଗ କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଥାଏ। ଏଭଳି ଆଇନ ଥିବା ସତ୍ତ୍ୱେ ଗୁଜରାଟ ସରକାର କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜ୍ୟୁର୍ (ଗୁଜରାଟ ଆମେଣ୍ଡମେଣ୍ଟ) ବିଲ୍, ୨୦୨୧କୁ ଗତବର୍ଷ ମାର୍ଚ୍ଚରେ ରାଜ୍ୟ ବିଧାନସଭାରେ ସଂଶୋଧନ ପାଇଁ ଆଗତ କରି ଗୃହୀତ କରାଇଥିଲେ। ସିଆର୍ପିସି ଧାରା ୧୯୫ରେ ଅଣାଯାଇଥବା ସଂଶୋଧନ ଅନୁଯାୟୀ ଗୁଜରାଟ ସରକାର, ପୋଲିସ କମିଶନର ଓ ଜିଲା ମାଜିଷ୍ଟ୍ରେଟ୍ମାନଙ୍କୁ ୧୪୪ ଧାରା ଅନୁସାରେ ନିଷେଧାତ୍ମକ ଆଦେଶ ଜାରି କରିବା ଅଧିକାର ଦିଆଯାଇଛି। ଅର୍ଥାତ୍ ଶାନ୍ତିଭଙ୍ଗ କିମ୍ବା ଦଙ୍ଗା ଭଳି ସ୍ଥିତି ସୃଷ୍ଟିହେଲେ ପୋଲିସ ପ୍ରଶାସନ କୌଣସି ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରୁ କ୍ଷାନ୍ତ ରଖିବା କିମ୍ବା ସାଧାରଣରେ ଶାନ୍ତିଭଙ୍ଗ ☞ପୃଷ୍ଠା-୨

# ଆଜି ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଉଦ୍ଘାଟନ

- ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଷ୍ଟିଲସିଟିରେ ପ୍ରସ୍ତୁତି ଶେଷ
- ମୋ’ ବସ୍ ଓ ବିଭିନ୍ନ ପ୍ରକଳ୍ପକୁ ଲୋକାର୍ପିତ କରିବେ

**ରାଉରକେଲା ଅଫିସ୍, ୪।୧**

ଷ୍ଟିଲସିଟି ରାଉରକେଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଗସ୍ତ କରୁଛନ୍ତି। ରାଉରକେଲାରେ ପ୍ରଥମ ଥର କରି ପୁରୁଷ ହକି ବିଶ୍ୱକପ୍ ମ୍ୟାଚ ଖେଳା ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଛେଣ୍ଡ କଳିଙ୍ଗବିହାରସ୍ଥିତ ନବ ନିର୍ମିତ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ଉଦ୍ଘାଟନ କରିବେ। ଏହା ସହ ମୋ’ ବସ ସେବା, ବିର୍ସା ମୁଣ୍ଡା ଇନଡୋର ଷ୍ଟାଡିୟମ, ବିର୍ସା ମୁଣ୍ଡା ଫୁଟବଲ ଷ୍ଟାଡିୟମ ଓ ୧୭ଟି ବ୍ଲକରେ ଥିବା ଆଷ୍ଟ୍ରୋଟର୍ଫ ସହ ଅନ୍ୟାନ୍ୟ ପ୍ରକଳ୍ପକୁ ଉଦ୍ଘାଟନ କରିବେ। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବା ପରେ ମଧ୍ୟାହ୍ନ ସମୟରେ ଉକ୍ତ କାର୍ଯ୍ୟକ୍ରମଗୁଡିକ ହେବ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତକୁ ନେଇ ୩୬ ଜଣ ବିଧାୟକଙ୍କ ସହ ୪ ଜଣ ମନ୍ତ୍ରୀ ☞ପୃଷ୍ଠା-୨

# ଛୁଟିରେ ସ୍କୁଲ ପରିସରରୁ କାଟିନେଲେ ୧୦୬ ଗଛ



ଗଛଗୁଡ଼ିକୁ ମୂଳରୁ କାଟି ନେବାପରେ ଶ୍ରୀହୀନ ପରିବେଶ।

**ନବରଙ୍ଗପୁର,୪।୧(ବି.ପ୍ର.)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କୁକୁଡ଼ାବାଇ ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ବିଦ୍ୟାଳୟ ପରିସରରେ ବର୍ଷ ବର୍ଷ ଧରି ଠିଆ ହୋଇଥିବା ୧୦୦ରୁ ଉର୍ଦ୍ଧ୍ୱ ଗଛ କାଟି ନିଆଯାଇଛି। ପରିତାପର ବିଷୟ, ସ୍କୁଲ କର୍ତ୍ତୃପକ୍ଷ ଏହା ଜାଣିପାରିଲେନାହିଁ। ଏମିତିକି ଜଣାପଡ଼ିବା ପରେ ମଧ୍ୟ ସ୍କୁଲ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଏତଲା ଦିଆଯାଇନାହିଁ।

କୁକୁଡ଼ାବାଇ ସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ବିଦ୍ୟାଳୟକୁ ୫-ଟି ଅନ୍ତର୍ଭୁକ୍ତ କରାଯାଇ ସୌନ୍ଦର୍ଯ୍ୟକରଣ ଓ ରୂପାନ୍ତରୀକରଣ କାର୍ଯ୍ୟ ଆଗେଇ ଚାଲିଛି। ଏଠାରେ ନବମ ଶ୍ରେଣୀରେ ୬୮ ଓ ୧୦ମ ଶ୍ରେଣୀରେ ୬୭ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟ ପରିସର ପାଚେରି ଚତୁଃପାର୍ଶ୍ୱରେ ୧୪୦ଟି ବିରାଟକାୟ ଆକାଶିଆ ଓ ଚାକୁଣ୍ଡା ଗଛ ଥିଲା। ଚାରାରୋପଣ କରିବାଠାରୁ ଏହାର ଯତ୍ନ ନେଇ ବଡ଼ କରିବା ପର୍ଯ୍ୟନ୍ତ ଅନେକ ଶିକ୍ଷକଙ୍କ ହାତ ରହିଥିଲା। ଏହାଦ୍ୱାରା ବିଦ୍ୟାଳୟ ପରିବେଶ ସୁନ୍ଦର ଲାଗିବା ସହ ଛାୟା ଏବଂ ଅମ୍ଳଜାନ ☞ପୃଷ୍ଠା-୨

# ଫେବୃୟାରୀ ୨୧ରୁ ଓସିଏସ୍ ମେନ୍ ପରୀକ୍ଷା

**କଟକ ଅଫିସ,୪।୧**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୧ ମେନ୍ ପରୀକ୍ଷା ଆସନ୍ତା ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ହେବ। ଏ ନେଇ ଓପିଏସ୍ସି ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତିଦିନ ୨ ସିଟିଂରେ ପରୀକ୍ଷା କରାଯିବ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂରେ ପରୀକ୍ଷା ହେବ। ୩ଘଣ୍ଟା ଧରି ପରୀକ୍ଷା ହେବାକୁ ଥିବାବେଳେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ୧ ଘଣ୍ଟା ସମୟ ଦିଆଯିବ। ମାର୍ଚ୍ଚ ୭ ଓ ୮ରେ ପରୀକ୍ଷା ହେବ ନାହିଁ। ପରୀକ୍ଷାର୍ଥୀମାନେ ପ୍ରକାଶିତ ବିଜ୍ଞପ୍ତିରେ ସବିଶେଷ ତଥ୍ୟ ପାଇପାରିବେ। ଓପିଏସ୍ସି ୱେବ୍ସାଇଟ୍ରେ ଖୁବ୍ଶୀଘ୍ର ଆଡ୍ମିଟ୍ କାର୍ଡ ଉପଲବ୍ଧ ହେବ। ଯଦି କୌଣସି ପରୀକ୍ଷାର୍ଥୀଙ୍କର ଓପିଏସ୍ସି ଦ୍ୱାରା ନିର୍ଦ୍ଧାରିତ ତାରିଖରେ ୟୁପିଏସ୍ସି ସିଭିଲ ସର୍ଭିସ ସାକ୍ଷାତ୍କାର ପରୀକ୍ଷା ଅଛି ତା’ହେଲେ ସେମାନେ ଅନ୍ୟ ଏକ ତାରିଖରେ ଓସିଏ ମେନ୍ ପରୀକ୍ଷା ଦେଇପାରିବେ। ଏଥିପାଇଁ ସେମାନଙ୍କୁ ଆସନ୍ତା ୯ ତାରିଖ ସୁଦ୍ଧା ୟୁପିଏସ୍ସି ସାକ୍ଷାତ୍କାରର ଚିଠିକୁ ଓପିଏସ୍ସି ନିକଟରେ ଦାଖଲ କରିବାକୁ ପଡିବ।

**ଆଜିର ସମ୍ପାଦକୀୟ**

ପ୍ରାଚୀନ କାଳର ରାଜା: ମାନ୍ଧାତା

# ଗର୍ଭାଶୟ କର୍କଟ ଚିହ୍ନଟ କରିବ ସର୍ଜିକାଲ ନାଇଫ୍

**ଲଣ୍ଡନ,୪।୧**

ଏଣିକି ଗର୍ଭାଶୟ କର୍କଟ ଚିହ୍ନଟ କରିବା ହେବ ଆହୁରି ସହଜ। ଲଣ୍ଡନର ଇମ୍ପେରିଆଲ କଲେଜର ବିଶେଷଜ୍ଞମାନେ ଏକ ବିଶେଷ ପ୍ରକାର ସର୍ଜିକାଲ ନାଇଫ୍ (ଛୁରି) ତିଆରି କରିଛନ୍ତି, ଯାହା ମାତ୍ର କିଛି ସେକେଣ୍ଡ ମଧ୍ୟରେ ଗର୍ଭାଶୟ କର୍କଟ ବା ଟ୍ୟୁମର ଚିହ୍ନଟ କରିବ। ବ୍ରେଷ୍ଟ ଏବଂ ବ୍ରେନ୍ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ଆଇନାଇଫ୍ ବ୍ୟବହାର କରାଯାଇଥିବା ଗବେଷକଙ୍କ ପକ୍ଷରୁ କୁହାଯାଇଛି। ଆଇ ନାଇଫ୍ ବିଷୟରେ ବିସ୍ତୃତ ବିବରଣୀ କ୍ୟାନ୍ସର ଜର୍ନାଲରେ ପ୍ରକାଶ ପାଇଛି।

ବର୍ତ୍ତମାନ ସମୟରେ ମହିଳାଙ୍କ କ୍ଷେତ୍ରରେ ଗର୍ଭାଶୟ କର୍କଟ ଏକ ସାଧାରଣ ରୋଗ ଭାବେ ଉଭା ହୋଇଛି। ପ୍ରତିବର୍ଷ ବ୍ରିଟେନ୍ରେ ପ୍ରାୟ ୯,୦୦୦ ମହିଳା ଏହି ରୋଗରେ ଆକ୍ରାନ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧୦%ଙ୍କଠାରେ କର୍କଟର ଲକ୍ଷଣ ଦେଖାଯାଏ। କିନ୍ତୁ ବାକି ମହିଳା ଲାଷ୍ଟ ଷ୍ଟେଜ୍ ବେଳକୁ ରୋଗ ସମ୍ପର୍କରେ ଜାଣିବାକୁ ପାଆନ୍ତି। ତେବେ ଏ ପ୍ରକାର ସ୍ଥିତିରେ ଆଇନାଇଫ୍ ଉପଯୋଗୀ ସାବ୍ୟସ୍ତ ହେବ।

ଇଲେକ୍ଟ୍ରିକ୍ କରେଣ୍ଟ ଦ୍ୱାରା ପରିଚାଳିତ ଏହି ଛୁରି ସହଜରେ ସୁସ୍ଥ ଟିସୁଗୁଡ଼ିକ ଭିତରୁ କ୍ୟାନ୍ସର ସେଲ୍କୁ ଚିହ୍ନଟ କରିଥାଏ। ବାୟୋପ୍ସି ବେଳେ ଗର୍ଭାଶୟରୁ ଧୂଆଁ ବାହାରିଥାଏ। କ୍ୟାନ୍ସର ଚିକିତ୍ସାରେ ଆଇନାଇଫର ବ୍ୟବହାର ବଢ଼ାଇବା ସକାଶେ ବିଶେଷଜ୍ଞଙ୍କ ପକ୍ଷରୁ ମେଜର କ୍ଲିନିକାଲ ଟ୍ରାଏଲ କରାଯିବାର ଯୋଜନା ରହିଛି। କର୍କଟ ରୋଗର ଚିହ୍ନଟ ପାଇଁ ଅନେକ ପରୀକ୍ଷା କରାଯାଏ। ଏହାପରେ ରିପୋର୍ଟ ଆସିଲାବେଳକୁ ଚିକିତ୍ସା ପାଇଁ ବହୁ ବିଳମ୍ବ ହୋଇଯାଇଥାଏ। ନିଜର ସମୟ ରକ୍ଷା କରିବା ଏବଂ ଜଟିଳ ସ୍ଥିତି ଉପୁଜିବା ପୂର୍ବରୁ ଚିକିତ୍ସା ଆରମ୍ଭ କରିଦେବା ପାଇଁ ଆଇନାଇଫ୍ ବେଶ୍ ଲାଭପ୍ରଦ ବୋଲି ଗବେଷଣା ମୁଖ୍ୟ ଆଥେନା ଲାମନିସୋସ କହିଛନ୍ତି।






**ଆଜିର ମନ୍ତବ୍ୟ**
"ଦେଶବାସୀଙ୍କ ମନରୁ ଭୟ ଦୂର କରିବା ଏବଂ ବେରୋଜଗାରୀ ଓ ଦରଦାମ୍ ବୃଦ୍ଧି ଭଳି ସମସ୍ୟାକୁ ଲୋକଲୋଚନକୁ ଆଣିବା ଭାରତ ଯୋଡ଼ୋ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକର ବହୁତ ବୋଝ**
**ତାକୁ ଜାଣିବ କପା**
**ମହର୍ଗ କାଳରେ ଯାଚି ପରଷେ**
**ତାକୁ ଜାଣିବ ଅପା।**

କପା ବୋଝ ଯେତେ ଅଧିକ ଦିଶୁଥିଲେ ମଧ୍ୟ ଆକାର ଅନୁସାରେ ତାହାର ଓଜନ ଅପେକ୍ଷାକୃତ କମ୍ ହିଁ ହୋଇଥାଏ। ସେହିପରି ଅସୁବିଧା ସମୟରେ ଭଉଣୀ ହିଁ ଭାଇକୁ ସାହା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଇଁଠା ଶଙ୍ଖୁଡ଼ି ଲକ୍ଷ୍ମୀ ଛାଡ଼େ**
**ଗୁହ, ମୂତ, କୁଳ ବୁଡ଼େ।**

ଅଇଁଠା ଶଙ୍ଖୁଡ଼ି ଯିଏ ଛାଡ଼େ ତାକୁ ଲକ୍ଷ୍ମୀଛଡ଼ା ବୋଲି କୁହାଯାଇଥାଏ। ସେହିପରି ଜଣେ ବ୍ୟାଧି ଏବଂ ବୟସାଧିକ୍ୟ କାରଣ ହେତୁ ଗୁହ ମୂତରେ ଘାଣ୍ଟି ହେଲେ ସିଏ ଶେଷ ବେଳାରେ ବା ଶେଷ ଅବସ୍ଥାରେ ପହଞ୍ଚି ଗଲାଣି ବୋଲି ବିଚାର କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ରାଜସ୍ୱ ଆଦାୟ ଅଭିବୃଦ୍ଧି ୫.୬%

## ସଚିବସ୍ତରୀୟ ବୈଠକ

■ ଡିସେମ୍ବର ୩୧ ସୁଦ୍ଧା ୧,୦୧,୧୧୯ କୋଟି ରାଜସ୍ୱ ଆଦାୟ

■ ବ୍ୟାଙ୍କରେ ନ ରଖି ନିର୍ଦ୍ଧାରିତ ସମୟରେ ବଜେଟ ଅର୍ଥ ଖର୍ଚ୍ଚ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷ(୨୦୨୨-୨୩)ର ତୃତୀୟ ୩ ମାସରେ ରାଜ୍ୟର ଆର୍ଥିକ ସ୍ଥିତି ପ୍ରଗତିଶୀଳ ରହିଛି। ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ରାଜସ୍ୱ ଆଦାୟ ୧,୦୧,୧୧୯ କୋଟିକୁ ବୃଦ୍ଧି ପାଇଛି। କେନ୍ଦ୍ରୀୟ ଅନୁଦାନ ୨୧% ହ୍ରାସ ସତ୍ତ୍ୱେ ରାଜ୍ୟର ରାଜସ୍ୱ ଅଭିବୃଦ୍ଧି ୫.୬ ପ୍ରତିଶତ ହୋଇଛି। ଡିସେମ୍ବର ଶେଷ ସୁଦ୍ଧା ୩୨,୦୨୯ କୋଟି ଟଙ୍କା ନିଜସ୍ୱ ରାଜସ୍ୱ ଆଦାୟ କରାଯାଇଛି। ଗତବର୍ଷ ତୁଳନାରେ ଏହା ୧୩.୫୧ ପ୍ରତିଶତ ଅଧିକ ରହିଛି। ଗତବର୍ଷ ଏହି ସମୟ ସୁଦ୍ଧା ୨୮,୨୧୬ କୋଟି ଟଙ୍କା ଆଦାୟ ହୋଇଥିଲା। ଚଳିତ ଆର୍ଥିକ ବର୍ଷ ଅଣଟିକସ କ୍ଷେତ୍ରରେ ୧.୧୭ ପ୍ରତିଶତ ବୃଦ୍ଧି ହୋଇଛି। ଅଣଟିକସ କ୍ଷେତ୍ରରୁ ୬୩,୫୨୩ କୋଟି ଟଙ୍କା ଆଦାୟ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଏହା ଜଣାପଡ଼ିଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଡିସେମ୍ବର ଶେଷ ସୁଦ୍ଧା ବଜେଟ ଅର୍ଥ ବିନିଯୋଗ ୨.୨୬ ପ୍ରତିଶତ ବୃଦ୍ଧିପାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଭିତ୍ତିଭୂମି, ସାମାଜିକ କ୍ଷେତ୍ରରେ ବଜେଟ ଖର୍ଚ୍ଚ ବୃଦ୍ଧି ପାଇଛି। ବ୍ୟାଙ୍କରେ ଅର୍ଥ ଗଚ୍ଛିତ ନ ରଖି ବଜେଟ ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ଖର୍ଚ୍ଚରେ ସ୍ୱଚ୍ଛତା ପାଇଁ ଆନ୍ତଃବିଭାଗୀୟ ଅଡିଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟରେ ବିନିଯୋଗ ପ୍ରମାଣପତ୍ର(ୟୁସି) ପ୍ରଦାନ କରିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ବିଷୟକୁ ୫-ଟି ପାରାମିଟରରେ ପରିଚାଳନା କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ସମସ୍ତ ବିଭାଗର ପ୍ରମୁଖ ସଚିବ, ସଚିବ ଓ ସ୍ୱତନ୍ତ୍ର ସଚିବମାନେ ଯୋଗ ଦେଇଥିଲେ।

# ୧୭ରୁ ଘରୋଇ ବସ୍ ଧର୍ମଘଟ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଦାବି ପୂରଣ ନେଇ ନିଖିଳ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ପୁଣି ସରକାରଙ୍କୁ ଚେତାବନୀ ଦେଇଛି। ଆସନ୍ତା ୧୬ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୭ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟବ୍ୟାପୀ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ୯ ଦଫା ଦାବି ରଖାଯାଇଛି। ଦାବି ଉପରେ ୪ଟି ପର୍ଯ୍ୟାୟରେ ଆଲୋଚନା କରାଯାଇଛି। ମାତ୍ର ଏ ଦିଗରେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ବୁଧବାର ଭୁବନେଶ୍ୱରଠାରେ ସଂଘ କାର୍ଯ୍ୟାଳୟରେ ୫ନମ୍ବର ଜୋନ ଅଧୀନରେ ଥିବା ୧୬ଟି ଆଞ୍ଚଳିକ ବସ୍ ମାଲିକ ସଂଘ ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ପୁରୀ, ନିମାପଡ଼ା, ଦଶପଲ୍ଲା, ଲିଙ୍ଗରାଜ, ରାଜଧାନୀ, ଟାଉନବସ୍ ଭୁବନେଶ୍ୱର, ଶ୍ରୀକ୍ଷେତ୍ର ପୁରୀ, ରାମଚଣ୍ଡୀ କାକଟପୁର, ସୁନାଖଳା, ନିରାକାରପୁର ବସ୍ ମାଲିକ ସଂଘର କର୍ମକର୍ତ୍ତାମାନଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଦାବି ପୂରଣ ନ ହେଲେ ୧୭ରୁ ବସ୍ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି ବୋଲି ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

## ପଣ୍ୟବାହୀ ଜାହାଜରେ ରୁଷୀୟ ନାଗରିକ ମୃତ୍ୟୁ ଘଟଣା
# ମୁଣ୍ଡରେ ଆଘାତ ଲାଗିଛି

■ ମୃତଦେହ ବ୍ୟବଚ୍ଛେଦ ପରେ ସଂରକ୍ଷିତ

■ ୨୨ ନାବିକଙ୍କୁ ପୋଲିସର ଜେରା


ମିଲିୟାକୁଭ୍ ସର୍ଗେ

ପାରାଦୀପ, ୪।୧(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ବନ୍ଦର ଆଙ୍କରେଜ ଏରିଆରେ ଥିବା ଏମ.ଭି. ଅଲ୍‌ଦନାହ ଜାହାଜରେ ମଙ୍ଗଳବାର ଭୋରରୁ ଜଣେ ରୁଷୀୟ ନାଗରିକ ତଥା ଜାହାଜର ମୁଖ୍ୟଯନ୍ତ୍ରୀ ମିଲିୟାକୁଭ୍ ସର୍ଗେଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଶବ ବ୍ୟବଚ୍ଛେଦରୁ ଜଣାପଡ଼ିଛି। ଅପରପକ୍ଷେ ଜାହାଜରେ ଅନ୍ୟ ୨୨ ଜଣ ନାବିକଙ୍କ ବୟାନ ରେକର୍ଡ କରାଯାଇଛି। ସେମାନଙ୍କ ପାସ୍‌ପୋର୍ଟ ଜବତ କରି ବ୍ୟକ୍ତିଗତ ଜିମାରେ ଫେରାଇ ଦିଆଯାଇଛି।

ଘଟଣାରେ ଜାହାଜର ଏଜେଣ୍ଟ କାହ୍ନୁ ସିପିଂ ପକ୍ଷରୁ ମେରାଇନ୍ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୧/୨୦୨୩) ରୁଜୁ କରିଥିଲା। ପୋଲିସ ବୁଧବାର ମୃତଦେହକୁ ଜାହାଜରୁ ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ମାଜିଷ୍ଟ୍ରେଟ ଭାବେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ଉପସ୍ଥିତିରେ ଏକ ୫ ଜଣିଆ ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପରେ ମୃତଦେହକୁ ଆଣି ପୋଲିସ ବନ୍ଦର ଚିକିତ୍ସାଳୟରେ ଥିବା ଶବାଗାର ଘରେ ସଂରକ୍ଷିତ ରଖିଛି। ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ କୁହନ୍ତି, ମୃତଦେହ ସଂରକ୍ଷିତ ରହିବ। ସମସ୍ତ ରିପୋର୍ଟ ବୈଦେଶିକ ମନ୍ତ୍ରଣାଳୟ ପାଖକୁ ପଠାଯିବ। ସମ୍ପୃକ୍ତ ରିପୋର୍ଟ ରୁଷୀୟ ଦୂତାବାସ ଜରିଆରେ ତାଙ୍କ ଦେଶକୁ ଯିବ। ସେଠାରୁ ସମସ୍ତ କ୍ଲିୟରାନ୍ସ ମିଳିବା ପରେ ମୃତଦେହ ରୁଷିଆ ଯିବ କି ଅନ୍ୟ କୌଣସି ବ୍ୟବସ୍ଥା କରାଯିବ ତାହା ଜଣାପଡ଼ିବ। ଯନ୍ତ୍ରୀ ସର୍ଗେ ପକେଟରେ ଟର୍ଚ୍ଚ ଓ ସ୍କୃ ରଖି କାମ କରିବାବେଳେ ଅସୁସ୍ଥ ଲାଗିବାରୁ ତଳେ ପଡ଼ିଯାଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ସେତେବେଳେ ହୁଏତ ତାଙ୍କ ମୁଣ୍ଡ ପାଖରେ ଥିବା ଲୁହା ବାଡରେ ଲାଗିଥାଇପାରେ ବୋଲି ବିଶ୍ୱାଳ କହିଛନ୍ତି। ମୃତଦେହ ଆଣିବା ଲାଗି ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଟିମ୍ ଏକ ଟଗ୍ ବୋଟ ଯୋଗେ ଆଙ୍କରେଜ ଏରିଆକୁ ଯାଇଥିଲେ। ସମୁଦ୍ର କରେଣ୍ଟ ଅଧିକ ଥିବାରୁ ଜାହାଜରୁ ମୃତଦେହ କାଢ଼ିବା ସମ୍ଭବ ହୋଇ ପାରି ନ ଥିଲା। ପରେ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ମାତ୍ର ଘଣ୍ଟାଏ ପାଇଁ ବର୍ଥିଂ କରାଯାଇଥିଲା। ରାତି ୨ଟାରେ ପୋଲିସ ମୃତଦେହ ଜବତ କରିବା ପରେ ଜାହାଜ ପୁଣି ଆଙ୍କରେଜ ଏରିଆରେ ଯାଇ ରହିଛି। ଅର୍ଥ ଜମା କରିବା ପରେ ଗୁରୁବାର ଜାହାଜ ବର୍ଥିଂ ହେବ। ଜାହାଜରେ ୫୬ ହଜାର ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହେବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ନ୍ୟାୟ ପାଇଁ ଲଢେଇ ସଙ୍ଗଠନର ସଭାପତି ସୁବ୍ରତ ଦାସ ଘଟଣାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିବା ପରେ (ନଂ.୧୯୩/୨୩) ମାମଲା ରୁଜୁ ହୋଇଛି।

# ଡମି ସିମୁଲେଶନ କରିବାକୁ ଯୋଜନା

## ରୁଷୀୟ ପର୍ଯ୍ୟଟକ ଆଣ୍ଟୋଭ ମୃତ୍ୟୁ ମାମଲା

■ ହୋଟେଲ ଛାତରୁ ତଳକୁ ପଡ଼ିବ ଡମି ଶରୀର

■ ସହାୟତା କରିବେ ଏମ୍‌ସ ଓ ସିବିଆଇ ବିଶେଷଜ୍ଞ

କଟକ ଅଫିସ,୪।୧

ରାୟଗଡ଼ାରେ ୨ ରୁଷୀୟ ପର୍ଯ୍ୟଟକ ମୃତ୍ୟୁ ମାମଲାରେ କ୍ରାଇମ ବ୍ରାଞ୍ଚ ତଦନ୍ତକୁ ଅଧିକ ପ୍ରଭାବୀ କରିବା ନିମନ୍ତେ ପ୍ରୟାସ ଜାରି ରଖିଛି। ଡିଏସ୍‌ପି ତପନ ଦାଶ ଓ ଡିଏସ୍‌ପି ସରୋଜକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍‌ର ସାଇଣ୍ଟିଫିକ ଓ ଫୋରେନ୍‌ସିକ୍ ବିଶେଷଜ୍ଞଙ୍କ ସହଯୋଗ ନିଆଯାଉଛି। ବିଶେଷକରି ପର୍ଯ୍ୟଟକ ପାଭେଲ ଆଣ୍ଟୋଭ ହୋଟେଲ ଛାତ ଉପରୁ କେଉଁ ପରିସ୍ଥିତିରେ ପଡ଼ି ମୃତ୍ୟୁବରଣ କଲେ, ମୃତ୍ୟୁ ସମୟର ଦୃଶ୍ୟକୁ ନେଇ ଏକ ଘଟଣାକ୍ରମ ପ୍ରସ୍ତୁତ କରିବାକୁ କ୍ରାଇମବ୍ରାଞ୍ଚ ଅଧିକାରୀ ବିଶେଷଜ୍ଞଙ୍କ ସହାୟତା ଲୋଡ଼ିଛନ୍ତି। ମୃତ ପାଭେଲଙ୍କର ଏକ ଡମି ଶରୀର ତିଆରି କରି ତାହାକୁ ହୋଟେଲ ଛାତରୁ ପକାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ଲାଗି ଯୋଜନା ଚାଲିଛି। ଉକ୍ତ ଡମି ଶରୀରଟି ପାଭେଲଙ୍କ ଶରୀରର ସମାନ ଓଜନ ଓ ଉଚ୍ଚତାର କରାଯିବ। ଏମ୍‌ସ୍‌ର ଆନାଟୋମି ବିଭାଗର ବିଶେଷଜ୍ଞମାନଙ୍କ ସହଯୋଗରେ ଏହି ଡମି ଶରୀର ତିଆରି କରିବାକୁ କ୍ରାଇମ ବ୍ରାଞ୍ଚ ଲକ୍ଷ୍ୟ ରଖିଛି। ଜଣେ ବ୍ୟକ୍ତି ଛାତ ଉପରୁ ପଡ଼ିବା ସମୟର ସ୍ଥିତି ଓ ଶୈଳୀକୁ ଡମି ଶରୀର ତଳକୁ ପକାଇ ଘଟଣାକ୍ରମ ସମ୍ପର୍କରେ ଆପାତତଃ ଏକ ଧାରଣା ମିଳିପାରିବ। ତେବେ ଏହି କାର୍ଯ୍ୟ ପାଇଁ କ୍ରାଇମବ୍ରାଞ୍ଚ ଡମି ଶରୀର ତଳକୁ ପକାଇବା କାର୍ଯ୍ୟରେ ଅଗ୍ରଣୀ ଦକ୍ଷତା ରଖିଥିବା ୨ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିଛି। ସେ ଦୁହେଁ ହେଲେ ସିବିଆଇର ଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବରେଟୋରିର ପୂର୍ବତନ ନିର୍ଦ୍ଦେଶକ ଡ. ରାଜେନ୍ଦ୍ର ଡାଙ୍ଗୀ ଓ ଦିଲ୍ଲୀ ଏମ୍‌ସ୍‌ର ଡା. ଡୋଗ୍ରା। ଏହି ଦୁଇଜଣ ସିବିଆଇର ବହୁ ଜଟିଳ ମାମଲା ସମାଧାନ କରିବାରେ ସାମିଲ ହୋଇଛନ୍ତି। ସେମାନେ ପାଭେଲ ଛାତରୁ ପଡ଼ିବାର କାରଣ, ପ୍ରକାର, ଅଘଟଣ ଘଟିବାର ଶୈଳୀ ଓ ଶରୀର ବାବଦରେ ନିଶ୍ଚିତ କରାଇବେ। କ୍ରାଇମବ୍ରାଞ୍ଚ ଅଧିକାରୀ ଡମି ଶରୀର ଖସାଇବା ପରେ ମିଳିଥିବା ରିପୋର୍ଟକୁ ଶବ ବ୍ୟବଚ୍ଛେଦ ରିପୋର୍ଟ ସହିତ ମେଳ କରାଇବେ। ଏଥିରୁ ତଦନ୍ତକାରୀ ଦଳକୁ ଏକ ନିର୍ଣ୍ଣାୟକ ଫଳ ମିଳିପାରିବ ବୋଲି କ୍ରାଇମବ୍ରାଞ୍ଚ ଆଶା ରଖିଛି। ଆଣ୍ଟୋଭ କିଭଳି ତଳେ ପଡ଼ିଲେ ସେନେଇ ଏକ ଡମି ସିମୁଲେଶନ କରାଯିବ। ଆଣ୍ଟୋଭଙ୍କ ସମାନ ଓଜନ ଏବଂ ଉଚ୍ଚତା ବିଶିଷ୍ଟ ଏକ ଡମି ପ୍ରସ୍ତୁତ କରାଯାଇ ହୋଟେଲ କୋଠାର ଯେଉଁ ସ୍ଥାନରୁ ତଳକୁ ପଡ଼ିଥିଲେ ସେଠାରୁ ପକାଯିବ। ଏହି ଡମି ଏମ୍‌ସ ଆନାଟୋମି ବିଭାଗର ବିଶେଷଜ୍ଞ ଏବଂ ଫୋରେନ୍ସିକ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ। ଏହାଦ୍ୱାରା ତଳେ ପଡ଼ିବାର ଅବସ୍ଥା ବିଷୟରେ ଜଣାପଡ଼ିବ। ଏଥିପାଇଁ କ୍ରାଇମବ୍ରାଞ୍ଚ ସିଏଫ୍‌ଏସ୍‌ଏଲ୍‌ର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ରାଜେନ୍ଦ୍ର ଡାଙ୍ଗି ଏବଂ ଦିଲ୍ଲୀ ଏମ୍‌ସର ଡାକ୍ତର ଡୋଗ୍ରାଙ୍କ ସହ ଯୋଗାଯୋଗ କରିଛି। ଡାକ୍ତର ଡାଙ୍ଗି ଏବଂ ଡୋଗ୍ରା ଡମି ସିମୁଲେଶନ ବିଶେଷଜ୍ଞ ଅଟନ୍ତି। ଉଭୟେ ସିବିଆଇର ବହୁ ଜଟିଳ ମାମଲାରେ ତଦନ୍ତ କରିଥିବାର ଅଭିଜ୍ଞତା ରଖିଛନ୍ତି। ସେମାନେ ଡମି ସିମୁଲେଶନ ଜରିଆରେ ପାଭେଲଙ୍କ ମୃତ୍ୟୁର ପ୍ରକାର ଏବଂ କାରଣ ସମ୍ପର୍କରେ ଜାଣିପାରିବେ। ଏହାପରେ ଏହାକୁ ବ୍ୟବଚ୍ଛେଦ ରିପୋର୍ଟ ସହ ମେଳ କରାଯିବ। ଏହି ପ୍ରକ୍ରିୟା କ୍ରାଇମବ୍ରାଞ୍ଚ ତଦନ୍ତରେ ଏକ ବିଶେଷ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି।

# ପୋଲିସଠାରୁ ତଥ୍ୟ ସଂଗ୍ରହକଲା ନୂଆ ଟିମ୍

## ବିଭିନ୍ନ ଦିଗକୁ ଦୃଷ୍ଟିଦେଇ ତଦନ୍ତ ଚାଲିଛି: ଡିଏସ୍‌ପି ତପନ

ରାୟଗଡ଼ା,୪।୧(ସ୍ୱ.ପ୍ର.)

ଓଡ଼ିଶା ଭ୍ରମଣରେ ଆସିଥିବା ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ପାଭେଲ ଆଣ୍ଟୋଭ ଓ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ତଦନ୍ତରେ ସହାୟତା ପାଇଁ ରାୟଗଡ଼ାରେ ପହଞ୍ଚିଥିବା କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ତପନ ଦାସ ମଙ୍ଗଳବାର ଟାଉନ ଥାନା ଯାଇ ଥାନା ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିବାବେଳେ ବୁଧବାର ସକାଳେ ପୁଣି ଥାନାକୁ ଯାଇ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ଡିଏସ୍‌ପି ଦାସ ଏବେ ସଂଗୃହୀତ ସମସ୍ତ ତଥ୍ୟ ଏବଂ ପୂର୍ବରୁ ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କ ତଦନ୍ତ ସମୟରେ ହସ୍ତଗତ ହୋଇଥିବା ତଥ୍ୟ ଓ ପ୍ରମାଣ ଯାଞ୍ଚ କରିଛନ୍ତି। ଏଥିସହ ମାମଲା ସମ୍ପର୍କିତ ସମସ୍ତ ତଥ୍ୟ ଓ ନଥିପତ୍ର ଥାନାରୁ ସଂଗ୍ରହ କରିଛନ୍ତି। ସମସ୍ତ ସାମଗ୍ରୀ ଭୁବନେଶ୍ୱର ସ୍ଥିତ ରାଜ୍ୟ ଫୋରେନ୍‌ସିକ ଲାବ୍‌ରେ ପରୀକ୍ଷା କରାଯିବ। ଥାନାରେ ଦୀର୍ଘ ସମୟ ଧରି ତଦନ୍ତ କରିବ ପରେ ଡିଏସ୍‌ପି ତପନ ଦାସ ଏବଂ ତାଙ୍କ ଟିମ୍ ଜିଲା ପୋଲିସ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ବିଭିନ୍ନ ଦିଗକୁ ଦୃଷ୍ଟିଦେଇ ତଦନ୍ତ କରାଯାଉଥିବା ଡିଏସ୍‌ପି ଦାସ ସୂଚନା ଦେଇଛନ୍ତି। ତଦନ୍ତ ଶେଷ ପରେ ହିଁ ପ୍ରକୃତ ସତ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି। ଅପରପକ୍ଷେ ବୁଧବାର ୨ ଡିଏସ୍‌ପି, ୨ ଇନ୍ସପେକ୍ଟର ଏବଂ ଟିମ୍‌ର ଅନ୍ୟ ସଦସ୍ୟ ୨ ଭାଗରେ ବିଭକ୍ତ ହୋଇ ଥାନା, ଜିଲା ପୋଲିସ କାର୍ଯ୍ୟାଳୟ ସମେତ ଅନ୍ୟ ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ବିନା ସୂଚନାରେ ମୃତଦେହ ପୋଡ଼ି ଦିଆଯାଇଥିବା ନେଇ ଭ୍ଲାଡିମିର ବିଦାନୋଭଙ୍କ ପରିବାର ଲୋକେ ପ୍ରଶ୍ନ ଉଠାଇଥିବା ବିଶ୍ୱସ୍ଥ ସୂତ୍ରରୁ ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ...

### ଗୁଜରାଟରେ ବିକ୍ଷୋଭ ...

ହେବାରୁ ରୋକିବା ପାଇଁ ନିର୍ଦ୍ଦେଶନାମା ଜାରି କରିପାରିବେ। ସଂଶୋଧିତ ବିଧେୟକ ଅନୁସାରେ ୧୪୪ ଧାରା ଅଧୀନ ନିଷେଧାତ୍ମକ ନିର୍ଦ୍ଦେଶନାମା ଜାରି ଅଞ୍ଚଳରେ ବିକ୍ଷୋଭ କଲେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୧୮୮ ବଳରେ ସରକାରୀ ଅଧିକାରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ନିର୍ଦ୍ଦେଶନାମାର ଅବଜ୍ଞାକୁ ଧର୍ତ୍ତବ୍ୟ ଅପରାଧ ବିବେଚନା କରି ଉଲ୍ଲଂଘନକାରୀଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ଦିଆଯାଇପାରିବ। ଏଭଳି କର୍ତ୍ତବ୍ୟରେ ନିୟୋଜିତ ପୋଲିସ ଅଧିକାରୀ ଦଫା ୧୮୮ ଅନୁସାରେ ଉଲ୍ଲଂଘନକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ତେବେ ସିଆର୍‌ପିସି, ୧୯୭୩ର ଧାରା ୧୯୫ ଅନୁସାରେ ଏପରି ନିର୍ଦ୍ଦେଶନାମା ଜାରି କରୁଥିବା ସରକାରୀ ଅଧିକାରୀ ଉଲ୍ଲଂଘନକାରୀଙ୍କ ବିରୋଧରେ ଅଦାଲତରେ ଲିଖିତ ଭାବେ ଅଭିଯୋଗ କରିବା ବାଧ୍ୟତାମୂଳକ ହେବ।

### ଛୁଟିରେ ସ୍କୁଲ ପରିସରରୁ ...

ଯୋଗାଉଥିଲା। ହେଲେ ଖ୍ରୀଷ୍ଟମାସ ଛୁଟିରେ ସେଥିମଧ୍ୟରୁ ୧୦୬ ଗଛ କାଟି ନିଆଯିବା ପରେ ବିଦ୍ୟାଳୟ ପରିସର ଏବେ ଶ୍ରୀହୀନ ହୋଇପଡ଼ିଛି। ଗଛ କଟାଯିବା ଫଳରେ ଅନେକ ସ୍ଥାନରେ ପାଚେରି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ସୂଚନାଯୋଗ୍ୟ, ଡିସେମ୍ବର ୨୨ରୁ ଜାନୁୟାରୀ ୧ ପର୍ଯ୍ୟନ୍ତ ଖ୍ରୀଷ୍ଟମାସ ଛୁଟି ଥିଲା। ଏହାର ସୁଯୋଗ ନେଇ କେତେଜଣ କରତ ସାହାଯ୍ୟରେ ଶତାଧିକ ଗଛ ମୂଳରୁ କାଟି ନେଇଛନ୍ତି। ଅନ୍ୟପକ୍ଷରେ ଏତେ ସଂଖ୍ୟାରେ ଗଛ ରାତିରେ ନୁହେଁ ଦିନରେ ହିଁ କଟାଯାଇଥିବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ୫-ଟି ମାଧ୍ୟମରେ ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ରଙ୍ଗ ଦିଆଯାଇଛି। ରୂପାନ୍ତରୀକରଣ କାର୍ଯ୍ୟ ଚାଲିଥିବାରୁ ଶ୍ରମିକ ଓ ମିସ୍ତ୍ରି ମଧ୍ୟ କାମରେ ନିୟୋଜିତ ରହିଛନ୍ତି। ତେଣୁ ଗଛ କେଉଁମାନେ କାଟିଲେ ଏବଂ କିଭଳି କାଠ ଚାଲାଣ ହେଲା ସେମାନେ ତାହା ଦେଖିଥିବେ ବୋଲି ଅନୁମାନ କରାଯାଉଛି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ଗଛ କଟାଯିବା ପଛରେ କେଉଁମାନେ ଅଛନ୍ତି ତାହା ଜଣାପଡ଼ିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏ ନେଇ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପାଲଙ୍କୁ ପଚାରିବାରୁ ସେ କହିଛନ୍ତି, ଛୁଟି ପରେ ବିଦ୍ୟାଳୟ ୨ ତାରିଖରେ ଖୋଲିଥିଲା। ଏହାପରେ ଗଛ କଟାଯାଇଥିବା ଜଣାପଡ଼ିଥିଲା। ଘଟଣା ବିଷୟରେ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଏତଲା ଦିଆଯିବ ବୋଲି ସେ କହିଛନ୍ତି। ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରଧାନ ଶିକ୍ଷକ ପାଲ କହିଛନ୍ତି। ଗଛ କଟାଯିବା ନେଇ ପୂର୍ବରୁ କୌଣସି ରିଜୋଲ୍ୟୁଶନ ପାସ୍ କରାଯାଇଥିଲା କି ବୋଲି ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। ଗଛ କଟାଯିବା ବିଷୟ ହିଁ ଉଠି ନ ଥିଲା ବୋଲି କହିଛନ୍ତି। ଅପରପକ୍ଷେ ଘଟଣା ନେଇ ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଗଛ କଟାଯିବା ପାଇଁ ବିଦ୍ୟାଳୟ ପକ୍ଷରୁ ଆବେଦନ ହୋଇନାହିଁ କି କୌଣସି ଅନୁମତି ମଧ୍ୟ ଦିଆଯାଇ ନାହିଁ। ଅଭିଯୋଗ ଆସିଲେ ଏହାର ତଦନ୍ତ କରାଯିବ ବୋଲି ମହାପାତ୍ର କହିଛନ୍ତି।

### ଆଜି ବିର୍ସା ମୁଣ୍ଡା ହକି ...

ଦାୟିତ୍ୱରେ ଅଛନ୍ତି। ବୁଧବାର ବିର୍ସା ମୁଣ୍ଡା ଷ୍ଟାଡିୟମ ଆଖପାଖ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ରାଉରକେଲା ବିମାନ ବନ୍ଦର ଓ ବିର୍ସା ମୁଣ୍ଡା ଷ୍ଟାଡିୟମକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାକୁ ଯାତାୟାତ ପାଇଁ ବାରଣ କରାଯାଇଛି। ବିର୍ସା ମୁଣ୍ଡା ଷ୍ଟାଡିୟମ ଓ ରାଉରକେଲା ବିମାନ ବନ୍ଦର ଆଖପାଖ ଅଞ୍ଚଳରେ ଦୁଇ ପ୍ଲାଟୁନ ପୋଲିସ ମୁତୟନ କରାଯିବା ସହ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି। ଏଥିସହ ସହରରେ ୧୨ଟି ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ଚେକ୍‌ପୋଷ୍ଟ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଯେଉଁ ସ୍ଥାନକୁ ଯାତାୟାତ କରିବେ ସେ ଅଞ୍ଚଳରେ ପୋଲିସ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟା ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଗୁରୁବାର ଦିନ ୧୨ଟା ୧୫ରେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଥମେ ବିର୍ସା ମୁଣ୍ଡା ଷ୍ଟାଡିୟମକୁ ଗସ୍ତ କରି ସେଠାରେ ହକି ଖେଳାଳିଙ୍କ ସହ ମତ ବିନିମୟ କରିବେ। ସେଠାରୁ ଅପରାହ୍ଣ ୪ଟାରେ ବାସନ୍ତୀ କଲୋନୀ ଡିଏଭି ପୋଖରୀ ନିକଟରେ ଥିବା ସଭାସ୍ଥଳକୁ ଯାତ୍ରା କରି ମୋ ବସ୍ ଓ ସହରରେ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ ଭର୍ଚୁଆଲ ମୋଡରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, କ୍ରୀଡା ଓ ଯୁବସେବା ବିଭାଗର ସଚିବ ଆର. ଭିନିଲ କ୍ରିଷ୍ଣା, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରାଜ୍ୟ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡେଇ, ରାଜ୍ୟ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ରହିବେ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତକୁ ନେଇ ଜିଲାରେ ଥିବା ୧୭ଟି ବ୍ଲକର ପ୍ରମୁଖ ଦଳୀୟକର୍ମୀମାନେ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବେ ବୋଲି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସୂଚନା ଦେଇଛନ୍ତି।

### ୧୨୦ ବର୍ଷ ପରେ ...

ସୁରକ୍ଷିତ ଉପାୟରେ ବାହାର କରାଯିବ। ପାଦଦେଶରୁ ପାଇପ ଯୋଗେ ବାଲିକୁ ସ୍ୱତନ୍ତ୍ର ରାସ୍ତା ଦେଇ ବାହାର କରାଯାଇ ଉତ୍ତର-ପଶ୍ଚିମ କୋଣରେ ସୁରକ୍ଷିତ ଭାବେ ରଖାଯିବ। ସୂଚନା ଥାଉକି, ଇଂରେଜମାନେ ୧୯୦୩ରୁ ୧୯୦୯ ମସିହା ମଧ୍ୟରେ ସୂର୍ଯ୍ୟମନ୍ଦିର ଗର୍ଭଗୃହରେ ସମ୍ପୂର୍ଣ୍ଣ ବାଲି ପୂରଣ କରି ଏହାର ପ୍ରବେଶ ପଥଗୁଡ଼ିକୁ ସିଲିଂ କରିଦେଇଥିଲେ। ତେବେ କୋଣାର୍କ ସୁରକ୍ଷା ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ବାଦଲ ଦାଶଙ୍କ ଦ୍ୱାରା ଗର୍ଭଗୃହରୁ ବାଲି କାଢି ସର୍ବସାଧାରଣଙ୍କ ପାଇଁ ପ୍ରବେଶ ପଥ ଖୋଲିବାକୁ ଦାବି ନେଇ ଆନ୍ଦୋଳନ ଏବଂ କଟକର ଜଣେ ବରିଷ୍ଠ ଆଇନଜୀବୀଙ୍କ ଦ୍ୱାରା ଏନେଇ ଜନସ୍ୱାର୍ଥ ମାମଲା (ପିଏଲ୍‌ଆଇ) ରୁଜୁ ପରେ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଗଲେ କୌଣସି ବିପଦ ନ ଥିବା ସେ ମତ ଦେଇଥିଲେ। ସେହିପରି ଗତ ଦୁଇବର୍ଷ ହେବ ବିଭିନ୍ନ ବିଭାଗର ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଇଞ୍ଜିନିୟରମାନଙ୍କୁ ନେଇ ସର୍ଭେ କରାଯାଇ ସମସ୍ତ ତଥ୍ୟ ସଂଗ୍ରହ କରାଯିବା ପରେ ଏଏସ୍‌ଆଇ ପକ୍ଷରୁ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ଗତ ସେପ୍ଟେମ୍ବରରେ ସୂର୍ଯ୍ୟମନ୍ଦିରର ଉତ୍ତର ଦିଗ ପଟ ଗର୍ଭଗୃହ ଦ୍ୱାର ନିକଟରେ ବାସ୍ତୁ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରାଯାଇଥିଲା। ପ୍ରଥମେ ସୂର୍ଯ୍ୟମନ୍ଦିର ଜଗମୋହନ ମନ୍ଦିରର ଉପରିଭାଗ ପଶ୍ଚିମ ଦିଗରେ ୫ଫୁଟ ୬ଇଞ୍ଚର ଏକ ସ୍ୱତନ୍ତ୍ର ଟନେଲ ପଥର କଟାଯିବ। ତା'ପରେ ସୁରକ୍ଷିତ ଭାବେ ଗର୍ଭଗୃହରେ ଥିବା ବାଲିକୁ ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ସେଠାରୁ ସ୍ଥାନାନ୍ତର କରାଯିବ। ଏନେଇ ପ୍ରଥମେ ଏଏସ୍‌ଆଇ ପକ୍ଷରୁ ନିଯୁକ୍ତ ବିଡିଆର କମ୍ପାନୀର ବରିଷ୍ଠ ଇଞ୍ଜିନିୟର ଏବଂ ଆର୍କିଟେକ୍ ଡିଜାଇନର ଲୋକନାଥ ବେହେରାଙ୍କ ତତ୍ତ୍ୱାବଧାନ ଏବଂ ଏଏସ୍‌ଆଇର ବରିଷ୍ଠ ଇଞ୍ଜିନିୟରଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ଧାତୁରେ ନିର୍ମିତ ପ୍ଲାଟଫର୍ମଗୁଡ଼ିକୁ ଗର୍ଭଗୃହରେ ପର୍ଯ୍ୟାୟ କ୍ରମେ ଲଗାଯାଇ ଜଗମୋହନ ମନ୍ଦିରକୁ ସୁରକ୍ଷିତ ଓ ସୁଦୃଢ଼ କରାଯିବ। ଏହାପରେ ଲିଫ୍ଟ ସାହାଯ୍ୟରେ ଦୀର୍ଘବର୍ଷ ହେବ ପଡ଼ିରହିଥିବା ବାଲି କଢ଼ାଯିବ। ଏଭଳି ଜ୍ଞାନକୌଶଳ ଦ୍ୱାରା ବାଲି କଢାଯିବା ବିଶ୍ୱରେ ପ୍ରଥମ ବୋଲି ଐତିହାସିକ ଅନିଲ ଧୀର ମତବ୍ୟକ୍ତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ମନ ବୁଝିଲାଭଳି କଥା କହି ଅନ୍ୟକୁ ଆପଣାର କରିପାରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବନ୍ଧୁମିଳନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସମସ୍ୟାର ସମାଧାନ ଦିଗରେ ନିୟୋଜିତ ହୋଇପାରନ୍ତି। କୌଣସି ବ୍ୟକ୍ତି ଭୁଲ୍ ବୁଝାମଣାବଶତଃ କଳହ କରିପାରନ୍ତି।

**ବୃଷ** – ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପ୍ରିୟଜନଙ୍କ ସହିତ ଅର୍ଥପ୍ରାପ୍ତି ଓ ପାର୍ଟି, ପିକ୍‌ନିକ୍ ପାଇଁ ଯୋଜନା କରିପାରନ୍ତି। ରାଜନୈତିକ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଭୁଲ୍ ବୁଝାମଣାର ବଶବର୍ତ୍ତିଜନିତ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ଭାବିବେ ଗୋଟେ କରିବେ ଆଉଗୋଟେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ନଚେତ୍ ସମସ୍ୟା ଆସିପାରେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ଶତ୍ରୁତା କରୁଥିବା ଲୋକଠାରୁ ଦୂରେଇ ରହନ୍ତୁ।

**କର୍କଟ** – ସହକର୍ମୀଙ୍କ ସହ କର୍ମକ୍ଷେତ୍ରରେ ଆଲୋଚନାର ପରିସମାପ୍ତି ଘଟିବ। ଆର୍ଥିକ ପ୍ରଗତିର ଯୋଜନାକୁ ବାସ୍ତବ ରୂପ ଦେବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅସୁବିଧାରେ ପଡିବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ସିଂହ** – ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ନିୟନ୍ତ୍ରଣ ମଧ୍ୟରେ ପରିସ୍ଥିତି ଶାନ୍ତ ରହିବ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କିଛିମାତ୍ରାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗ ବ୍ୟକ୍ତିଙ୍କ ସହଯୋଗ ପାଇବେ। ମାଲିମକଦ୍ଦମାରେ, ସିଦ୍ଧାନ୍ତ ନେବା କ୍ଷେତ୍ରରେ, ଅଫିସିଆଲି କାମରେ ବିଳମ୍ବଜନିତ ଧୈର୍ଯ୍ୟଚ୍ୟୁତି ଘଟିପାରେ।

**କନ୍ୟା** – ପାରିବାରିକ ଜୀବନରେ ମନାନ୍ତରଜନିତ କିଛିଟା ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିପାରନ୍ତି। ପୂର୍ବ ସମସ୍ୟାର ପୁନରାବୃତ୍ତି କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ବ୍ୟବସାୟିକ ବିଫଳତାରେ କୌଣସି ନୂତନ କାର୍ଯ୍ୟାରମ୍ଭ ପାଇଁ ଚିନ୍ତା କରିପାରନ୍ତି। ପରିବହନ, ବାଣିଜ୍ୟରେ ବାଧା, ସାଂସ୍କୃତିକ କାମରୁ ସଫଳତା ପାଇବେ।

**ତୁଳା** – ପରିବାରରେ ଶାନ୍ତି ଫେରି ଆସିବା ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ,ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ। ଜମିଜମା, ନିର୍ମାଣ, ରାଜନୈତିକ, ପ୍ରଶାସନିକ ଆଲୋଚନା ଅସମାପ୍ତ ରହିଯିବ।

**ବିଛା** – ପରିବାର ଲୋକଙ୍କ କଥାବାର୍ତ୍ତା, ଚାଲିଚଳନ, ବ୍ୟବହାରରେ ଅସନ୍ତୁଷ୍ଟ ରହିଲେ ମଧ୍ୟ କିଛି କରିପାରିବେ ନାହିଁ। କର୍ମକ୍ଷେତ୍ରରେ ବିଭିନ୍ନ ବିଷୟ ଚିନ୍ତାକରି ମନ ଭାରାକ୍ରାନ୍ତ ରହିପାରେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡା, ଚଳଚ୍ଚିତ୍ର ଓ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିପାରିବେ।

**ଧନୁ** – ଆଜି ନିଜର ଭୁଲ୍ ବିଚାରକୁ ସୁଧାରି ନେବାର ପ୍ରଚେଷ୍ଟା କରିବେ। ପଡ଼ୋଶୀଙ୍କ କଥା ଶୁଣି ମନରେ ବିଭିନ୍ନ ଉଦ୍ଭଟ ଚିନ୍ତା ଜାଗ୍ରତ ହେବ। ଆଜି ଦିନଟିରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ଆପୋସ ସମାଧାନ ଘଟିବା କାରଣରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ମକର** – ଧୈର୍ଯ୍ୟହରା ଓ ନୈରାଶ୍ୟଜନିତ ନିଜେ ସମସ୍ୟା ଭିତରକୁ ଟାଣି ହୋଇଯିବେ। ଆଜି କୌଣସି ପଦସ୍ଥ ବ୍ୟକ୍ତିଙ୍କ ସୌଜନ୍ୟମୂଳକ ସାକ୍ଷାତ୍‌ରୁ ଉପକୃତ ହୋଇପାରନ୍ତି। ବ୍ୟବସାୟ ଓ ପରିବହନରେ ପ୍ରତିରୋଧର ସାମନା କରିବାକୁ ପଡିପାରେ। ପରିବାରରେ ଛୋଟ ଛୋଟ କଥାକୁ ଧରିବସିଲେ ଅଶାନ୍ତି ବୃଦ୍ଧି ପାଇବ।

**କୁମ୍ଭ** – ସାମାଜିକ ସ୍ତରରେ କୌଣସି ବିବାଦର ସମାଧାନ ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଘରୋଇ ଋଣ ପରିଶୋଧ ପରିପ୍ରେକ୍ଷୀରେ ସରକାରୀ ସ୍ତରରୁ କିମ୍ବା ବ୍ୟାଙ୍କକୁ ଦରଖାସ୍ତ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରର ସଂକଟ ଦୂରୀଭୂତ ହୋଇ ସହଜ ଓ ସୁବିଧାରେ ଆଜିର କାମଗୁଡିକ ସମ୍ପନ୍ନ ହୋଇଯିବାରୁ ମନ ଖୁସି ହୋଇଯିବ।

**ମୀନ** – ଆଜି ଯାହା କରିବାକୁ ଚିନ୍ତା କରିଥିବେ କାମରେ ତାହା ଓଲଟା ହୋଇଯିବ। କର୍ମକ୍ଷେତ୍ରରେ ପୂର୍ବାବସ୍ଥା କେତେକାଂଶରେ ବଦଳିଯାଇଥିବା କାରଣରୁ ମନ ଏକ ପ୍ରକାର ଭଲ ରହିବ। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ୍ ହେବେ।

ଆଜି ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ଗୁରୁବାର, ଜାନୁୟାରୀ ୫ ତାରିଖ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶି ନକ୍ଷତ୍ର ଦିବା ଘ.୦୮।୦୫ମି. ଗତେ ମୃଗଶିରା-ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୬ମି. ଗତେ ଘ.୦୭।୫୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୧।୧୩ମି. ଗତେ ଘ. ୦୨।୩୪ମି. ମଧ୍ୟେ ରାହୁ କାଳ।

## କୋର୍ଟ ପରିସରରେ ପୋଲିସକୁ ପିଟିଲେ ମହିଳା

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ଜିଲା କୋର୍ଟ ପରିସରରେ ବୁଧବାର ଜଣେ ପୋଲିସ ଏସ୍ଆଇଙ୍କୁ ରାଜନଗରର ଜଣେ ମହିଳା ଜୋତାରେ ପିଟିଛନ୍ତି। ଏହି ଦୃଶ୍ୟକୁ ଉପସ୍ଥିତ ଲୋକ ଭିଡିଓ କରିଛନ୍ତି। କେତେଜଣ ଏହାକୁ ଭାଇରାଲ କରିବାକୁ ଲାଗିଛନ୍ତି। ସମ୍ପୃକ୍ତ ମହିଳା କହିଛନ୍ତି, ପୋଲିସ ଜଣକ ପୂର୍ବରୁ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଏହାକୁ ସେ ବିରୋଧ କରିଥିଲେ। ପୂର୍ବାହ୍ନରେ ସମ୍ପୃକ୍ତ ପୋଲିସ ଜଣକ କୋର୍ଟ ପରିସରରେ ଥିଲେ। ପୁଣି ଥରେ ସେ ତାଙ୍କ ହାତକୁ ଟାଣିନେଇ ଅଶାଳୀନ ବ୍ୟବହାର ଦେଖାଇଥିଲେ। ଏହାକୁ ବିରୋଧ କରି ସେ ମାଡ଼ ମାରିଛନ୍ତି। ତେବେ ସମ୍ପୃକ୍ତ ପୋଲିସ ଅଥବା ମହିଳା ଏ ସମ୍ପର୍କରେ ଟାଉନ ଥାନାରେ କୌଣସି ଅଭିଯୋଗ କରି ନ ଥିବା ସୂଚନା ମିଳିଛି।











**ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣ**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ପ୍ରଦୀପ ଅମାତ।

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସଙ୍କୁ ଜର୍ସି ଦେଇ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ।

ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗାଙ୍କୁ ଜର୍ସି ଦେଇ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ସମୀର ରଞ୍ଜନ ଦାଶ।

# ହକି ବିଶ୍ୱକପ୍ ପାଇଁ ୩ ମୁଖ୍ୟମନ୍ତ୍ରୀ, ଜଣେ ଉପମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର,୪।୧(ବ୍ୟୁରୋ)

ପୁରୁଷ ହକି ବିଶ୍ୱକପ୍ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଆଉ ଦିନ କେଇଟା ପରେ ଏହି ମହା ସମର ଆରମ୍ଭ ହେବ। ଆସନ୍ତା ୧୩ ତାରିଖରୁ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ବିଶ୍ୱକପ୍ ଦେଖିବାକୁ ଓଡ଼ିଶା ଆମନ୍ତ୍ରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ରାଜ୍ୟର ମନ୍ତ୍ରୀମାନେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ଗତ କିଛି ଦିନ ହେବ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରିବା ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ୨୧ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇ ସାରିଲାଣି। ବୁଧବାର ଆଉ ୩ ଜଣ ମୁଖ୍ୟମନ୍ତ୍ରୀ ଓ ଜଣେ ଉପମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗାଙ୍କୁ ଆଇଜଲଠାରେ ସାକ୍ଷାତ କରି ଓଡ଼ିଶାରେ ହେଉଥିବା ହକି ବିଶ୍ୱକପ୍ ଦେଖିବାକୁ ନିମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସେ ତାଙ୍କୁ ନିମନ୍ତ୍ରଣପତ୍ର, ଜର୍ସି ଓ ରୁପାର ଅଶୋକଚକ୍ର ପ୍ରଦାନ କରିଛନ୍ତି।

ସେହିପରି ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁମ୍ବାଇଠାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍‌କୁ ଆସିବା ପାଇଁ ନିମନ୍ତ୍ରଣ ପତ୍ର, ରୁପାର ଅଶୋକଚକ୍ର ଓ ଜର୍ସି ପ୍ରଦାନ କରିଛନ୍ତି। ଜଙ୍ଗଲ, ପରିବେଶ, ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଗୁଆହାଟୀଠାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣପତ୍ର, ଜର୍ସି ସହିତ ରୁପାର ଏକ ଅଶୋକଚକ୍ର ପ୍ରଦାନ କରି ନିମନ୍ତ୍ରଣ କରିଛନ୍ତି।

# ପୋଲିସ ହେପାଜତରେ ଯୁବକଙ୍କ ମୃତ୍ୟୁ

ଚଣ୍ଡିଖୋଲ,୪।୧(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଫାଣ୍ଡି ପୋଲିସ ହେପାଜତରେ ଥିବା ଜଣେ ଯୁବକଙ୍କ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ବଡ଼ଚଣା ଥାନା ଅନ୍ତର୍ଗତ ଖଇରା ଗ୍ରାମର ଜଣେ ଯୁବତୀଙ୍କୁ କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଇଥିବା ବଡ଼ଚଣା ଥାନାରେ ଯୁବତୀଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ବଡ଼ଚଣା ପୋଲିସ ଯୁବତୀଯୁବକଙ୍କୁ ଉଦ୍ଧାର କରିଥିଲା। ପରେ ପୋଲିସ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମାତ୍ର ଯୁବକଙ୍କୁ ଧାନମଣ୍ଡଳ ଫାଣ୍ଡିରେ ଅଟକ ରଖିଥିଲା। ସନ୍ଧ୍ୟାରେ ଯୁବକ ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିବା କହି ପୋଲିସ ତାଙ୍କୁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲା। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାଙ୍କୁ କଟକ ମେଡିକାଲ ନେଇ ଯିବାକୁ ପରାମର୍ଶ ଦେଇଥିଲେ। ମାତ୍ର ପୋଲିସ ଯୁବକଙ୍କୁ କଟକ ନେବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକ ଓ ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ଦାସଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ ସେମାନେ ଫୋନ କଲ୍ ଗ୍ରହଣ କରିନଥିଲେ।

# ଲୋକଙ୍କ ସେବା ପରୀକ୍ଷାରେ ନିଜର ଚମକ ଦେଖାଅ: ମୁଖ୍ୟମନ୍ତ୍ରୀ

## ନବନିଯୁକ୍ତ ୩୭୮ ଓଏଏସ୍ ଅଫିସରଙ୍କ କର୍ମଶାଳା




ଭୁବନେଶ୍ୱର,୪।୧(ବ୍ୟୁରୋ)

ଲୋକଙ୍କ ସେବା ପରୀକ୍ଷାରେ ନିଜର ଚମକ ଦେଖାଅ। ଜନତାଙ୍କ ସେବା ଭଳି ମହତ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରି ସେମାନଙ୍କ ଆଶା ଓ ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କର। ନବନିଯୁକ୍ତ ୩୭୮ ଓଡ଼ିଶା ସିଭିଲ ସର୍ଭିସ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପରାମର୍ଶ ଦେଇଛନ୍ତି। ବୁଧବାର ଲୋକସେବା ଭବନରେ ଆୟୋଜିତ ନବନିଯୁକ୍ତ ଅଧିକାରୀମାନଙ୍କର କର୍ମଶାଳାକୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିକାଶ ହେଉଛି ଆମ ସରକାରର ଏକମାତ୍ର ଲକ୍ଷ୍ୟ। ଏହି ଲକ୍ଷ୍ୟକୁ ହାସଲ କରିବା ଲାଗି ସରକାର ପ୍ରତ୍ୟେକ ସ୍ତରରେ ୫-ଟି(ଟିମ୍‌ୱାର୍କ, ଟେକ୍ନୋଲୋଜି, ଟାଇମ୍, ଟ୍ରାନ୍ସପରେନ୍ସି ଆଣ୍ଡ ଟ୍ରାନ୍ସଫର୍ମେଶନ) ଚାର୍ଟ ଅନୁଯାୟୀ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ଦୁର୍ବଳ ଶ୍ରେଣୀ ଓ ସାଧାରଣ ଲୋକମାନଙ୍କର ସେବା କରିବା ପାଇଁ ସରକାରୀ ଚାକିରି ଏକ ବଡ଼ ସୁଯୋଗ ଦେଇଛି। ଲୋକମାନଙ୍କର ମଧ ଆପଣମାନଙ୍କ ଉପରେ ବହୁତ ବିଶ୍ୱାସ ରହିଛି। ଲୋକମାନଙ୍କର ସେହି ଆଶାକୁ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କଠାରୁ ଆଶା କରିଛନ୍ତି। ଆପଣମାନଙ୍କ ଭଳି ଯୁବ, ବୈଷୟିକ ଶିକ୍ଷାସମ୍ପନ୍ନ ଏବଂ ଦକ୍ଷ ଅଧିକାରୀମାନେ ଏକ ନୂତନ ଏବଂ ସଶକ୍ତ ଓଡ଼ିଶା ଗଠନ କରିବା ସମ୍ଭବ କରିପାରିବେ। ଜନତାଙ୍କ ସେବା ପରୀକ୍ଷାରେ ନବନିଯୁକ୍ତ ଅଧିକାରୀମାନେ ସଫଳ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍‌ଲାଇନ ପେନ୍‌ସନ ଅଦାଲତ ଏବଂ ପ୍ରମୋଶନ ଅଦାଲତର ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ପ୍ରମୁଖ ଯୋଗ ଦେଇ ଲୋକମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିବାରେ ନବନିଯୁକ୍ତ ଅଧିକାରୀମାନେ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୪ ଜଣ ନବନିଯୁକ୍ତ ଓଏଏସ୍ ଅଫିସର ସିଭିଲ ସର୍ଭିସରେ ଯୋଗଦେଇଥିବାରୁ ସେମାନେ ଖୁସିବ୍ୟକ୍ତ କରିବା ସହ ନିଜର ଅଭିଜ୍ଞତା ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ପରିଚାଳନା କରିଥିଲେ।

# ପୋଲିସ ହାବୁଡ଼ରୁ ରକ୍ଷା ପାଇବାକୁ ଯାଇ ମୃତ୍ୟୁ

## ୬ ଦିନ ପରେ ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

ଖଲ୍ଲିକୋଟ,୪।୧(ଡି.ଏନ୍.ଏ.)

ରାସ୍ତାରେ ଗାଡ଼ି ଚେକିଂ କରୁଥିଲା ପୋଲିସ। ଦୁଇ ଜଣ ଯୁବକ ନିଶାସକ୍ତ ହୋଇ ବାଇକରେ ଆସୁଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ବାଇକ ଚାଳକଙ୍କୁ ପୋଲିସ ଧରିଥିବା ବେଳେ ପଛରେ ବସିଥିବା ଯୁବକ ନିକଟସ୍ଥ ପାଚେରି ଡେଇଁ ଚମ୍ପଟ ମାରିଥିଲେ। ଘଟଣାର ୬ଦିନ ପରେ ବୁଧବାର ପୋଖରୀରେ ଭାସୁଥିବା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରିଛି ପୋଲିସ। ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ ଖଣ୍ଡିଆନଈ ଗ୍ରାମର ରବୀନ୍ଦ୍ର ନାଥ ବାରିକ ଓ ସୁବାସ ନାହାକ ଗତ ଡିସେମ୍ବର ୩୦ ସନ୍ଧ୍ୟାରେ ନିଶାସକ୍ତ ହୋଇ ବାଇକରେ ଗ୍ରାମକୁ ଫେରୁଥିଲେ। ନିର୍ମଳଝର ମନ୍ଦିର ସମ୍ମୁଖରେ ପୋଲିସ ଗାଡ଼ି ଚେକିଂ କରୁଥିଲା ବେଳେ ଧରାପଡ଼ିଥିଲେ। ସୁବାସଙ୍କୁ ପୋଲିସ ଧରିଥିବା ବେଳେ ପଛରେ ବସିଥିବା ରବୀନ୍ଦ୍ର ନିକଟସ୍ଥ ଏକ ପାଚେରି ଡେଇଁ ଖସି ପଳାଇଯାଇଥିଲେ। ପୋଲିସ ସୁବାସଙ୍କୁ ପଚରାଉଚରା ପରେ ଛାଡି ଦେଇଥିଲେ ମଧ ବାଇକଟିକୁ ଅଟକ ରଖିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ରବୀନ୍ଦ୍ର ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କ ସାଙ୍ଗସାଥୀଙ୍କୁ ପଚାରିବା ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତା’ ପରଦିନ ସୁବାସଙ୍କ ପାଖରୁ ସବୁ ଖବର ଜାଣିବା ପରେ ପରିବାର ଲୋକେ ଖଲ୍ଲିକୋଟ ଥାନାକୁ ଆସି ପୋଲିସକୁ ଜଣାଇଥିଲେ। ତେବେ ଘଟଣାର ୬ଦିନ ପରେ ବୁଧବାର ନିର୍ମଳଝର ମନ୍ଦିର ସମ୍ମୁଖରେ ଥିବା ପୋଖରୀରେ ରବୀନ୍ଦ୍ରଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ରବୀନ୍ଦ୍ରଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି।

# ରାଜ୍ୟରେ କାର୍ଯ୍ୟକ୍ଷମ ହେବ ‘ଆମ ହସ୍ପିଟାଲ’

ଭୁବନେଶ୍ୱର, ୪।୧(ବ୍ୟୁରୋ)

ରାଜ୍ୟରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ‘ଆମ ହସ୍ପିଟାଲ’ କାର୍ଯ୍ୟକ୍ରମ। ଏଥିରେ ରାଜ୍ୟର ବଛା ବଛା ହସ୍ପିଟାଲକୁ ‘୫-ଟି’ରେ ରୂପାନ୍ତରଣ କରାଯିବ। ଏଥିରେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକୁ ପର୍ଯ୍ୟାୟକ୍ରମେ ସାମିଲ କରାଯିବ। ଏହି କାର୍ଯ୍ୟକ୍ରମ ଚଳିତ ମାସରୁ ଆରମ୍ଭ ହେବ ଓ ଅକ୍ଟୋବର ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର କେଉଁ କେଉଁ କ୍ଷେତ୍ରରେ ବିକାଶ କରାଯିବ ସେ ନେଇ ମଧ ଚିଠିରେ ଉଲ୍ଲେଖ କରାଯାଇଛି।

# ଗୋବିନ୍ଦଙ୍କ ଝିଅ-କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ଅଡିଓ ଭାଇରାଲ

- ଝିଅ କହିଲେ ମୋ ସାମ୍ନାରେ ଚିଠି ଖୋଲ
- ଚିଠି ଦେବାକୁ ମନା କରିଥିଲେ ଅଧିକାରୀ

ବଲାଙ୍ଗୀର ଅଫିସ, ୪।୧

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଝିଅ ଲିପିକା ସାହୁ ଏବଂ କ୍ରାଇମବ୍ରାଞ୍ଚ ଟିମ୍ ଅଧିକାରୀଙ୍କ ଏକ ଅଡିଓ ଭାଇରାଲ ହୋଇଛି। ଏହି ଅଡିଓ ଭାଇରାଲ ହେବା ପରେ ଗୋବିନ୍ଦଙ୍କ ଚିଠି ପୁଣି ଥରେ ଚର୍ଚ୍ଚାକୁ ଆସିଛି। କଣ୍ଟାବାଞ୍ଜି ଜେଲରେ ଗତ ଡିସେମ୍ବର ୨୦ ତାରିଖରେ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଟିମ୍‌କୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ମହାଲିଙ୍ଗ ଗସ୍ତ କରି ଗୋବିନ୍ଦଙ୍କ ବାସଭବନ ଏବଂ କଲେଜକୁ ଯାଇଥିଲେ। ଏତିକିବେଳେ ଗୋବିନ୍ଦଙ୍କ ବଡଝିଅ ଲିପିକା ସାହୁ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କୁ ମୃତ୍ୟୁ ପୂର୍ବରୁ ତାଙ୍କ ଉଦ୍ଦେଶ୍ୟରେ ଲିଖିତ ତାଙ୍କ ବାପାଙ୍କ ଶେଷଚିଠି ମାଗିଥିଲେ। ଏହି ସମୟର ଅଡିଓ ଏବେ ଭାଇରାଲ ହୋଇଛି। ଏଥିରେ ଗୋବିନ୍ଦଙ୍କ ଝିଅ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କୁ ତାଙ୍କ ବାପାଙ୍କ ଶେଷ ଚିଠି ମାଗୁଛନ୍ତି। ଏହି ଚିଠିରେ କ’ଣ ଲେଖାଯାଇଛି ତାହା ପ୍ରଥମେ ସେ ପଢ଼ିବା କଥା। ଏଣୁ ତାଙ୍କୁ ଦିଆଯାଉ ବୋଲି ସେ କହୁଛନ୍ତି। ତାଙ୍କ ସାମ୍ନାରେ ସେହି ଚିଠି ଖୋଲାଯିବା କଥା ବୋଲି ସେ କହିଛନ୍ତି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ କହିଛନ୍ତି ଯେ, ଏହା ଏକ କେସ୍ ମ୍ୟାଟର, ଏଣୁ ସେମାନେ ତାଙ୍କୁ ଦେଇପାରିବେ ନାହିଁ। ଏହା ଏବେ ସିଲ୍ ହୋଇରହିଛି। ହ୍ୟାଣ୍ଡ ରାଇଟିଂ ବ୍ୟୁରୋ ପାଖକୁ ଏହି ଚିଠି ପଠାଯିବ ଏବଂ ସେଠାରେ ଏହି ଚିଠି ବାସ୍ତବରେ ଗୋବିନ୍ଦଙ୍କର କି ନା ପରୀକ୍ଷା କରାଯିବ ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀ କହୁଥିବା ଭାଇରାଲ ଅଡିଓରେ ରହିଛି। ତେବେ ଲିପିକା ଗୋବିନ୍ଦଙ୍କ କୌଣସି ଓଡ଼ିଆ ଲେଖା ତାଙ୍କ ପାଖରେ ନାହିଁ ବୋଲି କହୁଥିବା ଭାଇରାଲ ଅଡିଓରେ ଶୁଣାଯାଉଛି।

ଉକ୍ତ ଚିଠିରେ ଗୋବିନ୍ଦ କ’ଣ ଲେଖିଛନ୍ତି ତାହା ଜାଣିବାକୁ ସମସ୍ତେ ବ୍ୟଗ୍ର ଅଛନ୍ତି। ଉକ୍ତ ଚିଠି ମମିତା ମେହେର ଏବଂ ଗୋବିନ୍ଦ ସାହୁ ମୃତ୍ୟୁ ରହସ୍ୟ ଖୋଲିବ ନା ଅଧିକ ରହସ୍ୟ ସୃଷ୍ଟି କରିବ ତାକୁ ନେଇ ଚର୍ଚ୍ଚା ହେଉଛି।

# ଭିତରକନିକାରେ ଡଲ୍‌ଫିନ୍ ସଂଖ୍ୟା ବୃଦ୍ଧି

## ରାଜ୍ୟରେ ୭୩୩, ଭିତରକନିକାରେ ୫୫୦



**ରାଜନଗର,୪।୧(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଭିତରକନିକାରେ ଡଲ୍‌ଫିନ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଡିସେମ୍ବର ୨୧ରୁ ୨୩ ଯାଏ ଭିତରକନିକା ଜାତୀୟ ଉଦ୍ୟାନର ନଦୀ ଓ ଗହୀରମଥାର ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଇଥିଲା। କେବଳ ଗହୀରମଥା ରେଞ୍ଜରେ ୫୪୪ଟି ଡଲ୍‌ଫିନ ଚିହ୍ନଟ ହୋଇଥିବାବେଳେ କନିକା ରେଞ୍ଜରେ ୪ ଓ ରାଜନଗର ରେଞ୍ଜରେ ୨ ଡଲ୍‌ଫିନ ଦେଖିବାକୁ ମିଳିଛି। ଗହୀରମଥାରେ ହମ୍ପବ୍ୟାକ୍ର ସଉସା ପ୍ଲମ୍ବିଆ ପ୍ରଜାତିର ୨୦୮, ହମ୍ପବ୍ୟାକ୍ର ସଉସା ଚାଇନିଜ ପ୍ରଜାତିର ୨୮୧, ବଟଲନୋଜ ପ୍ରଜାତିର ୫୨, ସ୍ପିନର ପ୍ରଜାତିର ୩ ଡଲ୍‌ଫିନ ଗଣନା ହୋଇଛି। କନିକା ରେଞ୍ଜର ଖୋଲାରୁ କଣ୍ଟିଆଖାଇ ମଧ୍ୟରେ ୪ ଇରାୱାର୍ଡିପ୍ରଜାତି ଏବଂ ରାଜନଗର ରେଞ୍ଜରେ ୨ ଡଲଫିନ୍ ରହିଛନ୍ତି। ଗତବର୍ଷ ରାଜ୍ୟରେ ଚିହ୍ନଟ ମୋଟ ୭୨୬ ଡଲ୍‌ଫିନ୍ ମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୪୦ଟି ଚିହ୍ନଟ ହୋଇଥିଲା। ଚଳିତବର୍ଷ ୭୩୩ ଡଲଫିନ୍ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୫୦ ଡଲ୍‌ଫିନ୍ ଚିହ୍ନଟ ହୋଇଛନ୍ତି।

# ଆଜିଠୁ ଭୁବନେଶ୍ୱର, କଟକରେ ୫ଜି

## ସେବା ଯୋଗାଇବେ ଜିଓ, ଏୟାରଟେଲ



ଭୁବନେଶ୍ୱର,୪।୧(ବ୍ୟୁରୋ)

ରାଜ୍ୟରେ ପ୍ରଥମ କରି ୫ଜି ସେବା ଗୁରୁବାରଠାରୁ ଭୁବନେଶ୍ୱର ଏବଂ କଟକ ସହରରେ ଆରମ୍ଭ ହେବ। ପରବର୍ତ୍ତୀ ସମୟରେ ଏହାର ସମ୍ପ୍ରସାରଣ ରାଜ୍ୟର ଅନ୍ୟ ପ୍ରମୁଖ ସହର ଓ ଜିଲା ମୁଖ୍ୟାଳୟରେ ଉପଲବ୍ଧ ହେବ ବୋଲି ଟେଲିକମ୍ ବିଭାଗ(ଡଟ) ପକ୍ଷରୁ ସୂଚନା ଦିଆଯାଇଛି। ରିଲାଏନ୍ସ ଜିଓ ଓ ଭାରତୀ ଏୟାରଟେଲ ଓଡିଶାରେ ୫ଜି ସେବା ଯୋଗାଇଦେବେ। ଟେଲିକମ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିସରରେ ପୂର୍ବାହ୍ନ ସାଢ଼େ ୯ଟାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ୫ଜି ସେବାର ଶୁଭାରମ୍ଭ ସହ ରାଜ୍ୟର ଗ୍ରାମାଞ୍ଚଳରେ ୧୦୦ରୁ ଅଧିକ ୪ଜି ଟେଲିକମ୍ ଟାୱାରର ମଧ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେବେ। ଏହି ଅବସରରେ ଡଟ ପକ୍ଷରୁ ଏକ ଦୁଇ ଦିନିଆ ଡିଜିଟାଲ ଯୋଗାଯୋଗ ପ୍ରଦର୍ଶନୀର ଆୟୋଜନ ମଧ କରାଯାଇଛି। ଉକ୍ତ ପ୍ରଦର୍ଶନୀରେ ବିଭିନ୍ନ ପ୍ରଯୁକ୍ତି କମ୍ପାନୀ, ଷ୍ଟାର୍ଟଅପ୍ ୟୁନିଟ, ସି-ଡଟ୍ ଏବଂ ଟେଲିକମ୍ ସେବା ପ୍ରଦାନକାରୀ(ଟିଏସ୍‌ପି) ସଂସ୍ଥା ପ୍ରମୁଖ ଅଂଶଗ୍ରହଣ କରିବେ ବୋଲି ଡଟ୍ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଟୁଇଟ୍ କରାଯାଇଛି।

ସୂଚନାଯୋଗ୍ୟ, ଦେଶବାସୀଙ୍କୁ ହାଇସ୍ପିଡ ଇଣ୍ଟରନେଟ ଓ ଟେଲିକମ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାର ୫ଜି ସେବାକୁ ଗତ ଅକ୍ଟୋବରରେ ନୂଆଦିଲ୍ଲୀଠାରେ ଆନୁଷ୍ଠାନିକଭ ଭାବେ ଶୁଭାରମ୍ଭ କରିଥିଲେ। ଏପରି କି ୫ଜି ସେବା ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିଲା। ସେଥିରେ ଦେଶର ୧୨ଟି ସହର ସମେତ ଓଡ଼ିଶାର ମୟୂରଭଞ୍ଜ ଜିଲା ସାମିଲ ହୋଇଥିଲା।







ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି– କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। –ଶ୍ରୀମା



# ପ୍ରାଚୀନ କାଳର ରାଜା: ମାନ୍ଧାତା



ଦେବଦତ୍ତ ପଟ୍ଟନାୟକ

ଲୋକକଥାରେ ମାନ୍ଧାତା ଯୁଗ କହିଲେ ଏକ ପୁରାତନ ସମୟକୁ ବୁଝାଏ। ପୃଥିବୀରେ ଏହି ସମୟକୁ ମାନ୍ଧାତା ରାଜାଙ୍କ ଯୁଗ ଭାବେ ଅଭିହିତ କରାଯାଏ। ପ୍ରଭୁ ଶ୍ରୀକୃଷ୍ଣ ଓ ପୁରୁଷୋତ୍ତମ ଶ୍ରୀରାମଙ୍କ ପୂର୍ବରୁ ଧରାପୃଷ୍ଠରେ ମାନ୍ଧାତା ରାଜା ଶାସନ କରିଥିଲେ। ମହାଭାରତରେ ବି ଏ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ମାନ୍ଧାତା ଶ୍ରୀରାମଙ୍କ ପୂର୍ବଜ ଯୁବନାଶ୍ୱଙ୍କ ପୁତ୍ର ଥିଲେ। ତେବେ ମାନ୍ଧାତାଙ୍କ ଜନ୍ମକୁ ନେଇ ଏକ ରୋଚକ କାହାଣୀ ରହିଛି। ଯୁବନାଶ୍ୱ ଏକ ସନ୍ତାନ ଚାହିଁଥିଲେ। ତାଙ୍କ ସ୍ତ୍ରୀ ଗର୍ଭବତୀ ହେବା ପାଇଁ ଉଦ୍ଦିଷ୍ଟ ଦିବ୍ୟ ମହୌଷଧି ଜଳକୁ ଯୁବନାଶ୍ୱ ଭୁଲ୍‌ବଶତଃ ପାନ କରିଦେଇଥିଲେ। ଫଳରେ ସେ ଗର୍ଭବତୀ ହୋଇ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ, ଯାହାଙ୍କ ନାମ ମାନ୍ଧାତା। ଯମଜ ଅଶ୍ୱିନୀ ଭ୍ରାତୃଦ୍ୱୟ ମାନ୍ଧାତାଙ୍କୁ ଯୁବନାଶ୍ୱଙ୍କ ଶରୀରରୁ ବାହାରକୁ ଆଣିଥିଲେ। ସାଧାରଣତଃ ଶିଶୁ ସନ୍ତାନଟିଏ ଜନ୍ମ ନେବା ପରେ ଯେପରି ମା' କ୍ଷୀର ଖାଇବା ପାଇଁ କାନ୍ଦେ, ଠିକ୍ ସେମିତି ମାନ୍ଧାତା କାନ୍ଦିବା ଆରମ୍ଭ କରିଦେଲେ। ସେ କ୍ଷୀର ଖୋଜିଲେ। ଏହା ଦେଖି ଦେବରାଜ ଇନ୍ଦ୍ର ତାଙ୍କ ବୃଦ୍ଧାଙ୍ଗୁଳି କାଟିଦେଲେ। ତତ୍‌କ୍ଷଣାତ ସେଥିରୁ କ୍ଷୀର ଝରିଲା ଓ ମାନ୍ଧାତା ତାହାକୁ ପାନ କରିଚାଲିଲେ। ଆମକୁ ଏହି ଘଟଣା ସ୍ମରଣ କରାଇବା ପାଇଁ ସବୁ ପିଲା ଶୈଶବରେ ସେମାନଙ୍କ ବୃଦ୍ଧାଙ୍ଗୁଳିକୁ ପାଟିରେ ପୂରାଇ କ୍ଷୀର ପାନ କଲାଭଳି ସନ୍ତୁଷ୍ଟି ଲାଭ କରିବେ ବୋଲି ଦେବତାମାନେ ବିଧାନ ଖଞ୍ଜିଦେଇଗଲେ। ଉକ୍ତ ଲକ୍ଷଣ ମଧ୍ୟ ପ୍ରତ୍ୟେକ ଶିଶୁଙ୍କଠାରେ ଲକ୍ଷ୍ୟ କରାଯାଏ'।

ଜଣେ ପୁରୁଷ (ଯୁବନାଶ୍ୱ) ଠାରୁ ପୁତ୍ର ସନ୍ତାନ ଭାବେ ମାନ୍ଧାତା ଜନ୍ମ ଲାଭ କରିଥିଲେ। ତାଙ୍କୁ ଜନ୍ମ କରାଇବାରେ ଡେଲିଭରି ନର୍ସ ଏବଂ ୱେଟ୍ ନର୍ସ ଭାବେ ଦାୟିତ୍ୱ ତୁଲାଇଥିଲେ ଦୁଇ ପୁରୁଷ (ଅଶ୍ୱିନୀ ଭ୍ରାତୃଦ୍ୱୟ)। ତାନ୍ତ୍ରିକ ପରମ୍ପରାରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଥିବା ଜଣେ ଅସାଧାରଣ ଅତିପୁରୁଷ ଭାବେ ମାନ୍ଧାତାଙ୍କୁ ଅବତାରଣ କରିବାରେ ଉକ୍ତ କାହାଣୀ ଉଦ୍ଦିଷ୍ଟ। ମାନ୍ଧାତାଙ୍କୁ ଭଗବାନ୍ ଶିବଙ୍କ ସହ ସମ୍ପର୍କିତ କରାଯିବାର ଏହା ମଧ୍ୟ ଏକ କାରଣ ହୋଇପାରେ। ସେଥିପାଇଁ ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ମାନ୍ଧାତାଙ୍କ ସହ ଶିବ ମନ୍ଦିରର ସମ୍ପର୍କ ରହିଥିବା ଦେଖିବାକୁ ମିଳେ। ବହୁ ଅଞ୍ଚଳରେ ୬୪ ଯୋଗିନୀଙ୍କ ଉପାସନା ପୀଠ ସହ ସେ ସମ୍ପର୍କିତ ଥିବା ଲକ୍ଷ୍ୟ କରାଯାଏ।



ବୌଦ୍ଧ ସାହିତ୍ୟରେ ମାନ୍ଧାତାଙ୍କ ବର୍ଣ୍ଣନା ଦେଖିବାକୁ ମିଳିଥାଏ। ସେଥିରେ ତାଙ୍କୁ ରାଜା ଭାବେ ପ୍ରତିପାଦିତ କରାଯାଇଛି। ମାନ୍ଧାତା ଏତେ ଭଲ ଓ ତେଜସ୍ୱୀ ଥିଲେ ଯେ, ତାଙ୍କୁ ପଡ଼ୋଶୀ ରାଜାମାନେ ବହୁତ ମାନୁଥିଲେ, ସମ୍ମାନ ବି ଦେଉଥିଲେ। ସେହି ରାଜାମାନେ ମାନ୍ଧାତାଙ୍କ ନିକଟରେ ପହଞ୍ଚି ସେମାନଙ୍କ ରାଜ୍ୟର ଶାସକ ହେବା ପାଇଁ ନିଜ ତରଫରୁ ତାଙ୍କୁ ଅନୁରୋଧ କରୁଥିଲେ। ଜଣକ ପରେ ଜଣେ ରାଜା ଏଭଳି କରନ୍ତେ ପ୍ରଥମେ ସେ ଏକ ବିଶାଳ ସାମ୍ରାଜ୍ୟର ଶାସକ ହୋଇଗଲେ। ଏହା ବାଦ୍ ମଧ୍ୟ ଅଧିକରୁ ଅଧିକ ରାଜା ତାଙ୍କ ଶାସନ ପ୍ରତି ଆକୃଷ୍ଟ ହୋଇ ତାଙ୍କ ନିକଟରେ ପହଞ୍ଚିବାକୁ ଲାଗିଲେ ଓ ସେମାନଙ୍କ ରାଜ୍ୟ ମାନ୍ଧାତାଙ୍କୁ ହସ୍ତାନ୍ତର କଲେ। ଧୀରେ ଧୀରେ ସେ ଚତୁର୍ଦ୍ଦିଗରେ ଥିବା ସମସ୍ତ ରାଜ୍ୟ ବା ଭୂଖଣ୍ଡର ପ୍ରଭୁ (ଶାସକ) ପାଲଟିଗଲେ। ମାନ୍ଧାତାଙ୍କ ଶାସନର ସୁନାମ ଓ ତାଙ୍କ ଗୌରବ ଏଭଳି ସ୍ତରରେ ପହଞ୍ଚିଗଲା ଯେ, ସ୍ୱୟଂ ସ୍ୱର୍ଗାଧିପତି ଇନ୍ଦ୍ର ତାଙ୍କୁ ଆମନ୍ତ୍ରଣ କରି ସ୍ୱର୍ଗର ଅଧା ଭାଗ ଦେଇ ତାହାକୁ ଶାସନ କରିବାକୁ କହିଲେ। ଇନ୍ଦ୍ରଙ୍କର ଏଭଳି କାର୍ଯ୍ୟରେ ମାନ୍ଧାତା ଅତ୍ୟନ୍ତ ଆନନ୍ଦିତ ହୋଇଗଲେ। କିନ୍ତୁ କିଛି ସମୟ ଉପରାନ୍ତେ ସେ ଆଶ୍ଚର୍ଯ୍ୟପ୍ରକଟ କଲେ ଓ ଭାବିଲେ ସମସ୍ତେ ତ ସେମାନଙ୍କ ପୂରା ରାଜ୍ୟ ଦେଇଦେଲେ, ହେଲେ ଇନ୍ଦ୍ର କାହିଁକି ସମ୍ପୂର୍ଣ୍ଣ ସ୍ୱର୍ଗକୁ ଶାସନ କରିବାକୁ ତାଙ୍କୁ ଦେଲେ ନାହିଁ। ସେ କାହିଁକି ସ୍ୱର୍ଗରୁ ଅଧା ଦେଲେ? ନିଶ୍ଚିତ ଭାବେ ସେ ସ୍ୱର୍ଗର ରାଜା ହେବା ସକାଶେ ଯୋଗ୍ୟ ଥିଲେ କି? ଉକ୍ତ ଭାବନା ମାନ୍ଧାତାଙ୍କ ମନରେ ଆସିବା କ୍ଷଣି ସେ ସ୍ୱର୍ଗରୁ ଖସି ପଡ଼ିଲେ ପୃଥିବୀକୁ। ପୂର୍ବର ପ୍ରତିଭାଶାଳୀ ରାଜା ମାନ୍ଧାତା ରୂପେ ନୁହେଁ, ବରଂ ଜଣେ ବୃଦ୍ଧ ଓ ନିର୍ବଳ ବ୍ୟକ୍ତି ଭାବେ ସେ ଖସିପଡ଼ିଲେ। ଯେଉଁ ସୌଭାଗ୍ୟ ବା ସମ୍ପତ୍ତି ପ୍ରାପ୍ତ ହୁଏ ତାହା ଉତ୍ତମ, କିନ୍ତୁ ସମ୍ପତ୍ତି ଲୋଭ ଅନୁଗ୍ରହ ବା କୃପାରୁ ବଞ୍ଚିତ କରେ ବୋଲି ଅନୁଭବ କରିବା ପରେ ସେ ପୃଥିବୀ ପୃଷ୍ଠରେ ଦେହତ୍ୟାଗ କରିଥିଲେ। ମାନ୍ଧାତା ଆରମ୍ଭରୁ ଲୋକମାନଙ୍କ ସେବାରେ ଜଡ଼ିତ ଥିଲେ। ଯେତେବେଳେ ଯାଏ ସେ ଏହା କରୁଥିଲେ ସମୃଦ୍ଧି ତାଙ୍କ ନିକଟରେ ପହଞ୍ଚୁଥିଲା। କିନ୍ତୁ ସେ ନିଜକୁ ଯେତେବେଳେ ସମ୍ପତ୍ତି ପାଇବାକୁ ଯୋଗ୍ୟ ବୋଲି ଭାବିଲେ ସେତେବେଳେ ତାହା ତାଙ୍କ ଠାରୁ ଦୂରେଇଗଲା।

ମାନ୍ଧାତାଙ୍କ କାହାଣୀର କଳାକୃତି ଆନ୍ଧ୍ରପ୍ରଦେଶ ଗୋଦାବରୀ ଡେଲ୍‌ଟାର ଅମରାବତୀସ୍ଥିତ ବୌଦ୍ଧ ସ୍ତୂପର କାନ୍ଥଗୁଡ଼ିକରେ ଖୋଦିତ ହୋଇଥିବା ଦେଖିବାକୁ ମିଳେ। ଏହା ବ୍ୟତୀତ ଭାରତର ପଶ୍ଚିମ ଉପକୂଳ ମୁମ୍ବାଇ ନିକଟରେ ଥିବା ଭାଜା ଗୁମ୍ଫାଗୁଡ଼ିକ ବି ତାଙ୍କ କାର୍ଯ୍ୟର ସ୍ୱାକ୍ଷର ବହନକରେ। ସେଠାରେ ମାନ୍ଧାତା ରଥ ଚଳାଉଥିବା ଓ ହାତୀ ଉପରେ ବସିଥିବାର ଖୋଦିତ କଳାକୃତି ଦେଖିବାକୁ ମିଳେ। ଭାଜା ଗୁମ୍ଫାଗୁଡ଼ିକରେ ଖୋଦିତ ହୋଇଥିବା କଳାକୃତି ସବୁକୁ ଅନେକ ସମୟରେ ଭୁଲ୍‌ବଶତଃ ସୂର୍ଯ୍ୟ ଓ ଇନ୍ଦ୍ରଙ୍କର ବୋଲି କୁହାଯାଏ। ବାସ୍ତବରେ ଏସବୁ ୨୦୦୦ ବର୍ଷ ପୁରୁଣା ଖୋଦିତ କଳାକୃତି। ଏଗୁଡ଼ିକ ସାତବାହନଙ୍କ ସମୟର ଏବଂ ଭାରତର ପଶ୍ଚିମ ଉପକୂଳ ଓ ପୂର୍ବ ଉପକୂଳ ମଧ୍ୟରେ କପା ବାଣିଜ୍ୟ ପଥରେ ଦେଖିବାକୁ ମିଳେ। କପା ବାଣିଜ୍ୟର ଏହି ପଥ ସମାନ୍ତରାଳ ଭାବେ ନର୍ମଦା ନଦୀ ପର୍ଯ୍ୟନ୍ତ ଲମ୍ବିଛି। ଏହି ନଦୀ ଶଯ୍ୟାରେ ଏକ ଟାପୁ ରହିଛି ଯାହାର ନାମ ମାନ୍ଧାତା। ଏହା ମଧ୍ୟ ଏକ ପ୍ରସିଦ୍ଧ ଓ ଜଣାଶୁଣା ତୀର୍ଥସ୍ଥଳୀ। ଉକ୍ତ କ୍ଷେତ୍ରଟି ହିନ୍ଦୁ ଓ ଜୈନ୍ୟ ମନ୍ଦିରରେ ପରିପୂର୍ଣ୍ଣ।

ମାନ୍ଧାତାଙ୍କ କାହାଣୀ ପ୍ରତିଭା ଓ କ୍ଷମତା ଉପରେ ପର୍ଯ୍ୟବସିତ। ଏଥିପାଇଁ ମାନ୍ଧାତାଙ୍କ କାହାଣୀ ବଣିକ ଓ ରାଜାମାନଙ୍କ ମଧ୍ୟରେ ଅତ୍ୟନ୍ତ ଆଦୃତି ଲାଭ କରିଥିଲା। ହେଲେ ତାଙ୍କ ଜନ୍ମର ଅଦ୍ଭୁତ କାହାଣୀ ସଙ୍କେତ ଦିଏ ଯେ ଜନ୍ମ ସହ ମହିଳାଙ୍କର କିଛି ସମ୍ପର୍କ ନ ଥିଲା। ଅର୍ଥାତ୍ ତାଙ୍କ ଜନ୍ମ ପାର୍ଥିବ ଓ ଇନ୍ଦ୍ରିୟ ସୁଖରୁ ମୁକ୍ତ ଥିଲା ବୋଲି ଏହି କାହାଣୀ ସୂଚେଇଦିଏ।

–devduttofficial@gmail.com

# ଲୁଥରଙ୍କ ଦୃଷ୍ଟିରେ ଗାନ୍ଧିଜୀ



ଉମା ଶଙ୍କର ପ୍ରସାଦ

ମାର୍ଟିନ୍ ଲୁଥର କିଙ୍ଗ୍ (ଜୁନିୟର) ୧୯୫୯ ମସିହାରେ ଭାରତ ଭ୍ରମଣରେ ଆସିଥିଲେ। ଭାରତ ରହଣି କାଳରେ ସେ ଅହମ୍ମଦାବାଦସ୍ଥିତ ସାବରମତୀ ଆଶ୍ରମ ପରିଦର୍ଶନ କରିଥିବାବେଳେ ମହାତ୍ମା ଗାନ୍ଧୀ ୮ ଜଣ ସାଥୀଙ୍କ ସହ ଏହିଠାରୁ ୨୧୮ ମାଇଲ ଦୂରବର୍ତ୍ତୀ ଦାଣ୍ଡିକୁ ପଦଯାତ୍ରା କରି ଲବଣ ସତ୍ୟାଗ୍ରହ କରିଥିଲେ। ସେଦିନ ମହାତ୍ମା ଗାନ୍ଧୀଙ୍କ ବିଷୟରେ ଯେଉଁ ଜ୍ଞାନ ଓ ଅନୁଭବ ଲାଭ କରିଥିଲେ, ସେ ତାଙ୍କ ଆତ୍ମଜୀବନୀରେ ଲିପିବଦ୍ଧ କରିଛନ୍ତି। ସେ ତାଙ୍କର ଏକ ଟିପ୍ପଣୀରେ ଲେଖିଥିଲେ ''ଏହି ଯାତ୍ରା ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ଗାନ୍ଧୀଙ୍କ ଦେଶରେ ପାଦଦେବା, ତାଙ୍କ ପରିବାର ପରିଜନବର୍ଗଙ୍କ ସହିତ କଥା ହେବା, ତାଙ୍କ ସହକର୍ମୀମାନଙ୍କ ସ୍ମୃତିଚାରଣରେ ସହଭାଗୀ ହେବା, ତାଙ୍କ ଆଶ୍ରମ ପରିଦର୍ଶନ କରିବା ଏବଂ ତାଙ୍କ ସମାଧିପୀଠରେ ପୁଷ୍ପଗୁଚ୍ଛ ଅର୍ପଣ କରିବା ଅତ୍ୟନ୍ତ ଆନନ୍ଦଦାୟକ ଅନୁଭବ ଥିଲା। ଏହି ଦେଶରୁ ଆମେ ଅନେକ କିଛି ଶିକ୍ଷାକଲୁ, ତଥାପି ଭାରତବର୍ଷକୁ ଜାଣିଗଲୁ ବୋଲି କହିବା ଧୃଷ୍ଟତା ହେବ। ତା'ର ଜନଗଣ, ସିନ୍ଧି ଓ ବୈଷମ୍ୟକୁ ନେଇ ଭାରତ ଏକ ବିରାଟ ଉପମହାଦେଶ।'' ସ୍ୱାଧୀନତା ସଂଗ୍ରାମ କରିବା ପାଇଁ ନଷ୍ପେଷିତ ଜନତାଙ୍କର ଅହିଂସା ପ୍ରତିରୋଧ ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଥିଲା। ଅହିଂସା ଆନ୍ଦୋଳନର ଚମକପ୍ରଦ ବିଜୟ ନିଜ ଆଖିରେ ଦେଖିବା ବିସ୍ମୟକର ଥିଲା। ହିଂସାର ପଥ ଲୋକଙ୍କର ତିକ୍ତତା ଏବଂ ଧ୍ୱଂସକାରୀଙ୍କର ନୃଶଂସତା ବୃଦ୍ଧି କରେ, କିନ୍ତୁ ଅହିଂସାର ପଥ ମୁକ୍ତି ପ୍ରଦାନ କରେ ତଥା ପ୍ରୀତିପୂର୍ଣ୍ଣ ସମାଜ ପ୍ରତିଷ୍ଠା କରେ। ମୋର ଭାରତ ଗସ୍ତ ଫଳରେ ଅହିଂସାର ବାରିଧାରା ମୋ' ଜୀବନରେ ପ୍ରବାହିତ ହେବା ସହ ମୋର ଅଙ୍ଗୀକାର ଆହୁରି ଦୃଢ଼ୀଭୂତ ହେଲା। ସେତେବେଳେ ୪୦ କୋଟି ଜନତାଙ୍କୁ ଏକାଠି କରି ସ୍ୱାଧୀନତା ପାଇଁ ଅଭିମନ୍ତ୍ରିତ କରିଥିଲେ। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ, ଯେଉଁ ଲୋକଟି ଅହିଂସାରେ ବିଶ୍ୱାସ କରୁଥିଲେ, ତାଙ୍କ ଜୀବନ ହିଂସାରେ ବିଶ୍ୱାସ କରୁଥିବା ଜଣେ ଲୋକହାତରେ ଗଲା। ମାତ୍ର ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଯେ, ଯେଉଁ ଲୋକ ଗୁଳିମାରି ଗାନ୍ଧୀଙ୍କ ହୃଦୟ ବିଦାରି ଦେଲା, ସେ ତାଙ୍କୁ ସମଗ୍ର ମାନବ ଜାତିର ହୃଦୟରେ ସ୍ଥାନିତ କରିଦେଲା। ଲକ୍ଷ୍ୟ କରିବାର କଥା ଯେ, ଆବ୍ରାହମ୍ ଲିଙ୍କନଙ୍କୁ ଯେଉଁଥିପାଇଁ ଗୁଳିମାଡ଼ ହୋଇଥିଲା, ଠିକ୍ ସେଇଥିପାଇଁ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାଡ଼ ହୋଇଥିଲା। ଲିଙ୍କନ୍‌ଙ୍କୁ ଗୁଳିମାଡ଼ ହେଲାବେଳେ ପାଖରେ ଛିଡ଼ା ହୋଇଥିବା ତାଙ୍କର ସଚିବ ଷ୍ଟାଣ୍ଟନ୍ କହିଥିଲେ, 'ଏବେ ସେ ଯୁଗପୁରୁଷ ହୋଇଗଲେ'। ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ ବିଷୟରେ ସେହିକଥା କୁହାଯାଇ ପାରିବ, ସେ ମଧ୍ୟ ଜଣେ ସତ୍ୟନିଷ୍ଠ ଯୁଗପୁରୁଷ।

ସତ୍ୟକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ମାଟିରେ ମିଶାଇଦେଲେ ବି ତାହା ପୁନରୁଜ୍ଜୀବିତ ହୋଇ ଉଠିବ। ଜେମ୍ସ ରସେଲ୍ ଲୋବେଲ୍‌ଙ୍କ ଭାଷାରେ ''ସତ୍ୟ ପଶିଛି ସଦା ଫାଶର ଫନ୍ଦାରେ/ ପ୍ରମାଦ ବସିଛି ସଦା ସିଂହାସନ ପରେ/ ଦୋହଲୁଛି ଭବିଷ୍ୟ ଫାଶୀ ଦଉଡ଼ିରେ/ ନିଷ୍ପ୍ରଭ ଅଙ୍କାତେ ଉଭା ଈଶ୍ୱର ଆମ ପଶ୍ଚାତ୍‌ରେ/ ନିଜଗଢ଼ା ଜଗତକୁ ଚାହିଁ ରହିଛନ୍ତି ଅନ୍ଧାର ଭିତରେ।'' ମହାତ୍ମା ଗାନ୍ଧୀ ଭାରତରେ ଯାହା କଲେ, ତାହା ସେ କିପରି କଲେ ବୋଲି ଯଦି ପ୍ରଶ୍ନ ହୁଏ, ତେବେ ଲୋକମାନେ କହିବେ ଗାନ୍ଧୀ ଥିଲେ ସମ୍ପୂର୍ଣ୍ଣ ସତ୍ୟନିଷ୍ଠ, ବିଶ୍ୱସ୍ତ ଏବଂ ବିଶେଷ ଭାବରେ ତାଙ୍କର ସମର୍ପଣଭାବ ଯୋଗୁ ଏହା ସମ୍ଭବ ହୋଇପାରିଥିଲା। ସେ ଏପରି ଏକ ବ୍ୟକ୍ତି ଥିଲେ, ଯିଏ ନିଜର ଅନୁଗାମୀମାନଙ୍କୁ କହୁଥିଲେ ସେ ଦୋଷଶୂନ୍ୟ ନୁହନ୍ତି, ସେ ଗୋଟାପଣେ ଜଣେ ମଣିଷ। ଭାରତରୁ ବିଦାୟ ନେବାବେଳେ ମାର୍ଟିନ୍ କହିଥିଲେ, ''ଭାରତର ଜନଗଣଙ୍କୁ ଓ ସରକାରଙ୍କୁ ମୋର ଏକ ନିବେଦନ କରିବାର ଅଛି, ଯାହା ବିନୋବା ଭାବେଙ୍କ ସହିତ ଆଲୋଚନା ସମୟରେ ମୋ ମନକୁ ଆସିଥିଲା। ପୃଥିବୀର ଶାନ୍ତିପ୍ରିୟ ଦେଶଗୁଡ଼ିକ ଭୟ ନିବାରଣ ଓ ନିରସ୍ତ୍ରୀକରଣ ପାଇଁ ମୋ ନିଜ ଦେଶ ଆମେରିକା ଏବଂ ସୋଭିଏତ ରୁଷିଆକୁ ରାଜି କରାଇବାରେ ସେ ସକ୍ଷମ ହୋଇପାରି ନାହାନ୍ତି। ଦୁର୍ଭାଗ୍ୟବଶତଃ ଏ ପର୍ଯ୍ୟନ୍ତ ଆମେରିକା ଓ ସୋଭିଏତ ରୁଷ ଏପରି କରିବା ନିମିତ୍ତ ଏପରି ସାହସ ଦେଖାଇ ନାହାନ୍ତି। ବିନୋବା ଭାବେ କହିଥିଲେ, ଭାରତ ଯେପରି ଅଗ୍ରଣୀ ଭୂମିକା ନେଇ ପୃଥିବୀକୁ ଦେଖାଇଦେଲା ଅହିଂସା ଉପାୟରେ ଜାତୀୟ ସ୍ୱାଧୀନତା ହାସଲ କରାଯାଇପାରେ, ସେହିପରି ଦିନେ ଭାରତ ଅଗ୍ରଣୀ ଭୂମିକା ନେଇ ନିରସ୍ତ୍ରୀକରଣ ପାଇଁ ସମଗ୍ର ବିଶ୍ୱକୁ ଆହ୍ୱାନ ଦେବ ଏବଂ ମହାତ୍ମା ଗାନ୍ଧୀଙ୍କ ଭାବଧାରାର ଏହା ଏକ ବିରାଟ ନିଦର୍ଶନ ହେବ।

ମୋ: ୮୮୯୫୫୪୭୪୯୦

## ଏଇ ଭାରତରେ

ଶିକ୍ଷାଗତ ଯୋଗ୍ୟତା ୧୦ମ ପାସ୍। ହେଲେ ଆବିଷ୍କାର କରିବାରେ ଇଞ୍ଜିନିୟର କିମ୍ବା ବୈଜ୍ଞାନିକଙ୍କ ସମତୁଲ୍ୟ। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଆସାମ ଗୁଆହାଟୀର କନକ ଗୋଗୋଇ। ସେ ଏବେ ଏକ ଛୋଟ ଟ୍ରକ୍ଟର ନିର୍ମାଣ କରିଛନ୍ତି। ଏହାର ଦାମ୍ ୪୦ ହଜାର ଟଙ୍କା, ଯାହାକୁ କ୍ଷୁଦ୍ର ଚାଷୀମାନେ କିଣିପାରିବେ। ପାଠ ଛାଡ଼ି କନକ ପ୍ରଥମେ ଏକ ମେକାନିକାଲ ୱାର୍କଶପରେ କାମ କଲେ ଓ ପରେ ୧୯୯୭ରେ ଗୁଆହାଟୀରେ ନିଜର ଏକ ଛୋଟ ୱର୍କଶପ ଖୋଲି କାମ କରିବା ଆରମ୍ଭ କରିଥିଲେ। ସେବେଠାରୁ ଦୁଇ ଦଶନ୍ଧି ମଧ୍ୟରେ ଉକ୍ତ ମିନି ଟ୍ରାକ୍ଟରକୁ ମିଶାଇ କନକ ୧୦ରୁ ଅଧିକ ଆବିଷ୍କାର କରିସାରିଲେଣି। ଅନ୍ୟ ଆବିଷ୍କାରଗୁଡ଼ିକ ହେଲା ଗ୍ରାଭିଟି ଚାଳିତ ସାଇକେଲ, ସୌରଚାଳିତ ବୋଟ୍, କମ୍ପ୍ରେସ୍‌ଡ ଏୟାର ଟେକ୍ନୋଲୋଜି କାର୍, ଗ୍ରୀନ୍ ଟେକ୍ନୋଲୋଜି କାର୍ ଆଦି ଅନ୍ୟତମ। କରୋନା ମାହାମାରୀ ସମୟରେ ଉକ୍ତ ନୂଆ ଟ୍ରାକ୍ଟର ନିର୍ମାଣ କରିବା ଯୋଜନା କରି ଲକ୍‌ଡାଉନ ପରେ ଶେଷ କରିଛନ୍ତି। ଏହା ପଛରେ ମଧ୍ୟ ଏକ ଛୋଟ ଟ୍ରଲି ଲଗାଇ କ୍ଷେତରୁ ଶସ୍ୟ ଆଣିବାର ସୁବିଧା କରାଯାଇଛି। ଆବିଷ୍କାର ପାଇଁ କନକ ଅନେକ ସଂସ୍ଥା ତରଫରୁ ପୁରସ୍କୃତ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଜାନୁୟାରୀ ୧୯୯୮

- ପାକିସ୍ତାନର ପୂର୍ବ ପଞ୍ଜାବ ପ୍ରଦେଶର ଝେଲମଠାରେ ଏକ ଅଣଓସାରିଆ ଗ୍ରାମାଞ୍ଚଳ ରାସ୍ତାରେ ଟ୍ୟାଙ୍କର ସହ ଯାତ୍ରୀବାହୀ ବସ୍‌ର ଦୁର୍ଘଟଣା ଘଟି ନିଆଁ ଲାଗିଯିବା ଫଳରେ ୫୦ ଯାତ୍ରୀ ମୃତ।
- କେନିୟାର ରାଷ୍ଟ୍ରପତି ପଦବୀ ପାଇଁ ଅନୁଷ୍ଠିତ ନିର୍ବାଚନରେ ଡାନିଏଲ ଆରାପ ମୋଇ ନିର୍ବାଚିତ।
- ପାଲେଷ୍ଟାଇନ ଶାନ୍ତିପ୍ରକ୍ରିୟା ଏବଂ ଇସ୍ରାଏଲର ସାମାଜିକ କଲ୍ୟାଣ ନେଇ ସରକାରଙ୍କର ଆଭିମୁଖ୍ୟକୁ ବିରୋଧ କରି ବିଦେଶମନ୍ତ୍ରୀ ପଦରୁ ଡାଭିଡ୍ ଲେଭିଙ୍କ ଇସ୍ତଫା ପ୍ରଦାନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 1 | 2 | 4 | | |
| | 1 | | | 8 | | | | |
| 3 | | 2 | | 6 | | | | |
| | | 1 | | | | | 4 | 3 |
| 5 | 8 | | | | 3 | | 2 | 9 |
| | | | | | | 8 | | 1 |
| 1 | | | 6 | | | 3 | | |
| | 7 | 5 | | | | | | |
| | | | 5 | 4 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 1 | 2 | 4 | 8 | 7 | 3 | 6 |
| 2 | 6 | 3 | 1 | 7 | 5 | 4 | 8 | 9 |
| 8 | 7 | 4 | 9 | 6 | 3 | 1 | 5 | 2 |
| 7 | 4 | 9 | 8 | 5 | 2 | 6 | 1 | 3 |
| 5 | 1 | 8 | 6 | 3 | 4 | 9 | 2 | 7 |
| 6 | 3 | 2 | 7 | 1 | 9 | 5 | 4 | 8 |
| 4 | 8 | 7 | 5 | 2 | 6 | 3 | 9 | 1 |
| 3 | 9 | 6 | 4 | 8 | 1 | 2 | 7 | 5 |
| 1 | 2 | 5 | 3 | 9 | 7 | 8 | 6 | 4 |

ଗତକାଲିର ଉତ୍ତର

# ଭବିତବ୍ୟ ଯାହା ଅବଶ୍ୟ ଘଟିବ



ବୈକୁଣ୍ଠନାଥ ମିଶ୍ର

ଏ ପୃଥିବୀ ସଦା ବୈଚିତ୍ର୍ୟମୟ। ପରିବେଶ ଓ ପରିସ୍ଥିତି ଦସ୍ୟୁ ରତ୍ନାକରକୁ ବାଲ୍ମୀକିରେ ରୂପାନ୍ତରିତ କରେ ଓ ବିଶ୍ରବାଙ୍କ ପରି ଋଷିଙ୍କ ଔରସ ସମ୍ଭୂତ ରାବଣ ଦେବ ଓ ମାନବଙ୍କ ଉପରେ କରି ବସେ ଅକଥନୀୟ ଅତ୍ୟାଚାର। ସତୀ ସାଧ୍ୱୀ ସୀତାଙ୍କୁ ଅପହରଣ କରି ଶେଷରେ ସବଂଶ ନିଧନ ହୁଏ। ପୁରାଣ, ଇତିହାସଠାରୁ ଆରମ୍ଭକରି ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ ମଧ୍ୟ ଏପରି ବ୍ୟକ୍ତିମାନଙ୍କର ଦୃଷ୍ଟାନ୍ତର ଅଭାବ ନାହିଁ। ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରି ଆସିଥିବା ଛାତ୍ରଟି ଉଚ୍ଚ ସରକାରୀ ଅଧିକାରୀ ହୋଇ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଆତ୍ମସାତ୍ କରି ଧରା ହେଉଥିବାବେଳେ ଶ୍ରେଣୀରେ ସର୍ବନିମ୍ନ ସ୍ଥାନ ଅଧିକାର କରିଥିବା ଛାତ୍ରଟି ଦିନେ ସାଂସଦ, ବିଧାୟକ କିମ୍ବା ମନ୍ତ୍ରୀ ହୋଇ କୋଟି ଜନତାର ପ୍ରଣମ୍ୟ ସାଜୁଛି।

ପୃଥିବୀର କିଛି ମହାନ୍ ଜନନାୟକଙ୍କ ଜୀବନୀ ଅନୁଶୀଳନ କଲେ ଉପରୋକ୍ତ ତଥ୍ୟର ସତ୍ୟତା ଉପଲବ୍ଧ ହେବ। ଯୁବାବସ୍ଥାରେ କୁସଙ୍ଗ ସାନ୍ନିଧ୍ୟରେ ନିଜ ଜୀବନକୁ ବିପଥଗାମୀ କରିଥିବା ଯୁବକଟି ଥିଲା ପରିବାର ଓ ସମାଜ ପାଇଁ ଏକାନ୍ତ ଅଲୋଡ଼ା। ବିବାହ ବୟସ ଉପଗତ ହେବାରୁ ମାତାପିତା ତାଙ୍କୁ ଏକ ସୁଶ୍ରୀ ଅନିନ୍ଦ୍ୟସୁନ୍ଦରୀ କନ୍ୟାସହ ବିବାହ ବନ୍ଧନରେ ବାନ୍ଧିଦେଲେ। ଆଶାଥିଲା ହୁଏତ ସୁନ୍ଦରୀ ପତ୍ନୀଙ୍କୁ ପାଇ ତାଙ୍କର ଚାରିତ୍ରିକ ପରିବର୍ତ୍ତନ ହେବ। କିନ୍ତୁ ପ୍ରଥମ ପତ୍ନୀଙ୍କୁ ହତାଦାର କରି ନିଜ ପସନ୍ଦର ଯୁବତୀକୁ ଦ୍ୱିତୀୟ ବିବାହ କଲେ। ସାରାଦିନ ସେ ନିଶାସକ୍ତ ରହୁଥିଲେ। ଏତେ ମନ୍ଦଗୁଣ ସତ୍ତ୍ୱେ ବି ସେ ଥିଲେ ପ୍ରଗାଢ଼ ଅଧ୍ୟବସାୟୀ। ଦ୍ୱିତୀୟ ପତ୍ନୀଙ୍କର ନିଷ୍ଠା ଓ ସହନଶୀଳତା ତାଙ୍କ ଜୀବନରେ ଆଣିଥିଲା ଏକ ବିରାଟ ପରିବର୍ତ୍ତନ। ସେ ପଙ୍କରୁ ଜାତ ପଙ୍କଜ ପରି ଫୁଟି ଉଠିଲେ। ପରବର୍ତ୍ତୀ ଜୀବନରେ ସେ ହେଲେ ପ୍ରବୀଣ ରାଷ୍ଟ୍ରବାଦୀ ତଥା ଆମେରିକାର ୩୨ତମ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜ୍‌ଭେଲ୍ଟ।

ଆଉ ଜଣେ ବିପଥଗାମୀ ବ୍ୟକ୍ତିଙ୍କ ଜୀବନୀ ଆଲୋଚନା ସାପେକ୍ଷ। ଧୂମପାନ, ମଦ୍ୟପାନ ଓ କୁସଙ୍ଗ ଥିଲା ତାଙ୍କ ଜୀବନର ବୈଶିଷ୍ଟ୍ୟ। ଦାୟିତ୍ୱହୀନତା ପାଇଁ ସେ ସରକାରୀ ଚାକିରିରୁ ଦୁଇଥର ନିଲମ୍ବିତ ହୋଇଥିଲେ। ପ୍ରତିଥର କ୍ଷମା ଯାଚନାପୂର୍ବକ ଚାକିରିରେ ପୁନଃ ଅବସ୍ଥାପିତ ହୋଇଥିଲେ ମଧ୍ୟ ଶେଷରେ ଚାକିରିରୁ ବହିଷ୍କୃତ ହେବାକୁ ପଡ଼ିଥିଲା। କଲେଜ ଜୀବନରୁ ସେ ଅଫିମ ନିଶାରେ ଅଭ୍ୟସ୍ତ ଥିଲେ। ସ୍କୁଲ ଜୀବନରେ ଆଲ୍‌ଜେବ୍ରା ବହି ଅଧା ହୋଇଥିଲେ ମଧ୍ୟ 'ଆଲ୍‌ଜେବ୍ରା' ଶବ୍ଦ ସମ୍ବନ୍ଧରେ ସେ ଅଜ୍ଞଥିଲେ। ପରୀକ୍ଷା ଖାତାରେ ସମସ୍ତେ ଉତ୍ତର ଲେଖିଥିଲେ ମଧ୍ୟ ସେ କେବଳ କେତୋଟି ସୁନ୍ଦର ଚିତ୍ର ଆଙ୍କି ଖାତା ପଇଠ କରିଥିଲେ। ତଥାପି ଗୁରୁଜୀ ତାଙ୍କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିଥିଲେ। ଗୁରୁଜୀଙ୍କ ଯୁକ୍ତିଥିଲା, ପିଲାଟି ସିନା ପାଠରେ ଅମନଯୋଗୀ; ହେଲେ ଜଣେ ଉତ୍ତମ ଚିତ୍ରକର ଓ ତା'ଭିତରେ ଲୁଚି ରହିଛି ଉଜ୍ଜ୍ୱଳ ସମ୍ଭାବନା। ପରୀକ୍ଷାରେ ଫେଲ୍ ହେବ ବୋଲି ଧରିନେଇଥିବା ପିଲାଟି ଗୁରୁଜୀଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ହୋଇ ଉଠିଲା। ହାଇସ୍କୁଲ ଶିକ୍ଷକଙ୍କ ପ୍ରେରଣା ତା' ଚରିତ୍ର ସଂଶୋଧନର ଥିଲା ପ୍ରଧାନ ଉତ୍ସ। ସେ ଆଉ କେହି ନୁହନ୍ତି– ସେ ହେଉଛନ୍ତି ଇଂଲଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ।

ରୁଷିଆର ପ୍ରସିଦ୍ଧ ଲେଖକ ଲିଓ ଟଲ୍‌ଷ୍ଟୟଙ୍କ



ପ୍ରାରମ୍ଭିକ ଜୀବନ କୌଣସି ଦୁରାଚାରୀ ଖଳ ବ୍ୟକ୍ତିର ଜୀବନଠାରୁ ଉନ୍ନତ ନ ଥିଲା। ତାଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ତାଙ୍କ ପରିବାରବର୍ଗ, ଆତ୍ମୀୟ ସ୍ୱଜନ ତାଙ୍କୁ ନିଜଠାରୁ ଦୂରେଇ ଦେଇଥିଲେ। ସମସ୍ତେ ଭାବୁଥିଲେ ଟଲଷ୍ଟୟଙ୍କ ଜୀବନ ନର୍କଗାମୀ। କିନ୍ତୁ ବିଧିର ବିଧାନ କିଛି ଭିନ୍ନ ଥିଲା। ତାଙ୍କପରି ଜଣେ ନଷ୍ଟଚରିତ୍ର ବ୍ୟକ୍ତିଙ୍କୁ ଭଲପାଇ ବସିଲେ ଆଭିଜାତ୍ୟସମ୍ପନ୍ନା, ଉଚ୍ଚଶିକ୍ଷିତା, ସୁଶ୍ରୀ ସୋଫିଆ, ଯେକି ସ୍ୱଇଚ୍ଛାରେ ଟଲଷ୍ଟୟଙ୍କୁ ବିବାହ କଲେ। ସେହିଠାରୁ ବଦଳିଗଲା ଟଲଷ୍ଟୟଙ୍କ ଜୀବନର ଗତିପଥ। ଟଲଷ୍ଟୟ ତାଙ୍କ ଆବର୍ଜନାମୟ ଖୋଳପା ମଧ୍ୟରୁ ବାହାରି ଆସିଲେ ଜଣେ ପ୍ରସିଦ୍ଧ ଗାଳ୍ପିକ ଓ ଔପନ୍ୟାସିକ ଭାବେ। ତାଙ୍କ ରଚିତ ଉପନ୍ୟାସ 'ୱାର ଆଣ୍ଡ ପିସ୍' ପାଠକ ମହଲରେ ସର୍ବାଧିକ ଆଦୃତି ଲାଭ କରିଛି। ନିଜ ଜୀବନର ତିକ୍ତ ଅନୁଭୂତି ତାଙ୍କର ପ୍ରତିଟି ଲେଖାରେ ପ୍ରତିଫଳିତ। 'ଅନା କରେନିନା, 'ଡେଥ୍ ଅଫ୍ ଇଭାନ ଇଲ୍ଚି', 'ହାଓ ମଚ୍ ଲ୍ୟାଣ୍ଡ ଡଜ ଏ ମ୍ୟାନ୍ ନିଡ' ଓ 'ଏ ଗ୍ରେନ୍ ଆଜ୍ ବିଗ୍ ଆଜ୍ ଏ ହେନ୍ସ୍ ଏଗ୍' ପରି ଗଳ୍ପ ସମୂହ ତାଙ୍କୁ ସଦାକାଳେ ଅମର ରଖିଥିବ।

ବର୍ତ୍ତମାନ ଆଉ ଜଣେ ବ୍ୟକ୍ତିଙ୍କ କଥା ଆଲୋଚନା କରିବା, ଯେ କି ଉପରବର୍ଣ୍ଣିତ ବ୍ୟକ୍ତିଙ୍କର ଥିଲେ ସମ୍ପୂର୍ଣ୍ଣ ବିପରୀତ। ପିଲାଦିନୁ ଆମିଷ ଭକ୍ଷଣ ଓ ଜୀବ ବଧକୁ ସେ ବିରୋଧ କରୁଥିଲେ। ଧୂମପାନ ଓ ମଦ୍ୟପାନଠାରୁ ସେ ଥିଲେ ବହୁ ଦୂରରେ। ସେ ଥିଲେ ପରିବାର, ଗୁରୁ, ଗୁରୁଜନ ଓ ସାଥୀମାନଙ୍କର ଅତିପ୍ରିୟ। ଜୀବନରେ ଏକପତ୍ନୀ ବ୍ରତ ଗ୍ରହଣ ତାଙ୍କ ଚରିତ୍ରବତ୍ତାର ଥିଲା ଅନନ୍ୟ ନିଦର୍ଶନ। କେତେକ କ୍ଷେତ୍ରରେ ଘୃଣା ମଣିଷକୁ ସଜାଡ଼ି ଦେଉଥିବା ବେଳେ ଅତ୍ୟଧିକ ପ୍ରଶଂସା ବ୍ୟକ୍ତିକୁ ସର୍ବନାଶର ମାର୍ଗ ଦର୍ଶାଏ। ସ୍ୱୀୟ ପ୍ରଶଂସାରେ ଉତ୍‌ଫୁଲ୍ଲିତ ଏଇ ବ୍ୟକ୍ତି ଜଣକ ସମସ୍ତ ବ୍ୟତିକ୍ରମକୁ ଆପଣେଇନେଲେ। ସେ ହୋଇ ଉଠିଲେ ହିଂସ୍ର, କ୍ରୂର ଓ ଯୁଦ୍ଧପିପାସୁ। ତାଙ୍କ ନା ଶୁଣିଲେ ବିଶ୍ୱବକ୍ଷରେ କମ୍ପନ ସୃଷ୍ଟିହେଲା। ସେ ଆଉ କେହି ନୁହନ୍ତି, ଇତିହାସର କଳା ପୃଷ୍ଠାରେ ଲିପିବଦ୍ଧ ହୋଇଥିବା ଏଇ ଉଗ୍ର ଏକଚ୍ଛତ୍ର ଶାସକ ହେଲେ 'ଆଡଲଫ୍ ହିଟ୍‌ଲର'। ତାଙ୍କଠାରେ ମାନବିକତା ପରିବର୍ତ୍ତେ ସୃଷ୍ଟି ହୋଇଥିଲା ନିଷ୍ଠୁର ମାନସିକତା।

ଉପରୋକ୍ତ ଚାରିଗୋଟି ଦୃଷ୍ଟାନ୍ତରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ମଣିଷ ବାସ୍ତବରେ ପରିସ୍ଥିତିର ଦାସ। ନିୟତିର ନିୟନ୍ତ୍ରଣରେ ପରିଚାଳିତ ସମଗ୍ର ବିଶ୍ୱ। କବିବର ରାଧାନାଥଙ୍କ ଭାଷାରେ–

ଭବିତବ୍ୟ ଯାହା ଅବଶ୍ୟ ଘଟିବ କିଏ ତା
କରିବ ଆନ/କିଏ ଅବା ଏହି ଜ୍ୟୋତିଶ୍ଚକ୍ରଗତି
ରୋଧିବାକୁ ବଳବାନ ?

ପିଲାଦିନେ ସୁଧୀର ସୁଶୀଳ ବାଳକଟି ବଡ଼ହୋଇ ସମାଜର ପ୍ରଭୂତ କ୍ଷତିସାଧନ କରୁଥିବାବେଳେ ପିଲାଦିନେ ବିପଥକୁ ଚାଲିଯାଇଥିବା ବାଳକଟି କୋଟିଜନଙ୍କର ପ୍ରିୟଭାଜନ ହୋଇ ଅମରତ୍ୱ ଲାଭକରେ। ପୁରାଣ କଥା ଦୂରେ ଥାଉ ଇତିହାସ ପୃଷ୍ଠା ଓଲଟାଇଲେ ଏହିପରି ଦ୍ୱୈତ ଚରିତ୍ରସମ୍ପନ୍ନ ବ୍ୟକ୍ତିତ୍ୱର ଅଭାବ ନାହିଁ। ନିନ୍ଦା ଅପମାନ ସହୁଥିବା ବାଳକଟି ପ୍ରଶଂସାର ଉଚ୍ଚତର ସୋପାନକୁ ଉନ୍ନୀତ ହେଉଥିବା ବେଳେ ବାଲ୍ୟକାଳେ ବହୁ ପ୍ରଶଂସିତ ଓ ଆଦୃତି ଲାଭ କରିଥିବା ବାଳକଟି ପରିଶେଷରେ ଘୃଣାର ପାତ୍ର ହୋଇ ଉଭାହୁଏ। ପରିସ୍ଥିତିର ପ୍ରଭାବରେ ମନୁଷ୍ୟ ସ୍ୱଭାବରେ ନାନା ବିପରୀତ ଧର୍ମୀ ପରିବର୍ତ୍ତନ ଘଟିଥାଏ। ଏହା ତ ବିଧିର ବିଡ଼ମ୍ବନା ମାତ୍ର! ଏହାକୁ ରହସ୍ୟମୟ ସୃଷ୍ଟିର ବୈଚିତ୍ର୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ–୯୯୩୭୪୫୦୫୪୦

## ଚିରନ୍ତନୀ

ମୋ ବିରହେ ପରା ତାରକା ଗହଳେ
ଆକାଶ ନଇଁଛି ଧରିଣୀର ତଳେ
ମୋ ବିରହେ ସତେ ସାଗର ବକ୍ଷେ
ଲାଗିଛି ଚିର ପରାସ
ଆଜି ଚଳିବି ମୁଁ ପରବାସ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକ ଅଭାବ

ମହାଶୟ,

ସରକାରୀ ସ୍ୱୀକୃତିପ୍ରାପ୍ତ ଓ ମଣିଷ ଗଢ଼ା କାରଖାନା ସତ୍ୟବାଦୀ ହାଇସ୍କୁଲ ସରକାରୀ ଅନୁଦାନରେ ବର୍ତ୍ତମାନ ଖୁବ୍ ସୁନ୍ଦର ଦୃଶ୍ୟମାନ ହେଉଛି। ଛାତ୍ରମାନଙ୍କ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ଦୁଃଖର କଥା ବର୍ତ୍ତମାନ ବିଶାଳ ଶିକ୍ଷାନୁଷ୍ଠାନ ବି ଅନ୍ତଃସାର ଶୂନ୍ୟ। କେତେଜଣ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ପରେ ଶିକ୍ଷକ ପଦବୀ ଏ ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଅଳ୍ପ କେତେକ ଶିକ୍ଷକ ଥିବାରୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବର୍ତ୍ତମାନର ଛାତ୍ରମାନେ ହାଟ ଭଳି ଘୋ ଘା ଶବ୍ଦ କରିବା ସଙ୍ଗେ ସଙ୍ଗେ ଶିକ୍ଷାନୁଷ୍ଠାନର ପରିବେଶକୁ କଳୁଷିତ କରୁଛନ୍ତି। ଏହା ବଡ଼ ଦୁଃଖର ବିଷୟ ଓ ମଣିଷ ଗଢ଼ା କାରଖାନା ପ୍ରତି ଘୋର ଅପମାନଜନକ। ଉଚ୍ଚଶିକ୍ଷା ବିଭାଗକୁ ବିନମ୍ର ଅନୁରୋଧ ସତ୍ୟବାଦୀ ହାଇସ୍କୁଲରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକ ଶୀଘ୍ର ପୂରଣ କରି ପିଲାମାନଙ୍କର ପାଠପଢ଼ା ବ୍ୟବସ୍ଥାକୁ ଶୃଙ୍ଖଳିତ କରନ୍ତୁ।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୫ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ଫୁଲନଖରା,୪।୧(ଡି.ଏନ.ଏ.)- ପାହାଳ ଥାନା ଅନ୍ତର୍ଗତ ତ୍ରିନାଥ ବଜାରସ୍ଥିତ କ୍ରିଷ୍ଣା ଅଳଙ୍କାର ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଉକ୍ତ ଦୋକାନର ଆଜବେଷ୍ଟସ୍ କାଟି ଭିତରେ ପଶିବା ସହ ପ୍ରାୟ ୪ ଭରି ଓଜର ସୁନା ଓ ୧୦ କେଜି ରୁପା ଅଳଙ୍କାର ଚୋରି କରି ନେଇଥିବା ମାଲିକ ଲୋକନାଥ ଚୌଧୁରୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ଜାତୀୟ ଶୋ'ରେ ଓଡ଼ିଆ ପୁଅ ଅବିନାଶ
#### ଗଇଣ୍ଠା ପିଠାରେ ଅପରାଜିତାର ରଙ୍ଗ

ଭୁବନେଶ୍ୱର,୪।୧(ବ୍ୟୁରୋ): ଜାନୁୟାରୀ ୨ରୁ ମାଷ୍ଟର ସେଫ ଇଣ୍ଡିଆ ଶୋ' ଆରମ୍ଭ ହୋଇଛି।



ଚଳିତବର୍ଷ ଏହି ଜାତୀୟ ଶୋ'ରେ ଓଡ଼ିଶାରୁ ଅବିନାଶ ପଟ୍ଟନାୟକ ଯୋଗଦେଇ କିଚେନକୁ ସିଧାସଳଖ ଏଣ୍ଟ୍ରି ପାଇଛନ୍ତି। ଓଡ଼ିଶାର ପ୍ରସିଦ୍ଧ ଗଇଣ୍ଠା ପିଠାକୁ ସ୍ୱତନ୍ତ୍ର ଢ଼ଙ୍ଗରେ ପ୍ରସ୍ତୁତ କରି ଶୋ'ରେ ପ୍ରଥମ ସଫଳତା ପାଇଛନ୍ତି। ସେ ଏହି ପିଠାଗୁଡ଼ିକ ଗଢ଼ିଥିବାବେଳେ ହାଲୁକା ନୀଳ ରଙ୍ଗ ପାଇଁ ସେ ଅପରାଜିତା ଫୁଲର ରସକୁ ବ୍ୟବହାର କରିଛନ୍ତି। ସେହିପରି ଅନ୍ନପୂର୍ଣ୍ଣା ପତ୍ରର ବ୍ୟବହାର କାରଣରୁ ପିଠାର ବାସ୍ନା ଚୟନ ମଣ୍ଡଳୀକୁ ଆକୃଷ୍ଟ କରିପାରିଛି। ଲ୍ୟାଣ୍ଡସ୍କେପ୍ ଗାର୍ଡେନିଂରେ ପିଏଚଡି କରୁଥିବା ଅବିନାଶ କୃଷିଜାତ ପଦାର୍ଥର ବ୍ୟବହାର ସମ୍ପର୍କରେ ଲୋକଙ୍କୁ ଜଣାଇବା ପାଇଁ ପ୍ରୟାସ କରିଛନ୍ତି। ଏଥିପାଇଁ ସେ ନିଜେ ଅମଳ କରିଥିବା କୃଷିଜାତ ଦ୍ରବ୍ୟକୁ ତାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟରେ ବ୍ୟବହାର କରିଛନ୍ତି। ଖାଦ୍ୟ ଉପଯୋଗୀ ଫୁଲ ଓ ଅନ୍ୟାନ୍ୟ ଦ୍ରବ୍ୟ ସାହାଯ୍ୟରେ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରିବ ବୋଲି ସେ ବାର୍ତ୍ତା ଦେଇଛନ୍ତି। ଶୋ'ରେ ଅଂଶ ଗ୍ରହଣ ପାଇଁ ଚୟନ ହୋଇଥିବା ୧୬ ପ୍ରତିଯୋଗୀଙ୍କ ମଧ୍ୟରେ ସେ ବର୍ତ୍ତମାନ ପ୍ରଥମ ପ୍ରତିଯୋଗୀ ଭାବେ କିଚେନ୍‌କୁ ଏଣ୍ଟ୍ରି ପାଇଛନ୍ତି। ଏଥର ଚୟନ ପ୍ୟାନେଲରେ ସେଫ ବିକାଶ ଖନ୍ନା, ରଣବୀର ବ୍ରାର ଓ ଗାରିମା ଅରୋରା ସଦସ୍ୟ ରହିଛନ୍ତି। ଅବିନାଶ ଭୁବନେଶ୍ୱରରେ ରହୁଥିବାବେଳେ ଭୁକଡ଼ ଇନସାନ୍ ନାମରେ ତାଙ୍କର ଏକ ସୋସିଆଲ ପେଜ ରହିଛି। ସେଥିରେ ସେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ବନାଇବା ସହ ଏହାର ଫଟୋ ଓ ପ୍ରସ୍ତୁତି ପ୍ରଣାଳୀ ଶେୟାର କରନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସିଜନ ୬ରେ ଓଡ଼ିଶାରୁ ଅବିନାଶ ନାୟକ ବିଜେତା ହୋଇଥିଲେ।

### ମଦ ଜବତ, ୧୦ ଗିରଫ

ଭୁବନେଶ୍ୱର, ୪।୧ (ବ୍ୟୁରୋ): ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଅବକାରୀ ଟିମ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରିଛି । ଘଟଣାରେ ସଂପୃକ୍ତ ଥିବା ୧୦ ଜଣଙ୍କୁ ଗିରଫ କରିଛି। ଏଥିରେ ୮ ଜଣ ମହିଳା ଥିବା ବେଳେ ୨ ଜଣ ପୁରୁଷ ରହିଛନ୍ତି। ସେମାନଙ୍କଠାରୁ ୪ ହଜାର ପୋଚ ଓ ୫୩୬ ଦେଶୀ ମଦ ଜବତ କରାଯାଇଛି।

### ଲୁଇସ୍ ବ୍ରେଲ୍ ଥିଲେ ଦୃଷ୍ଟିବାଧିତଙ୍କ ପାଇଁ ଦେବଦୂତ

ପୁରୁଣା ଭୁବନେଶ୍ୱର,୪।୧(ଡି.ଏନ୍.ଏ.): ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲିର ଉପଯୋଗିତା ଓ ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୪କୁ ବ୍ରେଲ୍ ଲିପିର ଉଦ୍ଭାବକ ଲୁଇସ୍ ବ୍ରେଲ୍‌ଙ୍କ ଜନ୍ମ ଦିବସକୁ ବିଶ୍ୱ ବ୍ରେଲ୍ ଦିବସ ଭାବେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରାଙ୍କ ତତ୍ତ୍ୱାବଧାନରେ ଲୁଇସ୍ ବ୍ରେଲ୍‌ଙ୍କ ଜନ୍ମଦିନକୁ ନିରାଡ଼ମ୍ବର ଭାବେ ଆଦିବାସୀପଲ୍ଲୀ କନ୍ଦଲେଇର ବିଦ୍ୟାର୍ଥୀମାନେ ପାଳନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍‌ବଲ୍ ଦଳର କ୍ୟାପ୍‌ଟେନ୍ ବାପିନା ନାୟକ ଯୋଗଦେଇ କହିଥିଲେ, ଦୃଷ୍ଟିବାଧିତଙ୍କ ପାଇଁ ଅକ୍ଷର ଚିହ୍ନିବା, ପଢିବା ଏବଂ ଏହାର ପରିପ୍ରକାଶ ନିଜସ୍ୱ ଢଙ୍ଗରେ କରିବା ଲାଗି ବ୍ରେଲି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅତିଥିଭାବେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଯୋଗଦେଇ କହିଥିଲେ, ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲ୍ ଅମୂଲ୍ୟ ବରଦାନ। ଲୁଇସ୍ ବ୍ରେଲ୍ ଥିଲେ ଦୃଷ୍ଟିବାଧିତଙ୍କ ପାଇଁ ଦେବଦୂତ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର ମାଝୀ, ସୁବାସ ଓଝା ପରିଚାଳନାରେ ସହଯୋଗ କରିଥିଲେ।

# ପକ୍ଷୀଙ୍କ ଜୀବନ ନେଉଛି ବେଆଇନ ଚିଙ୍ଗୁଡ଼ି ଘେରି



ପକ୍ଷୀ ଗଣନାକାରୀ ଟିମ୍ ଜାଲରୁ ପାଣିକୁଆକୁ ଉଦ୍ଧାର କରୁଛନ୍ତି।



ବେଆଇନ ଚିଙ୍ଗୁଡି ଘେରି ଜାଲ ଭିତରେ ଫସି ରହିଥିବା ପାଣିକୁଆ।

**ପକ୍ଷୀ ଗଣନାବେଳେ ଜଣାପଡ଼ିଲା**

- ପାଣିକୁଆକୁ ଉଦ୍ଧାର କଲା ଗଣନାକାରୀ ଦଳ
- ବାରଣ ସତ୍ତ୍ୱେ ଚାଲୁଥିଲା ପର୍ଯ୍ୟଟକଙ୍କ ଡଙ୍ଗା

ଭୁବନେଶ୍ୱର, ୪।୧(ବ୍ୟୁରୋ)

ଚିଲିକା ହ୍ରଦକୁ ରାମସର ସାଇଟ୍ ମାନ୍ୟତା ମିଳିବା ପରେ ତାହାକୁ ଚିଙ୍ଗୁଡ଼ି ଘେରିମୁକ୍ତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ହାଇକୋର୍ଟ ମଧ୍ୟ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଆଦେଶ ଦେଇଥିଲେ। କିନ୍ତୁ ଜିଲା ଓ ସ୍ଥାନୀୟ ପ୍ରଶାସନ ଏହି ଆଦେଶକୁ ଠିକ୍ ଭାବେ ପାଳନ କରୁ ନ ଥିବାରୁ ଏବେବି ଚିଲିକା ଭିତରେ ଶହ ଶହ ବେଆଇନ ଚିଙ୍ଗୁଡ଼ି ଘେରି ସେମିତି ଚାଲିଛି। ବୁଧବାର ଚିଲିକାରେ ପକ୍ଷୀ ଗଣନାବେଳେ ସାତପଡ଼ା ରେଞ୍ଜ ଅଞ୍ଚଳରେ ଗଣନାକାରୀ ଟିମ୍ ଏଭଳି ଚିଙ୍ଗୁଡ଼ି ଘେରି ଦେଖିବାକୁ ପାଇଥିଲେ। ଖାଲି ସେତିକି ନୁହେଁ, ଚିଙ୍ଗୁଡ଼ି ଘେରି ତିଆରି ହୋଇଥିବା ଜାଲରେ ପାଣିକୁଆ ସମେତ ଅନ୍ୟ ପକ୍ଷୀଗୁଡ଼ିକ ଫସି ଯାଉଥିବା ମଧ୍ୟ ଜାଣିବାକୁ ପାଇଥିଲେ। କେନ୍ଦ୍ରାପଡ଼ା ଥାନା ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସ୍ନେକ୍ ହେଲ୍ପ ଲାଇନର ସଂଯୋଜକ ଲଳିତ ମୋହନ ପଣ୍ଡା, ଅରଖକୁଦା ଫରେଷ୍ଟର ଦୁର୍ଗା ଚରଣ ଗୁଡ୍ଡୁ ପ୍ରମୁଖ ପକ୍ଷୀ ଗଣନା କରୁଥିବାବେଳେ ମାଣିକ ପାଟଣା ନିକଟରେ ଏକ ଚିଙ୍ଗୁଡ଼ି ଘେରି ଭିତରେ ପାଣିକୁଆ (Little cormorant) ମାଛ ଖାଇବା ଆଶାରେ ପଶିଯିବା ପରେ ଆଉ ଫେରି ନ ପାରି ଜାଲରେ ଛନ୍ଦି ହୋଇ ଛଟପଟ ହେଉଥିବା ଦେଖିଥିଲେ। ପରେ ସମସ୍ତେ ମିଶି ଚିଙ୍ଗୁଡି ଘେରିର ବାଉଁଶକୁ ଓପାଡ଼ି ଯତ୍ନର ସହିତ ପାଣିକୁଆଟିକୁ ଉଦ୍ଧାର କରିଥିଲେ। ପକ୍ଷୀଟି ଦେହରେ ବିଶେଷ ଆଘାତ ନ ଥିବାରୁ ସେହି ସ୍ଥାନରେ ହିଁ ତାକୁ ମୁକ୍ତ କରିଦିଆଯାଇଥିଲା। ଏନେଇ ଲଳିତ କହିଛନ୍ତି, ଉଦ୍ଧାରବେଳେ ପାଣିକୁଆଟିର ପଞ୍ଝା ବାଜି ମୋ ହାତ ଟିକେ ଆଞ୍ଚୁଡି ହୋଇଥିଲା ସତ, ହେଲେ ପକ୍ଷୀଟି ମୋ ହାତରୁ ଉଡ଼ିଯିବାବେଳେ ଯେଉଁ ଖୁସି ମିଳିଥିଲା ତାହା ଯନ୍ତ୍ରଣାକୁ ଲାଘବ କରି ଦେଇଥିଲା।

ସେପଟେ ପକ୍ଷୀ ଗଣନାବେଳେ ଡଙ୍ଗା ବାରଣ କରାଯାଇଥିଲେ ମଧ୍ୟ ପର୍ଯ୍ୟଟକଙ୍କ ଡଙ୍ଗା ବୁଲୁଥିବା ଦେଖିଥିଲେ। ବୁଧବାର ପକ୍ଷୀ ଗଣନା ପାଇଁ ସକାଳବେଳା ଚିଲିକାରେ ମଙ୍ଗଳାଯୋଡ଼ି, ରମ୍ଭା ଆଦି ଅଞ୍ଚଳରେ ପର୍ଯ୍ୟଟକ ଡଙ୍ଗାକୁ ବାରଣ କରାଯାଇଥିବାବେଳେ ସାତପଡ଼ାରେ କିନ୍ତୁ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଡଙ୍ଗା ଭିତରେ ପର୍ଯ୍ୟଟକଙ୍କୁ ବୁଲାଉଥିଲା। ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ରାଜ୍ୟରେ ସବୁ ସ୍ଥାନରେ ପକ୍ଷୀ ଗଣନା ପାଇଁ ସକାଳବେଳା ପର୍ଯ୍ୟଟନ ବନ୍ଦ ରଖାଯାଇଥାଏ। କାରଣ ଡଙ୍ଗା ପଶିଲେ ପକ୍ଷୀମାନେ ଉଡ଼ିଯିବେ। ସେହିପରି ସାତପଡ଼ାରେ ପର୍ଯ୍ୟଟକଙ୍କ ମାତ୍ରାଧିକ ସମାଗମ ଓ ଡଙ୍ଗା ଚଳାଚଳ ହେତୁ ଚିଲିକାରେ ଡଲଫିନ ସଂଖ୍ୟା ଦୀର୍ଘ ୧୫ବର୍ଷ ହେଲା ବଢ଼ିପାରୁନି। ଯଦିଓ ଚିଲିକାରେ ଅଧିକ ସଂଖ୍ୟକ ଡଲଫିନ ରହିବା ପାଇଁ ସ୍ଥାନର ଅଭାବ ନାହିଁ, ମାତ୍ର ବନ ବିଭାଗର ନିଷ୍କ୍ରିୟତା ଏବଂ ଅବିଚାରିତ ପର୍ଯ୍ୟଟନ ପାଇଁ ଡଲଫିନ ବଂଶ ଶୀଘ୍ର ଲୋପ ପାଇବ। ସେହିପରି ବେଆଇନ ଚିଙ୍ଗୁଡି ଘେରି ପାଇଁ ଡଲଫିନ୍ ବାସସ୍ଥାନ ଗୁରୁତର ପ୍ରଭାବିତ ହେଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସାତପଡ଼ାରେ ଖାଲି ଚିଙ୍ଗୁଡ଼ି ଘେରି ପକ୍ଷୀ ବା ଡଲ୍‌ଫିନଙ୍କ ପାଇଁ ବିପଦ ଆଣୁଛି ତାହା ନୁହେଁ, ମାତ୍ରାଧିକ ପର୍ଯ୍ୟଟନ ମଧ୍ୟ ଡଲଫିନଙ୍କ ବଂଶ ବିସ୍ତାର କରିବା ଦିଗରେ ଅନ୍ତରାୟ ସୃଷ୍ଟି କରୁଛି। ଡଲଫିନଙ୍କ ପଛରେ ପର୍ଯ୍ୟଟକ ଡଙ୍ଗା ଦିନ ତମାମ ଗୋଡ଼େଇବା ଫଳରେ ସେମାନଙ୍କର ପ୍ରଜନନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି ବୋଲି ବିଶ୍ୱଜିତ୍ କହିଛନ୍ତି।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଶିକ୍ଷକ-ଅଧକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା ଆରମ୍ଭ



ଭୁବନେଶ୍ୱର,୪।୧(ବ୍ୟୁରୋ)

ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଥିବା ନ୍ୟାଶନାଲ ଏଜୁକେଶନ ସୋସାଇଟି ଫର୍ ଟ୍ରାଇବାଲ ଷ୍ଟୁଡେଣ୍ଟସ(ଏନ୍‌ଇଏସ୍‌ଟିଏସ୍) ଏବଂ ଭାରତୀୟ ଜନସ୍ୱାସ୍ଥ୍ୟ ଫାଉଣ୍ଡେଶନ(ପିଏଚ୍‌ଏଫ୍‌ଆଇ) ପକ୍ଷରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ଓ ଅଧକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା ଆରମ୍ଭ ହୋଇଛି। ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳାରେ ଜନଜାତି ଛାତ୍ରୀଛାତ୍ରଙ୍କ ପୁଷ୍ଟିସାଧନ, ମାନସିକ ସ୍ୱାସ୍ଥ୍ୟ ଏବଂ ସାଧାରଣ ସ୍ୱାସ୍ଥ୍ୟ ବିକାଶ ଉପରେ ତାଲିମ ଦିଆଯିବ। ଏହା ଜନଜାତି ଅଞ୍ଚଳରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ପ୍ରାସଙ୍ଗିକତା ଉପରେ ଅଧକ୍ଷ ତଥା ଶିକ୍ଷକଙ୍କୁ ମାର୍ଗଦର୍ଶନ ଦେବ। ସେମାନେ ନିଜ ବିଦ୍ୟାଳୟରେ ଏହାର ନିଷ୍କର୍ଷକୁ ପ୍ରୟୋଗ କରିବାରେ ସହାୟକ ହେବ। ଏଥିରେ ରାଜ୍ୟର ୨୭ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରୁ ୫୪ଜଣ ଯୋଗଦେଇଛନ୍ତି।

କର୍ମଶାଳାକୁ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ରେଣୁକା ସିଂ ସାରୁତା ଉଦ୍‌ଘାଟନ କରି କହିଲେ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକମାନେ ପ୍ରତିଦିନ ଛାତ୍ରୀଛାତ୍ରଙ୍କ ସହ ଭାବର ଆଦାନପ୍ରଦାନ କରୁଛନ୍ତି। ତେଣୁ ସେମାନେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସମସ୍ୟାର ବିଭିନ୍ନ ଦିଗ ପ୍ରତି ସଚେତନ ହେବା ସହ ତାକୁ ସମ୍ପାଦନ କରିବା ପାଇଁ ଅନୁପ୍ରେରିତ ହେବା ଉଚିତ। ଜାତୀୟ ଶିକ୍ଷା ସମିତି ଉପ ଆୟୁକ୍ତ ଇନ୍ଦିରା ମୁଦ୍‌ଗଲ ଏବଂ ଭାରତୀୟ ଜନସ୍ୱାସ୍ଥ୍ୟ ଫାଉଣ୍ଡେଶନ ନିର୍ଦ୍ଦେଶକ(ପ୍ରଶିକ୍ଷଣ) ଡ. ପୁଷ୍କର କୁମାର, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ପିଲାଙ୍କ ବିକାଶ ଦିଗରେ ସହାୟକ ହେବ। ଏହା ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି ସହିତ ବିଭିନ୍ନ ବିଭାଗର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କିତ ଶିକ୍ଷାକୁ ଯୋଡ଼ିବାରେ ସହାୟକ ହେବ ବୋଲି ସେମାନେ କହିଥିଲେ।





ପୁରୀ ଟାଉନ୍ ହଲ୍‌ଠାରେ ବୁଧବାର ଉଦ୍‌ଘାଟିତ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶରେ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଓ ଅନ୍ୟମାନେ।

# 'ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ'

**ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଘାଟିତ**

ପୁରୀ ଅଫିସ, ୪।୧

ଶ୍ରୀଜଗନ୍ନାଥ ହେଉଛନ୍ତି ବୈଦିକ ଠାକୁର। କାହିଁ କେଉଁକାଳରୁ ସେ ଶ୍ରୀକ୍ଷେତ୍ରରେ ବିରାଜମାନ। ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ମହାପ୍ରଭୁ। ସାମଗ୍ରିକ ଭାବେ ବିଶ୍ୱ, ରାଜନୀତି ଓ ପରିବେଶର ବିକାଶ ହୋଇପାରିଲେ ଆଧ୍ୟାତ୍ମିକ ଚେତନା ବିକଶିତ ହୋଇପାରିବ ବୋଲି ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ଗୁରୁବାର ଟାଉନ ହଲରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ୍ ୱାଇଡ୍ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶକୁ ଉଦ୍‌ଘାଟନ କରି ଶଙ୍କରାଚାର୍ଯ୍ୟ ଏହି ମତବ୍ୟକ୍ତ କରିଛନ୍ତି। ଆଧ୍ୟାତ୍ମିକ ଚେତନାର ଜାଗରଣ ସମ୍ପର୍କରେ ଏହି ୩ ଦିନିଆ ସମାବେଶରେ ଆଲୋଚନା କରାଯିବ। ସମାବେଶରେ ବିଶ୍ୱର ବିଭିନ୍ନ ଦେଶର ବହୁ ବିଦ୍ୱାନ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ସାଧୁସନ୍ଥ ଯୋଗଦେଇଛନ୍ତି।

ଶଙ୍କରାଚାର୍ଯ୍ୟ କହିଥିଲେ, ଗୋହତ୍ୟା ଓ ଧର୍ମାନ୍ତରୀକରଣକୁ ପ୍ରୋତ୍ସାହନ ଦେଉଥିବା ଶାସନତନ୍ତ୍ର ଶାସନ ଗାଦିରେ ବସିବା ଯୋଗ୍ୟ ନୁହେଁ। ଗୋମାତା ସମ୍ପର୍କରେ ଟିପ୍ପଣୀ ଦେଇଥିବା କୋର୍ଟ ତୁରନ୍ତ କ୍ଷମା ପ୍ରାର୍ଥନା କରିବାକୁ ସେ ତାଗିଦା କରିଥିଲେ। ଆଜିର କମ୍ପ୍ୟୁଟର ଓ ଆଣବିକ ବୋମା ଯୁଗରେ ସାଧୁସନ୍ଥ ଓ ଅଭିଭାବକମାନେ ଶାସ୍ତ୍ର ପୁରାଣ ସମ୍ପର୍କରେ ଜ୍ଞାନ ଆହରଣ କରିପାରିଲେ ସମଗ୍ର ବିଶ୍ୱରେ ଭାରତ ଆଧ୍ୟାତ୍ମିକ ଗୁରୁ ହେବା ସହ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୋଇପାରିବ। ଆମର ଆତ୍ମା ହେଉଛି ଚୈତନ୍ୟଯୁକ୍ତ। ଆମକୁ ସର୍ବଦା ନିଜ କର୍ମ ଉପରେ ଧ୍ୟାନ ରଖିବାକୁ ହେବ। ବିନା ସ୍ୱାର୍ଥରେ ନିଜ କର୍ମ କଲେ ହିଁ ମୋକ୍ଷପ୍ରାପ୍ତି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏ ନେଇ ଅନେକ ଜିଜ୍ଞାସୁ ନିଜର ପ୍ରଶ୍ନ ରଖିଥିବାବେଳେ ଜଗଦ୍‌ଗୁରୁ ସେଗୁଡ଼ିକର ଉତ୍ତର ଦେଇଥିଲେ। ଏହି ଅଧିବେଶନରେ ସଙ୍ଗଠନର ସ୍ମରଣିକା 'ଦାରୁବ୍ରହ୍ମ' ଉନ୍ମୋଚିତ ହୋଇଥିଲା।

ପ୍ରାକ୍ ଉଦ୍‌ଘାଟନୀ ଅଧିବେଶନରେ ପୂଜ୍ୟ ସ୍ୱାମୀ ସମର୍ପଣାନନ୍ଦ ଗିରି ଏବଂ ଡ. ହରେକୃଷ୍ଣ ଶତପଥୀ ଆଧ୍ୟାତ୍ମିକ ଚେତନାର ଜାଗରଣ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସେମାନେ କହିଥିଲେ, ପାଶ୍ଚାତ୍ୟ ସଭ୍ୟତା ଆଡକୁ ମୁହାଁଇଥିବା ଯୁବସମାଜକୁ ଫେରାଇ ଆଣିବାକୁ ହେଲେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଅପରାହ୍ନ ଅଧିବେଶନରେ ପୁରୀରୁ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ଆମେରିକାରୁ ପ୍ରବାସୀ ଭାରତୀୟ ଡ. ପଞ୍ଚାନନ ଶତପଥୀ, କାନାଡ଼ାରୁ ଡ. ସୁନନ୍ଦା ମିଶ୍ର, ୟୁକେରୁ ସୁସ୍ମିତ ରାଜହଂସ ଏବଂ ପୁରୀରୁ ଡ. ନରେଶ ଦାଶ ପ୍ରମୁଖ ଏହି ବିଷୟ ଉପରେ ମତ ରଖିଥିଲେ। ଅଧିବେଶନକୁ ଡ. ଗୁରୁ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ। ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ୍‌ର ଟ୍ରଷ୍ଟି ଡ. ଭଗବାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟି ଡ. ହର ପ୍ରସନ୍ନ ଦାସ ସଙ୍ଗଠନର ଲକ୍ଷ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ ତଥା ଅନ୍ୟ ଟ୍ରଷ୍ଟି ସୁକାନ୍ତ ସାହୁ ଓ ସଂଗ୍ରାମ କେଶରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମାବେଶରେ ଟୋକିଓ, କାଲିଫର୍ଣ୍ଣିଆ, କାନାଡା, ୟୁଏସଏ, ୟୁକେ, ଆୟାର୍ଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ସାଉଥ କୋରିଆ, ନାଇଜେରିଆ ଆଦି ବିଭିନ୍ନ ଦେଶରେ ଥିବା ପ୍ରବାସୀ ଭାରତୀୟ ଯୋଗଦେଇଛନ୍ତି।

## ଟେଲି-ମାନସ ହେଲ୍ପଲାଇନ୍ ନମ୍ବରର ପ୍ରଚାର ନିର୍ଦ୍ଦେଶ

**ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ପଦକ୍ଷେପ**

ଭୁବନେଶ୍ୱର, ୪।୧(ବ୍ୟୁରୋ)

କୋଭିଡ୍ ପରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବଢୁଥିବା ଦେଖାଯାଇଛି। ତେଣୁ ଏହାର ମୁକାବିଲା ପାଇଁ ରାଜ୍ୟରେ ଦୁଇଟି ଟେଲି-ମାନସ ସେଲ୍ କରାଯାଇଛି। କଟକ ଏସ୍‌ସିବିରେ ଥିବା ମେଣ୍ଟାଲ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ବ୍ରହ୍ମପୁର ଏମ୍‌କେସିଜି ପରିସରରେ ଥିବା ଡିଷ୍ଟ୍ରିକ୍ଟ ମେଣ୍ଟାଲ ହେଲ୍‌ଥ ପ୍ରୋଗ୍ରାମ ୟୁନିଟ୍‌ରେ ଏହି ଦୁଇଟି ସେଲ୍ କାର୍ଯ୍ୟ କରିବ। ତେବେ ଏହି ଟେଲି-ମାନସ ସେଲ୍ ନମ୍ବରର ବ୍ୟାପକ ପ୍ରଚାର କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ସହ ଆଉ ୮ ବିଭାଗର ସଚିବ ଓ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହି ସେଲ୍ ମାନସିକ ସମସ୍ୟା ଥିବା ବ୍ୟକ୍ତିଙ୍କୁ ସାଇକୋଲୋଜିକାଲ ଫାଷ୍ଟଏଡ୍, କାଉନ୍‌ସେଲିଂ କରିବ। ଏଥିପାଇଁ ୧୪୪୧୬ ହେଲ୍ପଲାଇନ ନମ୍ବରକୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ସେଲ୍ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ତେଣୁ ଏହି ଟେଲି-ମାନସ ହେଲ୍ପଲାଇନ ନମ୍ବର(୧୪୪୧୬)କୁ ବ୍ୟାପକ ଭାବେ ବିଭିନ୍ନ ବିଭାଗ, ସ୍କୁଲ, କଲେଜ ଭଳି ସ୍ଥାନରେ ଡିସ୍‌ପ୍ଲେ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିପାଇଁ ୩୦ଜଣ ମାନସିକ ରୋଗ ବିଶେଷଜ୍ଞ ଏବଂ ୩୦ଜଣ ମାନସିକ ରୋଗ ଚିକିତ୍ସକ(କ୍ଲିନିକାଲ ସାଇକୋଲୋଜିଷ୍ଟ)ଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କରାଯାଇଛି। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେଉଁମାନେ ମାସକୁ କେତେଦିନ କେଉଁଠି କାର୍ଯ୍ୟ କରିବେ ସେ ନେଇ ମଧ୍ୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ୭ରେ ଏମ୍ସର ଚତୁର୍ଥ ସମାବର୍ତ୍ତନ ଉତ୍ସବ



**ଅତ୍ୟାଧୁନିକ ବର୍ନ ସେଣ୍ଟର ଉଦ୍‌ଘାଟନ ହେବ**

- ଯୋଗଦେବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ
- ୨୮୩ ଛାତ୍ରୀଛାତ୍ରଙ୍କୁ ମିଳିବ ଡିଗ୍ରୀ, ୪୦ ଜଣଙ୍କୁ ଗୋଲ୍ଡ ମେଡାଲ

ଭୁବନେଶ୍ୱର, ୪।୧(ବ୍ୟୁରୋ)

ଭୁବନେଶ୍ୱର ଏମ୍ସର ଚତୁର୍ଥ ସମାବର୍ତ୍ତନ ଉତ୍ସବ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡ. ଭାରତୀ ପ୍ରବୀଣ ପାୱାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୨୮୩ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରୁ ୪୦ ଜଣ ଗୋଲ୍ଡ ମେଡାଲ ପାଇବେ। ଏନେଇ ବୁଧବାର ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମାବର୍ତ୍ତନ ଉତ୍ସବ ଅବସରରେ ଏମ୍ସରେ ସ୍ୱତନ୍ତ୍ର ବର୍ଣ୍ଣ ସେଣ୍ଟରର ଉଦ୍‌ଘାଟନ ହେବ। ପ୍ରାୟ ୧୯.୮୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବର୍ନ ସେଣ୍ଟରରେ ୬ଟି ଆଇସିୟୁ ବ୍ୟବସ୍ଥା ସହିତ ୬ଟି କ୍ୟାବିନ୍ ସମେତ ୩୬ଟି ଶଯ୍ୟା ରହିଛି। ଏଥିସହ ଦୁଇଟି ମଡ୍ୟୁଲାର ଓଟି ରହିବ। ଏଥିରେ ପ୍ଲାଷ୍ଟିକ ସର୍ଜରି ୟୁନିଟ୍ ମଧ୍ୟ କାମ କରିବ। ସରକାରୀ ବ୍ୟବସ୍ଥାରେ ପ୍ରଥମ କୁହାଯାଉଥିବା ଏହି ଅତ୍ୟାଧୁନିକ ବର୍ନ ସେଣ୍ଟର ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ପୋଡ଼ାଜଳା ରୋଗୀଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ଡା. ବିଶ୍ୱାସ ସୂଚନା ଦେଇଛନ୍ତି। ସେହିପରି ୧୫୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ କେୟାର ହସ୍ପିଟାଲର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହାର ବ୍ୟୟ ଅଟକଳ ପ୍ରାୟ ୧୯୨ କୋଟି ରଖାଯାଇଥିବାବେଳେ ୨ ବର୍ଷରେ କାର୍ଯ୍ୟକ୍ଷମ ହେବ। ଏବେ ଏମ୍ସକୁ ପ୍ରତିଦିନ ୧୦ ହଜାରରୁ ୧୨ ହଜାର ରୋଗୀ ଆସୁଛନ୍ତି। ସେମାନଙ୍କ ସୁବିଧା ପାଇଁ କାଉଣ୍ଟରଗୁଡ଼ିକର ବିକେନ୍ଦ୍ରୀକରଣ କରାଯାଇଛି। ଏଥିସହ ଏମ୍ସ ପେପର ଲେସ୍ ହେବାକୁ ଯାଉଛି। ଏଥିପାଇଁ ପ୍ରାରମ୍ଭିକ ଭାବେ ଏଣ୍ଡୋକ୍ରାଇନୋଲୋଜି, ମେଡିସିନ ଓ ପେଡିଆଟ୍ରିକ ସର୍ଜରୀ ବିଭାଗରେ ଇ-ହସ୍ପିଟାଲ ବ୍ୟବସ୍ଥା ଲାଗୁ ହୋଇଛି। ଏହା ଅଧୀନରେ ଏଭିଡେନ୍ସ ବେସ୍‌ଡ ମେଡିସିନ ପ୍ରାକ୍ଟିସ୍‌କୁ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ରୋଗୀଙ୍କ ପଞ୍ଜୀକରଣଠାରୁ ଆରମ୍ଭ କରି ଟେଷ୍ଟ ଓ ପ୍ରେସ୍କ୍ରିପସନ୍ ଯାଏ ସବୁକିଛି ପେପରଲେସ୍ ହେବ। ସେହିଭଳି ଚଳିତ ବର୍ଷ ଭୁବନେଶ୍ୱର ଏମ୍ସରେ କର୍ନିଆ, ଲିଭର, ବୋନ୍ ମ୍ୟାରୋ(ଅସ୍ଥିମଜ୍ଜା) ଟ୍ରାନ୍ସପ୍ଲାଣ୍ଟ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ମଡ୍ୟୁଲାର ଓଟି, ଆଇସିୟୁ ବ୍ୟବସ୍ଥା କରାଯାଉଛି। ଗତ ଦୁଇ ମାସ ଭିତରେ ୪ଟି ସଫଳ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ନିର୍ଦ୍ଦେଶକ ଡା. ବିଶ୍ୱାସ କହିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଡିନ୍ ଡା. ପି. ଆର୍. ମହାପାତ୍ର, କୁଳସଚିବ ବି. ବି. ମିଶ୍ର ଏବଂ ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଏମ୍ସ ଭୁବନେଶ୍ୱରର ସଫଳତାର ଏକ ଦଶନ୍ଧି ଯାତ୍ରା ଉପରେ ସୂଚନା ଦେଇଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ

**ଭାସ୍କର୍ଯ୍ୟ ଉଦ୍ୟାନ ଲୋକାର୍ପିତ**

ଭୁବନେଶ୍ୱର,୪।୧(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ସମାରୋହ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ନବନିର୍ମିତ ୩ ଗୋଟି ନୂତନ ଏକାଡେମିକ ବ୍ଲକକୁ ମୁଖ୍ୟମନ୍ତ୍ରୀ ଲୋକର୍ପିତ କରିଥିଲେ। ଏହା ସହିତ ପରିସରରେ ଏକ ନୂତନ ସୁଦୃଶ୍ୟ ଭାସ୍କର୍ଯ୍ୟ ଉଦ୍ୟାନକୁ ଲୋକାର୍ପିତ କରିବା ସହ ପ୍ରତିଟି ଭାସ୍କର୍ଯ୍ୟ କଳାକୃତିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କୁଳ ସଚିବ ଅନାମିକା ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ଅତିଥିମାନଙ୍କ ଦ୍ୱାରା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ପ୍ରକାଶିତ ଦୁଇଟି କାଳଜୟୀ ପୁସ୍ତକ ଯଥା ଇଲୁଷ୍ଟ୍ରେଟେଡ୍ ପାମ୍‌ଲିଫ୍ ମାନୁସ୍କ୍ରିପ୍ଟ ଓ ଟାଇମ୍‌ଲେସ୍ ଟେଲ୍‌ସର ଲୋକାର୍ପିତ କରାଯାଇଥିଲା। ଏଥିସହ ବିଶ୍ୱବିଦ୍ୟାଳୟର ବାର୍ଷିକ ସାହିତ୍ୟ ପତ୍ରିକା 'ରୂପାୟନ' ଓ ସମ୍ବାଦ ପତ୍ରିକା 'ସଂସ୍କୃତି' ଲୋକାର୍ପିତ ହେବା ସହ ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁଙ୍କ ପୁସ୍ତକ 'ଓଡ଼ିଶାର ଜୈନ ଧର୍ମ', ଡ. ଚକ୍ରଧର ବେହେରାଙ୍କ ପୁସ୍ତକ 'ଭାରତୀୟ ଚିତ୍ରକଳା' ଲୋକାର୍ପିତ ହୋଇଥିଲା।

# 'ବିଦ୍ୟାର୍ଥୀଙ୍କୁ ମାନବିକତାର ମନ୍ତ୍ର ହିଁ ଉପଯୁକ୍ତ ଶିକ୍ଷା'

ବାଲିପାଟଣା,୪।୧(ଡି.ଏନ୍.ଏ.)

ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ୍ ଜୁବିଲି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବିଦ୍ୟାର୍ଥୀଙ୍କୁ ମାନବିକତାର ମନ୍ତ୍ର ହିଁ ଉପଯୁକ୍ତ ଶିକ୍ଷା। ଅଭିଭାବକ ଓ ଶିକ୍ଷକ ଏଥିପ୍ରତି ଦୃଷ୍ଟିଦେବା ଜରୁରୀ। ସେହିପରି ମୁଖ୍ୟ ବକ୍ତାଭାବେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ, ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟର ଉନ୍ନତି ପାଇଁ ଉଦ୍ୟମ କରିବା ଉଚିତ।





କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ବିଧାୟକ ଏବଂ ଅନ୍ୟଅତିଥି।

ସମ୍ମାନିତ ଅତିଥିଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ଶିକ୍ଷା ଏକ ଜୀବନ ସଂଗ୍ରାମ, ଲଢ଼ି ଜିତିବାକୁ ହେବ ବୋଲି କହିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଭରତ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୋଲିସ ଡିଜି ବଟକୃଷ୍ଣ ତ୍ରିପାଠୀ ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ସ୍ମରଣିକା ପାଞ୍ଚଶାଳା ଉନ୍ମୋଚନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ଛୁରାମାଡ଼, ୨ ଅଟକ

**କୋଣାର୍କ,୪।୧(ଡି.ଏନ୍.ଏ.):** କୋଣାର୍କ ଥାନାଠାରୁ କିଛି ଦୂରରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିବା କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ସେ ହେଲେ କୋଣାର୍କ ଥାନା ଛକ ବ୍ୟାଙ୍କ ଗଳିରେ ରହୁଥିବା ତାପସ ଶତପଥୀ। ସେ ଇକୋ ରିଟ୍ରିଟ୍‌ରୁ କାର୍ଯ୍ୟ ସାରି ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଗଳି ସମ୍ମୁଖରେ ୨ ଜଣ ଯୁବକ ତାଙ୍କୁ ଅଟକାଇ ଛୁରି ମାରିବା ସହିତ ମୋବାଇଲ, ୩୦ ହଜାର ଟଙ୍କା ନେଇଯାଇଥିବା ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। କୋଣାର୍କରେ ଚୋରାମଦ କାରବାର, ଧଳା ଜହର କାରବାର, ଅସାମାଜିକ ବ୍ୟକ୍ତିଙ୍କ ଆପରାଧିକ କାର୍ଯ୍ୟକଳାପ ବଢୁଥିବାରୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

### ସାଇବର ଅପରାଧୀଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ

**ସାକ୍ଷୀଗୋପାଳ, ୪।୧ (ସ୍ୱ.ପ୍ର./ ଡି.ଏନ୍.ଏ.):** ସତ୍ୟବାଦୀ ଥାନା ଅଧୀନ ଇନ୍ଦିପୁର ବଜାରର ବ୍ୟବସାୟୀମାନେ ଜଣେ ସାଇବର ଅପରାଧୀଙ୍କୁ ଧରି ବୁଧବାର ସନ୍ଧ୍ୟାରେ ସତ୍ୟବାଦୀ ପୋଲିସ ଜିମା ଦେଇଛନ୍ତି। ସେ ହେଲେ ହିରଣ୍ୟପଡ଼ା ଗ୍ରାମର ସୁପ୍ରଭାତ ମହାପାତ୍ର। ଖବର ମୁତାବକ, ସୁପ୍ରଭାତ ଇନ୍ଦିପୁର ଗ୍ରାମର କିଛି ଲୋକଙ୍କୁ ମୋବାଇଲ ସିମ୍ କାର୍ଡ ବାହାର କରିବା ପାଇଁ ଆଧାର କାର୍ଡ ମାଗିଥିଲେ। ଏଥିପାଇଁ ଆଧାର କାର୍ଡ ଦେଇଥିବା ବ୍ୟକ୍ତିଙ୍କୁ ୫୦୦ରୁ ୧ହଜାର ଟଙ୍କା ଦେବା ନିମନ୍ତେ କହିଥିଲେ। ଇନ୍ଦିପୁର ବଜାରରେ ମୋବାଇଲ ଦୋକାନ କରିଥିବା ସୁଦର୍ଶନ ବେହେରାଙ୍କ ଦୋକାନରେ ଅନ୍ୟମାନଙ୍କ ନାମରେ ମୋବାଇଲ ସିମ୍ କାର୍ଡ ବାହାର କରିବା ନିମନ୍ତେ ସେ କହିଥିଲେ। ଏଥିରେ ଦୋକାନୀ ବେହେରାଙ୍କ ସନ୍ଦେହ ହୋଇଥିଲା। ସେ ଆଖପାଖ ଦୋକାନୀଙ୍କୁ ଡାକି ଏ ବିଷୟରେ ସୂଚନା ଦେବା ପରେ ଦୋକାନୀ ଓ ସ୍ଥାନୀୟ ଲୋକେ ସୁପ୍ରଭାତ ମହାପାତ୍ରଙ୍କୁ ଅଟକ ରଖି ସତ୍ୟବାଦୀ ଥାନାକୁ ଖବର ଦେଇଥିଲେ। ସତ୍ୟବାଦୀ ପୋଲିସ ସୁପ୍ରଭାତଙ୍କୁ ଥାନାକୁ ଆଣିଥିବା ଜଣାପଡ଼ିଛି।

### ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା ସୁନୀଲଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ(ଖୋର୍ଦ୍ଧା),୪।୧(ଡି.ଏନ୍.ଏ.):** ରାଇପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ର ସୁନୀଲ ପଲାଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବାରୁ ବିଦ୍ୟାଳୟ ପକ୍ଷରୁ ବୁଧବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା, ରେଣୁବାଳା, ଶିକ୍ଷକ ଶିବପ୍ରସାଦ, ସୁନୀଲଙ୍କ ମା'ବାପା ସତ୍ୟଭାମା ପଲାଇ ଓ କେଶବ ପଲାଇ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୁନୀଲ ବାଲ୍ୟକାଳରୁ ବର୍ଜ୍ୟବସ୍ତୁରୁ ବିଭିନ୍ନ ପ୍ରତିମୂର୍ତ୍ତି ତିଆରି କରିଥାନ୍ତି। ୨୦ ବର୍ଷ ବୟସରେ ସରୁଧାନ, ଦିଆସିଲି କାଠି, ବାଦାମ ମଞ୍ଜିରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ତିଆରି କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ଆଜି

**ପୁରୀ ଅଫିସ, ୪।୧:**

ହାଇକୋର୍ଟରେ ଗୁରୁବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ରହିଛି। ରତ୍ନଭଣ୍ଡାରର ସୁରକ୍ଷା ସହ ଗଣତି ମଣତି ପାଇଁ ଶ୍ରୀଜଗନ୍ନାଥ ସେନା ଦାବି ନେଇ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆନ୍ଦୋଳନ କରିବା ସହ ଦୀପଦାନ କରିଛି।

ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଗୁରୁବାର ରତ୍ନଭଣ୍ଡାର ମାମଲାର ଶୁଣାଣି ହେବାର ଅଛି। ଉକ୍ତ ମାମଲା (ଡବ୍ଲ୍ୟୁପିସି ୯୦୯୮/୨୦୧୬)ରେ ୨୦୧୮ ମସିହାରେ ୧୭ଜଣିଆ ଟିମ୍ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରତ୍ନଭଣ୍ଡାର ଖୋଲିବାକୁ ପ୍ରବେଶ କରିଥିଲେ। ମାତ୍ର ଚାବି ନାହିଁ କହି ସମସ୍ତଙ୍କୁ ପ୍ରଶାସନ ଭୁଆଁ ବୁଲାଇଥିଲା। କୋର୍ଟଙ୍କ ଆଦେଶକୁ ପାଳନ କରାଯାଇ ନ ଥିଲା। ସମ୍ପୃକ୍ତ କମିଟି କହିଥିଲେ ଯେ, ରତ୍ନଭଣ୍ଡାର ସ୍ଥିତି ଅତ୍ୟନ୍ତ ଦୁର୍ବଳ ରହିଛି। ତେଣୁ ଏହାର ମରାମତି ଓ ସଂରକ୍ଷଣ ଆବଶ୍ୟକ। ଏନେଇ ୨୦୧୮ ଏପ୍ରିଲ ୪ରେ ଟିମ୍ ରିପୋର୍ଟ ପ୍ରଦାନ କରିଥିଲେ। ଏପରିକି ଏଏସ୍‌ଆଇ ମଧ୍ୟ ବାରମ୍ବାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ପାଇଁ ସରକାରଙ୍କୁ ଚିଠି ଲେଖିଛି। ଏପରିକି ୨୦୨୨ ଅଗଷ୍ଟ ୮ରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଏବଂ ଏଏସ୍‌ଆଇ ଚିଠି ନଂ. ୩/୧୩୩/୧୮-ଏମ୍-୩୨୧୨ରେ



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇଥିଲେ। ମାତ୍ର ମୁଖ୍ୟ ପ୍ରଶାସକ ଚୁପ୍ ରହିଛନ୍ତି। ଅପରପକ୍ଷରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା ଏବଂ ଭଣ୍ଡାର ମେକାପ ମଧ୍ୟ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବା କହିଛନ୍ତି। ତେବେ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ଚୁପ୍ ରହୁଛନ୍ତି। ରାଜ୍ୟ ସରକାର ଯଦି ସ୍ୱଚ୍ଛ ମନୋଭାବର, ତେବେ ରତ୍ନଭଣ୍ଡାର ସୁରକ୍ଷିତ ଥିବା ନେଇ ଗୁରୁବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରନ୍ତୁ ଓ କେବେ ଅଳଙ୍କାର ଗଣତି ହେବ ସେ ସଂକ୍ରାନ୍ତ ତଥ୍ୟ ଦିଅନ୍ତୁ। ସରକାର ରତ୍ନଭଣ୍ଡାର ମରାମତି ପାଇଁ ବଜେଟ ଆଣନ୍ତୁ। ରତ୍ନଭଣ୍ଡାର ଆଗାମୀ ଶହ ଶହ ବର୍ଷ ପାଇଁ ଯେପରି ସୁରକ୍ଷିତ ରହିବ, ସେଥିଲାଗି ସରକାର ଏବଂ ଏଏସ୍‌ଆଇ ମିଳିତ ପଦକ୍ଷେପ

- ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ନେଇ ଆଶଙ୍କା
- ବିଭିନ୍ନ ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ

ନେବାକୁ ପଟ୍ଟନାୟକ ଦାବି କରିଛନ୍ତି।

ଅନ୍ୟପକ୍ଷରେ ସରକାର ଗୁରୁବାର ମାମଲାକୁ ଚପାଇବା ପାଇଁ ଅଧିକ ସମୟ ମାଗିପାରନ୍ତି ବୋଲି ପଟ୍ଟନାୟକ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆଇନ ଅନୁଯାୟୀ ପ୍ରତି ତିନିବର୍ଷରେ ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତି ହେବା କଥା। ମାତ୍ର ପ୍ରାୟ ୪୦ ବର୍ଷ ହେବ ରତ୍ନଭଣ୍ଡାର ଖୋଲାଯାଉନାହିଁ। ଏଥିପାଇଁ ଯେଉଁ ପ୍ରଶାସନିକ ଅଧିକାରୀମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ରଘୁବୀର ଦାସଙ୍କ ରିପୋର୍ଟ ସାର୍ବଜାନୀନ କରାଯାଉ।ଏହାଛଡା ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ। ଦଶାବତାର ମୂର୍ତ୍ତି ସ୍ଥାପନ, ଏମାର ମଠରୁ ବାହାରିଥିବା ୫୨୨ ରୁପାଇଟା ଶ୍ରୀମନ୍ଦିରକୁ ଅଣାଯାଉ ବୋଲି ପଟ୍ଟନାୟକ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବରରେ ହାଇକୋର୍ଟ ରତ୍ନଭଣ୍ଡାର ଖୋଲିବା ନେଇ ଚାରି ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏଯାବତ କୌଣସି ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗ ସ୍ଥାନ ନ ପାଇବାରୁ ସତ୍ୟପାଠ ଦାଖଲ ନେଇ ଆଶଙ୍କା ରହିଛି।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ଗଣଧାରଣାରେ ବସିଛନ୍ତି।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀଙ୍କ ଗଣଧାରଣା

**ନିମାପଡ଼ା,୪।୧(ଡି.ଏନ୍.ଏ.)**

ନିମାପଡ଼ା ଭାଜପା ପକ୍ଷରୁ ଶତାଧିକ ଦଳୀୟ କର୍ମୀ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣାରେ ବସିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍, ହିତାଧିକାରୀ ଚୟନ ତାଲିକାରେ ବ୍ୟାପକ ଅନିୟମିତତା ନେଇ ପ୍ରତିବାଦ, ଫନି ବାତ୍ୟା କ୍ଷତିଗ୍ରସ୍ତ ଓ ବାସହୀନ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବା ସମେତ ୬ ଦଫା ଦାବିରେ କର୍ମୀମାନେ ଏହି ଆନ୍ଦୋଳନ କରିଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ଭାଜପା ନେତା ବିଜୟ ପଣ୍ଡା, ଯତୀନ୍ଦ୍ର ସ୍ୱାଇଁ, ଦିଲ୍ଲୀପ ପରିଡ଼ା, ରଞ୍ଜନ ଭୋଇ, ସନ୍ତୋଷ ପରିଡ଼ା, ନିରଞ୍ଜନ ନାୟକ, ରାଜକିଶୋର ନାୟକ, ମୀନଲତା ମହାନ୍ତି, ମାନସୀ ସେଠୀ, ସବିତା ମଲ୍ଲିକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ। ଆଗାମୀ ଦିନରେ ଭାଜପା ପକ୍ଷରୁ ଦୁର୍ବାର ଗଣଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନରତ ଭାଜପା ନେତୃବୃନ୍ଦମାନେ ପ୍ରଶାସନକୁ ଚେତାବନୀ ଦେଇଥିଲେ। ଉକ୍ତ ଦାବି ସମ୍ପର୍କରେ ବାରମ୍ବାର ଦଳ ପକ୍ଷରୁ ରାଜ୍ୟ ସରକାର, ଜିଲା ପ୍ରଶାସନ, ସ୍ଥାନୀୟ ବ୍ଲକ ଓ ରାଜସ୍ୱ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ପ୍ରଶାସନର ଚରମ ଅବହେଳା, ଖାମଖିଆଲ ନୀତି ଯୋଗୁ ଅଦ୍ୟାବଧି କୌଣସି ସୁଫଳ ମିଳି ନ ଥିବା ଭାଜପା ଉପସଭାପତି ପ୍ରଭାତୀ ପରିଡ଼ା ଓ ଆନ୍ଦୋଳନକାରୀ ନେତୃବୃନ୍ଦ କହିଥିଲେ।

# ପୁରୀରେ ନିର୍ମାଣ ହେଉଛି ୨୨ ଫୁଟ ଲମ୍ବର ହକି ଷ୍ଟିକ୍

**ପୁରୀ ଅଫିସ, ୪।୧**

ଚଳିତ ବର୍ଷ ହକି ବିଶ୍ୱକପ୍ ଓଡ଼ିଶା ଆୟୋଜନ କରୁଛି। ଆସନ୍ତା ୧୩ ତାରିଖଠାରୁ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ବିଭିନ୍ନ ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟରୁ କ୍ରୀଡ଼ାପ୍ରେମୀମାନେ ଓଡ଼ିଶା ଆସିବେ। ହକି ବିଶ୍ୱକପ୍‌କୁ ସୁନ୍ଦର ଓ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସାମୁଣ୍ଡା ହକିଷ୍ଟାଡିୟମ୍‌କୁ ସୁନ୍ଦର ଭାବେ ସୁସଜ୍ଜିତ କରାଯାଉଛି।

### ଅଷ୍ଟମ ଦିନରେ ନୀଳାଚଳ କୃଷକ ମହାସଂଘର ଧାରଣା

**କଣାସ,୪।୧(ଡି.ଏନ୍.ଏ.):**

ପୁରୀ ଜିଲା କୃଷି ଓ କୃଷକଙ୍କ ମୌଳିକ ଅଧିକାର, ସାମଗ୍ରୀକ ବିକାଶ ଓ ଜିଲା ପ୍ରଶାସନ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ନୀଳାଚଳ କୃଷକ ମହାସଂଘ ପକ୍ଷରୁ କଣାସ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା ବୁଧବାର ଅଷ୍ଟମ ଦିନରେ ପହଞ୍ଚିଛି। କଣାସ ବିଡିଓ ଲୋଚନ ଦାଶ, ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ରାଉତଙ୍କ ସମେତ ଏକାଧିକ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ଧାରଣାସ୍ଥଳରେ ପହଞ୍ଚି ସହିତ ଆଲୋଚନା କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ଜଟଣୀ,୪।୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ହାଟବଜାର ଗ୍ରାମର ସାମାଜିକ କର୍ମୀ ଅପର୍ତ୍ତି ଦାସଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ, ସ୍ନେହୀ, ମେଳାପି ଏବଂ ସୁସଙ୍ଗଠକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ଗ୍ରାମର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପରିବେଶ ସ୍ୱଚ୍ଛତା ପାଇଁ ସର୍ବଦା ଚେଷ୍ଟିତ ଥିଲେ। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ଥାନୀୟ ବାଛରା ମୁଣ୍ଡିଆସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଶାନ୍ତନୁ ମୁଖାଗ୍ନି ଦେଇଥିଲେ।

# ୭ରେ ଏମ୍ସର ଚତୁର୍ଥ ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର, ୪।୧(ବ୍ୟୁରୋ)**

**ଅତ୍ୟାଧୁନିକ ବର୍ନ ସେଣ୍ଟର ଉଦ୍‌ଘାଟନ ହେବ**
- ଯୋଗଦେବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ
- ୨୮୩ ଛାତ୍ରୀଛାତ୍ରଙ୍କୁ ମିଳିବ ଡିଗ୍ରୀ, ୪୦ ଜଣଙ୍କୁ ଗୋଲ୍ଡ ମେଡାଲ

ଭୁବନେଶ୍ୱର ଏମ୍ସର ଚତୁର୍ଥ ସମାବର୍ତ୍ତନ ଉତ୍ସବ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡ. ଭାରତୀ ପ୍ରବୀଣ ପାୱାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୨୮୩ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରୁ ୪୦ ଜଣ ଗୋଲ୍ଡ ମେଡାଲ ପାଇବେ। ଏନେଇ ବୁଧବାର ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମାବର୍ତ୍ତନ ଉତ୍ସବ ଅବସରରେ ଏମ୍ସରେ ସ୍ୱତନ୍ତ୍ର ବର୍ଣ୍ଣ ସେଣ୍ଟରର ଉଦ୍‌ଘାଟନ ହେବ। ପ୍ରାୟ ୧୯.୮୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବର୍ନ ସେଣ୍ଟରରେ ୬ଟି ଆଇସିୟୁ ବ୍ୟବସ୍ଥା ସହିତ ୬ଟି କ୍ୟାବିନ୍ ସମେତ ୩୬ଟି ଶଯ୍ୟା ରହିଛି। ଏଥିସହ ଦୁଇଟି ମଡ୍ୟୁଲାର ଓଟି ରହିବ। ଏଥିରେ ପ୍ଲାଷ୍ଟିକ ସର୍ଜରି ୟୁନିଟ୍ ମଧ୍ୟ କାମ କରିବ। ସରକାରୀ ବ୍ୟବସ୍ଥାରେ ପ୍ରଥମ କୁହାଯାଉଥିବା ଏହି ଅତ୍ୟାଧୁନିକ ବର୍ନ ସେଣ୍ଟର ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ପୋଡ଼ାଜଳା ରୋଗୀଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ଡା. ବିଶ୍ୱାସ ସୂଚନା ଦେଇଛନ୍ତି। ସେହିପରି ୧୫୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ କେୟାର ହସ୍ପିଟାଲର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହାର ବ୍ୟୟ ଅଟକଳ ପ୍ରାୟ ୧୯୨ କୋଟି ରଖାଯାଇଥିବାବେଳେ ୨ ବର୍ଷରେ କାର୍ଯ୍ୟକ୍ଷମ ହେବ। ଏବେ ଏମ୍ସକୁ ପ୍ରତିଦିନ ୧୦ ହଜାରରୁ ୧୨ ହଜାର ରୋଗୀ ଆସୁଛନ୍ତି। ସେମାନଙ୍କ ସୁବିଧା ପାଇଁ କାଉଣ୍ଟରଗୁଡ଼ିକର ବିକେନ୍ଦ୍ରୀକରଣ କରାଯାଇଛି। ଏଥିସହ ଏମ୍ସ ପେପର ଲେସ୍ ହେବାକୁ ଯାଉଛି। ଏଥିପାଇଁ ପ୍ରାରମ୍ଭିକ ଭାବେ ଏଣ୍ଡୋକ୍ରାଇନୋଲୋଜି, ମେଡିସିନ ଓ ପେଡିଆଟ୍ରିକ ସର୍ଜରୀ ବିଭାଗରେ ଇ-ହସ୍ପିଟାଲ ବ୍ୟବସ୍ଥା ଲାଗୁ ହୋଇଛି। ଏହା ଅଧୀନରେ ଏଭିଡେନ୍ସ ବେସ୍‌ଡ ମେଡିସିନ ପ୍ରାକ୍ଟିସ୍‌କୁ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ରୋଗୀଙ୍କ ପଞ୍ଜୀକରଣଠାରୁ ଆରମ୍ଭ କରି ଟେଷ୍ଟ ଓ ପ୍ରେସ୍କ୍ରିପସନ୍ ଯାଏ ସବୁକିଛି ପେପରଲେସ୍ ହେବ। ସେହିଭଳି ଚଳିତ ବର୍ଷ ଭୁବନେଶ୍ୱର ଏମ୍ସରେ କର୍ନିଆ, ଲିଭର, ବୋନ୍ ମ୍ୟାରୋ(ଅସ୍ଥିମଜ୍ଜା) ଟ୍ରାନ୍ସପ୍ଲାଣ୍ଟ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ମଡ୍ୟୁଲାର ଓଟି, ଆଇସିୟୁ ବ୍ୟବସ୍ଥା କରାଯାଉଛି। ଗତ ଦୁଇ ମାସ ଭିତରେ ୪ଟି ସଫଳ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ନିର୍ଦ୍ଦେଶକ ଡା. ବିଶ୍ୱାସ କହିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଡିନ୍ ଡା. ପି. ଆର୍. ମହାପାତ୍ର, କୁଳସଚିବ ବି. ବି. ମିଶ୍ର ଏବଂ ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଏମ୍ସ ଭୁବନେଶ୍ୱରର ସଫଳତାର ଏକ ଦଶନ୍ଧି ଯାତ୍ରା ଉପରେ ସୂଚନା ଦେଇଥିଲେ।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଶିକ୍ଷକ-ଅଧକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା ଆରମ୍ଭ



**ଭୁବନେଶ୍ୱର,୪।୧(ବ୍ୟୁରୋ)**

ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଥିବା ନ୍ୟାଶନାଲ ଏଜୁକେଶନ ସୋସାଇଟି ଫର୍ ଟ୍ରାଇବାଲ ଷ୍ଟୁଡେଣ୍ଟସ(ଏନ୍‌ଇଏସ୍‌ଟିଏସ୍) ଏବଂ ଭାରତୀୟ ଜନସ୍ୱାସ୍ଥ୍ୟ ଫାଉଣ୍ଡେଶନ (ପିଏଚ୍‌ଏଫ୍‌ଆଇ) ପକ୍ଷରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ଓ ଅଧକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା ଆରମ୍ଭ ହୋଇଛି। ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳାରେ ଜନଜାତି ଛାତ୍ରୀଛାତ୍ରଙ୍କ ପୁଷ୍ଟିସାଧନ, ମାନସିକ ସ୍ୱାସ୍ଥ୍ୟ ଏବଂ ସାଧାରଣ ସ୍ୱାସ୍ଥ୍ୟ ବିକାଶ ଉପରେ ତାଲିମ ଦିଆଯିବ। ଏହା ଜନଜାତି ଅଞ୍ଚଳରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ପ୍ରାସଙ୍ଗିକତା ଉପରେ ଅଧକ୍ଷ ତଥା ଶିକ୍ଷକଙ୍କୁ ମାର୍ଗଦର୍ଶନ ଦେବ। ସେମାନେ ନିଜ ବିଦ୍ୟାଳୟରେ ଏହାର ନିଷ୍କର୍ଷକୁ ପ୍ରୟୋଗ କରିବାରେ ସହାୟକ ହେବ। ଏଥିରେ ରାଜ୍ୟର ୨୭ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରୁ ୫୪ଜଣ ଯୋଗଦେଇଛନ୍ତି।

କର୍ମଶାଳାକୁ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରେଣୁକା ସିଂ ସାରୁତା ଉଦ୍‌ଘାଟନ କରି କହିଲେ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକମାନେ ପ୍ରତିଦିନ ଛାତ୍ରୀଛାତ୍ରଙ୍କ ସହ ଭାବର ଆଦାନପ୍ରଦାନ କରୁଛନ୍ତି। ତେଣୁ ସେମାନେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସମସ୍ୟାର ବିଭିନ୍ନ ଦିଗ ପ୍ରତି ସଚେତନ ହେବା ସହ ତାକୁ ସମ୍ପାଦନ କରିବା ପାଇଁ ଅନୁପ୍ରେରିତ ହେବା ଉଚିତ। ଜାତୀୟ ଶିକ୍ଷା ସମିତି ଉପ ଆୟୁକ୍ତ ଇନ୍ଦିରା ମୁଦ୍‌ଗଲ ଏବଂ ଭାରତୀୟ ଜନସ୍ୱାସ୍ଥ୍ୟ ଫାଉଣ୍ଡେଶନ ନିର୍ଦ୍ଦେଶକ(ପ୍ରଶିକ୍ଷଣ) ଡ. ପୁଷ୍କର କୁମାର, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ପିଲାଙ୍କ ବିକାଶ ଦିଗରେ ସହାୟକ ହେବ। ଏହା ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି ସହିତ ବିଭିନ୍ନ ବିଭାଗର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କିତ ଶିକ୍ଷାକୁ ଯୋଡ଼ିବାରେ ସହାୟକ ହେବ ବୋଲି ସେମାନେ କହିଥିଲେ।

# ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ନିମାପଡ଼ା,୪।୧(ଡି.ଏନ୍.ଏ.)**

ଗତ ୨୦୨୧ ଫେବୃୟାରୀ ୧୧ ତାରିଖରେ ଘଟିଥିବା ଏକ ହତ୍ୟାକାଣ୍ଡରେ ଜଣଙ୍କୁ ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ ଆଜୀବନ କାରାଦଣ୍ଡ, ୫ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୬ ମାସ କାରା ଦଣ୍ଡାଦେଶ ଶୁଣାଇଛନ୍ତି। କୋର୍ଟରେ ଜିଆର୍ କେସ୍ ନଂ. ୧୫୦/୨୧, ଏସ୍‌ଟି କେସ୍ ନଂ. ୧୦/୨୧ରେ ବିଚାର କରି ଏହି ରାୟ ଦେଇଛନ୍ତି।

ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ ହଂସପଡ଼ା ଗ୍ରାମର ତପନ ସାହୁ ୨୦୨୧ ଫେବୃୟାରୀ ୯ରେ ବିଲରୁ ଧାନତଳି ଆଣି ଏକ ସ୍କୁଟିରେ ଘରକୁ ଫେରୁଥିଲେ। ପୂର୍ବ ବିବାଦକୁ କେନ୍ଦ୍ର କରି ଉକ୍ତ ଗ୍ରାମର ଦୈତାରି ବେହେରା କ୍ରୋଧାନ୍ୱିତ ହୋଇ ଗ୍ରାମ ନିକଟରେ ତପନଙ୍କୁ ଅଟକାଇ ଏକ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତପନ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଘଟଣାର ୨ ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତପନଙ୍କ ଦାଦା ଦେବେନ୍ଦ୍ର ନାଥ ସାହୁ ସେହିଦିନ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ. ୫୩/୨୧) ରୁଜୁ କରି ଅଭିଯୁକ୍ତ ଦୈତାରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୧୬ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ କୋର୍ଟରେ ଦାଖଲ ହୋଇଥିବା ୨୭ଟି ଦସ୍ତାବିଜକୁ ବିଚାରକୁ ନେଇ ଏଡିଜେ ସାହୁ ଅଭିଯୁକ୍ତଙ୍କୁ ଦଫା ୩୦୨ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ପ୍ରଦାନ କରିଛନ୍ତି। ରାୟ ପ୍ରକାଶ ସମୟରେ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ଦଣ୍ଡାଦେଶ ପରେ ଅଭିଯୁକ୍ତ ବେହେରାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୀତାକାନ୍ତ ଦାସ ମାମଲା ପରିଚାଳନା କରୁଥିଲେ।

# 'ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ'

**ପୁରୀ ଅଫିସ, ୪।୧**

ଶ୍ରୀଜଗନ୍ନାଥ ହେଉଛନ୍ତି ବୈଦିକ ଠାକୁର। କାହିଁ କେଉଁକାଳରୁ ସେ ଶ୍ରୀକ୍ଷେତ୍ରରେ ବିରାଜମାନ। ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ମହାପ୍ରଭୁ। ସାମଗ୍ରିକ ଭାବେ ବିଶ୍ୱ, ରାଜନୀତି ଓ ପରିବେଶର ବିକାଶ ହୋଇପାରିଲେ ଆଧ୍ୟାତ୍ମିକ ଚେତନା ବିକଶିତ ହୋଇପାରିବ ବୋଲି ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ଗୁରୁବାର ଟାଉନ ହଲରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ୍ ୱାଇଡ୍ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶକୁ ଉଦ୍‌ଘାଟନ କରି ଶଙ୍କରାଚାର୍ଯ୍ୟ ଏହି ମତବ୍ୟକ୍ତ କରିଛନ୍ତି। ଆଧ୍ୟାତ୍ମିକ ଚେତନାର ଜାଗରଣ ସମ୍ପର୍କରେ ଏହି ୩ ଦିନିଆ ସମାବେଶରେ ଆଲୋଚନା କରାଯିବ। ସମାବେଶରେ ବିଶ୍ୱର ବିଭିନ୍ନ ଦେଶର ବହୁ ବିଦ୍ୱାନ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ସାଧୁସନ୍ଥ ଯୋଗଦେଇଛନ୍ତି।

ଶଙ୍କରାଚାର୍ଯ୍ୟ କହିଥିଲେ, ଗୋହତ୍ୟା ଓ ଧର୍ମାନ୍ତରୀକରଣକୁ ପ୍ରୋତ୍ସାହନ ଦେଉଥିବା ଶାସନତନ୍ତ୍ର ଶାସନ ଗାଦିରେ ବସିବା ଯୋଗ୍ୟ ନୁହେଁ। ଗୋମାତା ସମ୍ପର୍କରେ ଟିପ୍ପଣୀ ଦେଇଥିବା କୋର୍ଟ ତୁରନ୍ତ କ୍ଷମା ପ୍ରାର୍ଥନା କରିବାକୁ ସେ ତାଗିଦା କରିଥିଲେ। ଆଜିର କମ୍ପ୍ୟୁଟର ଓ ଆଣବିକ ବୋମା ଯୁଗରେ ସାଧୁସନ୍ଥ ଓ ଅଭିଭାବକମାନେ ଶାସ୍ତ୍ର ପୁରାଣ ସମ୍ପର୍କରେ ଜ୍ଞାନ ଆହରଣ କରିପାରିଲେ



ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି।

**ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଘାଟିତ**

ସମଗ୍ର ବିଶ୍ୱରେ ଭାରତ ଆଧ୍ୟାତ୍ମିକ ଗୁରୁ ହେବା ସହ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୋଇପାରିବ। ଆମର ଆତ୍ମା ହେଉଛି ଚୈତନ୍ୟଯୁକ୍ତ। ଆମକୁ ସର୍ବଦା ନିଜ କର୍ମ ଉପରେ ଧ୍ୟାନ ରଖିବାକୁ ହେବ। ବିନା ସ୍ୱାର୍ଥରେ ନିଜ କର୍ମ କଲେ ହିଁ ମୋକ୍ଷପ୍ରାପ୍ତି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏ ନେଇ ଅନେକ ଜିଜ୍ଞାସୁ ନିଜର ପ୍ରଶ୍ନ ରଖିଥିବାବେଳେ ଜଗଦ୍‌ଗୁରୁ ସେଗୁଡ଼ିକର ଉତ୍ତର ଦେଇଥିଲେ। ଏହି ଅଧିବେଶନରେ ସଙ୍ଗଠନର ସ୍ମରଣିକା 'ଦାରୁବ୍ରହ୍ମ' ଉନ୍ମୋଚିତ ହୋଇଥିଲା।

ପ୍ରାକ୍ ଉଦ୍‌ଘାଟନୀ ଅଧିବେଶନରେ ପୂଜ୍ୟ ସ୍ୱାମୀ ସମର୍ପଣାନନ୍ଦ ଗିରି ଏବଂ ଡ. ହରେକୃଷ୍ଣ ଶତପଥୀ ଉଦ୍‌ବୋଧନ ଦେଇ କହିଥିଲେ, ପାଶ୍ଚାତ୍ୟ ସଭ୍ୟତା ଆଡକୁ ମୁହାଁଇଥିବା ଯୁବସମାଜକୁ ଫେରାଇ ଆଣିବା ପାଇଁ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଅପରାହ୍ନ ଅଧିବେଶନରେ ପୁରୀରୁ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ଆମେରିକାରୁ ପ୍ରବାସୀ ଭାରତୀୟ ଡ. ପଞ୍ଚାନନ ଶତପଥୀ, କାନାଡ଼ାରୁ ଡ. ସୁନନ୍ଦା ମିଶ୍ର, ୟୁକେରୁ ସୁସ୍ମିତ ରାଜହଂସ ଏବଂ ପୁରୀରୁ ଡ. ନରେଶ ଦାଶ ପ୍ରମୁଖ ଏହି ବିଷୟ ଉପରେ ମତ ରଖିଥିଲେ। ଅଧିବେଶନକୁ ଡ. ଗୁରୁ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ। ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ୍‌ର ଟ୍ରଷ୍ଟି ଡ. ଭଗବାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟି ଡ. ହର ପ୍ରସନ୍ନ ଦାସ ସଙ୍ଗଠନର ଲକ୍ଷ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ ତଥା ଅନ୍ୟ ଟ୍ରଷ୍ଟି ସୁକାନ୍ତ ସାହୁ ଓ ସଂଗ୍ରାମ କେଶରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋପବନ୍ଧୁ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ବ୍ଲକ କଳାପଥର ଗୋପବନ୍ଧୁ ସେବା ସମିତି ପକ୍ଷରୁ ଖରିଫ ଧାନ ସଂଗ୍ରହ ପାଇଁ ବୁଧବାର ବାଙ୍କୀ ଏଆର୍‌ସିଏସ୍ ଜ୍ୟୋତିରଞ୍ଜନ ସେଠୀ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ମିଲରମାନଙ୍କ ମନମୁଖି କାର୍ଯ୍ୟ ଯୋଗୁ ଚାଷୀମାନେ କ୍ଷତି ସହିବାକୁ ପଡୁଛି। ଏଆରସିଏସ୍ ସେଠୀଙ୍କ ହସ୍ତକ୍ଷେପ ପରେ ଚାଷୀମାନେ ଧାନ ଦେବା ଆରମ୍ଭ କରିଛନ୍ତି। ୧୭ଜଣ ଚାଷୀ ୩୯୧ କୁଇଣ୍ଟାଲ୍ ଧାନ ଦେବାପାଇଁ ସ୍ଥିର ହୋଇଛି ବୋଲି ସମିତି ସମ୍ପାଦକ ସୁଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଥିଲେ। ସମବାୟ ସମିତି ସଭାପତି ବିକାଶ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସ୍‌ଏଆର ଅଜୟ କୁମାର ରାଉତ, ପରିଚାଳନା କମିଟି ସଭ୍ୟ ସୁନୀଲ ପ୍ରହରାଜ ଓ ଦେବରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବ୍ରହ୍ମାକୁମାରୀ ସେବାର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବାଙ୍କୀ,୪।୧(ସ୍ୱ.ପ୍ର.): ବାଙ୍କୀ କଚେରି ଛକସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାଙ୍କୀ କଚେରୀ ପଡିଆଠାରେ ୪।୨।୨୩ରେ ଓଡ଼ିଶା ରାଜ୍ୟ ବ୍ରହ୍ମାକୁମାରୀ ସେବାର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳନ ହେବ। ଏହି ଉପଲକ୍ଷେ ବୁଧବାର ବାଙ୍କୀ କଚେରୀ ଛକସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମାକୁମାରୀ ଗୌରୀ, ବ୍ରହ୍ମ କୁମାର ଅନୁରାଧା, ବ୍ରହ୍ମକୁମାର ଜୟକୃଷ୍ଣ, ବ୍ରହ୍ମକୁମାରୀ ଅରୁଣା, ବାରଙ୍ଗ ଏବଂ ବାଙ୍କୀ ଉପନଗରପାଳ ସନ୍ତୋଷ କୁମାର ରଣା, ଜିଲା ପରିଷଦ ସଭ୍ୟା କେନ୍ଦ୍ରୀୟ ଜୋନ୍ ମିନତି ମହାପାତ୍ର, ନଗରପାଳଙ୍କ ପ୍ରତିନିଧି କାଉନସିଲର ସନାତନ ବେହେରା, ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ସର୍ବେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ବିଶ୍ୱର ମଙ୍ଗଳ କାମନା କରି ନୂତନ ବର୍ଷ ୨୦୨୩ପାଇଁ ପ୍ରଦୀପ ପ୍ରଜ୍ୱଳନ କରି କେକ୍ କାଟିଥିଲେ। ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ଭାଇଭଉଣୀ ଯୋଗଦାନ କରିବା ସହ ପରମ ପୂଜନୀୟ ଓଡ଼ିଶାର ମୁଖ୍ୟ ବ୍ରହ୍ମାକୁମାରୀ ରାଜଯୋଗିନୀ କମେଳଶ ଦିଦି ଯୋଗଦାନ କରିବେ ବୋଲି କେନ୍ଦ୍ର ସଞ୍ଚାଳିକା ଗୌରୀ ଭଉଣୀ ପ୍ରକାଶ କରିଛନ୍ତି।

### କେନ୍ଦୁପାଟଣାରୁ ୫୨୮ କୁଇଣ୍ଟାଲ ଧାନ ସଂଗ୍ରହ

### ନିଶ୍ଚିନ୍ତକୋଇଲି ବ୍ଲକରେ ଧାନମଣ୍ଡି ଖୋଲିଲା

ନିଶ୍ଚିନ୍ତକୋଇଲି, ୪।୧(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରଥମ ଧାନମଣ୍ଡି ବୁଧବାର ଖୋଲିଛି। ସମବାୟ ବିଭାଗ ଧାନ କ୍ରୟ ଦାୟିତ୍ୱରେ ଥିବା ବେଳେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଧାନର ଗୁଣବତ୍ତା ପରୀକ୍ଷଣ ପାଇଁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁଛନ୍ତି। ଏଫ୍‌ଏକ୍ୟୁ ଧାନ କ୍ରୟ କରାଯିବା ସହ ଠିକ୍ ମୂଲ୍ୟ ଚାଷୀଙ୍କୁ କିପରି ମିଳିବ ସେନେଇ ବିଭାଗୀୟ ଅଧିକାରୀମାନେ ଦାୟିତ୍ୱରେ ରହିଛନ୍ତି। କେନ୍ଦୁପାଟଣା ସେବା ସମବାୟ ସମିତିର ଧାନ ସଂଗ୍ରହ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କୋଲଣପୁର ସରପଞ୍ଚ ଗୋପବନ୍ଧୁ ସେଠୀ, କେନ୍ଦୁପାଟଣା ସରପଞ୍ଚ ପ୍ରଗତିପ୍ରଭା ମହାନ୍ତି, ବରାଦୋ ସରପଞ୍ଚ ଦୀପ୍ତିମୟୀ ବରାଳଙ୍କ ପ୍ରତିନିଧି ପ୍ରକାଶ ରଞ୍ଜନ ସାମଲ, ପୂର୍ବତନ ସରପଞ୍ଚ ଜତିନ୍ଦ୍ରନାଥ ଜେନା, ସେବା ସମବାୟ ସମିତି ସଭାପତି ସାରଦା ପ୍ରସନ୍ନ ନାୟକ, ବଳରାମ ସାହୁ, ରସାନନ୍ଦ ସାମଲ, ଆରଏମ୍‌ସିର କର୍ମଚାରୀ ଶ୍ୟାମସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୨ ଜଣ ଚାଷୀଙ୍କଠାରୁ ୫୨୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସମବାୟ ସମିତିର ସମ୍ପାଦକ ମନୋଜ କୁମାର ନାୟକ ଓ କେନ୍ଦୁପାଟଣା ସେବା ସମବାୟ ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଚିଲିକାରେ ବନ୍ଦ ହୋଇନି ବେଆଇନ ଚିଙ୍ଗୁଡ଼ି ଘେରି

**ପକ୍ଷୀଙ୍କ ଜୀବନ ନେଉଛି ଘେରି ଜାଲ**

- ପକ୍ଷୀ ଗଣନାବେଳେ ଜଣାପଡ଼ିଲା
- ପାଣିକୁଆକୁ ଉଦ୍ଧାର କଲା ଗଣନାକାରୀ ଦଳ
- ବାରଣ ସତ୍ତ୍ୱେ ଚାଲୁଥିଲା ପର୍ଯ୍ୟଟକଙ୍କ ଡଙ୍ଗା

ଭୁବନେଶ୍ୱର,୪।୧(ବ୍ୟୁରୋ)

ଚିଲିକା ହ୍ରଦକୁ ରାମସର ସାଇଟ୍ ମାନ୍ୟତା ମିଳିବା ପରେ ତାହାକୁ ଚିଙ୍ଗୁଡ଼ି ଘେରିମୁକ୍ତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ହାଇକୋର୍ଟ ମଧ୍ୟ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଆଦେଶ ଦେଇଥିଲେ। କିନ୍ତୁ ଜିଲା ଓ ସ୍ଥାନୀୟ ପ୍ରଶାସନ ଏହି ଆଦେଶକୁ ଠିକ୍ ଭାବେ ପାଳନ କରୁ ନ ଥିବାରୁ ଏବେବି ଚିଲିକା ଭିତରେ ଶହ ଶହ ବେଆଇନ ଚିଙ୍ଗୁଡ଼ି ଘେରି ସେମିତି ଚାଲିଛି। ବୁଧବାର ଚିଲିକାରେ ପକ୍ଷୀ ଗଣନାବେଳେ ସାତପଡ଼ା ରେଞ୍ଜ ଅଞ୍ଚଳରେ ଗଣନାକାରୀ ଟିମ୍ ଏଭଳି ଚିଙ୍ଗୁଡ଼ି ଘେରି ଦେଖିବାକୁ ପାଇଥିଲେ। ଖାଲି ସେତିକି ନୁହେଁ, ଚିଙ୍ଗୁଡ଼ି ଘେରି ତିଆରି ହୋଇଥିବା ଜାଲରେ ପାଣିକୁଆ ସମେତ ଅନ୍ୟ ପକ୍ଷୀଗୁଡ଼ିକ ଫସି ଯାଉଥିବା ମଧ୍ୟ ଜାଣିବାକୁ ପାଇଥିଲେ। କେନ୍ଦ୍ରାପଡ଼ା ଥାନା ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସ୍ନେକ୍ ହେଲ୍ପ ଲାଇନର ସଂଯୋଜକ ଲଳିତ ମୋହନ ପଣ୍ଡା, ଅରଖକୁଦା ଫରେଷ୍ଟର ଦୁର୍ଗା ଚରଣ ଟୁଡୁ ପ୍ରମୁଖ ପକ୍ଷୀ ଗଣନା କରୁଥିବାବେଳେ ମାଣିକ ପାଟଣା ନିକଟରେ ଏକ ଚିଙ୍ଗୁଡ଼ି ଘେରି ଭିତରେ ପାଣିକୁଆ (Little cormorant) ମାଛ ଖାଇବା ଆଶାରେ ପଶିଯିବା ପରେ ଆଉ ଫେରି ନ ପାରି ଜାଲରେ ଛନ୍ଦି ହୋଇ ଛଟପଟ ହେଉଥିବା ଦେଖିଥିଲେ। ପରେ



ପକ୍ଷୀ ଗଣନାକାରୀ ଟିମ୍ ଜାଲରେ ଲାଗିଥିବା ପାଣିକୁଆକୁ ଉଦ୍ଧାର କରୁଛନ୍ତି।

ସମସ୍ତେ ମିଶି ଚିଙ୍ଗୁଡି ଘେରିର ବାଉଁଶକୁ ଓପାଡ଼ି ଯତ୍ନର ସହିତ ପାଣିକୁଆଟିକୁ ଉଦ୍ଧାର କରିଥିଲେ। ପକ୍ଷୀଟି ଦେହରେ ବିଶେଷ ଆଘାତ ନ ଥିବାରୁ ସେହି ସ୍ଥାନରେ ହିଁ ତାକୁ ମୁକ୍ତ କରିଦିଆଯାଇଥିଲା। ଏନେଇ ଲଳିତ କହିଛନ୍ତି, ଉଦ୍ଧାରବେଳେ ପାଣିକୁଆଟିର ପଞ୍ଝା ବାଜି ମୋ ହାତ ଟିକେ ଆଞ୍ଚୁଡି ହୋଇଥିଲା ସତ, ହେଲେ ପକ୍ଷୀଟି ମୋ ହାତରୁ ଉଡ଼ିଯିବାବେଳେ ଯେଉଁ ଖୁସି ମିଳିଥିଲା ତାହା ଯନ୍ତ୍ରଣାକୁ ଲାଘବ କରି ଦେଇଥିଲା।

ସେପଟେ ପକ୍ଷୀ ଗଣନାବେଳେ ଡଙ୍ଗା ବାରଣ କରାଯାଇଥିଲେ ମଧ୍ୟ ପର୍ଯ୍ୟଟକଙ୍କ ଡଙ୍ଗା ବୁଲୁଥିବା ଦେଖିଥିଲେ। ବୁଧବାର ପକ୍ଷୀ ଗଣନା ପାଇଁ ସକାଳବେଳା ଚିଲିକାରେ ମଙ୍ଗଳାଯୋଡ଼ି, ରମ୍ଭା ଆଦି ଅଞ୍ଚଳରେ ପର୍ଯ୍ୟଟକ ଡଙ୍ଗାକୁ ବାରଣ କରାଯାଇଥିବାବେଳେ ସାତପଡ଼ାରେ କିନ୍ତୁ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଡଙ୍ଗା ଭିତରେ ପର୍ଯ୍ୟଟକଙ୍କୁ ବୁଲାଉଥିଲା। ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ରାଜ୍ୟରେ ସବୁ ସ୍ଥାନରେ ପକ୍ଷୀ ଗଣନା ପାଇଁ ସକାଳବେଳା ପର୍ଯ୍ୟଟନ ବନ୍ଦ ରଖାଯାଇଥାଏ। କାରଣ ଡଙ୍ଗା ପଶିଲେ ପକ୍ଷୀମାନେ ଉଡ଼ିଯିବେ। ସେହିପରି ସାତପଡ଼ାରେ ପର୍ଯ୍ୟଟକଙ୍କ ମାତ୍ରାଧିକ ସମାଗମ ଓ ଡଙ୍ଗା ଚଳାଚଳ ହେତୁ ଚିଲିକାରେ ଡଲଫିନ ସଂଖ୍ୟା ଦୀର୍ଘ ୧୫ବର୍ଷ ହେଲା ବଢ଼ିପାରୁନି। ଯଦିଓ ଚିଲିକାରେ ଅଧିକ ସଂଖ୍ୟକ ଡଲଫିନ ରହିବା ପାଇଁ ସ୍ଥାନର ଅଭାବ ନାହିଁ, ମାତ୍ର ବନ ବିଭାଗର ନିଷ୍କ୍ରିୟତା ଏବଂ ଅବିଚାରିତ ପର୍ଯ୍ୟଟନ ପାଇଁ ଡଲଫିନ ବଂଶ ଶୀଘ୍ର ଲୋପ ପାଇବ। ସେହିପରି ବେଆଇନ ଚିଙ୍ଗୁଡି ଘେରି ପାଇଁ ଡଲଫିନ୍ ବାସସ୍ଥାନ ଗୁରୁତର ପ୍ରଭାବିତ ହେଉଛି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସାତପଡ଼ାରେ ଖାଲି ଚିଙ୍ଗୁଡ଼ି ଘେରି ପକ୍ଷୀ ବା ଡଲ୍‌ଫିନଙ୍କ ପାଇଁ ବିପଦ ଆଣୁଛି ତାହା ନୁହେଁ, ମାତ୍ରାଧିକ ପର୍ଯ୍ୟଟନ ମଧ୍ୟ ଡଲଫିନଙ୍କ ବଂଶ ବିସ୍ତାର କରିବା ଦିଗରେ ଅନ୍ତରାୟ ସୃଷ୍ଟି କରୁଛି। ଡଲଫିନଙ୍କ ପଛରେ ପର୍ଯ୍ୟଟକ ଡଙ୍ଗା ଦିନ ତମାମ ଗୋଡ଼େଇବା ଫଳରେ ସେମାନଙ୍କର ପ୍ରଜନନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି ବୋଲି ବିଶ୍ୱଜିତ୍ କହିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଉଦ୍‌ଘାଟିତ



ଶିବିରରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

ତିଗିରିଆ,୪।୧(ଡି.ଏନ.ଏ.)

ତିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳ ପରିସରରେ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ପୁଷ୍ପିତା ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳର ସମ୍ପାଦକ ସୁରେନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ହାଟମାଳ ସରପଞ୍ଚଙ୍କ ପ୍ରତିନିଧି ପିଣ୍ଟୁ ସ୍ୱାଇଁ, ଗଦାଧରପୁର ଗାଁର ସଭାପତି ଧନେଶ୍ୱର ସ୍ୱାଇଁ, ଗଦାଧରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ବେହେରା, ଗଦାଧରପୁର ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ୭ ଦିନ ଧରି ଏହି ତାଲିମ ଶିବିରରେ ବନ୍ୟା, ବାତ୍ୟା ସମୟରେ ବିପନ୍ନ ଲୋକଙ୍କୁ କିଭଳି ଭାବେ ସୁରକ୍ଷିତ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ବିଭିନ୍ନ କୌଶଳର ଶିକ୍ଷା ଦିଆଯାଇଥିଲା। ଶିବିରରେ ଓଏସ୍‌ଡିଏମ୍‌ଏର ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକ ଅସିତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ବିଜୟ କୁମାର ପରିଡା ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦେବେ। ଏଥିରେ ପଞ୍ଚାୟତର ୱାର୍ଡ ସଭ୍ୟଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଆବାସ ଯୋଜନାରେ ଦୁର୍ନୀତି, ଭାଜପାର ଗଣଧାରଣା



ବ୍ଲକ କାର୍ଯ୍ୟାଳୟ ପରିସରରେ ଭାଜପା ପକ୍ଷରୁ ଗଣ ଧାରଣା ଦିଆଯାଇଛି।

ବଡ଼ମ୍ବା, ୪।୧(ଡି.ଏନ.ଏ.)

ବଡ଼ମ୍ବା ପଞ୍ଚାୟତ ସମିତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ବଡ଼ମ୍ବା ଭାଜପା ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦିଆଯାଇଛି। ଭାଜପା ନେତା ବିଜୟ କୁମାର ଦଳ ବେହେରାଙ୍କ ନେତୃତ୍ୱରେ ଦିଆଯାଇଥିବା ଧାରଣରେ ମଣ୍ଡଳ ସଭାପତି ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ। ଗତ ଫନୀ ବାତ୍ୟାରେ ବଡ଼ମ୍ବା ବ୍ଲକର କ୍ଷତିଗ୍ରସ୍ତଙ୍କୁ ବାସଗୃହ ପ୍ରଦାନ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ୨୦୧୯ ଅଗଷ୍ଟ ୩୧ରୁ ସରଜମିନ ତଦନ୍ତ କରାଯାଇ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୧୧ ମଧ୍ୟରେ ଜିଓ ଟ୍ୟାଗ କରି ତଥ୍ୟ ଯୋଗାଇଦେବାର ନିର୍ଦ୍ଦେଶ ଥିଲା। ହେଲେ ବଡମ୍ବା ପଞ୍ଚାୟତ ସମିତିରେ ହୋଇଥିବା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ସେତେବେଳେ ମଧ୍ୟ ଦଳ ପକ୍ଷରୁ ବିକ୍ଷୋଭ ଓ ଗଣଧାରଣା ଦିଆଯାଇଥିଲା। ପରେ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି କରାଯାଇ ତଦନ୍ତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କ ବିରୋଧରେ ମକଦ୍ଦମା ରୁଜୁ ହୋଇଥିଲା। ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହାୟତା ପାଇଁ ପୁନର୍ବାର ନିର୍ଦ୍ଦେଶ ଆସିଥିବା ବେଳେ ପୁଣିଥରେ ଅନିୟମିତତା ହୋଇଥିବା ଭାଜପା ଅଭିଯୋଗ କରିଛି। ହିତାଧିକାରୀ ଚୟନ ନିମନ୍ତେ ନୂତନ ଅଧିକାରୀ ଚୟନ କରିବାକୁ ଦଳ ଦାବି କରିଛି। ଏ ନେଇ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓଡ଼ିଶା, ପଞ୍ଚାୟତିରାଜ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଭାଜପା ନେତା ବିଜୟ ଦଳ ବେହେରା କହିଛନ୍ତି। ଏହି ଗଣଧାରଣାରେ ରାଜ୍ୟ ସମ୍ପାଦକ ଅମର ନାୟକ, କଟକ ସଭାପତି ପ୍ରକାଶ ବେହେରା, କଟକ ଜିଲାର ସମ୍ପାଦକ ରାମନାରାୟଣ ମହାନ୍ତି, ବିଭୁଦତ୍ତ ପଟ୍ଟନାୟକ, ବଡ଼ମ୍ବା ମଣ୍ଡଳ ସଭାପତି ସନ୍ତୋଷ ବେହେରା, ସରୋଜ ବେଉରା, ଲକ୍ଷ୍ମୀଧର ପ୍ରଧାନ, ମନୋଜ କୁମାର ଉଦୟଭାନୁ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ରମେଶ କୁମାର ଜେନା ଓ ଏସ୍‌ଡିପିଓ ବିଜୟ କୁମାର ବିଶି ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନଥିଲା।

# ବାଙ୍କୀ କଲେଜରେ କବିତା ଆସର

ବାଙ୍କୀ,୪।୧(ସ୍ୱ.ପ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ସଭାଗୃହରେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦେଇ କବିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ମନୋରଞ୍ଜନ ସାହୁ ଯୋଗଦାନ କରି କବିତା ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଡକ୍ଟର ଅଭିମନ୍ୟୁ ରଣା ସ୍ୱାଗତ ଭାଷଣ କରିଥିବା ବେଳେ ଡକ୍ଟର ମୁରଲୀଧର ରଥ କବିତାଗୁଡିକୁ ସଂଯୋଜନା କରିଥିଲେ। ଆସରରେ ଡ. ସନ୍ତୋଷ କୁମାର ପଣ୍ଡା, ଅଧ୍ୟାପିକା ଇନ୍ଦୁରେଖା ନାୟକ, ଅଧ୍ୟାପକ ଗଣେଶ୍ୱର ରଣା, ଅଧ୍ୟାପିକା ସୁଶ୍ରୀ ପ୍ରୀତିବନ୍ୟା ଶୁଭଲକ୍ଷ୍ମୀ, ଅଧ୍ୟାପିକା ଜୟଶ୍ରୀ ଷଡଙ୍ଗୀ, ଅଧ୍ୟାପକ ଆଶିଷ କୁମାର ପାଢୀ, ଅଧ୍ୟାପିକା ସାଗରିକା ଦାସ, ଡ.ବିଶ୍ୱରଞ୍ଜନ ସାହୁ, ଅଧ୍ୟାପକ ଶିବାନୀ ପ୍ରିୟଦର୍ଶିନୀ, ଅଧ୍ୟାପିକା ସସ୍ମିତା ବେହେରା, ପ୍ରଭାତ କୁମାର ବଳିୟାର ସିଂହ, ରଞ୍ଜିତ କୁମାର ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଡ. ବିଶ୍ୱରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁନାଇଟେଡ୍ କ୍ଲବ ଚାମ୍ପିୟନ

**ପାଞ୍ଚଗାଁ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ତିଗିରିଆ, ୪।୧(ଡି.ଏନ.ଏ.)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଆସୋସିଏଶନ ଦିବ୍ୟଜ୍ୟୋତି ଦ୍ୱାରା ଆୟୋଜିତ ୭ମ ପାଞ୍ଚଗାଁ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଚାଉଳିଆଗଞ୍ଜ କ୍ଲବ କଟକକୁ ୧/୦ ଗୋଲରେ ପରାସ୍ତ କରି ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧର ୩୦ ସେକେଣ୍ଡରେ ୟୁନାଇଟେଡ଼ କ୍ଲବର ନମ୍ବର ୧୦ ଖେଳାଳି ରାଜେଶ ନାୟକ ଏକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ହେଲେ ଖେଳ ଶେଷ ପର୍ଯ୍ୟନ୍ତ ଚାଉଳିଆଗଞ୍ଜ ଦଳ କୌଣସି ଗୋଲ କରିବାକୁ ସକ୍ଷମ ହୋଇ ନ ପାରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ଯୁବ ସଙ୍ଗଠକ ଅଭୟ ବାରିକ, ସମ୍ମାନିତ ଅତିଥି ଭାବେ କୃଷକ ମୋର୍ଚ୍ଚା ସମ୍ପାଦକ ଶେଷଦେବ ନନ୍ଦ ଯୋଗଦେଇ ଚାମ୍ପିୟନ ୟୁନାଇଟେଡ୍ କ୍ଲବକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସ ଅପ ଚାଉଳିଆଗଞ୍ଜ କ୍ଲବକୁ ଟ୍ରଫି ସହିତ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଗୋଲ ସ୍କୋର କରିଥିବା ରାଜେଶ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ଫାଇନାଲ ମ୍ୟାଚକୁ ରେଫରି ସଞ୍ଜୀବ ଦାଶ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅରୁଣ ନାୟକ ଓ ବ୍ରହ୍ମାନନ୍ଦ ଭୋଇ ସହଯୋଗ କରିଥିଲେ। ୪ର୍ଥ ରେଫରି ସୁବାସ କୁମାର ମୁଦୁଲି ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟହ ଗଣମାଧ୍ୟମ ପ୍ରତିନିଧି ଖେଳ ଖବର ପ୍ରକାଶ କରୁଥିବାରୁ ତାଙ୍କୁ ମଧ୍ୟ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଆୟୋଜକ କମିଟିର ସଭାପତି ତ୍ରିନାଥ ସାହୁ ଓ ସମ୍ପାଦକ ତପନ କୁମାର ପ୍ରଧାନ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

# ମାହାଙ୍ଗାର ବିକାଶ ପାଇଁ ଦଳକୁ ମଜଭୁତ କର



ମାହାଙ୍ଗାରେ ବିଜେଡିର ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ବିଜେଡି ରାଜନେତାମାନେ।

**ବିଜେଡିର ପ୍ରତିଷ୍ଠା ଦିବସରେ ପ୍ରତାପଙ୍କ ଶକ୍ତି ପ୍ରଦର୍ଶନ**

ମାହାଙ୍ଗା,୪।୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ଜବାହରଲାଲ ନେହେରୁ ମହାବିଦ୍ୟାଳୟ ଖେଳପଡ଼ିଆଠାରେ ମାହାଙ୍ଗା ବିଜେଡିପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ପ୍ରତାପଙ୍କ ଭଳି ଜଣେ ସୁସଙ୍ଗଠକ ପାଇ ମାହାଙ୍ଗା ମାଟି ରାଜନୀତି କ୍ଷେତ୍ରରେ ବହୁ ସୁନାମ ଅର୍ଜନ କରିଛି। ତାଙ୍କ ଭଳି ନେତା ପାଇ ମାହାଙ୍ଗା ଆଜି ପ୍ରଗତିଶୀଳ ନିର୍ବାଚନମଣ୍ଡଳୀ ଭାବରେ ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଯୋଗଦେଇ ବିଜେଡିର ବୟସ ଯେତେ ବଢ଼ି ବଢ଼ି ଯାଉଛି ସେତେ ସେତେ ଲୋକମାନଙ୍କର ସମର୍ଥନ ବଢ଼ି ଚାଲିଛି ବୋଲି କହିଥିଲେ। ମାହାଙ୍ଗା ବ୍ଲକର ୩୭ ପଞ୍ଚାୟତରୁ ଆସିଥିବା କର୍ମୀ ଓ ନେତୃମଣ୍ଡଳୀଙ୍କୁ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ନବବର୍ଷର ଅଭିନନ୍ଦନ ଜଣାଇବା ସହ ମାହାଙ୍ଗାର ବିକାଶ ପାଇଁ ବିଜେଡିକୁ ଆହୁରି ମଜଭୁତ କରି ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଯୋଗଦେଇ କଟକ ଜିଲାରେ ପ୍ରଥମ କରି ଦଳ ସଭାପତି ନିର୍ଦ୍ଦେଶ କ୍ରମେ ପ୍ରତିଷ୍ଠା ଉତ୍ସବ ମାହାଙ୍ଗାରୁ ଶୁଭାରମ୍ଭ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, କଟକ ଜିଲା ଯୁବ ବିଜେଡି ସଭାପତି ସ୍ମୃତିରଞ୍ଜନ ନାୟକ, ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ସିସିବି ସଭାପତି ପ୍ରଭାତ କାନୁନ୍‌ଗୋ, କିଶୋର ସିଂହ, ରୁଦ୍ର ନାରାୟଣ ସିଂହ, କଟକ ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଛାତ୍ର ବିଜେଡି ସଭାପତି ହିତେଶ ରାଉତ, ଉପସଭାପତି ତ୍ରିନାଥ ଜେନା, କୁଣ୍ଡି ସେବା ସମବାୟ ସମିତି ସଭାପତି ଅଖିଳେଶପଦ ମହାନ୍ତି, ଜୋନ୍ ସଭାପତି କମଳାକାନ୍ତ ଦାଶ, ନିରଞ୍ଜନ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ଜିଲା ଯୁବ ବିଜେଡି ଉପସଭାପତି ଜୟନ୍ତ ବିଶ୍ୱାଳ, ସ୍ୱାଧୀନ ମହାନ୍ତି, ହେମନ୍ତ ପ୍ରଧାନ, ପ୍ରଦୀପ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ'

ପୁରୀ ଅଫିସ, ୪।୧

ଶ୍ରୀଜଗନ୍ନାଥ ହେଉଛନ୍ତି ବୈଦିକ ଠାକୁର। ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ମହାପ୍ରଭୁ। ସାମଗ୍ରିକ ଭାବେ ବିଶ୍ୱ, ରାଜନୀତି, ପରିବେଶର ବିକାଶ ହୋଇପାରିଲେ ଆଧ୍ୟାତ୍ମିକ ଚେତନା ବିକଶିତ ହୋଇପାରିବ ବୋଲି ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ବୁଧବାର ଟାଉନ ହଲରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ ୱାଇଡ୍ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶକୁ ଉଦ୍‌ଘାଟନ କରି ଶଙ୍କରାଚାର୍ଯ୍ୟ ଏହି ମତବ୍ୟକ୍ତ କରିଛନ୍ତି। ଆଧ୍ୟାତ୍ମିକ ଚେତନାର ଜାଗରଣ ସମ୍ପର୍କରେ ଏହି ୩ ଦିନିଆ ସମାବେଶରେ ଆଲୋଚନା କରାଯିବ। ସମାବେଶରେ ବିଶ୍ୱର ବିଭିନ୍ନ ଦେଶର ବିଦ୍ୱାନ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ସାଧୁସନ୍ଥ ଯୋଗଦେଇଛନ୍ତି।

ଶଙ୍କରାଚାର୍ଯ୍ୟ କହିଥିଲେ, ଗୋହତ୍ୟା ଓ ଧର୍ମାନ୍ତରୀକରଣକୁ ପ୍ରୋତ୍ସାହନ ଦେଉଥିବା ଶାସନତନ୍ତ୍ର ଶାସନ ଗାଦିରେ ବସିବା ଯୋଗ୍ୟ ନୁହେଁ। ଗୋମାତା ସମ୍ପର୍କରେ ଟିପ୍ପଣୀ ଦେଇଥିବା କୋର୍ଟ ତୁରନ୍ତ କ୍ଷମା ପ୍ରାର୍ଥନା କରିବାକୁ ସେ ତାଗିଦା କରିଥିଲେ। ଏବର କମ୍ପ୍ୟୁଟର ଓ ଆଣବିକ ବୋମା ଯୁଗରେ ସାଧୁସନ୍ଥ ଓ ଅଭିଭାବକ ଶାସ୍ତ୍ର ପୁରାଣ ସମ୍ପର୍କରେ ଜ୍ଞାନ ଆହରଣ କରିପାରିଲେ ସମଗ୍ର ବିଶ୍ୱରେ ଭାରତ ଆଧ୍ୟାତ୍ମିକ ଗୁରୁ ହୋଇପାରିବ। ବିନା ସ୍ୱାର୍ଥରେ ନିଜ କର୍ମ କଲେ ହିଁ ମୋକ୍ଷପ୍ରାପ୍ତି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏ ନେଇ ଅନେକ ଜିଜ୍ଞାସୁ ନିଜର ପ୍ରଶ୍ନ ରଖିଥିବାବେଳେ ଜଗଦ୍‌ଗୁରୁ ସେଗୁଡ଼ିକର ଉତ୍ତର ଦେଇଥିଲେ। ଏହି ଅଧିବେଶନରେ ସଙ୍ଗଠନର ସ୍ମରଣିକା 'ଦାରୁବ୍ରହ୍ମ' ଉନ୍ମୋଚିତ ହୋଇଥିଲା।




ସମାବେଶରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଓ ଅନ୍ୟମାନେ।

**ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଘାଟିତ**

ପ୍ରାକ୍ ଉଦ୍‌ଘାଟନୀ ଅଧିବେଶନରେ ପୂଜ୍ୟ ସ୍ୱାମୀ ସମର୍ପଣାନନ୍ଦ ଗିରି ଏବଂ ଡ. ହରେକୃଷ୍ଣ ଶତପଥୀ ଆଧ୍ୟାତ୍ମିକ ଚେତନାର ଜାଗରଣ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସେମାନେ କହିଥିଲେ, ପାଶ୍ଚାତ୍ୟ ସଭ୍ୟତା ଆଡକୁ ମୁହାଁଇଥିବା ଯୁବ ସମାଜକୁ ଫେରାଇ ଆଣିବାକୁ ହେଲେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଅପରାହ୍ନ ଅଧିବେଶନରେ ପୁରୀରୁ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ଆମେରିକାରୁ ପ୍ରବାସୀ ଭାରତୀୟ ଡ. ପଞ୍ଚାନନ ଶତପଥୀ, କାନାଡ଼ାରୁ ଡ. ସୁନନ୍ଦା ମିଶ୍ର, ୟୁକେରୁ ସୁସ୍ମିତ ରାଜହଂସ ଏବଂ ପୁରୀରୁ ଡ. ନରେଶ ଦାଶ ପ୍ରମୁଖ ଏହି ବିଷୟ ଉପରେ ମତ ରଖିଥିଲେ। ଅଧିବେଶନକୁ ଡ. ଗୁରୁ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ। ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡର ଟ୍ରଷ୍ଟି ଡ. ଭଗବାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

**କୃଷକଙ୍କ ମୃତ୍ୟୁ** ବଳଙ୍ଗା, (ଡି.ଏନ୍.ଏ.): ବଳଙ୍ଗା ପଞ୍ଚାୟତ ତୋଟାସାହି ଗ୍ରାମର ଅଗ୍ରଣୀ କୃଷକ ସୁଦର୍ଶନ ପ୍ରଧାନ(୮୨)ଙ୍କ ବୁଧବାର ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଘଟିଛି। ଗ୍ରାମ୍ୟ ଶ୍ମଶାନରେ ସଂସ୍କାର ପୂର୍ବକ ଜ୍ୟେଷ୍ଠ ପୁତ୍ର ପ୍ରଫୁଲ୍ଲ ମୁଖାଗ୍ନି ଦେଇଥିଲେ। ଏଥିସହ ସାନପୁଅ ଶରତ, ବଡ଼ ପୁତୁରା ଶ୍ରୀକର ପ୍ରଧାନଙ୍କ ସହ ପରିବାରର ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ। ସୁଦର୍ଶନ ଜଣେ ଅଗ୍ରଣୀ କୃଷକ, ଧର୍ମପରାୟଣ ଓ ପରୋପକାରୀ ଥିଲେ। ଅଜିତ ଚାନ୍ଦ ଦାସ, ସୁକାନ୍ତ ବରାଳ, ରାଜକିଶୋର ଦାଶ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୧।୨୦୨୩

| ୪,୪୯,୪୪୪ ଟଙ୍କା | |
|---|---|
| ସୁନା | ମିଳି ନାହିଁ |
| ରୁପା | ୧୭.୫୫୦ ଗ୍ରାମ |

## ସଂକ୍ଷେପରେ

### ଯୁବକଙ୍କୁ ଛୁରାମାଡ଼, ୨ ଅଟକ

**କୋଣାର୍କ,୪।୧(ଡି.ଏନ୍.ଏ.):** କୋଣାର୍କ ଥାନାଠାରୁ କିଛି ଦୂରରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିବା କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ସେ ହେଲେ କୋଣାର୍କ ଥାନା ଛକ ବ୍ୟାଙ୍କ ଗଳିରେ ରହୁଥିବା ତାପସ ଶତପଥୀ। ସେ ଇକୋ ରିଟ୍ରିଟ୍‌ରୁ କାର୍ଯ୍ୟ ସାରି ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଗଳି ସମ୍ମୁଖରେ ୨ ଜଣ ଯୁବକ ତାଙ୍କୁ ଅଟକାଇ ଛୁରି ମାରିବା ସହିତ ମୋବାଇଲ, ୩୦ ହଜାର ଟଙ୍କା ନେଇଯାଇଥିବା ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। କୋଣାର୍କରେ ଚୋରାମଦ କାରବାର, ଧଳା ଜହର କାରବାର, ଅସାମାଜିକ ବ୍ୟକ୍ତିଙ୍କ ଆପରାଧିକ କାର୍ଯ୍ୟକଳାପ ବଢୁଥିବାରୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହେଉଛି।

### ନିଶାସକ୍ତ ଅବସ୍ଥାରେ ସ୍କୁଲ ଗାଡ଼ି ଚଳାଇ ଜରିମାନା ଗଣିଲେ

**ସାକ୍ଷୀଗୋପାଳ,୪।୧(ସ୍ୱ.ପ୍ର./ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପଟ୍ଟନାୟକିଆ ଛକ ନିକଟ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଘରୁ ବିଦ୍ୟାଳୟକୁ ନେବା ଆଣିବା ପାଇଁ ୨ ଗୋଟି ଗାଡ଼ିର ବ୍ୟବସ୍ଥା ରହିଛି। ଉକ୍ତ ୨ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବାରୁ ସ୍ଥାନୀୟ ପିସିଆର୍ ଗାଡ଼ି ସହ ସେମାନଙ୍କୁ ଘଟଣାସ୍ଥଳରୁ ଜବତ କରି ସତ୍ୟବାଦୀ ଥାନା ଜିମା ଦେଇଥିଲା। ସେମାନେ ହେଲେ ଜଗବନ୍ଧୁ ପ୍ରଧାନ ଓ ମହେଶ୍ୱର ସୁବୁଦ୍ଧି। ଥାନା ଆଇଆଇସି ବିଜୟ କେତନ ବେହେରା ଓ ପୁରୀ ଆର୍‌ଟିଓ ଅମିତି ରଣା ଥାନାରେ ପହଞ୍ଚି ଚାଳକ ଜଗବନ୍ଧୁଙ୍କୁ ୬,୫୦୦ ଓ ମହେଶ୍ୱରଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଥିଲେ।

### ଦ୍ୱିତୀୟ ଦିନରେ ପୁସ୍ତକ ମେଳା ବିଜ୍ଞାନ ଓ ଧର୍ମଭିତ୍ତିକ ପୁସ୍ତକ ପାଇଁ ଗହଳି

**ପୁରୀ ଅଫିସ ୪।୧ :** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ଶରଧାବାଲି ରେ ଆୟୋଜିତ ୨୭ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ଦ୍ୱିତୀୟ ଦିନରେ ବହି ମେଳାରେ ପାଠକମାନଙ୍କ ଗହଳି ପରିଲକ୍ଷିତ ହୋଇଛି । ଗୋଟିଏ ସ୍ଥାନରେ ବିଭିନ୍ନ ପ୍ରକାର ମୂଲ୍ୟବାନ ବହି ପାଇପାରୁଥିବାରୁ ପାଠକ ମାନେ ବେଶ ଖୁସି ବ୍ୟକ୍ତ କରିଛନ୍ତି । ବହିମେଳାର ଦ୍ୱିତୀୟ ଦିନରେ ବିଜ୍ଞାନ ଓ ଧର୍ମଭିତ୍ତକ ପୁସ୍ତକ ବିକ୍ରେତାଙ୍କ ଷ୍ଟଲ୍ ରେ ଗହଳି ଦେଖାଦେଇଥିଲା।ମେଳା ରେ ଅନେକ ପାଠକ ପୁରୁଣା ଉପନ୍ୟାସ ଖୋଜିବା ସହ ପଢୁଥିବା ଦୃଷ୍ଟି ଗୋଚର ହୋଇଥିଲା। ଅନେକ ପାଠକ ସାଥିରେ ବହି ନେଇ ଘରକୁ ମନ ଖୁସିରେ ଫେରୁଥିବା ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଦିବସରରେ ମେଳା ମଞ୍ଚରେ ଅନନ୍ୟା କଳାମନ୍ଦିର ପକ୍ଷରୁ ଲୋକନୃତ୍ୟ ଓ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା ଓଡ଼ିଆ ଲେଖିକା ସମ୍ମିଳନୀ ପକ୍ଷରୁ କବିତା ପାଠ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସେହିପରି ଗୁରୁବାର ସିଦ୍ଧମହାବୀର ସଂଗୀତ ପରିଷଦ ପକ୍ଷରୁ ଭକ୍ତି ସଂଗୀତ ଓ ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ମୋ ସ୍ୱପ୍ନ ରେ ପୁରୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ଛାତ୍ରୀ ଛାତ୍ରଙ୍କ ପାଇଁ ଟିକିତାରା ଆୟୋଜିତ ପଠନଟୁର୍ଣ୍ଣି ଏବଂ ଚନ୍ଦ୍ରବାଜୟୀଙ୍କ କୁଇଜ୍ ହେବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ମେଳା କମିଟିର ଗଣମାଧ୍ୟମ ସଂପାଦକ ବଦ୍ରି ମିଶ୍ର ସୂଚନା ଦେଇଛନ୍ତି। ପୁସ୍ତକ ମେଳାରେ ୬୦ଟି ପ୍ରକାଶନ ସଂସ୍ଥା ସହ ୧୪୫ଟି ଷ୍ଟଲ ଯୋଗଦାନ କରିଛନ୍ତି। ପ୍ରତ୍ୟେକ ଦିନ ଅପରାହ୍ନ ୨ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଖୋଲା ରହିବ। ଆସନ୍ତା ୧୨ ତାରିଖ ଦିନ ପୁସ୍ତକ ମେଳା ଉଦ୍‌ଯାପନ ହେବ।

# ‘ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ’

## ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଘାଟିତ



ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି।

**ପୁରୀ ଅଫିସ, ୪।୧**

ଶ୍ରୀଜଗନ୍ନାଥ ହେଉଛନ୍ତି ବୈଦିକ ଠାକୁର। କାହିଁ କେଉଁକାଳରୁ ସେ ଶ୍ରୀକ୍ଷେତ୍ରରେ ବିରାଜମାନ। ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ମହାପ୍ରଭୁ। ସାମଗ୍ରିକ ଭାବେ ବିଶ୍ୱ, ରାଜନୀତି ଓ ପରିବେଶର ବିକାଶ ହୋଇପାରିଲେ ଆଧ୍ୟାତ୍ମିକ ଚେତନା ବିକଶିତ ହୋଇପାରିବ ବୋଲି ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କରି ଶଙ୍କରାଚାର୍ଯ୍ୟ ଏହି ମତବ୍ୟକ୍ତ କରିଛନ୍ତି। ଆଧ୍ୟାତ୍ମିକ ଚେତନାର ଜାଗରଣ ସମ୍ପର୍କରେ ଏହି ୩ ଦିନିଆ ସମାବେଶରେ ଆଲୋଚନା କରାଯିବ। ସମାବେଶରେ ବିଶ୍ୱର ବିଭିନ୍ନ ଦେଶର ବହୁ ବିଦ୍ୱାନ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ସାଧୁସନ୍ଥ ଯୋଗଦେଇଛନ୍ତି।

ଶଙ୍କରାଚାର୍ଯ୍ୟ କହିଥିଲେ, ଗୋହତ୍ୟା ଓ ଧର୍ମାନ୍ତରୀକରଣକୁ ପ୍ରୋତ୍ସାହନ ଦେଉଥିବା ଶାସନତନ୍ତ୍ର ଶାସନ ଗାଦିରେ ବସିବା ଯୋଗ୍ୟ ନୁହେଁ। ଗୋମାତା



ସମାବେଶରେ ଯୋଗ ଦେଇଥିବା ସାଧୁସନ୍ଥ, ଜଗନ୍ନାଥପ୍ରେମୀ ଏବଂ ବିଶିଷ୍ଟ ବ୍ୟକ୍ତିମାନେ।

କହିଛନ୍ତି। ଗୁରୁବାର ଟାଉନ ହଲରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ୍ ୱାଇଡ୍ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶକୁ ଉଦ୍‌ଘାଟନ ସମ୍ପର୍କରେ ଟିପ୍ପଣୀ ଦେଇଥିବା କୋର୍ଟ ତୁରନ୍ତ କ୍ଷମା ପ୍ରାର୍ଥନା କରିବାକୁ ସେ ତାଗିଦା କରିଥିଲେ। ଆଜିର କମ୍ପ୍ୟୁଟର ଓ ଆଣବିକ ବୋମା ଯୁଗରେ ସାଧୁସନ୍ଥ ଓ ଅଭିଭାବକମାନେ ଶାସ୍ତ୍ର ପୁରାଣ ସମ୍ପର୍କରେ ଜ୍ଞାନ ଆହରଣ କରିପାରିଲେ ସମଗ୍ର ବିଶ୍ୱରେ ଭାରତ ଆଧ୍ୟାତ୍ମିକ ଗୁରୁ ହେବା ସହ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୋଇପାରିବ। ଆମର ଆତ୍ମା ହେଉଛି ଚୈତନ୍ୟଯୁକ୍ତ। ଆମକୁ ସର୍ବଦା ନିଜ କର୍ମ ଉପରେ ଧ୍ୟାନ ରଖିବାକୁ ହେବ। ବିନା ସ୍ୱାର୍ଥରେ ନିଜ କର୍ମ କଲେ ହିଁ ମୋକ୍ଷପ୍ରାପ୍ତି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏ ନେଇ ଅନେକ ଜିଜ୍ଞାସୁ ନିଜର ପ୍ରଶ୍ନ ରଖିଥିବାବେଳେ ଜଗଦ୍‌ଗୁରୁ ସେଗୁଡ଼ିକର ଉତ୍ତର ଦେଇଥିଲେ। ଏହି ଅଧିବେଶନରେ ସଙ୍ଗଠନର ସ୍ମରଣିକା ‘ଦାରୁବ୍ରହ୍ମ’ ଉନ୍ମୋଚିତ ହୋଇଥିଲା।

ପ୍ରାକ୍ ଉଦ୍‌ଘାଟନୀ ଅଧିବେଶନରେ ପୂଜ୍ୟ ସ୍ୱାମୀ ସମର୍ପଣାନନ୍ଦ ଗିରି ଏବଂ ଡ. ହରେକୃଷ୍ଣ ଶତପଥୀ ଉଦ୍‌ବୋଧନ ଦେଇ କହିଥିଲେ, ପାଶ୍ଚାତ୍ୟ ସଭ୍ୟତା ଆଡକୁ ମୁହାଁଇଥିବା ଯୁବସମାଜକୁ ଫେରାଇ ଆଣିବା ପାଇଁ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଅପରାହ୍ନ ଅଧିବେଶନରେ ପୁରୀରୁ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ଆମେରିକାରୁ ପ୍ରବାସୀ ଭାରତୀୟ ଡ. ପଞ୍ଚାନନ ଶତପଥୀ, କାନାଡ଼ାରୁ ଡ. ସୁନନ୍ଦା ମିଶ୍ର, ୟୁକେରୁ ସୁସ୍ମିତ ରାଜହଂସ ଏବଂ ପୁରୀରୁ ଡ. ନରେଶ ଦାଶ ପ୍ରମୁଖ ଏହି ବିଷୟ ଉପରେ ମତ ରଖିଥିଲେ। ଅଧିବେଶନକୁ ଡ. ଗୁରୁ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ। ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ୍‌ର ଟ୍ରଷ୍ଟି ଡ. ଭଗବାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟି ଡ. ହର ପ୍ରସନ୍ନ ଦାସ ସଙ୍ଗଠନର ଲକ୍ଷ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ ତଥା ଅନ୍ୟ ଟ୍ରଷ୍ଟି ସୁକାନ୍ତ ସାହୁ ଓ ସଂଗ୍ରାମ କେଶରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଇବର ଅପରାଧୀଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ

**ସାକ୍ଷୀଗୋପାଳ, ୪।୧ (ସ୍ୱ.ପ୍ର./ ଡି.ଏନ୍.ଏ.)**

ସତ୍ୟବାଦୀ ଥାନା ଅଧୀନ ଇନ୍ଦିପୁର ବଜାରର ବ୍ୟବସାୟୀମାନେ ଜଣେ ସାଇବର ଅପରାଧୀଙ୍କୁ ଧରି ବୁଧବାର ସନ୍ଧ୍ୟାରେ ସତ୍ୟବାଦୀ ପୋଲିସ ଜିମା ଦେଇଛନ୍ତି। ସେ ହେଲେ ହିରଣ୍ୟପଡ଼ା ଗ୍ରାମର ସୁପ୍ରଭାତ ମହାପାତ୍ର। ଖବର ମୁତାବକ, ସୁପ୍ରଭାତ ଇନ୍ଦିପୁର ଗ୍ରାମର କିଛି ଲୋକଙ୍କୁ ମୋବାଇଲ ସିମ୍ କାର୍ଡ ବାହାର କରିବା ପାଇଁ ଆଧାର କାର୍ଡ ମାଗିଥିଲେ। ଏଥିପାଇଁ ଆଧାର କାର୍ଡ ଦେଇଥିବା ବ୍ୟକ୍ତିଙ୍କୁ ୫୦୦ରୁ ୧ହଜାର ଟଙ୍କା ଦେବା ନିମନ୍ତେ କହିଥିଲେ। ଇନ୍ଦିପୁର ବଜାରରେ ମୋବାଇଲ ଦୋକାନ କରିଥିବା ସୁଦର୍ଶନ ବେହେରାଙ୍କ ଦୋକାନରେ ଅନ୍ୟମାନଙ୍କ ନାମରେ ମୋବାଇଲ ସିମ୍ କାର୍ଡ ବାହାର କରିବା ନିମନ୍ତେ ସେ କହିଥିଲେ। ଏଥିରେ ଦୋକାନୀ ବେହେରାଙ୍କ ସନ୍ଦେହ ହୋଇଥିଲା। ସେ ଆଖପାଖ ଦୋକାନୀଙ୍କୁ ଡାକି ଏ ବିଷୟରେ ସୂଚନା ଦେବା ପରେ ଦୋକାନୀ ଓ ସ୍ଥାନୀୟ ଲୋକେ ସୁପ୍ରଭାତ ମହାପାତ୍ରଙ୍କୁ ଅଟକ ରଖି ସତ୍ୟବାଦୀ ଥାନାକୁ ଖବର ଦେଇଥିଲେ। ସତ୍ୟବାଦୀ ପୋଲିସ ସୁପ୍ରଭାତଙ୍କୁ ଥାନାକୁ ଆଣିଥିବା ଜଣାପଡ଼ିଛି। ଆଗରୁ ସୁପ୍ରଭାତଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୨ ଗୋଟି ସାଇବର ମାମଲା ରହିଥିବା ଜଣାପଡ଼ିଛି।

# ଆଦର୍ଶ ଗ୍ରାମ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବି

**କୋଣାର୍କ,୪।୧(ଡି.ଏନ୍.ଏ.)**

କୋଣାର୍କ ଥାନା ଅଧୀନ ଅବଦାନ ପଞ୍ଚାୟତରେ ୨୦୨୧-୨୨ ଆର୍ଥିକ ବର୍ଷରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଆଦର୍ଶ ପ୍ରକଳ୍ପ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଭାରତ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଅବଦାନ ଗ୍ରାମପଞ୍ଚାୟତର ଅନୁସୂଚିତ ଜାତି ବହୁଳ ଗ୍ରାମ ଅବଦାନକୁ ଏହି ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ୨୦ଲକ୍ଷ ଟଙ୍କା ଅବଦାନ ପଞ୍ଚାୟତ ଆକାଉଣ୍ଟକୁ ପୁରୀ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିଲା।

ସମ୍ପୃକ୍ତ ଗ୍ରାମର ଉନ୍ନୟନ କାର୍ଯ୍ୟ ନିମନ୍ତେ ୩ଟି କିସ୍ତିରେ ୬୦ଲକ୍ଷ ଟଙ୍କା ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ଅବଦାନ ପଞ୍ଚାୟତ ତେଲିକୁଦ, ଯଦୁପୁର, ଗୋଲରାଗଡ଼, ଚିତ୍ରେଶ୍ୱରୀ, ତୋଟାସାହି, ତେଲିକୁଦ ଗୋପାଳ ସାହି ଆଦି ୭ଗୋଟି ପଡ଼ାଗ୍ରାମକୁ ନେଇ ଗଠିତ। ପଞ୍ଚାୟତରେ କଂକ୍ରିଟ ରାସ୍ତା ଓ ଆଲୋକୀକରଣ କାର୍ଯ୍ୟ ପାଇଁ ଅର୍ଥ ଆସିଥିଲା। ହେଲେ କାମ କମ୍ କରାଯାଇ ବ୍ୟାପକ ଦୁର୍ନୀତି ଓ ଅନିୟମିତତା କରାଯାଇ ଅର୍ଥ ହଡ଼ପ ହୋଇଥିବା ନେଇ ପଞ୍ଚାୟତର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମହଲରେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଅପରପକ୍ଷେ ଏହି ଯୋଜନାରେ କରାଯାଇଥିବା ଲାଇଟ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଅଧିକାଂଶ ଲାଇଟ୍ ଅଚଳ ହୋଇ ଗଲାଣି। ପଞ୍ଚାୟତରେ ଆଦର୍ଶ ଗ୍ରାମ ପ୍ରକଳ୍ପ କାର୍ଯ୍ୟରେ ହୋଇଥିବା ମହାଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ପୁରୀ ଜିଲାପାଳ ଓ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ଭିଜିଲାନ୍ସ ତଦନ୍ତ ପାଇଁ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଅବଦାନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କହ୍ନେଇ ଚରଣ ପ୍ରଧାନଙ୍କୁ ପଚାରିବାରେ, ସେ ନୂତନ ଭାବେ ପଞ୍ଚାୟତର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ନିର୍ବାହୀ ଅଧିକାରୀଙ୍କ ସମୟରେ ଏହି କାର୍ଯ୍ୟ କରାଯାଇଥିବା ସେ ପ୍ରକାଶ କରିଥିଲେ।



ପିପିଲିରେ ମିଶନ ଶକ୍ତି କାଫେ ଓ ମିଶନ ମିଲେଟ ପରିଦର୍ଶନ ଅବସରରେ ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଏବଂ ଅନ୍ୟମାନେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ସଞ୍ଜୀୟ

**ପୁରୀ ଅଫିସ, ୪।୧**

ବ୍ରହ୍ମଗିରି ବ୍ଲକ କହଳପଦାଠାରେ ବୁଧବାର ସଞ୍ଜୀୟ କୁମାର ଦାସବର୍ମାଙ୍କ ଦ୍ୱାରା ବ୍ରହ୍ମଗିରି ବ୍ଲକ ଦକ୍ଷିଣ କାଣିଆ, ବକ୍ସି କାଣିଆ, ବେଣା କାଣିଆ ଓ ଚଉଦଶହ ମୌଜା କେନାଲ ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବ୍ରହ୍ମଗିରି ବ୍ଲକର ଦକ୍ଷିଣ କାଣିଆ ୬.୭ କିମି ଠାରୁ ୧୫.୭୦ କିମି ପର୍ଯ୍ୟନ୍ତ ପୁନରୁଦ୍ଧାର, ବକ୍ସି କାଣିଆର ୮.୬ କିମି ଠାରୁ ୧୦.୧ କିମି ପର୍ଯ୍ୟନ୍ତ ପୁନରୁଦ୍ଧାର, ବେଣା କାଣିଆର ୪.୫କିମି ପର୍ଯ୍ୟନ୍ତ ପୁନରୁଦ୍ଧାର, ଚଉଦଶହ ମୌଜାର ୫.୬କିମି ଠାରୁ ୭.୬କିମି ପର୍ଯ୍ୟନ୍ତ ପୁନରୁଦ୍ଧାର କରାଯିବ। ଏଥିପାଇଁ ୧,୬୨,୧୯,୫୭୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସେହିପରି ଦକ୍ଷିଣ କାଣିଆର ୧୫.୭କିମି ଠାରୁ ୨୦.୦୦କିମି ପର୍ଯ୍ୟନ୍ତ ପୁନରୁଦ୍ଧାର ଏବଂ ବାସନପୁର କେନାଲର ୪କିମି ପର୍ଯ୍ୟନ୍ତ ପୁନରୁଦ୍ଧାର ପାଇଁ ୪,୨୩,୮୯,୧୯୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ବ୍ରହ୍ମଗିରି ଚାଷୀଙ୍କ ଦୀର୍ଘଦିନର ଦାବି ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗରେ ବିକାଶର ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଛି। ବ୍ରହ୍ମଗିରି ଜଳସେଚନ ଓ ଜଳ ନିଷ୍କାସନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବକ୍ସି କାଣିଆ, ଦକ୍ଷିଣ କାଣିଆ, ବେଣା କାଣିଆ, ଏକନାଳିଆ, ଚଉଦଶହ ମୌଜା ଏବଂ ମହଲାପାଟରୁ ଦଳ ସଫା ଏବଂ ପୁନରୁଦ୍ଧାର କାର୍ଯ୍ୟ ଜଳସମ୍ପଦ ବିଭାଗ ଦ୍ୱାରା ହେବ ବୋଲି ଦାସବର୍ମା କହିଛନ୍ତି।

ଏହା ପରେ ଦାସବର୍ମା କହଳପଦା ପଞ୍ଚାୟତ ଯାଇ ଦୋକାନଘର ଏବଂ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନମାଳା ବେହେରା, ଉପାଧକ୍ଷା ମାଳିନୀ ଦଲାଇ, ଚାଷୀ ନେତା ବିଦ୍ୟାଧର ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ଯୁଧିଷ୍ଠିର ନାୟକ, ଜିଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, କହଳପଦା ସରପଞ୍ଚ ଭଗବାନ ପରିଡ଼ା, ସମିତି ସଭ୍ୟା ସୁମିତ୍ରା ବରାଳ, ବ୍ରାହ୍ମଣିଆ ସରପଞ୍ଚ ନିରଞ୍ଜନ ସେଠୀ, ସମିତି ସଭ୍ୟା ବବିତା ସ୍ୱାଇଁ, ଚାପମାଣିକ ସରପଞ୍ଚ ଅମୁଲ୍ୟ କୁମାର ଜେନା, ଦକ୍ଷିଣ କାଣିଆ ଚାଷୀ ସଭାପତି ପ୍ରଫୁଲ୍ଲ ଜେନା, ବକ୍ସି କାଣିଆ ଚାଷୀ ସଭାପତି ଭଜମନ ସାହୁ, ଚଉଦସହ ମୌଜା ଚାଷୀ ସଭାପତି ଭୀମସେନ ସାହୁ ଓ ବେଣା କାଣିଆ ଚାଷୀ ସଭାପତି କଣ୍ଟୁରି ସୁବୁଦ୍ଧିଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟାଙ୍କ ପୁରୀ ଗସ୍ତ

**ପିପିଲି,୪।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ବୁଧବାର ପୁରୀ ଜିଲା ଗସ୍ତ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପ୍ରଥମେ ପିପିଲି ଯାଇ ମିଶନ ଶକ୍ତି କାଫେ ଓ ମିଶନ ମିଲେଟ ପରିଦର୍ଶନ କରିଥିଲେ। ମିଲେଟ୍ ପକ୍ଷରୁ ସୁଆଁ ଚାଉଳରେ ପ୍ରସ୍ତୁତ ଉପମା, ଖୁଦ ଚାଉଳରେ ପ୍ରସ୍ତୁତ ଖିରି, ଗୁଡ଼ରେ ଚା’, ମିଲେଟ କାକରା, ମାଣ୍ଡିଆ ଜୁସ ଜଳଖିଆ ଭାବେ ପରଷିଥିଲା ମିଶନ ଶକ୍ତି। ଏହାପରେ ଗୁପ୍ତେଦେଇପୁର ମୌଜ ବେଗ, ସତ୍ୟବାଦୀର ପରଜାପଡ଼ା ଓ ପୁରୀ ଗସ୍ତ କରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଭେଟିଥିଲେ ଲୋପାମୁଦ୍ରା। ମହିଳାଙ୍କୁ ରୋଜଗାର ଯୋଗାଇ ଆୟ ବୃଦ୍ଧି କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ଗସ୍ତବେଳେ ପିପିଲି ବିଡିଓ ରଶ୍ମିତା ନାଥଙ୍କ ସହ ଓଏଲ୍ଏମ୍ ବିଭାର ଅଧିକାରୀ ଓ ମହିଳା ଏସ୍ଏସ୍‌ଜି ଗ୍ରୁପ ସଦସ୍ୟ ଉପସ୍ଥିତ ଥିଲେ।

# ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ନିମାପଡ଼ା,୪।୧(ଡି.ଏନ୍.ଏ.)**

ଗତ ୨୦୨୧ ଫେବୃୟାରୀ ୧୧ ତାରିଖରେ ଘଟିଥିବା ଏକ ହତ୍ୟାକାଣ୍ଡରେ ଜଣଙ୍କୁ ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ ଆଜୀବନ କାରାଦଣ୍ଡ, ୫ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୬ ମାସ କାରା ଦଣ୍ଡାଦେଶ ଶୁଣାଇଛନ୍ତି। କୋର୍ଟରେ ଜିଆର୍ କେସ୍ ନଂ. ୧୫୦/୨୧, ଏସ୍‌ଟି କେସ୍ ନଂ. ୧୦/୨୧ରେ ବିଚାର କରି ଏହି ରାୟ ଦେଇଛନ୍ତି।

ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ ହଂସପଡ଼ା ଗ୍ରାମର ତପନ ସାହୁ ୨୦୨୧ ଫେବୃୟାରୀ ୯ରେ ବିଲରୁ ଧାନତଳି ଆଣି ଏକ ସ୍କୁଟିରେ ଘରକୁ ଫେରୁଥିଲେ। ପୂର୍ବ ବିବାଦକୁ କେନ୍ଦ୍ର କରି ଉକ୍ତ ଗ୍ରାମର ଦୈତାରି ବେହେରା କ୍ରୋଧାନ୍ୱିତ ହୋଇ ଗ୍ରାମ ନିକଟରେ ତପନଙ୍କୁ ଅଟକାଇ ଏକ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତପନ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଘଟଣାର ୨ ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତପନଙ୍କ ଦାଦା ଦେବେନ୍ଦ୍ର ନାଥ ସାହୁ ସେହିଦିନ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ. ୫୩/୨୧) ରୁଜୁ କରି ଅଭିଯୁକ୍ତ ଦୈତାରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୧୬ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ କୋର୍ଟରେ ଦାଖଲ ହୋଇଥିବା ୨୭ଟି ଦସ୍ତାବିଜକୁ ବିଚାରକୁ ନେଇ ଏଡିଜେ ସାହୁ ଅଭିଯୁକ୍ତଙ୍କୁ ଦଫା ୩୦୨ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ପ୍ରଦାନ କରିଛନ୍ତି। ରାୟ ପ୍ରକାଶ ସମୟରେ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ଦଣ୍ଡାଦେଶ ପରେ ଅଭିଯୁକ୍ତ ବେହେରାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୀତାକାନ୍ତ ଦାସ ମାମଲା ପରିଚାଳନା କରୁଥିଲେ।

# ମନ୍ଦିର ପାର୍କିଂସ୍ଥଳ ସଫେଇ କଲେ ସ୍ୱେଚ୍ଛାସେବୀ

## ଧରିତ୍ରୀ ପ୍ରଭାବ

**ସାକ୍ଷୀଗୋପାଳ, ୪।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନର ବିଫଳତାକୁ ନେଇ ‘ଅବ୍ୟବସ୍ଥାରେ ସାକ୍ଷୀଗୋପାଳ ପର୍ଯ୍ୟଟନ ସ୍ଥଳ’ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ବୁଧବାର ଇଣ୍ଟରନ୍ୟାଶନାଲ ହ୍ୟୁମ୍ୟାନ ରାଇଟ୍ସ କମ୍ୟୁନିଟି ଇଣ୍ଡିଆ, ସତ୍ୟବାଦୀ ଶାଖାର ସ୍ୱେଚ୍ଛାସେବୀ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଗାଡ଼ି ପାର୍କିଂସ୍ଥଳକୁ ସଫେଇ କରିଛନ୍ତି। ଠେଲାଗାଡ଼ିରେ ଅଳିଆ ଆବର୍ଜନା କାଢ଼ି



ବ୍ଲିଚିଂ ପାଉଡର ପକାଇଥିଲେ। ଅନୁଷ୍ଠାନ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପସଭାପତି ପବିତ୍ର ପରିଡ଼ା ,ସାଧାରଣ ସମ୍ପାଦକ ଅର୍ଜୁନ ବେହେରା, ପ୍ରଫୁଲ୍ଲ ପାତ୍ରଙ୍କ ସହ ବକୁଳବନ ମହୋତ୍ସବ ସମ୍ପାଦକ ଯଯାତି କେଶରୀ ରାୟ, ପ୍ରଶାନ୍ତ ବିଶ୍ୱାଳ, ଧୀରଞ୍ଜନ ବିଶ୍ୱାଳ, ସତ୍ୟବ୍ରତ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପରିଷ୍କାର କରି ଫୁଲମାଳ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରତି ସପ୍ତାହରେ ଗୋଟିଏ ଦିନ ମନ୍ଦିର ସମ୍ମୁଖ ଆଖପାଖ ଅଞ୍ଚଳ ସଫେଇ କାମ ନିୟମିତ କରିବେ ବୋଲି ସ୍ୱେଚ୍ଛାସେବୀ କହିଛନ୍ତି।

# ୬ଦଫା ଦାବିରେ ଭାଜପା ପକ୍ଷରୁ ଧାରଣା

**ନିମାପଡ଼ା,୪।୧(ଡି.ଏନ୍.ଏ.)**

ନିମାପଡ଼ା ଭାଜପା ପକ୍ଷରୁ ଶତାଧିକ ଦଳୀୟ କର୍ମୀ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣାରେ ବସିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍, ହିତାଧିକାରୀ ଚୟନ ତାଲିକାରେ ବ୍ୟାପକ ଅନିୟମିତତା ନେଇ ପ୍ରତିବାଦ, ଫନି ବାତ୍ୟା କ୍ଷତିଗ୍ରସ୍ତ ଓ ବାସହୀନ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବା ସମେତ ୬ ଦଫା ଦାବିରେ କର୍ମୀମାନେ ଏହି ଆନ୍ଦୋଳନ କରିଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ଭାଜପା ନେତା ବିଜୟ ପଣ୍ଡା, ଯତୀନ୍ଦ୍ର ସ୍ୱାଇଁ, ଦିଲ୍ଲୀପ ପରିଡ଼ା, ରଞ୍ଜନ ଭୋଇ, ସନ୍ତୋଷ ପରିଡ଼ା, ନିରଞ୍ଜନ ନାୟକ, ରାଜକିଶୋର ନାୟକ, ମୀନଲତା ମହାନ୍ତି, ମାନସୀ ସେଠୀ, ସବିତା ମଲ୍ଲିକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ। ଆଗାମୀ ଦିନରେ ଭାଜପା ପକ୍ଷରୁ ଦୁର୍ବାର ଗଣଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନରତ ଭାଜପା ନେତୃବୃନ୍ଦମାନେ ପ୍ରଶାସନକୁ ଚେତାବନୀ ଦେଇଥିଲେ। ଉକ୍ତ ଦାବି ସମ୍ପର୍କରେ ବାରମ୍ବାର ଦଳ ପକ୍ଷରୁ ରାଜ୍ୟ ସରକାର, ଜିଲା ପ୍ରଶାସନ, ସ୍ଥାନୀୟ ବ୍ଲକ ଓ ରାଜସ୍ୱ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ପ୍ରଶାସନର ଚରମ ଅବହେଳା, ଖାମଖିଆଲ ନୀତି ଯୋଗୁ ଅଦ୍ୟାବଧି କୌଣସି ସୁଫଳ ମିଳି ନ ଥିବା ଭାଜପା ଉପସଭାପତି ପ୍ରଭାତୀ ପରିଡ଼ା ଓ ଆନ୍ଦୋଳନକାରୀ ନେତୃବୃନ୍ଦ କହିଥିଲେ।




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ଗଣଧାରଣାରେ ବସିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୫ ଜାନୁୟାରୀ, ୨୦୨୩



## ତାଲିମ ଶିବିର ଉଦ୍‌ଘାଟିତ

ଚୌଦ୍ୱାର,(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଖଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ରଞ୍ଜିତ କୁମାର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ତଥା ପରିଚାଳନା ଅଧିକାରୀ ଚିତ୍ରସେନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ହରପ୍ରିୟା ବାରିକ ଯୋଗଦେଇ ଆତ୍ମରକ୍ଷା ପାଇଁ ବିଭିନ୍ନ କୌଶଳ ଶିଖାଇଥିଲେ। ଅଧ୍ୟାପିକା ସୁସ୍ମିତା ମିଶ୍ର ଓ ଅଧ୍ୟାପକ ତାରାପ୍ରସାଦ ପରମଗୁରୁ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବକେୟା ହୋଲ୍ଡିଂ ଟ୍ୟାକ୍ସ ଆଦାୟ ଉପରେ ଗୁରୁତ୍ୱ

#### ଚୌଦ୍ୱାର ପୌର ପରିଷଦ ବୈଠକ

ଚୌଦ୍ୱାର,୪।୧(ଡି.ଏନ୍.ଏ.)- ଚୌଦ୍ୱାର ପୌର କାର୍ଯ୍ୟାଳୟ ସଭାଗୃହରେ ଚଳିତବର୍ଷର ପ୍ରଥମ ପୌର ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପୂର୍ବତନ କାଉନସିଲର କରୁଣାକର ସାହୁଙ୍କ ବିୟୋଗରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ନୂତନ ଭାବେ ବିଧାୟକଙ୍କ ପ୍ରତିନିଧି ଦାୟିତ୍ୱ ଗ୍ରହଣ କରିଥିବା ବିଷ୍ଣୁ ଚରଣ ପରିଡା ଓ ନୂତନ ଏମ୍‌ଇ ଶୁଭଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୌରାଞ୍ଚଳର ସମସ୍ତ ୱାର୍ଡର ଡ୍ରେନ୍ ସଂଯୋଗୀକରଣ ଓ ବର୍ଷାଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ଦିଗରେ ପଦକ୍ଷେପ ନିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହ ଗତ ବୈଠକରେ ପାରିତ ହୋଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ପୌରପାଳିକାର ଆୟବୃଦ୍ଧି ସହିତ ଚୌଦ୍ୱାର ସହରରେ ଥିବା ବିଭିନ୍ନ କମ୍ପାନୀ ହୋଲ୍ଡିଂଟ୍ୟାକ୍ସ ବାବଦ ବାକି ରଖିଥିବା ବହୁ କୋଟି ଟଙ୍କା ଆଦାୟ ସମ୍ପର୍କରେ ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ ପ୍ରଶ୍ନ ଉଠାଇଥିଲେ। ବକେୟା ଟିକସ ଆଦାୟ ପାଇଁ ଏକ ଟାସ୍କଫୋର୍ସ କମିଟି ଗଠନ କରାଯିବ ବୋଲି ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଏବଂ ଟ୍ୟାକ୍ସ ଇନ୍ସପେକ୍ଟର ମହାଦେବ ଜେନା କହିଥିଲେ। ନୂତନ କାଉନସିଲ୍ ଗଠନ ହେବାର ୮ମାସ ବିତି ଯାଇଥିଲେ ମଧ ସହରରେ ଆଶାନୁରୂପକ ଭାବେ ଉନ୍ନୟନ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ କରି କାଉନସିଲରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଉନ୍ନୟନ ପ୍ରକଳ୍ପଗୁଡିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଧାୟକଙ୍କ ପ୍ରତିନିଧି ପରିଡା ପ୍ରତିଶ୍ରୁତି ଦେଇଥିଲେ।

### ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

କଟକ ଅଫିସ, ୪।୧: କଟକ ଖାନ୍‌ନଗରସ୍ଥିତ ୟଙ୍ଗ ଉତ୍କଳ କ୍ଲବ ପଡ଼ିଆରେ ଜିଲାସ୍ତରୀୟ ବାର୍ଷିକ କ୍ରୀଡା ଓ ଖେଳକୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାର ୧୪ଟି ବ୍ଲକ୍ ଏବଂ କଟକ ମହାନଗର ନିଗମର ୧୪ ବର୍ଷ ଏବଂ ୧୭ ବର୍ଷରୁ କମ୍ ବୟସ ବାଳିକାବାଳକମାନେ ୨୧ଟି ବିଭାଗରେ ଭାଗ ନେବେ। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସିଏମ୍‌ସି ମେୟର ସୁବାସ ସିଂ ମୁଖ୍ୟ ଅତିଥି, ଜିଲା କ୍ରୀଡା ଅଧିକାରୀ ରଶ୍ମି ରଞ୍ଜନ ସାମନ୍ତରାଏ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ଡ. ଆନୁସ୍ମିତା ସ୍ୱାଇଁ, ଜିଲା କ୍ରୀଡା ଶିକ୍ଷା ଅଧିକାରୀ ସୌଦାମିନୀ ଦାସ, ସରୋଜିନୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ରାଜ କିଶୋର ସାହୁ, ପ୍ରଭାତ ଷଡଙ୍ଗୀ, ନିକୁଞ୍ଜ କିଶୋର ସ୍ୱାଇଁ, ସ୍ୱାଗତିକା ନାୟକ, ଡ. ସୁଜାତା ମହାପାତ୍ର ସହଯୋଗ କରିଥିଲେ।

# କୃଷକଙ୍କ ଉପରେ ରାଷ୍ଟ୍ର ଅର୍ଥନୀତି ନିର୍ଭରଶୀଳ

କଟକ ଅଫିସ, ୪।୧


କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଅନ୍ୟ ଅତିଥିମାନେ ଷ୍ଟଲ ବୁଲି ଦେଖୁଛନ୍ତି।

**ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**
- କୃଷି ଉପଯୋଗୀ ଯନ୍ତ୍ରପାତି ବ୍ୟବହାରରେ ମହିଳାଙ୍କୁ ଅଗ୍ରାଧିକାର
- ମହିଳା କୃଷି ଉଦ୍ୟୋଗୀଙ୍କୁ ଯନ୍ତ୍ରପାତି କ୍ରୟରେ ୭୫% ରିହାତି
- ୩୨ ମହିଳା ଏସ୍‌ଏଚ୍‌ଜିଙ୍କୁ ରିହାତି ରାଶି ପ୍ରଦାନ କଲେ ମନ୍ତ୍ରୀ

ରାଜ୍ୟ ତଥା ରାଷ୍ଟ୍ର ଅର୍ଥନୀତି କୃଷକମାନଙ୍କ ଉପରେ ନିର୍ଭରଶୀଳ। ନୂତନ ଜ୍ଞାନକୌଶଳ ପ୍ରୟୋଗ ଓ କୃଷି ଯନ୍ତ୍ରପାତି ଉପଯୋଗରେ କୃଷକଙ୍କ ଆୟ ବୃଦ୍ଧି କରିବା କୃଷିମେଳାର ମୂଳ ଉଦ୍ଦେଶ୍ୟ। ସ୍ୱଳ୍ପ ସମୟ ମଧ୍ୟରେ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ କୃଷକଙ୍କୁ ରିହାତି ମୂଲ୍ୟରେ ଯନ୍ତ୍ରପାତି ଯୋଗାଇଦେବା ପାଇଁ ମେଗାକୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କଟକ ଖ୍ରୀଷ୍ଟିଆନ ସାହି ଖେଳପଡିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମନ୍ତ୍ରୀ ସ୍ୱାଇଁ ଉଦ୍‌ଘାଟନ କରି କହିଥିଲେ, ଯାନ୍ତ୍ରିକ ପଦ୍ଧତିରେ କୃଷି ଉତ୍ପାଦନ ସମୟସାପେକ୍ଷ ନୁହେଁ। ଫଳରେ କୃଷକମାନେ ଅନ୍ୟ ଲାଭଜନକ ଫସଲ ନିମନ୍ତେ ସମୟ ବିନିଯୋଗ କରି ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବା ସହ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଲାଭବାନ ହୋଇପାରିବେ। ଅନ୍ୟପକ୍ଷରେ ରାଜ୍ୟ ସରକାର ମହିଳାମାନଙ୍କୁ କୃଷି ଉପଯୋଗୀ ଯନ୍ତ୍ରପାତି ବ୍ୟବହାର କ୍ଷେତ୍ରରେ ଅଗ୍ରାଧିକାର ଦେଇଆସୁଛନ୍ତି। ଉତ୍ପାଦନ ଅଭିବୃଦ୍ଧି ନିମନ୍ତେ କୃଷି ପାଇଁ ଉଦ୍ଦିଷ୍ଟ ବଜେଟର ଶତକଡା ୩୦ ଭାଗ ଅର୍ଥ ଯନ୍ତ୍ରପାତି ଉପଯୋଗ ନିମନ୍ତେ ବ୍ୟୟ କରୁଛନ୍ତି। ମହିଳାମାନଙ୍କୁ କୃଷି ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରାଇବା ନିମନ୍ତେ ଯନ୍ତ୍ରପାତି କ୍ରୟ ବାବଦରେ ଶତକଡା ୭୫ ଭାଗ ଏବଂ ଫେଡେରେଶନ ମାଧ୍ୟମରେ କ୍ରୟ କଲେ ଶତପ୍ରତିଶତ ରିହାତି ଉପଲବ୍ଧ କରାଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ୩୨ ଜଣ କୃଷି ଉଦ୍ୟୋଗୀ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ କୃଷି ଯନ୍ତ୍ରପାତି କ୍ରୟ କରିବା ନିମନ୍ତେ ରିହାତି ରାଶି ପ୍ରଦାନ କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, କୃଷି ମେଳା ଜିଲାରେ କୃଷକଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଏଣୁ କୃଷକମାନେ ସେମାନଙ୍କ ନିକଟରେ ଉପଲବ୍ଧ ସମୟକୁ ଲାଭଜନକ କୃଷି ଉତ୍ପାଦନ କ୍ଷେତ୍ରରେ ବିନିଯୋଗ କରିପାରିବେ ବୋଲି ସେ କହିଥିଲେ। ଉକ୍ତ ମେଳାରେ କଟକ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ବିଧାୟକ ପ୍ରଶାନ୍ତ କୁମାର ବେହେରା, ଇଂ. ମହମ୍ମଦ ମୋକିମ, ଦେବୀ ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ଉପାଧକ୍ଷା ସୁଭଦ୍ରା ଦାସ, କୃଷି ମୁଖ୍ୟଯନ୍ତ୍ରୀ ରାଜେନ୍ଦ୍ର ବେସରା, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଜିଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ଦାସ ଉପସ୍ଥିତ ଥିଲେ। ମଣ୍ଡଳ କୃଷି ଅଧିକାରୀ କୁଳମଣି ବାରିକ ଧନ୍ୟବାଦ ଦେଇଥିଲେ।

# ଧାନ ଖାଇଲା, ବାଇକ୍ ଭାଙ୍ଗିଲା

**୨ ଗ୍ରାମରେ ହାତୀ ଉପଦ୍ରବ**

ଖୁଣ୍ଟୁଣୀ,୪।୧(ଡି.ଏନ୍.ଏ.)



ଖୁଣ୍ଟୁଣୀ ଥାନା ଅଧୀନ ତୋଟାପଡା ଓ ମଥୁରାପୁର ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ବୁଧବାର ସକାଳେ ଏକ ହାତୀ ମଥୁରାପୁର ଗ୍ରାମର ରତ୍ନାକର ସାହୁଙ୍କ ବାରିରେ ପଶି ପରିବା ଫସଲ ନଷ୍ଟ କରିଥିଲା। ସେଠାରୁ ଆସି ତୋଟାପଡା ଗ୍ରାମର ଶିଶିର ସାହୁ, ଭୁବନାନନ୍ଦ ସ୍ୱାଇଁ, ଜିମାଣି ସ୍ୱାଇଁ ଓ ଶିଶିର ଦାସଙ୍କ ବାରିରେ ଥିବା ଧାନ ଖାଇବା ସହ ନଷ୍ଟ କରିଥିଲା। ସେହିପରି ପୀତବାସ ରାଉତଙ୍କ ଦୁଆରେ ପଶି ଏକ ବାଇକ୍ ଭଙ୍ଗାରୁଜା କରିଥିଲା। ଏଥିସହ ଗ୍ରାମର ରାଜୀବ ଜେନାଙ୍କ ଦୁଆରେ ଥିବା ବାଇକ୍‌କୁ ମଧ ହାତୀ କଚାଡି ଭାଙ୍ଗିଥିଲା। ଏ ସମ୍ପର୍କରେ ଲୋକମାନେ ଅଠଗଡ଼ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଦୁଇଜଣ ବନରକ୍ଷୀ ଆସି ହାତୀଙ୍କୁ ଘଉଡ଼ାଇବାରୁ ଜଙ୍ଗଲକୁ ପଳାଇ ଯାଇଥିଲା। ପୁନର୍ବାର ସନ୍ଧ୍ୟାରେ ବାହାରିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ଘରେ ରହିଥିଲେ। ଗ୍ରାମର ପରେଶ୍ୱର ରାଉତଙ୍କ ସହିତ କେତେକ ଯୁବକ ବାଣ ଫୁଟାଇ ହାତୀକୁ ରାଣୀବଣିଆ ସଂରକ୍ଷିତ ଜଙ୍ଗଲ ଆଡ଼କୁ ଘଉଡ଼ାଇ ଦେଇଥିଲେ। ତେବେ କ୍ଷୟକ୍ଷତି ସମ୍ପର୍କରେ ଆକଳନ କରାଯାଇ ନାହିଁ।

# ମନ ମୋହିଲା ଓଡ଼ିଶୀ ନୃତ୍ୟ



ମହୋତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

କଟକ ଅଫିସ, ୪।୧

**କଟକ ମହୋତ୍ସବ ଉଦ୍‌ଘାଟିତ**

ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ୧୪ତମ କଟକ ମହୋତ୍ସବ ବୁଧବାର କଳା ବିକାଶ କେନ୍ଦ୍ରରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଚାରପତି ଡି.ପି. ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବରେ ପଶ୍ଚିମବଙ୍ଗ ଓ ରାଜସ୍ଥାନର କଳାକାରମାନେ ଓଡ଼ିଶୀ, କଥକ ଆଦି ନୃତ୍ୟ ପରିବେଷଣ କରିଥିଲେ। ପଶ୍ଚିମବଙ୍ଗ ଆସନସୋଲ୍‌ର କଳାକାର ଅର୍ପିତା ବାନାର୍ଜୀଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଏହାପରେ ପଶ୍ଚିମବଙ୍ଗର ସୋମା ବିଶ୍ୱାସ ଆବୃତ୍ତି, ଅର୍ପିତା ସରକାର ଉପ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ରାଜସ୍ଥାନର ଦକ୍ଷ ଚତୁର୍ବେଦୀ ଯନ୍ତ୍ର ସଙ୍ଗୀତ ଓ ଦିଶି ଚତୁର୍ବେଦୀ କଥକ ନୃତ୍ୟ ପରିବେଷଣ କରିଥିଲେ। ପ୍ରଫେସର ଡ. କଳ୍ପିମୁଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଡା. ଜୟନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରସନଜିତ ମହାନ୍ତି, ରାଧାମୋହନ ସାହୁ, ଡ. ଦ୍ୱିପାୟନ ପଟ୍ଟନାୟକ, ଅଭୀପ୍ସା ଦାଶ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଶୀଳାଦିତ୍ୟ ରଥ, ଅନୁରୂପା ରଥ, ଅମରେନ୍ଦ୍ର ବେହୁରା, ବିନୋଦ ମହାପାତ୍ର, ଲକ୍ଷ୍ମୀପ୍ରିୟା ଓଝା ଓ ଶଶୀରେଖା ମିଶ୍ର ଉପସ୍ଥିତ ଥିଲେ। ପ୍ରଭା ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସମ୍ପିତ ଦାସ ଧନ୍ୟବାଦ ଦେଇଥିଲେ।

# ଚାକିରି ଦେବାକୁ କହି ଠକେଇ, ଯୁବକ ଗିରଫ

କଟକ ଅଫିସ,୪।୧

ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ୪.୪ ଲକ୍ଷ ଟଙ୍କା ଠକିଥିବା ଏକ ସଂସ୍ଥାର ମାଲିକଙ୍କୁ ବାଦାମବାଡି ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ଚଷାଖଣ୍ଡର ବିନୟ କୁମାର ଦାସ(୩୮)। ସେ ଏବେ ବାଦାମବାଡ଼ି ହାଇକୋର୍ଟ କଲୋନୀରେ ରହୁଛନ୍ତି। ତାଙ୍କଠାରୁ ଗୋଟିଏ କାର୍, ୩ଟି ଲାପ୍‌ଟପ୍, ୬ଟି କମ୍ପ୍ୟୁଟର, ଡିଭିଆର୍, ଦୁଇଟି ସର୍ଭର, ଗୋଟିଏ ହାର୍ଡଡିକ୍ସ, ୫ଟି ମୋବାଇଲ୍ ଫୋନ୍ ଏବଂ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ଯୁବକ ଜଣକ ଏ-ଟୁ-ଜେଡ୍ ସଲ୍ୟୁସନ ନାମକ ଏକ ସଂସ୍ଥା ଖୋଲି ବିଭିନ୍ନ କମ୍ପାନୀରେ ଚାକିରି କରାଇ ଦେବାକୁ କହି ଲୋକଙ୍କଠାରୁ ମୋଟା ଅଙ୍କରେ ଅର୍ଥ ଆଦାୟ କରୁଥିଲେ। ମାତ୍ର କାହାରିକୁ ଚାକିରି ଦେଉ ନ ଥିଲେ କି ଅର୍ଥ ଫେରସ୍ତ କରୁ ନ ଥିଲେ। ସେ ଡେଲାଙ୍ଗ ଥାନା ଅନ୍ତର୍ଗତ ନିମବସନ୍ତ ଅଞ୍ଚଳର ଅମ୍ଳାନ ପଟ୍ଟନାୟକଙ୍କୁ କଳିଙ୍ଗ ନଗର ଟାଟା ଷ୍ଟିଲ୍‌ରେ ଚାକିରି କରାଇ ଦେବାକୁ କହି ତାଙ୍କ ଠାରୁ ବିଭିନ୍ନ ସମୟରେ ୪ଲକ୍ଷ ୪୦ ହଜାର ଟଙ୍କା ନେଇଥିଲେ। ଦୀର୍ଘଦିନ ବିତି ଯାଇଥିଲେ ବି ଅମ୍ଳାନଙ୍କୁ ସେ ଚାକିରି ଦେଇ ପାରି ନଥିଲେ। ଅମ୍ଳାନ ବାରମ୍ବାର ବାଦାମବାଡି ହାଇକୋର୍ଟ କଲୋନୀସ୍ଥ ଅଫିସ୍‌କୁ ଦୌଡ଼ି ନିରାଶ ହୋଇଥିଲେ। ଶେଷରେ ଅମ୍ଳାନ ଏନେଇ ବାଦାମବାଡ଼ି ଥାନାରେ ଗତ ୨ ତାରିଖରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ଚୋରି, ଲୁଟ୍ ଘଟଣାରେ ୬ ଗିରଫ


ଜବତ ମୋବାଇଲ, ୱାକିଟକି ଓ ଅନ୍ୟାନ୍ୟ ସାମଗ୍ରୀ।

ଫୁଲନଖରା,୪।୧(ଡି.ଏନ୍.ଏ.)

- ଅନ୍ୟ ଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଗଲା
- କାର, ବାଇକ୍, ୱାକିଟକି, ଟଙ୍କା ଜବତ

ଚୋରି ଓ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ୭ ଜଣଙ୍କୁ କଟକ ସଦର ପୋଲିସ ମଙ୍ଗଳବାର ରାତିରେ କାବୁ କରିଛି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇଛି। ଗିରଫ ଅଭିଯୁକ୍ତ ହେଲେ ୪୨ ମୌଜା ଥାନା ଅଞ୍ଚଳର ସିଦ୍ଧାର୍ଥ ଚୌଧୁରୀ, କଟକ ସଦର ଥାନା ଅନ୍ତର୍ଗତ ଶ୍ରୀକୋରୁଆ ଗ୍ରାମର ମଦନ ବେହେରା, ଉରାଳି ଗ୍ରାମର ଜଗନ ପାତ୍ର, ସିପୁନ ନାୟକ, କଟକ ଗୋପାଳପୁର ବଢ଼େଇସାହିର ଲକ୍ଷ୍ୟ ରଞ୍ଜନ ମହାରଣା ଓ ମଧୁପାଟଣା ଥାନା କଲ୍ୟାଣ ନଗରର ଭୋଳାନାଥ ନାୟକ। ସେମାନଙ୍କଠାରୁ ଗୋଟିଏ କାର, ୩ଟି ବାଇକ, ୨୦ ୱାକିଟକି ,୧୩ ମୋବାଇଲ ଫୋନ, ଗୋଟିଏ ଲୁହାରଡ, ଗୋଟିଏ ଖେଳନା ବନ୍ଧୁକ, ସୁନା ଅଳଙ୍କାର ଓ ୩୭,୦୦୦ ଟଙ୍କା ଜବତ କରାଯାଇଛି ବୋଲି ବୁଧବାର କଟକ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପିନାକ ମିଶ୍ର କହିଛନ୍ତି।

ଡିସିପିଙ୍କ ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୭ ତାରିଖ ବିଳମ୍ବିତ ରାତିରେ କଟକ ସଦର ଥାନା ଅଧୀନ ବଡ ବାଲିସାହି ଗ୍ରାମର ଗଣେଶ୍ୱର ସାହୁଙ୍କ ଘରେ ସିଦ୍ଧାର୍ଥ, ମଦନ, ଲକ୍ଷ୍ୟ, ଜଗନ, ସିପୁନ ଓ ନାବାଳକ ଜଣଙ୍କ ପଶିବା ସହ ଲକ୍କର ଭାଙ୍ଗି ସୁନା ଅଳଙ୍କାର, ୭୦,୦୦୦ ଟଙ୍କା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଇଥିଲେ। ଏ ନେଇ ଗଣେଶ୍ୱର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଗତ ଡିସେମ୍ବର ୩ ତାରିଖରେ ମଦନ, ଭୋଳାନାଥ ଓ ସମ୍ପୃକ୍ତ ନାବାଳକ ମିଶି ୧୬ ନଂ. ଜାତୀୟ ରାଜପଥର ଗୋପାଳପୁରଠାରେ ଏକ ଟ୍ରକ ଡ୍ରାଇଭର୍‌ଙ୍କୁ ମାରଣାସ୍ତ୍ର ଦେଖାଇ ୨୦ଟି ୱାକିଟକି ଓ କିଛି ଟଙ୍କା ନେଇଯାଇଥିଲେ। ଗତ ନଭେମ୍ବର ୧୬ ତାରିଖ ରାତିରେ ମଦନ, ଭୋଳାନାଥ ଓ ନାବାଳକ ଜଣଙ୍କ ସୁଭଦ୍ରାପୁର ରେଲୱେ ବ୍ରିଜ ତଳୁ ଲୋକଙ୍କଠାରୁ ସୁନାଚେନ, ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏହିଭଳି ଭାବେ ଅଭିଯୁକ୍ତମାନେ ଜାତୀୟ ରାଜପଥରୁ ବହୁ ମୋବାଇଲ ଚୋରି କରିଛନ୍ତି। ମଦନ, ଲକ୍ଷ୍ୟ ଓ ସିଦ୍ଧାର୍ଥଙ୍କ ନାମରେ ପୂର୍ବରୁ ବହୁ ଆପରାଧିକ ମାମଲା ରହିଥିବା ଡିସିପି କହିଛନ୍ତି। ଏ ନେଇ ଥାନାରେ ୪ଟି ମାମଲା ରୁଜୁ ହୋଇଛି।

# ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ଫୁଲନଖରା,୪।୧(ଡି.ଏନ.ଏ.)

ପାହାଳ ଥାନା ଅନ୍ତର୍ଗତ ତ୍ରିନାଥ ବଜାରସ୍ଥିତ କ୍ରିଷ୍ଣା ଅଳଙ୍କାର ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଉକ୍ତ ଦୋକାନର ଆଜବେଷ୍ଟସ୍ କାଟି ଭିତରେ ପଶିବା ସହ ପ୍ରାୟ ୪ ଭରି ଓଜନର ସୁନା ଓ ୧୦ କେଜି ରୁପା ଅଳଙ୍କାର ଚୋରି କରି ନେଇଥିବା ମାଲିକ ଲୋକନାଥ ଚୌଧୁରୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ଏସ୍‌ଏମ୍‌ଏସ୍‌ରେ ଆଇନଜୀବୀ ପାଇବେ ମାମଲା ତ୍ରୁଟି ସୂଚନା

କଟକ ଅଫିସ,୪।୧

**ଓଡ଼ିଶା ହାଇକୋର୍ଟରେ ନବବର୍ଷ ମିଳନ**

ଏଣିକି ହାଇକୋର୍ଟ ପକ୍ଷରୁ ଆଇନଜୀବୀମାନଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ସେମାନଙ୍କ ମାମଲାରେ ତ୍ରୁଟି ରହିଥିବା ସମ୍ପର୍କରେ ଜଣାଇ ଦିଆଯିବ। ଏହାପରେ ସେମାନେ ୱେବ୍‌ସାଇଟ୍‌ରୁ ମାମଲାର ତ୍ରୁଟି ବାବଦରେ ନିଶ୍ଚିତ ହୋଇ ସଂଶୋଧନ କରାଇପାରିବେ। ପୂର୍ବରୁ ଆଇନଜୀବୀମାନେ ମାମଲା ଦାଏର ଓ ପଞ୍ଜୀକରଣ ସମ୍ପର୍କରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସୂଚନା ପାଉଥିଲେ। ହେଲେ ସେମାନଙ୍କ ମାମଲାରେ ରହିଥିବା ତ୍ରୁଟି ସମ୍ପର୍କରେ ଜାଣିବା ନେଇ କୌଣସି ବ୍ୟବସ୍ଥା ନ ଥିଲା। ଏହାଦ୍ୱାରା ସେ ସମସ୍ୟା ଦୂର ହୋଇପାରିବ। ଓଡ଼ିଶା ହାଇକୋର୍ଟ ପକ୍ଷରୁ ପ୍ରଥମଥର ପାଇଁ ବୁଧବାର ଆୟୋଜିତ ନବବର୍ଷ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହି ଘୋଷଣା କରିଛନ୍ତି। ବାର୍ ଓ ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ସହଯୋଗିତା ଫଳରେ ୨୦୨୨ରେ ଅନେକ ସଫଳତା ମିଳିପାରିଛି। ହାଇକୋର୍ଟର ସମସ୍ତ କାର୍ଯ୍ୟରେ ସକ୍ରିୟ ସହଯୋଗ ପାଇଁ ବାର୍ ଆସୋସିଏଶନକୁ ମୁଖ୍ୟ ବିଚାରପତି ଧନ୍ୟବାଦ ଦେଇଥିଲେ। ବିଚାରପତି ଯଶଓ୍ୱନ୍ତ ସିଂହ ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ପ୍ରତ୍ୟେକ କ୍ଷେତ୍ରରେ ଗତ ୨ ବର୍ଷ ମଧ୍ୟରେ ହାଇକୋର୍ଟ ଆଗକୁ ଯାଇପାରିଛି ବୋଲି କହିଥିଲେ। ବାର୍ ଆସୋସିଏଶନ ସଭାପତି କାଳୀ ପ୍ରସନ୍ନ ମିଶ୍ର ଓ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତି ଯୋଗଦେଇ ହାଇକୋର୍ଟ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପ ଦ୍ୱାରା ବାର୍ ଓ ବେଞ୍ଚ ମଧ୍ୟରେ ସହଯୋଗ ବୃଦ୍ଧି ପାଇବ ବୋଲି କହିଥିଲେ। ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଓ ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା ହାଇକୋର୍ଟ ପ୍ରସନ୍ନ କୁମାର ପାଢ଼ୀ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମୁଖ୍ୟ ବିଚାରପତିଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରପତି ଓ ଆଇନ ଅଧିକାରୀମାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ନବବର୍ଷ ମିଳନ କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ଏସ୍.ମୁରଲୀଧର ଓ ଅନ୍ୟମାନେ।

# ୧୧ରେ ବାଲିଯାତ୍ରା ପଡ଼ିଆରୁ ଟ୍ରଫି ଶୋଭାଯାତ୍ରା

କଟକ ଅଫିସ, ୪।୧


ବୈଠକରେ ଜିଲାପାଳ, ଆର୍‌ଡିସି, ସିଏମ୍‌ସି ମେୟର, କମିଶନର ଓ ଅନ୍ୟମାନେ।

**ହକି ବିଶ୍ୱକପ୍**
- ଭୁବନେଶ୍ୱରରୁ ୫୦ଟି ବସ୍ ବ୍ୟବସ୍ଥା
- ଷ୍ଟାଡିୟମକୁ ମୋ ବସର ସ୍ୱତନ୍ତ୍ର ରୁଟ୍

ଆସନ୍ତା ୧୦ ତାରିଖ ସନ୍ଧ୍ୟାରେ ଜଗତ୍‌ସିଂହପୁରରୁ ହକି ବିଶ୍ୱକପ ଟ୍ରଫି ଆସି କଟକ କନ୍ଦରପୁରରେ ପହଞ୍ଚିବ। ଟ୍ରଫିକୁ ଜିଲା ପ୍ରଶାସନ ଓ ସିଏମ୍‌ସି ପକ୍ଷରୁ ସ୍ୱାଗତ କରାଯିବ। ଏହାପରେ ଟ୍ରଫିକୁ ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମରେ ରଖାଯିବ। ୧୧ ତାରିଖ ସକାଳ ୭ଟାରୁ ଟ୍ରଫି ଟୁର୍ ତଳ ବାଲିଯାତ୍ରା ପଡିଆରୁ ଆରମ୍ଭ ହେବ। ପରେ ଟ୍ରଫି ବାରବାଟୀ ଷ୍ଟାଡିୟମ, କେମ୍ବ୍ରିଜ ସ୍କୁଲ, ଚଣ୍ଡୀ ମନ୍ଦିର ସମ୍ମୁଖ ଦେଇ ଶୈଳବାଳା ମହାବିଦ୍ୟାଳୟ, ସମାଜ କାର୍ଯ୍ୟାଳୟ, ବକ୍ସିବଜାର ଛକ ଅତିକ୍ରମ କରି ନେତାଜୀ ସଂଗ୍ରହାଳୟଠାରେ ପହଞ୍ଚିବ। ସେଠାରେ ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ। ସେଠାରୁ କଦମ-ଇ-ରସୁଲ, ଚୌଧୁରୀ ବଜାର, ବାଲୁ ବଜାର, ଚାନ୍ଦିନୀଚୌକ ଦେଇ ବେଲଭ୍ୟୁ ଛକଠାରେ ପହଞ୍ଚିବ। ସେଠାରେ ସମ୍ବର୍ଦ୍ଧନା ଦିଆଯିବ। ପରେ ଟ୍ରଫିକୁ ଗିଂବନ୍ଧ, ନୂଆ ସତୀଚୌରା ଦେଇ ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣକୁ ନିଆଯିବ। ସେଠାରେ ସମ୍ବର୍ଦ୍ଧନା ଦିଆଯିବ। ସେଠାରୁ ଗିଂବନ୍ଧ ରାସ୍ତାରେ ଚହଟା ଓ ଯୋବ୍ରାଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟଠାରେ ପହଞ୍ଚିବ। ସେଠାରୁ ଟ୍ରଫି ଶୋଭାଯାତ୍ରା ବାହାରି କଲେଜଛକ, ରାଣୀହାଟ, ମଙ୍ଗଳାବାଗ, ମାଡାମଠ ରାସ୍ତା ଦେଇ ବାରବାଟୀ ଷ୍ଟାଡିୟମରେ ଅପରାହ୍ନ ସାଢେ ୧୨ଟା ସୁଦ୍ଧା ପହଞ୍ଚିବ, ଯେଉଁଠାରେ ଟ୍ରଫି ସମ୍ପୃକ୍ତ ଅଧିକାରୀଙ୍କୁ ହସ୍ତାନ୍ତର କରାଯିବ। ଏନେଇ ବୁଧବାର ଓସିଏ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ଦେଖିବାକୁ ଲୋକଙ୍କ ପାଇଁ ମୋ' ବସ୍‌ର ସ୍ୱତନ୍ତ୍ର ରୁଟ୍ ପ୍ରସ୍ତୁତ କରାଯିବ । ସେହିଭଳି ଭୁବନେଶ୍ୱରରୁ ଆସିବାକୁ ଥିବା ଦର୍ଶକଙ୍କ ପାଇଁ ୫୦ଟି ବସ୍ ବ୍ୟବସ୍ଥା କରାଯିବ। ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ ପାଇଁ କଟକ ମହାନଗର ନିଗମ ଅଞ୍ଚଳରେ ୧୫ଟି ସ୍ଥାନ ଚିହ୍ନଟ କରାଯାଇଛି। ସେହିପରି ମୋଟ୍ ୫୯ଟି ୱାର୍ଡର ବିଭିନ୍ନ ସ୍ଥାନରେ ସିଧା ପ୍ରସାରଣ ପାଇଁ ଏଲ୍‌ଇଡି ବ୍ୟବସ୍ଥା କରାଯାଇଛି । ସହରର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ କ୍ରୀଡାବିତ୍, କ୍ରୀଡାପ୍ରେମୀ ଯୁବତୀଯୁବକ, ବରିଷ୍ଠ ନାଗରିକ, ସ୍କୁଲ କଲେଜ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଉଷ୍ଣତା କାର୍ଯ୍ୟକ୍ରମରେ ଅଧିକ ପ୍ରାଧାନ୍ୟ ଦିଆଯିବ।

ମେୟର ସୁବାସ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସିଡିଏ ଅଧକ୍ଷ ଅନିଲ ସମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଳ ପଓନ କଲ୍ୟାଣ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ଡିସିପି ପିନାକ ମିଶ୍ର, ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା, ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାୟ, ଅଜୟ ମହାନ୍ତି, ଅମିୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୋଲଗଡ଼ରେ ଧାନମଣ୍ଡି ଉଦ୍‌ଘାଟିତ



**ବୋଲଗଡ଼,୪ା୧(ଡି.ଏନ୍.ଏ.):** ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କ୍ରୟ ନିମନ୍ତେ ବୁଧବାର ବୋଲଗଡ଼ ସେବା ସମବାୟ ସମିତି ପରିସରରେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବୋଲଗଡ଼ ବ୍ଲକ ଦାୟିତ୍ୱରେ ଥିବା ସମବାୟ ନିରୀକ୍ଷକ ପ୍ରତାପ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବାଲୁଗାଁ ଆଞ୍ଚଳିକ ବଜାର ନିୟନ୍ତ୍ରଣ କମିଟି କର୍ମଚାରୀମାନେ ଧାନର ମାନ ପରୀକ୍ଷଣ କରିଥିବା ବେଳେ ରାଜସୁନାଖଳାର ମିଲର ଶିବାନୀ ଫୁଡ୍‌ସ ଚାଷୀଙ୍କଠାରୁ ଧାନ କ୍ରୟ କରିଥିଲା। ଏହି ସେବା ସମବାୟ ସମିତି ଅଧୀନରେ ଧାନ ଦେବା ପାଇଁ ମୋଟ୍ ୩୬୦ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୯୨୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ଅନୁମତି ମିଳିଛି। ପ୍ରଥମ ଦିନରେ ୮ ଜଣ ଚାଷୀ ୧୯୭ କୁଇଣ୍ଟାଲ ୧୬ କେଜି ଧାନ ବିକ୍ରୟ କରିଛନ୍ତି। ବରିଷ୍ଠ ନାଗରିକ କୃଷ୍ଣମୋହନ ପାଲ୍‌ଟାସିଂ, ସମବାୟ ସଭାପତି ସୌରାଂଶୁ ପରିଡ଼ା, ସମବାୟବିତ୍ ଲଲାଟେନ୍ଦୁ କେଶରୀ ସିଂ, ପୂର୍ବତନ ସଭାପତି ବୀରକିଶୋର ଦାସ, ପ୍ରଶାସନିକ ଅଧିକାରୀ ବିରଞ୍ଚି ମହାପାତ୍ର, ସମ୍ପାଦକ ଉଲ୍ଲାସ ଚନ୍ଦ୍ର ଚୌଧୁରୀ ଏବଂ ପୂର୍ବତନ ସମ୍ପାଦକ ଜନାର୍ଦ୍ଦନ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ନିହିତ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୪ା୧

ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ହାଇସ୍କୁଲ ପରିସରରେ ବୁଧବାର ୪୯ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ (ଟିଇ ଆଣ୍ଡ୍ ଏସ୍‌ସିଇଆର୍‌ଟି) ଏବଂ ଜିଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନୀକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ଅଶ୍ୱଥୀ ଏସ୍. ଉଦ୍‌ଘାଟନ କରିଛନ୍ତି। ଟିଇ ଆଣ୍ଡ୍ ଏସ୍‌ସିଇଆର୍‌ଟି ଅଧ୍ୟକ୍ଷ ମନୋଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ଗୋହର ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ କୃଷି ଗବେଷଣା ଓ ଜଳ ପରିଚାଳନା ପରିଷଦର ପ୍ରଧାନ ବୈଜ୍ଞାନିକ ଡ. ପ୍ରମୋଦ କୁମାର ପଣ୍ଡା ଯୋଗଦେଇ କହିଲେ, ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ରହିଛି।



ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥିମାନେ।


ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

ବିଜ୍ଞାନକୁ ଖୋଜିପାରିଲେ ସମାଧାନର ବାଟ ଫିଟିପାରିବ। ଛାତ୍ରୀଛାତ୍ରମାନେ ଗବେଷଣାତ୍ମକ ମନୋଭାବ ନେଇ ଆଗକୁ ବଢିଲେ ସଫଳତା ମିଳିବ। ଉଦାହରଣ ଛଳରେ ସାର୍ ଆଲଫ୍ରେଡ୍ ନୋବେଲଙ୍କ ୬ଟି କାର୍ଯ୍ୟ ଉପରେ କିପରି ନୋବେଲ ପୁରସ୍କାର ଦିଆଯାଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ।

**ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ**

- ୩୦ ଜିଲାରୁ ୨ଶହ ପ୍ରକଳ୍ପ ପ୍ରଦର୍ଶିତ
- ପିଲାଙ୍କ ବୈଜ୍ଞାନିକ ମନୋଭାବ ଜାଗ୍ରତ ଲକ୍ଷ୍ୟ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ଅଶ୍ୱଥୀ ଏସ୍. ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ସମସ୍ତ କୁନି ବୈଜ୍ଞାନିକ, ଗାଇଡ୍ ଶିକ୍ଷକ ଓ ପରିଚାଳନା କମିଟିକୁ ଶୁଭେଚ୍ଛା ଜଣାଇ କହିଲେ, ବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଗୁଣାତ୍ମକ ଶିକ୍ଷା ଏବଂ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ପିଲାଙ୍କ ମଧ୍ୟରେ ନୂତନ ଉଦ୍ଭାବନ ଓ ଅନୁସନ୍ଧିତ୍ସୁ ମନୋଭାବ ସୃଷ୍ଟି କରିବା ଏହି ବିଜ୍ଞାନ ପ୍ରଦର୍ଶନୀର ଲକ୍ଷ୍ୟ। ଶୃଙ୍ଖଳା ଓ ଜିଜ୍ଞାସା ମନୋଭାବ ରହିଲେ ସଫଳତା ମିଳିବ ବୋଲି ସେ କହିଥିଲେ। ବିଧାୟକ ମିତ୍ର କହିଲେ, ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବୈଜ୍ଞାନିକ ହେବାକୁ ହେଲେ ବିଜ୍ଞାନକୁ ଜାଣିବା ଦରକାର। ସେହିପରି ଜିଲାପାଳ ଚକ୍ରବର୍ତ୍ତୀ କହିଲେ, ବିଜ୍ଞାନ ପ୍ରକଳ୍ପ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଥାଏ। ସଭାପତିତ୍ୱ ଭାଷଣରେ ଟିଇ ଆଣ୍ଡ୍ ଏସ୍‌ସିଇଆର୍‌ଟି ଅଧ୍ୟକ୍ଷ ପାଢୀ କହିଲେ, ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ବିଷୟ ଆଧାରିତ ଏହି ତ୍ରିଦିବସୀୟ ବିଜ୍ଞାନ ପ୍ରଦର୍ଶନୀରେ ବିଜ୍ଞାନ ସେମିନାର, କୁଇଜ୍, କଥପୋକଥନ ଜରିଆରେ ପିଲାଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ବିଶେଷ ଆଗ୍ରହ ସୃଷ୍ଟି ଲକ୍ଷ୍ୟ ରହିଛି। ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଅତି ସହଜ ସରଳ ତଥା ସଚେତନତାମୂଳକ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ସେ ପିଲାଙ୍କୁ ପରାମର୍ଶ ଦେଇଥିଲେ।

ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ୩୦ଜିଲାରୁ ୨୧୦ ପ୍ରକଳ୍ପ ମଧ୍ୟରୁ ୨ଶହଟି ସ୍ଥାନ ପାଇଛି। ପିଲାଙ୍କ ସହ ଗାଇଡ୍ ଶିକ୍ଷକ ଯୋଗଦାନ କରିଛନ୍ତି। ଗୁରୁଜଙ୍ଗ ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଡାଳତୋଳା ହାଇସ୍କୁଲର ପ୍ରଧାନଶିକ୍ଷକ ମୂରଲୀଧର ପରିଡ଼ା ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ପ୍ରକଳ୍ପ ପ୍ରଦର୍ଶନ ମୂଲ୍ୟାୟନ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଜ୍ଞାନ ବୁଦ୍ଧି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ଅମ୍ରିତା ପ୍ରୀତିନନ୍ଦା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ, ସନ୍ଧ୍ୟାରାଣୀ ରାଉତ ଓ ନିରଞ୍ଜନ ମହାନ୍ତିଙ୍କ ସମେତ ୧୦ ବିଇଓ ଉପସ୍ଥିତ ଥିଲେ। ସେହିପରି ଶିକ୍ଷକ ବିଭୁ ପ୍ରସାଦ ସେନାପତି, ଅଞ୍ଜନ କୁମାର ରାୟ, ମାନସ ରଞ୍ଜନ ପଣ୍ଡାଙ୍କ ସମେତ ଭରତ ଚନ୍ଦ୍ର ପ୍ରଧାନ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ସୁଧାକର ମହାପାତ୍ର, ରଞ୍ଜନ କୁମାର ଦାଶ, ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରସନ୍ନ ମହାପାତ୍ର, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ତୋଫାନ ରାଉତରାୟ, ଅଜୟ କୁମାର ବରାଡ଼, ବିଚିତ୍ରାନନ୍ଦ ମହାନ୍ତି, ରବିନାରାୟଣ ପଣ୍ଡା, ଶରତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## 'ବିଦ୍ୟାର୍ଥୀଙ୍କୁ ମାନବିକତାର ମନ୍ତ୍ର ହିଁ ଉପଯୁକ୍ତ ଶିକ୍ଷା'

ବାଲିପାଟଣା,୪ା୧(ଡି.ଏନ୍.ଏ.)

ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବିଦ୍ୟାର୍ଥୀଙ୍କୁ ମାନବିକତାର ମନ୍ତ୍ର ହିଁ ଉପଯୁକ୍ତ ଶିକ୍ଷା। ଅଭିଭାବକ ଓ ଶିକ୍ଷକ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ। ସେହିପରି ମୁଖ୍ୟ ବକ୍ତାଭାବେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଥିଲେ, ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟର ଉନ୍ନତି ପାଇଁ ଉଦ୍ୟମ କରିବା ଉଚିତ୍। ସମ୍ମାନିତ ଅତିଥିଭାବେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢ଼ାଲି ଯୋଗଦେଇ ଶିକ୍ଷା ଏକ ଜୀବନ ସଂଗ୍ରାମ, ଲଢ଼ି ଜିତିବାକୁ ହେବ ବୋଲି କହିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଭରତ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୋଲିସ ଡିଜି ବଟକୃଷ୍ଣ ତ୍ରିପାଠୀ ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ସ୍ମରଣିକା ପାନ୍ଥଶାଳା ଉନ୍ମୋଚନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

### ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜାଙ୍କ ପରଲୋକ

ବୋଲଗଡ଼,୪ା୧(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜାଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୦ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଐତିହାସିକ ରବୀନ୍ଦ୍ର ପରିଡ଼ା, ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ, ସରପଞ୍ଚ ଜଳଧର ମହାନ୍ତି, ଶିକ୍ଷାବିତ୍ ବୀରେନ୍ଦ୍ର ନାୟକ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ନିରଞ୍ଜନ ନାୟକ, ପ୍ରଫୁଲ୍ଲ ଦେଓ, ହରପ୍ରସାଦ ମହାନ୍ତିଙ୍କ ସମେତ ଗ୍ରାମବାସୀ ଶେଷଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ସତ୍ୟ ନାରାୟଣ ମୁଖାଗ୍ନି ଦେଇଥଲେ। ଭାରତ ଛାଡ଼ ଆନ୍ଦୋଳନରେ ଗୋପୀନାଥ ସାମିଲ ହୋଇ ଇଂରେଜଙ୍କ ବିରୋଧରେ ଲଢ଼େଇ କରିଥିଲେ। ଫଳରେ ସେ ନିଜର ଶ୍ରବଣ ଶକ୍ତି ହରାଇବା ସହ ଇଂରେଜ ସୈନ୍ୟଙ୍କ ଦ୍ୱାରା ବନ୍ଦୀ ହୋଇ କାରାବରଣ କରିଥିଲେ। ଗ୍ରାମାଞ୍ଚଳ ଶିକ୍ଷାର ବିକାଶ ପାଇଁ ସଂପୁରରେ ଚତୁର୍ଭୁଜ ମଧଇଂରାଜୀ ବିଦ୍ୟାଳୟ ଓ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିଛନ୍ତି। ଏଥିସହ ସାମାଜିକ କାର୍ଯ୍ୟ, ପରିବେଶ ସୁରକ୍ଷା ପାଇଁ ଗୋପବନ୍ଧୁ କ୍ଲବ ସ୍ଥାପନ କରିଥିଲେ।

## ଦଳୀୟ ସଂଗଠନ ମଜଭୁତ କରିବାକୁ ଆହ୍ୱାନ



ସଭାରେ ଯୋଗଦେଇଥିବା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏବଂ ଅନ୍ୟ ଅତିଥି।

ଝାଁଳା,୪ା୧(ଡି.ଏନ୍.ଏ.)

ଝାଁଳା ଦଶହରା ପଡ଼ିଆରେ ବୁଧବାର ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏକ ସଭା ଆୟୋଜନ ହୋଇଥିଲା। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଜେଡି ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଅତିଥିଭାବେ ଯୋଗଦେଇଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ନିର୍ବାଚନ ପାଇଁ କିପରି ରଣନୀତି ପ୍ରସ୍ତୁତ କରାଯିବ ଏବଂ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଜଟଣୀ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କାଉନ୍‌ସିଲର, ବହୁ ବିଜେଡି ନେତା ଓ କର୍ମୀ ଯୋଗଦେଇଥିଲେ।

### ବୃଦ୍ଧଙ୍କ ମୃତଦେହ ଜବତ
#### ମୃତ୍ୟୁର କାରଣ ଅସ୍ପଷ୍ଟ

ଗମ୍ଭାରୀମୁଣ୍ଡା,୪ା୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ବଡ଼ପଦର ଗ୍ରାମରେ ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର କୈଳାସ ନାୟକ(୬୦)। ସୂଚନା ମୁତାବକ, ମଧ୍ୟାହ୍ନରେ କୈଳାସ ଘରୁ ବାହାରି ରୋଡ୍‌କୁ ଯାଉଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ମୃତକଙ୍କ ପୁଅ ଭାଗୀରଥି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧/୨୩)ରୁଜୁକରି ତଦନ୍ତ ଚଳାଇଛି।

## ୫ ବାଇକ୍, ମୋବାଇଲ ଜବତ: ୩ ଗିରଫ



ଜଟଣୀ,୪ା୧(ଡି.ଏନ୍.ଏ.)

ଜଟଣୀ ଥାନା ପୋଲିସ ବୁଧବାର ଲୁଟ୍ ଓ ଛିନ୍‌ତାଇ ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବେଣାପଞ୍ଜରୀ ଛୋଟ ମସ୍‌ଜିଦ ସାହିର ଟୁନା ଓରଫ ଜମିର ଖାନ୍ (୨୦), ଟାଙ୍ଗୀସାହିର ବାବୁ ଓରଫ ରାଜକ ଖାନ୍ (୩୨) ଏବଂ ତିରିମଲ ମଝିସାହିର ଗୌରାଙ୍ଗ ବିଶ୍ୱାଳ(୩୬)। ଏମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ୍ ଏବଂ ୫ଟି ବିଭିନ୍ନ କମ୍ପାନୀର ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୦୯/୨୨)ରୁଜୁ ହୋଇଛି। ସୂଚନା ମୁତାବକ, ଅଭିଯୋଗକାରୀ ସୀମାଞ୍ଚଳ ରେଢ଼ୀ ଗତ ଡିସେମ୍ବର ୧୪ରେ ଜଟଣୀ ରେଳଷ୍ଟେଶନ ନିକଟରୁ ବାଲିଛକସାହି ନିଜ ଘରକୁ ଫେରୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ କଳା ପଲ୍‌ସରରେ ଆସି ମୋବାଇଲ ଫୋନ୍ ଝାମ୍ପିନେଇ ପଳାଇଥିଲେ। ଏନେଇ ରେଢ଼ୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିଲା। ବାଛରପାଟଣା ଅଞ୍ଚଳରେ ଏକ ନମ୍ବରବିହୀନ ବାଇକ୍‌ରେ ଅଭିଯୁକ୍ତ ଟୁନା ଓ ଗୌରାଙ୍ଗ ବୁଲୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ପୋଲିସ ସେମାନଙ୍କୁ ଧରିଥିଲା। ପଚରାଉଚରା ବେଳେ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲେ।

## ଖେଳପଡ଼ିଆ ନାହିଁ, ରାସ୍ତାରେ ଦୌଡ଼ିଲେ ଛାତ୍ରୀଛାତ୍ର

ଜଟଣୀ,୪ା୧(ଡି.ଏନ୍.ଏ.)

ସରକାର ଶିକ୍ଷା ବ୍ୟବସ୍ଥା, ଶିକ୍ଷାଦାନ ଓ ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଏବେ ବି ଅନେକ ବିଦ୍ୟାଳୟରେ ଭିତ୍ତିଭୂମି ନ ଥିବା ଜଣାପଡ଼ିଛି। ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳସ୍ଥିତ ହାଟବଜାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳପଡ଼ିଆ ନ ଥିବାରୁ ବୁଧବାର ଛାତ୍ରୀଛାତ୍ରମାନେ ରାସ୍ତାରେ ଦୌଡୁଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ୧୯୪୫ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏଠାରେ ଏବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ବୁଧବାର ସକାଳେ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଖେଳକୁଦର ଆୟୋଜନ କରାଯାଇଥିଲା। ତେବେ ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ନ ଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମ୍ମୁଖ କଂକ୍ରିଟ ରାସ୍ତାରେ ଦୌଡ଼ିଥିଲେ, ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ାଙ୍କୁ ଅବଗତ କରାଯିବା ପରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା ରାସ୍ତାରେ ଛାତ୍ରୀ ଛାତ୍ରଙ୍କୁ ଦୌଡ଼ାଇବା ବନ୍ଦ କରିଥିଲେ।

## ବଦଳିଲେ ବିଭିନ୍ନ ଥାନାର ଏସ୍‌ଆଇ, ଏଏସ୍‌ଆଇ

ଖୋର୍ଦ୍ଧା ଅଫିସ,୪ା୧

ଖୋର୍ଦ୍ଧା ପୋଲିସ ଜିଲାରେ ବିଭିନ୍ନ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଏବଂ ଏଏସ୍‌ଆଇ ସ୍ତରରେ ବଡଧରଣର ଅଦଳବଦଳ କରାଯାଇଥିବା ବେଳେ ରିଜର୍ଭ ପୋଲିସ (ଆର୍‌ଓ)ରେ କାର୍ଯ୍ୟରତ କେତେଜଣଙ୍କୁ ଥାନା ଓ ଫାଣ୍ଡିକୁ ବଦଳି କରାଯାଇଛି। ବୁଧବାର ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିଛନ୍ତି।

ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରିଜର୍ଭ ଥାନାର ଏସ୍‌ଆଇ ପ୍ରତାପ ଚନ୍ଦ୍ର ପୁହାଣଙ୍କୁ ବାଙ୍କେଇ ଫାଣ୍ଡି, ଲିଙ୍ଗରାଜ ସିଥାଙ୍କୁ ଟାଙ୍ଗୀ ଥାନା, ଅକ୍ଷୟ କୁମାର ପ୍ରଧାନଙ୍କୁ ଡିଆଇବି, ଶରତ କୁମାର ପାଇକରାୟଙ୍କୁ ରିଜର୍ଭ ପୋଲିସରେ ଅବସ୍ଥାପିତ କରାଯାଇଛି। ଏସ୍‌ଆଇ ବସନ୍ତ କୁମାର ମିଶ୍ରଙ୍କୁ ବାଣପୁର ଥାନା, ରବୀନ୍ଦ୍ରନାଥ ଗୌଡଙ୍କୁ ବାଣପୁର ଥାନା, ଅଭୟ କୁମାର ରାଉତଙ୍କୁ ସିକୋ ଫାଣ୍ଡି ଅଧିକାରୀ, ଏସ୍.କେ. ମଜବୁର ରେହମାନଙ୍କୁ ଜିଲା ମୁଖ୍ୟାଳୟ, ଅକ୍ଷୟ କୁମାର ବରାଳଙ୍କୁ ଆଦର୍ଶ ଥାନାକୁ ବଦଳି କରାଯାଇଛି। ସେହିପରି ବସନ୍ତ କୁମାର ପଟ୍ଟନାୟକଙ୍କୁ ବାଣପୁରରୁ ନିରାକାରପୁର, ଚନ୍ଦନ କୁମାର ଦାସଙ୍କୁ ବାଣପୁରରୁ ବାଘମାରୀ, ହାଡ଼ିବନ୍ଧୁ ନାୟକଙ୍କୁ ନିରାକାରପୁରରୁ ଟାଙ୍ଗୀ, ଶଙ୍କର୍ଷଣ ଆଇଚଙ୍କୁ ସିକୋରୁ ଜଙ୍କିଆ ଥାନାକୁ ବଦଳି କରାଯାଇଛି। ଗତ ନଭେମ୍ବର ୨୩ରେ ବେଗୁନିଆ ଥାନାରେ ଯୋଗଦେଇଥିବା ଏସ୍‌ଆଇ ଉମାକାନ୍ତ ବେହେରାଙ୍କୁ ସଦର ଥାନାକୁ ବଦଳି ହୋଇଥିବାବେଳେ ତାଙ୍କ ବଦଳି ଆଦେଶକୁ ରଦ୍ଦ କରାଯାଇଛି। ସେ ସେହି ସ୍ଥାନରେ କାର୍ଯ୍ୟ କରିବେ ବୋଲି ଆଦେଶ ହୋଇଛି। ଏହି ପୋଲିସ ଅଧିକାରୀମାନଙ୍କ ଅଦଳବଳଦକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ତେବେ କେତେଜଣ ପୋଲିସ କର୍ମଚାରୀ ନିର୍ଦ୍ଦିଷ୍ଟ ଥାନାରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ବଦଳି କରାଯାଇ ନ ଥିବା ନେଇ ପ୍ରଶ୍ନ ଉଠିଛି।

# ପକ୍ଷୀଙ୍କ ଜୀବନ ନେଉଛି ବେଆଇନ ଚିଙ୍ଗୁଡ଼ି ଘେରି

ଭୁବନେଶ୍ୱର, ୪ା୧(ବ୍ୟୁରୋ)

- ପକ୍ଷୀ ଗଣନାବେଳେ ଜଣାପଡ଼ିଲା
- ପାଣିକୁଆକୁ ଉଦ୍ଧାର କଲେ ଗଣନାକାରୀ ଦଳ
- ବାରଣ ସତ୍ତ୍ୱେ ଚାଲୁଥିଲା ପର୍ଯ୍ୟଟକଙ୍କ ଡଙ୍ଗା

ଚିଲିକା ହ୍ରଦକୁ ରାମସର ସାଇଟ୍ ମାନ୍ୟତା ମିଳିବା ପରେ ତାହାକୁ ଚିଙ୍ଗୁଡ଼ି ଘେରିମୁକ୍ତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ହାଇକୋର୍ଟ ମଧ୍ୟ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଆଦେଶ ଦେଇଥିଲେ। କିନ୍ତୁ ଜିଲା ଓ ସ୍ଥାନୀୟ ପ୍ରଶାସନ ଏହି ଆଦେଶକୁ ଠିକ୍ ଭାବେ ପାଳନ କରୁ ନ ଥିବାରୁ ଏବେବି ଚିଲିକା ଭିତରେ ଶହ ଶହ ବେଆଇନ ଚିଙ୍ଗୁଡ଼ି ଘେରି ସେମିତି ଚାଲିଛି। ବୁଧବାର ଚିଲିକାରେ ପକ୍ଷୀ ଗଣନାବେଳେ ସାତପଡ଼ା ରେଞ୍ଜ ଅଞ୍ଚଳରେ ଗଣନାକାରୀ ଟିମ୍ ଏଭଳି ଚିଙ୍ଗୁଡ଼ି ଘେରି ଦେଖିବାକୁ ପାଇଥିଲେ। ଖାଲି ସେତିକି ନୁହେଁ, ଚିଙ୍ଗୁଡ଼ି ଘେରି ତିଆରି ହୋଇଥିବା ଜାଲରେ ପାଣିକୁଆ ସମେତ ଅନ୍ୟ ପକ୍ଷୀଗୁଡ଼ିକ ଫସି ଯାଉଥିବା ମଧ୍ୟ ଜାଣିବାକୁ ପାଇଥିଲେ। କେନ୍ଦ୍ରାପଡ଼ା ଥାନା ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସ୍ନେକ୍ ହେଲ୍ପ ଲାଇନର ସଂଯୋଜକ ଲଳିତ ମୋହନ ପଣ୍ଡା, ଅରଖକୁଦା ଫରେଷ୍ଟର ଦୁର୍ଗା ଚରଣ ଟୁଡୁ ପ୍ରମୁଖ ପକ୍ଷୀ ଗଣନା କରୁଥିବାବେଳେ ମାଣିକ ପାଟଣା ନିକଟରେ ଏକ ଚିଙ୍ଗୁଡ଼ି ଘେରି ଭିତରେ ପାଣିକୁଆ (Little cormorant) ମାଛ ଖାଇବା ଆଶାରେ ପଶିଯିବା ପରେ ଆଉ ଫେରି ନ ପାରି ଜାଲରେ ଛନ୍ଦି ହୋଇ ଛଟପଟ ହେଉଥିବା ଦେଖିଥିଲେ। ପରେ ସମସ୍ତେ ମିଶି ଚିଙ୍ଗୁଡି ଘେରିର ବାଉଁଶକୁ ଓପାଡ଼ି ଯତ୍ନର ସହିତ ପାଣିକୁଆଟିକୁ ଉଦ୍ଧାର କରିଥିଲେ। ପକ୍ଷୀଟି ଦେହରେ ବିଶେଷ ଆଘାତ ନ ଥିବାରୁ ସେହି ସ୍ଥାନରେ ହିଁ ତାକୁ ମୁକ୍ତ କରିଦିଆଯାଇଥିଲା। ଏନେଇ ଲଳିତ କହିଛନ୍ତି, ଉଦ୍ଧାରବେଳେ ପାଣିକୁଆଟିର ପଞ୍ଝା ବାଜି ମୋ ହାତ ଟିକେ ଆଞ୍ଚୁଡ଼ି ହୋଇଥିଲା ସତ, ହେଲେ ପକ୍ଷୀଟି ମୋ ହାତରୁ ଉଡ଼ିଯିବାବେଳେ ଯେଉଁ ଖୁସି ମିଳିଥିଲା ତାହା ଯନ୍ତ୍ରଣାକୁ ଲାଘବ କରି ଦେଇଥିଲା।

ସେପଟେ ପକ୍ଷୀ ଗଣନାବେଳେ ଡଙ୍ଗା ବାରଣ କରାଯାଇଥିଲେ ମଧ୍ୟ ପର୍ଯ୍ୟଟକଙ୍କ ଡଙ୍ଗା ବୁଲୁଥିବା ଦେଖିଥିଲେ। ବୁଧବାର ପକ୍ଷୀ ଗଣନା ପାଇଁ ସକାଳବେଳା ଚିଲିକାରେ ମଙ୍ଗଳାଯୋଡ଼ି, ରମ୍ଭା ଆଦି ଅଞ୍ଚଳରେ ପର୍ଯ୍ୟଟକ ଡଙ୍ଗାକୁ ବାରଣ କରାଯାଇଥିବାବେଳେ ସାତପଡ଼ାରେ କିନ୍ତୁ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଡଙ୍ଗା ଭିତରେ ପର୍ଯ୍ୟଟକଙ୍କୁ ବୁଲାଉଥିଲା। ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ରାଜ୍ୟରେ ସବୁ ସ୍ଥାନରେ ପକ୍ଷୀ ଗଣନା ପାଇଁ ସକାଳବେଳା ପର୍ଯ୍ୟଟନ ବନ୍ଦ ରଖାଯାଇଥାଏ। କାରଣ ଡଙ୍ଗା ପଶିଲେ ପକ୍ଷୀମାନେ ଉଡ଼ିଯିବେ। ସେହିପରି ସାତପଡ଼ାରେ ପର୍ଯ୍ୟଟକଙ୍କ ମାତ୍ରାଧିକ ସମାଗମ ଓ ଡଙ୍ଗା ଚଳାଚଳ ହେତୁ ଚିଲିକାରେ ଡଲଫିନ ସଂଖ୍ୟା ଦୀର୍ଘ ୧୫ବର୍ଷ ହେଲା ବଢ଼ିପାରୁନି। ଯଦିଓ ଚିଲିକାରେ ଅଧିକ ସଂଖ୍ୟକ ଡଲଫିନ ରହିବା ପାଇଁ ସ୍ଥାନର ଅଭାବ ନାହିଁ, ମାତ୍ର ବନ ବିଭାଗର ନିଷ୍କ୍ରିୟତା ଏବଂ ଅବିଚାରିତ ପର୍ଯ୍ୟଟନ ପାଇଁ ଡଲଫିନ ବଂଶ ଶୀଘ୍ର ଲୋପ ପାଇବ। ସେହିପରି ବେଆଇନ ଚିଙ୍ଗୁଡି ଘେରି ପାଇଁ ଡଲଫିନ୍ ବାସସ୍ଥାନ ଗୁରୁତର ପ୍ରଭାବିତ ହେଉଛି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସାତପଡ଼ାରେ ଖାଲି ଚିଙ୍ଗୁଡ଼ି ଘେରି ପକ୍ଷୀ ବା ଡଲ୍‌ଫିନଙ୍କ ପାଇଁ ବିପଦ ଆଣୁଛି ତାହା ନୁହେଁ, ମାତ୍ରାଧିକ ପର୍ଯ୍ୟଟନ ମଧ୍ୟ ଡଲଫିନଙ୍କ ବଂଶ ବିସ୍ତାର କରିବା ଦିଗରେ ଅନ୍ତରାୟ ସୃଷ୍ଟି କରୁଛି। ଡଲଫିନଙ୍କ ପଛରେ ପର୍ଯ୍ୟଟକ ଡଙ୍ଗା ଦିନ ତମାମ ଗୋଡ଼େଇବା ଫଳରେ ସେମାନଙ୍କର ପ୍ରଜନନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି ବୋଲି ବିଶ୍ୱଜିତ୍ କହିଛନ୍ତି।

### ୧୪୦ ହେକ୍ଟର ଘେରି ଉଚ୍ଛେଦ



**ବାଲୁଗାଁ,୪ା୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ପ୍ରଶାସନର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଟିମ୍ ବୁଧବାର ଚିଲିକାରୁ ୧୪୦ ହେକ୍ଟର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିବା ସହ ୧୦ କୁଇଣ୍ଟାଲ ଜିରୋ ନେଟ୍ ଜବତ କରିଛି। ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଚିଲିକା ତହସିଲଦାର ପ୍ରଦୀପ କୁମାର ସାହୁ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଜିଲା ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ଦାସ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ତ୍ରିଲୋଚନ ସେଠୀ, ସିଡିଏ କନିଷ୍ଠ ଯନ୍ତ୍ରୀ ଜଗବନ୍ଧୁ ସାହୁ ପ୍ରମୁଖ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଟିମ୍ ସହାୟତାରେ ଚିଲିକା ତହସିଲ ଅଧୀନ ମାନସିଂହପୁରଠାରୁ ଟାଙ୍ଗୀ ତହସିଲ ଅଧୀନ ମଙ୍ଗଳାଯୋଡ଼ି ଜେଟି ପର୍ଯ୍ୟନ୍ତ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିଛନ୍ତି । ଏହି ଉଚ୍ଛେଦ ଅଭିଯାନ ଆଗକୁ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଉଚ୍ଛେଦ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ସଂକ୍ଷେପରେ

### ‘ଏକ ନୟ୍ୀ କହାନୀ ଲିଖ୍ ହୈ ଓଡ଼ିଶା’ର ପୋଷ୍ଟର ରିଲିଜ୍

ଭୁବନେଶ୍ୱର,୪।୧ (ବ୍ୟୁରୋ): ହକି ବିଶ୍ୱକପ୍ ପାଇଁ ପ୍ରସ୍ତୁତ କରାଯାଇଥିବା ଗୀତ ‘ଏକ ନୟ୍ୀ କହାନୀ ଲିଖ୍ ହୈ ଓଡ଼ିଶା’ର ପୋଷ୍ଟର ଓ ପ୍ରମୋ ରିଲିଜ୍ ହୋଇଯାଇଛି। ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ହକି ତାରକା ତଥା ହକି ଇଣ୍ଡିଆର ସଭାପତି ଡ. ଦିଲୀପ ତିର୍କୀ ଲୋକାର୍ପଣ କରିଛନ୍ତି। ସନ୍ତୋଷ ପଣ୍ଡାଙ୍କ ଲିଖିତ ତଥା ନିର୍ଦ୍ଦେଶିତ ଏହି ଗୀତଟିରେ ବଲିଉଡ କଣ୍ଠଶିଳ୍ପୀ ଅଭିଜିତ କଣ୍ଠଦାନ କରିଛନ୍ତି। ଏହି ଗୀତରେ ହକିର ଇତିହାସ, ଓଡ଼ିଶା ସରକାରଙ୍କ ହକି ପ୍ରତି ଆଗ୍ରହ ଓ ତିର୍କିଙ୍କ ହକି ପ୍ରତି ଅବଦାନକୁ ସୁନ୍ଦର ଭାବରେ ପ୍ରସ୍ତୁତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ହକି ଇଣ୍ଡିଆର ସଭାପତି ଡ. ତିର୍କୀ ଏକ ହକି ଷ୍ଟିକ ରାଜ୍ୟପାଳଙ୍କୁ ପ୍ରଦାନ କରି ବିଶ୍ୱକପ୍ ଦେଖିବା ପାଇଁ ଆମନ୍ତ୍ରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜାତୀୟ ପୁରସ୍କାର ପ୍ରାପ୍ତ ଅଭିନେତା ରୁଷି ପଟ୍ଟନାୟକ, ପ୍ରିନ୍ସ ଡାନ୍ସ ଗ୍ରୁପର ମୁଖ୍ୟ କ୍ରିଷ୍ଣା ରାଓ, ଏଭର ଗ୍ରୀନ ଟା’ର ମୁଖ୍ୟ ପ୍ରବୀଣ ଅଗ୍ରୱାଲ, ହାଇଟେକ ମେଡ଼ିକାଲ ଡାକ୍ତର ଅମ୍ରିତ ପାଟ୍ଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଜାନୁୟାରୀ ୬ରେ ପଦ୍ମାବତୀ

ଭୁବନେଶ୍ୱର,୪।୧(ବ୍ୟୁରୋ): କବି ଜୟଦେବଙ୍କ ରଚିତ ଗୀତ ଗୋବିନ୍ଦମ୍ କାବ୍ୟରୁ ଉଦ୍ଧୃତ ପଦ୍ମାବତୀ ଏକ ଅବତାର, ଯାହାକି ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥାଏ। ପଦ୍ମାବତୀ ଓ ଜୟଦେବଙ୍କ ମିଳନ ଅତ୍ୟନ୍ତ ଉତ୍କୃଷ୍ଟ। ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଜାନୁଆରୀ ୬ରେ ଏହି ପଦ୍ମାବତୀକୁ ଭାରତନାଟ୍ୟମ୍ ମାଧମରେ ସଜାଇବେ ପ୍ରଖ୍ୟାତ୍ ଭାରତନାଟ୍ୟମ୍ ବିଷାରଦ କଳାମମଣି ଗୁରୁ ବାଲା ଦେବୀ ଚନ୍ଦ୍ରଶେଖର। ଏଥିସହ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହେବ। ଏହି କାର୍ଯ୍ୟକ୍ରମ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଥିବା ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ପାନ୍ଥନିବାସଠାରେ ଏକ ଖବରଦାତା ସମ୍ମିଳନୀରେ ଗୁରୁ ଗଜେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

### ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୪।୧(ବ୍ୟୁରୋ): ବିଜୁ ପଟ୍ଟନାୟକ ସ୍ନାତକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟ, ଭୁବନେଶ୍ୱରର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ଶୀତକାଳୀନ ସ୍ୱତନ୍ତ୍ର ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଦୀପ୍ତ ଗାହାଣ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଡ. ଜୟଶ୍ରୀବାଳା ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିବିର ୭ ଦିନ ଧରି ଆୟୋଜିତ ହୋଇଥିଲା। ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ, ଯୋଗ, ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ସ୍ୱେଚ୍ଛାସେବୀଙ୍କ ଭୂମିକା, ମହିଳା ସଶକ୍ତୀକରଣ ଉପରେ ଆଲୋଚନା ସହ ବିଦ୍ୟାଳୟ ସଫେଇ କରାଯାଇଥିଲା। ଏଥିରେ ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଏନ୍‌ଏସ୍‌ଏସ୍ ରାଜ୍ୟ ପ୍ରଶିକ୍ଷଣ ଅଧିକାରୀ ନୀରୋଦ ବରଣ ଖୁଣ୍ଟିଆ, ଅଧକ୍ଷ ସୁବାସ ଚନ୍ଦ୍ର ପ୍ରଧାନ, ଗୋଲକ ବିହାରୀ ଦାସ, ଶ୍ରୀଧର ପୃଷ୍ଟି, ବସନ୍ତ ରାଉତ, ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

# ବୁଲା ଗୋରୁମୁକ୍ତ ହୋଇପାରୁନି ଭୁବନେଶ୍ୱର

**ପାଖେଇ ଆସୁଛି ହକି ବିଶ୍ୱକପ୍**

- ଗୋଶାଳା ଭର୍ତ୍ତି, ଚିନ୍ତାରେ ବିଏମ୍‌ସି
- ଏବେ ପୁରୀ, ପରେ ଚୌଦ୍ୱାର ଗୋଶାଳାକୁ ପଠାଯିବ

ଭୁବନେଶ୍ୱର,୪।୧ (ବ୍ୟୁରୋ)



ବୁଲା ଗୋରୁଙ୍କୁ ନେଇ ଚିନ୍ତାରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ଡିସେମ୍ବର ୩୦ ସୁଦ୍ଧା ରାଜଧାନୀ ରାସ୍ତାକୁ ଷଣ୍ଢମୁକ୍ତ କରାଯିବ ବୋଲି ମେୟର କହିଥିଲେ। ତେଣୁ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଅଧିକାରୀଙ୍କଠାରୁ ଆରମ୍ଭ କରି ଗୋରୁ ଉଠାଇବା ପାଇଁ ନିୟୋଜିତ ସଂସ୍ଥା ତତ୍ପରତା ପ୍ରକାଶ କରିଥିଲେ। ମାତ୍ର ଜାନୁୟାରୀରେ ବି ଯୋଜନାକୁ ସଫଳତା ମିଳିପାରୁନାହିଁ। ସହରର ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ଗୋରୁମାନେ ଅବାଧରେ ବିଚରଣ କରୁଛନ୍ତି। ଅପରପକ୍ଷେ ଆସନ୍ତା ୧୩ ତାରିଖରୁ ହକି ବିଶ୍ୱକପ୍। ଆଉମାତ୍ର ୧୦ ଦିନ ସମୟ ଥିବାବେଳେ ଏହା ଭିତରେ କେମିତି ସହରକୁ ବୁଲା ଗୋରୁଙ୍କଠାରୁ ମୁକ୍ତ କରିବ ସେ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯାଉଛି। ଏହା ଭିତରେ ଜାମୁକୋଳି ଓ ଜଟଣୀ ଗୋଶାଳା ଭର୍ତ୍ତି ହୋଇ ସାରିଥିଲେ ମଧ୍ୟ ସହରରୁ ଗୋରୁ ସଂଖ୍ୟା କିନ୍ତୁ କମୁନାହିଁ। ସହରରେ କେତେ ଗୋରୁ ଅଛନ୍ତି ତାହାର ତଥ୍ୟ ବିଏମ୍‌ସି ପାଖରେ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ନଖରା ପଟୁ ବୁଲା ଗୋରୁଙ୍କ ଅନୁପ୍ରବେଶ କାରଣରୁ ଏପରି ସମସ୍ୟା ହେଉଥିବା ବିଏମସି ପକ୍ଷରୁ କୁହାଯାଉଛି। ବୁଲା ଗୋରୁଙ୍କ ପାଇଁ ପଥଚାରୀ ତଥା ହକି ବିଶ୍ୱକପ୍ ପାଇଁ ଦେଶ ବିଦେଶର ଅତିଥି, ଖେଳାଳି ଓ ଖେଳପ୍ରେମୀ ଯେଭଳି ତିକ୍ତ ଅନୁଭୂତି ନେଇ ନ ଫେରିବେ ସେଥିପାଇଁ ଗୋରୁ ଉଠା ଅଭିଯାନ ଚାଲିଛି। ପୂର୍ବରୁ ରାସ୍ତାରୁ ବିଏମ୍‌ସି କର୍ମଚାରୀମାନେ ଗୋରୁ ଉଠାଉଥିଲେ। ମାତ୍ର ଏଥର ପ୍ରଥମ କରି ଟେଣ୍ଡର ଯୋଗେ ୩ଟି ସଂସ୍ଥା ଯଥା ବିଶାଳ, ଜେକେ ଟ୍ରେଡର୍ସ ଏବଂ ଆର୍ କେ ଟ୍ରେଡର୍ସକୁ ନିୟୋଜିତ କରାଯାଇଛି। ସଂସ୍ଥା ପକ୍ଷରୁ ଗୋରୁଙ୍କୁ ଧରି ଜାମୁକୋଳି ଓ ଜଟଣୀସ୍ଥିତ ଗୋଶାଳାରେ ରଖା ଯାଉଥିଲା। ମାତ୍ର ଏହି ଦୁଇ ଗୋଶାଳା ଏବେ ଭର୍ତ୍ତି ହୋଇ ଯାଇଥିବାରୁ ପୁରୀ ଗୋଶାଳାକୁ ଗୋରୁ ପଠାଇବା ପ୍ରକ୍ରିୟ ଆରମ୍ଭ ହୋଇଛି। ସେହିପରି ଅନ୍ୟଏକ ବିକଳ୍ପ ଭାବେ ଚୌଦ୍ୱାର ଗୋଶାଳାକୁ ରଖାଯାଇଛି। ଏ ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର (ୱେଲଫେୟାର) ରମେଶ ଚନ୍ଦ୍ର ଜେନା କହିଛନ୍ତି, ପ୍ରତିଦିନ ରାସ୍ତାରୁ ଗୋରୁ ଉଠାଯାଉଛି। ଏବେ ଜାମୁକୋଳି ଓ ଜଟଣୀ ଗୋଶାଳାରେ ୧୩ଶହ ଗୋରୁ ରହିଛନ୍ତି। ଏଣିକି ପୁରୀରେ ଥିବା ଗୋଶାଳାକୁ ଗୋରୁଙ୍କୁ ପଠାଯିବ। ତେବେ ସହରକୁ ଏତେ ଗୋରୁ କେଉଁଠାରୁ ଆସୁଛନ୍ତି ସେ ନେଇ ଦୃଷ୍ଟି ଦିଆଯାଉଛି। ସହରର ଆଖପାଖରେ ଥିବା ଗାଁଗୁଡ଼ିକରୁ ଗୋରୁମାନେ ଏଠାକୁ ଆସୁଥିବା ଅନୁମାନ କରାଯାଉଛି। ତେବେ ପୂର୍ବାପେକ୍ଷା ବୁଲା ଗୋରୁଙ୍କ ସଂଖ୍ୟା ବହୁତ କମି ଯାଇଛି। ହକି ବେଳକୁ ସହରକୁ ଗୋରୁମୁକ୍ତ କରିବା ପାଇଁ ପୂରା ପ୍ରୟାସ କରାଯାଉଛି ବୋଲି ଜେନା କହିଛନ୍ତି। ଅନ୍ୟପଟେ ଗୋରୁ ଉଠାଇବା ପାଇଁ ନିୟୋଜିତ ସଂସ୍ଥାର ସୂଚନା ଅନୁସାରେ ପୁରୀରେ ଗୋରୁଙ୍କୁ ଛାଡ଼ିବା ପାଇଁ ଚିହ୍ନଟ ହୋଇଥିବା ସ୍ଥାନକୁ ବଡ଼ ଗାଡ଼ି ଯିବା ପାଇଁ ରାସ୍ତା ନାହିଁ। ଅଧାବାଟରୁ ଛୋଟ ଗାଡ଼ିରେ ଗୋରୁଙ୍କୁ ସ୍ଥାନାନ୍ତରିତ କରାଯିବ। ଏନେଇ ଆନୁସଙ୍ଗିକ ବନ୍ଦୋବସ୍ତ ହୋଇପାରି ନ ଥିବାରୁ ଗୋରୁ ସ୍ଥାନାନ୍ତରଣ କାମ ଆଗେଇପାରୁ ନାହିଁ।

# ୨ ଗିରଫ, ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର, ୪।୧ (ବ୍ୟୁରୋ)

**ମହିଳା ଏସ୍‌ଆଇଙ୍କୁ ଗୋଡ଼ାଇ ଖଣ୍ଡା ଦେଖାଇବା ଘଟଣା**

- ରାତ୍ରିକାଳୀନ ପାଟ୍ରୋଲିଂରେ ଢିଲା ଅଭିଯୋଗ
- ଫେରାର ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟ ବିହାରସ୍ଥିତ ସାଇନ୍ସ ପାର୍କ ନିକଟରେ ମଧ୍ୟରାତ୍ରିରେ ମହିଳା ଥାନା ଏସ୍‌ଆଇ ଶୁଭଶ୍ରୀ ନାୟକଙ୍କୁ ଗୋଡାଇ ଗାଳିଗୁଲଜ କରିବା ସହ ଖଣ୍ଡା ଦେଖାଇ ଭୟଭୀତ କରିବା ଘଟଣାରେ ପୋଲିସ ବୁଧବାର ୨ଜଣଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଅପରାଧରେ ବ୍ୟବହୃତ ଏକ କାର୍ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସାଇନ୍ସପାର୍କ ବସ୍ତିରେ ରହୁଥିବା ଅରୁ ମହାକୁଡ଼ ଓ ଚକ୍ରଧର। ଅଭିଯୁକ୍ତଦ୍ୱୟଙ୍କୁ ଥାନାରେ ରଖାଯାଇ ପଚରାଉଚରା କରାଯାଉଛି। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ। ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ସୂଚନା ଅନୁଯାୟୀ, ଶୁଭଶ୍ରୀ ଡ୍ୟୁଟି ସାରି ସୋମବାର ରାତି ପ୍ରାୟ ୧ଟାବେଳେ ତାଙ୍କ କାର୍ ଯୋଗେ ରିଜର୍ଭ ବାରାକ୍‌ସ୍ଥିତ କ୍ୱାଟର୍ସକୁ ଫେରୁଥିଲେ। ସାଇନ୍ସ ପାର୍କ ନିକଟରେ ଅଭିଯୁକ୍ତମାନେ ଏକ କାର୍‌ରେ ଆସି ତାଙ୍କୁ ପିଛା କରିଥିଲେ। ଏହାପରେ ରିଜର୍ଭ ବାରାକ୍ ପଛପାଖ ଫାଟକ ହୋଇ ଆସିବା ସହ ଖଣ୍ଡା ଦେଖାଇ ଗାଳିଗୁଜଲଜ କରିଥିଲେ। ଏନେଇ ଶୁଭଶ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ଆଇପିସି ଦଫା ୩୪୧, ୨୯୪, ୫୦୬, ୩୪ରେ (ନଂ.୩/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ସପ୍ତାହ ପରେ ଓଡ଼ିଶାରେ ହକି ବିଶ୍ୱକପ୍ ହେବାକୁ ଥିବାବେଳେ ଏଭଳି ଘଟଣାକୁ ନେଇ ସହରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ବିଭିନ୍ନ ଛକରେ ପଇଁତରା ମାରିବା ସହ ଗଳିକନ୍ଦିରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରୁଥିବା ପୋଲିସ କହୁଛି। ହେଲେ ବାସ୍ତବରେ ରାଜଧାନୀରେ ରାତିର ଚିତ୍ର ଭିନ୍ନ ବୋଲି ଏଭଳି ଘଟଣାରୁ ବାରି ହୋଇ ପଡୁଛି। ସହରର ବିଭିନ୍ନ ଛକ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ରାତିରେ କାମ ସାରି ଗନ୍ତବ୍ୟ ସ୍ଥଳକୁ ଫେରୁଥିବା ଲୋକମାନେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟର ଅଧିକ ଶିକାର ହେଉଥିବା ଦେଖାଯାଉଛି। ଏପରିସ୍ଥିତିରେ ସୁରକ୍ଷା ଯୋଗାଉଥିବା ପୋଲିସକୁ ଏଭଳି ବ୍ୟବହାର ପୋଲିସର ୨୪ ଘଣ୍ଟିଆ ପାଟ୍ରୋଲିଂକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ ବିଭିନ୍ନ ଦେଶର ହକି ଟିମ୍ ଓ ପର୍ଯ୍ୟଟକମାନେ ଭୁବନେଶ୍ୱରକୁ ଆସୁଥିବା ବେଳେ ରାଜଧାନୀରେ ଅପରାଧୀମାନେ ସକ୍ରିୟ ହେବା ଚିନ୍ତାର କାରଣ ପାଲଟିଛି।

## ଏସ୍‌ଏମ୍‌ଏସ୍‌ରେ ଆଇନଜୀବୀ ପାଇବେ ମାମଲା ତ୍ରୁଟି ସୂଚନା

**ଓଡ଼ିଶା ହାଇକୋର୍ଟରେ ନବବର୍ଷ ମିଳନ**

କଟକ ଅଫିସ,୪।୧

ହାଇକୋର୍ଟ ପକ୍ଷରୁ ଆଇନଜୀବୀଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ସେମାନଙ୍କ ମାମଲାରେ ତ୍ରୁଟି ରହିଥିବା ସମ୍ପର୍କରେ ଜଣାଇ ଦିଆଯିବ। ଏହାପରେ ସେମାନେ ୱେବ୍‌ସାଇଟ୍‌ରୁ ମାମଲାର ତ୍ରୁଟି ବାବଦରେ ନିଶ୍ଚିତ ହୋଇ ସଂଶୋଧନ କରାଇପାରିବେ। ପୂର୍ବରୁ ଆଇନଜୀବୀମାନେ ମାମଲା ଦାଏର ଓ ପଞ୍ଜୀକରଣ ସମ୍ପର୍କରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସୂଚନା ପାଉଥିଲେ। ହେଲେ ସେମାନଙ୍କ ମାମଲାରେ ରହିଥିବା ତ୍ରୁଟି ସମ୍ପର୍କରେ ଜାଣିବା ନେଇ କୌଣସି ବ୍ୟବସ୍ଥା ନ ଥିଲା। ଏବେ ସେହି ସମସ୍ୟା ଦୂର ହୋଇପାରିବ। ଓଡ଼ିଶା ହାଇକୋର୍ଟ ପକ୍ଷରୁ ପ୍ରଥମଥର ପାଇଁ ବୁଧବାର ଆୟୋଜିତ ନବବର୍ଷ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହି ଘୋଷଣା କରିଛନ୍ତି। ବାର୍ ଓ ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ସହଯୋଗିତା ଫଳରେ ୨୦୨୨ରେ ଅନେକ ସଫଳତା ମିଳିପାରିଛି। ହାଇକୋର୍ଟରେ ସମସ୍ତ କାର୍ଯ୍ୟରେ ସକ୍ରିୟ ସହଯୋଗ ପାଇଁ ବାର୍ ଆସୋସିଏସନକୁ ମୁଖ୍ୟ ବିଚାରପତି ଧନ୍ୟବାଦ ଦେଇଥିଲେ। ବିଚାରପତି ଯଶୱନ୍ତ ସିଂହ ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ପ୍ରତ୍ୟେକ କ୍ଷେତ୍ରରେ ହାଇକୋର୍ଟ ଆଗକୁ ଯାଇପାରିଛି ବୋଲି କହିଥିଲେ। ବାର୍ ଆସୋସିଏଶନ ସଭାପତି କାଳୀ ପ୍ରସନ୍ନ ମିଶ୍ର ଓ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତି ଏଭଳି ପଦକ୍ଷେପ ଦ୍ୱାରା ବାର୍ ଓ ବେଞ୍ଚ ମଧ୍ୟରେ ସହଯୋଗ ବୃଦ୍ଧି ପାଇବ ବୋଲି କହିଥିଲେ। ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଓ ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା ହାଇକୋର୍ଟ ପ୍ରସନ୍ନ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।




ସୂଚନା ଭବନଠାରେ ବୁଧବାର ଅନୁଷ୍ଠିତ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ନିର୍ମଳାପ୍ରଭା ନାୟକଙ୍କ ରଚିତ ‘ସାୟାହ୍ନର ସ୍ମୃତି’ ପୁସ୍ତକର ଦ୍ୱିତୀୟ ସଂସ୍କରଣକୁ ଉନ୍ମୋଚନ କରୁଛନ୍ତି।

# ଗାନ୍ଧୀଙ୍କ କାର୍ଯ୍ୟଶୈଳୀ ପରିବର୍ତ୍ତନରେ ଓଡ଼ିଶାର ଅବଦାନ ରହିଛି

ଭୁବନେଶ୍ୱର,୪।୧(ବ୍ୟୁରୋ)

**ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତା**

ଭାରତକୁ ସ୍ୱାଧୀନ କରିବା ସହ ବିଭିନ୍ନ କ୍ଷେତ୍ରରେ କ୍ରାନ୍ତି ଆଣିବା ପାଇଁ ଯେଉଁ ମହାପୁରୁଷମାନେ ଅବଦାନ ଦେଇଛନ୍ତି ସେମାନଙ୍କ ଜୀବନଶୃଙ୍ଖଳା, ନୈତିକତା ଓ ଅଧ୍ୟାତ୍ମିକ ଭିତ୍ତିଭୂମି ବିକଶିତ ହୋଇଥିଲା। ଗାନ୍ଧୀଙ୍କଠାରୁ ଆରମ୍ଭ କରି ରାଜକିଶୋର ନାୟକଙ୍କ ପର୍ଯ୍ୟନ୍ତ ତ୍ୟାଗୀ ପୁରୁଷଙ୍କ ଜୀବନୀ ବିଶ୍ଳେଷଣ କଲେ ଏହା ଜଣାପଡ଼େ। ଭାରତ ଭୂମି ଭୋଗର ନୁହେଁ, ଏହା ତ୍ୟାଗ ଓ ସେବାର ବୋଲି ଆମ ଦେଶର ସଂଗ୍ରାମୀମାନେ ବାରମ୍ବାର ଚେତାଇ ଦେଇ ଯାଇଛନ୍ତି। ଏହାକୁ ଆଦର୍ଶ ଭାବେ ରଖି ବର୍ତ୍ତମାନର ପିଢି ଆଗେଇଲେ ଦେଶର ଅଭୂତପୂର୍ବ ବିକାଶ ହୋଇପାରିବ ବୋଲି ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ପୁଣ୍ୟତିଥି ଅବସରରେ ଆୟୋଜିତ ତ୍ରୟୋଦଶ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି।

ସେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଜୀବନ ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଓଡ଼ିଶାର ପ୍ରମୁଖ ଅବଦାନ ରହିଥିଲା। ଅଧ୍ୟାତ୍ମିକତାଠାରୁ ଆରମ୍ଭ କରି ରାଜନୈତିକ କ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ଅନବଦ୍ୟ ଅବଦାନ ରହିଛି।

ସମ୍ମାନିତ ଅତିଥି ଭାବେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ମହାତ୍ମା ଗାନ୍ଧୀଙ୍କ ଜୀବନର ବିଶ୍ଳେଷଣ କରି ଭାରତୀୟମାନଙ୍କ ମଧ୍ୟରେ ସୁପ୍ତ ସିଂହର ଶକ୍ତି ଜାଗ୍ରତ କରିବାଲାଗି ଗାନ୍ଧିଜୀ ତିନିଟି ଉପାୟ ଅବଲମ୍ବନ କରିଥିବା କହିଥିଲେ। ତାହା ହେଉଛି ସତ୍ୟ, ଅହିଂସା ଓ ନିର୍ଭିକତା। ଲୋକଙ୍କ ମନରୁ ରାଜା, ଜମିଦାର ଓ ବ୍ରିଟିଶ ସରକାର ପ୍ରତି ଥିବା ଭୟ ଦୂରକରି ସେମାନଙ୍କୁ ସ୍ୱରାଜ ସଂଗ୍ରାମରେ ଶହୀଦ ହେବା ଲାଗି ଗାନ୍ଧିଜୀ ଯେଉଁ ପ୍ରେରଣା ଦେଇଥିଲେ ତାହା ସବୁକାଳ ପାଇଁ ଅବିସ୍ମରଣୀୟ ହୋଇରହିବ। ‘ଗାନ୍ଧୀ ବିଚାରର ସର୍ବକାଳୀନ ପ୍ରାସଙ୍ଗିକତା’ ଶୀର୍ଷକ ଏହି ବକ୍ତୃତାମାଳାରେ ଭିତ୍ତିଭାଷଣ ଉପସ୍ଥାପନ କରି ପ୍ରଫେସର ସଂଘମିତ୍ରା ମିଶ୍ର, ପାଟକୁରା ଗାନ୍ଧୀ ଭାବେ ଖ୍ୟାତ ରାଜକିଶୋର ନାୟକଙ୍କ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ରାଜକିଶୋର ନାୟକ ଜାତୀୟ ଫାଉଣ୍ଡେଶନର ଅଧକ୍ଷ ପ୍ରହଲାଦ ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ, ଭଲ ମଣିଷ ହେବା ପାଇଁ ଗାନ୍ଧିଜୀ ଯେଉଁ ମାର୍ଗଦର୍ଶନ ଦେଇଯାଇଛନ୍ତି ତାହା ସବୁକାଳ ପାଇଁ ପ୍ରାସଙ୍ଗିକ। ଗାନ୍ଧୀଙ୍କଠାରୁ ରାଜକିଶୋର ନାୟକଙ୍କ ପର୍ଯ୍ୟନ୍ତ କ୍ରାନ୍ତିକାରୀମାନେ ଏହା ବାରମ୍ବାର ପ୍ରମାଣିତ କରିଯାଇଛନ୍ତି। ଫାଉଣ୍ଡେଶନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ଦେଇ ରାଜକିଶୋର ନାୟକଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜକିଶୋର ନାୟକଙ୍କ ପତ୍ନୀ ନିର୍ମଳାପ୍ରଭା ନାୟକଙ୍କ ରଚିତ ‘ସାୟାହ୍ନର ସ୍ମୃତି’ ପୁସ୍ତକର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଏହି ପୁସ୍ତକ ବିକ୍ରିରୁ ଲବ୍ଧ ଅର୍ଥ ଅସୁରେଶ୍ୱରସ୍ଥିତ ଗୋରକ୍ଷଣୀକୁ ପ୍ରଦାନ କରାଯିବ ବୋଲି ଉତ୍ସବରେ ଘୋଷଣା କରାଯାଇଥିଲା ।

# କାହାଣୀ କହିଲା ‘ଏ ଜାତିର ସେନାପତି’



ଭୁବନେଶ୍ୱର,୪।୧(ବ୍ୟୁରୋ)

ଉତ୍କଳୀୟମାନଙ୍କର ଜାତୀୟ ଜୀବନର ମର୍ମଭୂମିରେ ଫକୀର ମୋହନ ସେନାପତି ସ୍ୱତନ୍ତ୍ର ଆସନର ଅଧିକାରୀ। ବ୍ୟାସକବି, ସରସ୍ୱତୀ ଓ ଯୁଗସ୍ରଷ୍ଟା ଭାବରେ ବିଦିତ ଜାତୀୟ ଜୀବନର ଏହି ମହାନାୟକ ପ୍ରତ୍ୟେକ ଓଡ଼ିଆଙ୍କ ସ୍ମୃତିପଟରେ ଉଦ୍‌ଭାସିତ ହୁଅନ୍ତି। ସାହିତ୍ୟର ପ୍ରତ୍ୟେକ କ୍ଷେତ୍ରରେ ଆଧୁନିକତାର ବାର୍ତ୍ତାବହ ଭାଷା ଆନ୍ଦୋଳନର ମହାରଥୀ ଫକିର ମୋହନ ଗୋଟିଏ ମୃତପ୍ରାୟ ଜାତିର ତୁଣ୍ଡରେ ଭାଷା ଦେଇଥିଲେ। ଓଡ଼ିଆ ଜାତିର ତଥା ସାହିତ୍ୟର ସେହି ସେନାପତିଙ୍କୁ ନେଇ ବୁଧବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ନାଟକ ‘ଏ ଜାତିର ସେନାପତି’ ପରିବେଷିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଓଡ଼ିଶାର ପ୍ରବାଦ ପୁରୁଷମାନଙ୍କ ଜୀବନୀ ଉପରେ ଆଧାରିତ ନାଟକ ଉତ୍ସବ ଆରମ୍ଭ ହୋଇଛି। ଜାତୀୟ ଜୀବନକୁ ପ୍ରତିଷ୍ଠା ଦେବା ପାଇଁ ପ୍ରତିକୂଳ ପରିସ୍ଥିତି ସହ ସେ ଲଢ଼ିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ଜଣେ ଯୁଦ୍ଧ କୁଶଳୀ ସେନାପତି ତା’ର ବ୍ୟକ୍ତିଗତ ଦୁଃଖ, ଶୋକ ଓ ଅସହାୟତାକୁ ଅସ୍ୱୀକାର କରିଥିଲେ। ସେହି ସ୍ରଷ୍ଟା, ଜାତୀୟ ଜୀବନର କର୍ଣ୍ଣଧାର ଫକିର ମୋହନଙ୍କର ସଂଘର୍ଷମୟ ଜୀବନକୁ ନେଇ ପ୍ରଥମ ସନ୍ଧ୍ୟାର ନାଟକ ଗତିଶୀଳ ହୋଇଥିଲା। ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀଙ୍କ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି ନଳିନୀ ନୀହାର ନାୟକ। ଏହି ଅବସରରେ ଅତିଥି ଭାବେ ବିଭାଗୀୟ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଠି ହକି ବିଶ୍ୱକପ୍‌ର ଉତ୍ସାହ







ଭୁବନେଶ୍ୱର,୪।୧ (ବ୍ୟୁରୋ)

ହକି ବିଶ୍ୱକପ୍ ପାଖେଇ ଆସିଲାଣି। ଏହାକୁ ନେଇ ସାରା ସହରରେ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସହରବାସୀଙ୍କୁ ଏ ଦିଗରେ ଅଧିକ ସକ୍ରିୟ କରିବା ପାଇଁ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବସ୍ତି ଓ ଆପାର୍ଟମେଣ୍ଟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆହ୍ୱାନ କରାଯାଇଛି। ଏହି କ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ବସ୍ତି ଓ ୨୫ରୁ ଉର୍ଦ୍ଧ୍ୱ ଆବାସିକ କଲ୍ୟାଣ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ବୁଧବାର ରାଜଧାନୀର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମୁରୁଜ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି କୁନି କୁନି ପିଲାମାନେ ହକି ଟ୍ରଫି, ହକି ଖେଳାଳି, ହକି ଷ୍ଟିକ୍ ଆଦି ଆକର୍ଷଣୀୟ ଚିତ୍ର ଭୂମିରେ ଆଙ୍କିଥିଲେ। ସେହିପରି ରଙ୍ଗତୂଳୀ ଓ କାନଭାସ୍ ଓ କାଗଜରେ ହକି ସମ୍ପର୍କିତ ଚିତ୍ର ଅଙ୍କନ କରି ଭାରତୀୟ ହକି ଦଳକୁ ଉତ୍ସାହିତ କରିବା ପାଇଁ ପ୍ରୟାସ କରାଯାଇଛି। ଅନ୍ୟପଟେ କେତେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ହକିର ପ୍ରଚାର ପାଇଁ ସାଇକ୍ଲୋଥନର ଆୟୋଜନ କରାଯାଇଛି। ଅନ୍ୟପଟେ ସହରର ବସ୍ତି ଓ ଆପାର୍ଟମେଣ୍ଟର ବାସିନ୍ଦା ମଧ୍ୟ ଏ କ୍ଷେତ୍ରରେ ଆଗ୍ରହ ପ୍ରକାଶ କରୁଛନ୍ତି। ପ୍ରତିଦିନ ମହିଳାମାନଙ୍କ ମଧ୍ୟରେ ମୁରୁଜ ପ୍ରତିଯୋଗିତା ହେଉଛି।

# ଚାଲିଛି ବଡ଼ ପ୍ରସ୍ତୁତି, ଅଚଳ ପଡ଼ିଛି ଷ୍ଟ୍ରିଟ୍ ଲାଇଟ୍

ଭୁବନେଶ୍ୱର,୪।୧ (ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ସ୍ମାର୍ଟସିଟି ଭୁବନେଶ୍ୱରର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ରଙ୍ଗୀନ ଆଲୋକମାଳାରେ ସଜାଇବାକୁ ବଡ଼ ବନ୍ଦୋବସ୍ତ ଚାଲିଛି। ହେଲେ ସହରର ଅନେକ ଅଞ୍ଚଳ ଏବେ ବି ଅନ୍ଧାରରେ ରହିଛି। କେତେକ ସ୍ଥାନରେ ଆଦୌ ଆଲୋକୀକରଣ କରାଯାଇ ନ ଥିବାବେଳେ ଏକାଧିକ ସ୍ଥାନରେ ଅଚଳ ଷ୍ଟ୍ରିଟ୍ ଲାଇଟ୍ ମରାମତି ହେଉ ନ ଥିବାରୁ ସହରବାସୀ ଅନ୍ଧାରରେ ରହିଛନ୍ତି। ପୁରୀ କେନାଲ ରୋଡ୍ ନିକଟବର୍ତ୍ତୀ ଭାରତ ଭିଲ୍ଲାରେ ୨ ମାସରୁ ଅଧିକ ଦିନ ଧରି ଲେନ୍-୧୦ ଅନ୍ଧାରରେ ରହିଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ମଲ୍ଲିକଙ୍କ ସୂଚନାନୁସାରେ ଷ୍ଟ୍ରିଟ୍ ଲାଇଟ୍ ମରାମତି ନେଇ ସେ ଗତ ନଭେମ୍ବର ୨ରେ ଭୁବନେଶ୍ୱର ଡଟ୍. ମି ମାଧ୍ୟମରେ ବିଏମସିରେ ଅଭିଯୋଗ କରିଥିଲେ। ଏଯାବତ୍ ବିଏମସି କିମ୍ବା ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ରାଜଧାନୀରେ ଆଲୋକୀକରଣରେ ଯଦି ଏପରି ଅବସ୍ଥା ତେବେ ଗ୍ରାମୀଣ ଅଞ୍ଚଳରେ କିପରି ସ୍ଥିତି ଥିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। କଳିଙ୍ଗ ନଗର(କେ-୫) ଅଞ୍ଚଳର କେତେକ ସ୍ଥାନରେ ଏପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା କରାଯାଇ ନ ଥିବାରୁ ଅସାମାଜିକ ଯୁବକ ଉତ୍ପାତ କରୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ସମାନ ପରିସ୍ଥିତି ଖଣ୍ଡଗିରି ଜୟଦେବ ବାଟିକା ଅଞ୍ଚଳରେ ଦେଖିବାକୁ ମିଳିଛି। ପ୍ରାୟ ୧ମାସ ଧରି ଜୟଦେବ ବାଟିକାରୁ ଆମ୍ରି ହସପିଟାଲ ଛକ ପର୍ଯ୍ୟନ୍ତ ଅନ୍ଧାରରେ ରହିଛି। ଅନ୍ୟପଟେ ପୂର୍ବରୁ ଖଣ୍ଡଗିରି ଆଶ୍ରମରୋଡ୍‌ରେ ମାସେ ମାସେ ଧରି ଦିନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବାବେଳେ ରାତିରେ ଉକ୍ତ ଅଞ୍ଚଳ ଅନ୍ଧାର ପଡୁଥିଲା। କିଛିଦିନ ତଳେ ଷ୍ଟ୍ରିଟ୍ ଲାଇଟର ମରାମତି କରାଯାଇଛି। ସେହିପରି ଗତ କିଛିଦିନ ଧରି ଫାୟାରଷ୍ଟେଶନରୁ ଇସ୍କନ ମନ୍ଦିର ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ଅଚଳ ହୋଇପଡ଼ିଛି। ସେହିପରି ଓଭରବ୍ରିଜ ଉପରେ ମଧ୍ୟ ଠାଏ ଠାଏ ଅନ୍ଧାର ପଡ଼ିଛି। ରାତିରେ ଘରକୁ ଫେରୁଥିବା କର୍ମଜୀବି ମହିଳାମାନେ ଏନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରି କ୍ଷୋଭ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।



ଫାୟାର ଷ୍ଟେଶନ ନିକଟ ଓଭରବ୍ରିଜ୍ ଓ ସର୍ଭିସ୍ ରୋଡ୍‌ରେ ଥିବା ଷ୍ଟ୍ରିଟ୍ ଲାଇନ୍ ଜଳୁନି।

## ସଂକ୍ଷେପରେ

### ବିଜୁ ଛାତ୍ର ଜନତା ଦଳର ସଭାପତି ଚୟନ

ପୁରୀ ଅଫିସ, ୪।୧: ବିଜୁ ଛାତ୍ର ଜନତା ଦଳକୁ ତୃଣମୂଳ ସ୍ତରରୁ ସଙ୍ଗଠିତ ଏବଂ କ୍ରିୟାଶୀଳ କରିବାକୁ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୁ ଛାତ୍ର ଜନତା ଦଳର ସଭାପତି ଚୟନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲାର ୩ ନିର୍ବାଚନ ମଣ୍ଡଳୀରେ ସଭାପତି ଚୟନ କରାଯାଇଛି। ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସ୍ୱୀକୃତି କ୍ରମେ ଏହି ଚୟନ କରାଯାଇଛି। ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପବିତ୍ର କୁମାର ମଲ୍ଲିକ, କାକଟପୁର ନିର୍ବାଚନ ମଣ୍ଡଳୀରେ ରାକେଶ କୁମାର ବେହେରା ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ହେମନ୍ତ କୁମାର ବଡଜେନାଙ୍କ ନାମ ଛାତ୍ର ସଭାପତି ଭାବେ ଘୋଷଣା କରାଯାଇଛି। ଏ ନେଇ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ରାଜେଶ ରଥ ସୂଚନା ଦେବା ସହ ଶୁଭେଚ୍ଛା ଜଣାଇଛନ୍ତି। ଆଗକୁ ମୁଖ୍ୟମନ୍ତ୍ରୀ, ସମ୍ପୃକ୍ତ ୩ ବିଧାୟକ ଓ ବରିଷ୍ଠ ନେତାଙ୍କ ନେତୃତ୍ୱରେ ଦଳ ତୃଣମୂଳ ସ୍ତରରେ ଆହୁରି ସଂଗଠିତ ଏବଂ ମଜବୁତ୍ ହେବ ବୋଲି ନୂତନ ଭାବେ ଦାୟିତ୍ୱ ନେଇଥିବା ଛାତ୍ର ସଭାପତିମାନେ କହିଛନ୍ତି।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ପୁରୀ ଅଫିସ, ୪।୧: ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ବୁଧବାର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧକ୍ଷତା କରି ଚଳିତ ବର୍ଷ ବିନା କଟକଣାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ସମ୍ଭାବନା ରହିଛି ବୋଲି କହିଥିଲେ। ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ମୁଖ୍ୟ ଅତିଥି ପୂର୍ବାହ୍ନ ୮.୩୦ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ଼ ଅଭିବାଦନ ଗ୍ରହଣ ଓ ଉଦବୋଧନ ଦେବେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ରକ୍ତଦାନ ଶିବିର ଓ ଗାନ୍ଧୀ ସ୍ମୃତିପୀଠରେ ଆୟୋଜିତ ପୁଷ୍ପ ପ୍ରଦର୍ଶନୀରେ ଯୋଗଦେବେ। ଅପରାହ୍ନରେ ପରେଡ ପଡ଼ିଆରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ହେବ। ସେହିଦିନ ପ୍ରତ୍ୟୁଷ ୪ଟା ୩୦ରେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ପ୍ରଭାତ ଫେରି ସକାଳ ୬ଟା ସୁଦ୍ଧା ଶେଷ କରି ଗାନ୍ଧୀ ସ୍ମୃତିପୀଠ ଠାରେ ଏକତ୍ରିତ ହେବେ ଓ ସେଠାରେ ସକାଳ ୭ ଘଟିକା ସୁଦ୍ଧା ସର୍ବଧର୍ମ ପ୍ରାର୍ଥନା ସଭା କରାଯିବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ଆଜି

- ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ନେଇ ଆଶଙ୍କା
- ବିଭିନ୍ନ ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ

ପୁରୀ ଅଫିସ, ୪।୧:



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ହାଇକୋର୍ଟରେ ଗୁରୁବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ରହିଛି। ରତ୍ନଭଣ୍ଡାରର ସୁରକ୍ଷା ସହ ଗଣତି ମଣତି ପାଇଁ ଶ୍ରୀଜଗନ୍ନାଥ ସେନା ଦାବି ନେଇ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆନ୍ଦୋଳନ କରିବା ସହ ଦୀପଦାନ କରିଛି।

ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଗୁରୁବାର ରତ୍ନଭଣ୍ଡାର ମାମଲାର ଶୁଣାଣି ହେବାର ଅଛି। ଉକ୍ତ ମାମଲା (ଡବ୍ଲ୍ୟୁପିସି ୯୦୯୮/୨୦୧୬)ରେ ୨୦୧୮ ମସିହାରେ ୧୭ଜଣିଆ ଟିମ୍ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରତ୍ନଭଣ୍ଡାର ଖୋଲିବାକୁ ପ୍ରବେଶ କରିଥିଲେ। ମାତ୍ର ଚାବି ନାହିଁ କହି ସମସ୍ତଙ୍କୁ ପ୍ରଶାସନ ଭୁଆଁ ବୁଲାଇଥିଲା। କୋର୍ଟଙ୍କ ଆଦେଶକୁ ପାଳନ କରାଯାଇ ନ ଥିଲା। ସମ୍ପୃକ୍ତ କମିଟି କହିଥିଲେ ଯେ, ରତ୍ନଭଣ୍ଡାର ସ୍ଥିତି ଅତ୍ୟନ୍ତ ଦୁର୍ବଳ ରହିଛି। ତେଣୁ ଏହାର ମରାମତି ଓ ସଂରକ୍ଷଣ ଆବଶ୍ୟକ। ଏନେଇ ୨୦୧୮ ଏପ୍ରିଲ ୪ରେ ଟିମ୍ ରିପୋର୍ଟ ପ୍ରଦାନ କରିଥିଲେ। ଏପରିକି ଏଏସ୍ଆଇ ମଧ୍ୟ ବାରମ୍ବାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ପାଇଁ ସରକାରଙ୍କୁ ଚିଠି ଲେଖିଛି। ଏପରିକି ୨୦୨୨ ଅଗଷ୍ଟ ୮ରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଏବଂ ଏଏସ୍ଆଇ ଚିଠି ନଂ. ୩/୧୩୩/୧୮-ଏମ୍-୩୨୧୨ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇଥିଲେ। ମାତ୍ର ମୁଖ୍ୟ ପ୍ରଶାସକ ଚୁପ୍ ରହିଛନ୍ତି। ଅପରପକ୍ଷରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା ଏବଂ ଭଣ୍ଡାର ମେକାପ ମଧ୍ୟ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବା କହିଛନ୍ତି। ତେବେ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ଚୁପ୍ ରହୁଛନ୍ତି। ରାଜ୍ୟ ସରକାର ଯଦି ସ୍ୱଚ୍ଛ ମନୋଭାବର, ତେବେ ରତ୍ନଭଣ୍ଡାର ସୁରକ୍ଷିତ ଥିବା ନେଇ ଗୁରୁବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରନ୍ତୁ ଓ କେବେ ଅଳଙ୍କାର ଗଣତି ହେବ ସେ ସଂକ୍ରାନ୍ତ ତଥ୍ୟ ଦିଅନ୍ତୁ। ସରକାର ରତ୍ନଭଣ୍ଡାର ମରାମତି ପାଇଁ ବଜେଟ ଆଣନ୍ତୁ। ରତ୍ନଭଣ୍ଡାର ଆଗାମୀ ଶହ ଶହ ବର୍ଷ ପାଇଁ ଯେପରି ସୁରକ୍ଷିତ ରହିବ, ସେଥିଲାଗି ସରକାର ଏବଂ ଏଏସ୍ଆଇ ମିଳିତ ପଦକ୍ଷେପ ନେବାକୁ ପଟ୍ଟନାୟକ ଦାବି କରିଛନ୍ତି।

ଅନ୍ୟପକ୍ଷରେ ସରକାର ଗୁରୁବାର ମାମଲାକୁ ଚପାଇବା ପାଇଁ ଅଧିକ ସମୟ ମାଗିପାରନ୍ତି ବୋଲି ପଟ୍ଟନାୟକ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆଇନ ଅନୁଯାୟୀ ପ୍ରତି ତିନିବର୍ଷରେ ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତି ହେବା କଥା। ମାତ୍ର ପ୍ରାୟ ୪୦ ବର୍ଷ ହେବ ରତ୍ନଭଣ୍ଡାର ଖୋଲାଯାଉନାହିଁ। ଏଥିପାଇଁ ଯେଉଁ ପ୍ରଶାସନିକ ଅଧିକାରୀମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ରଘୁବୀର ଦାସଙ୍କ ରିପୋର୍ଟ ସାର୍ବଜାନୀନ କରାଯାଉ। ଏହାଛଡା ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ। ଦଶାବତାର ମୂର୍ତ୍ତି ସ୍ଥାପନ, ଏମାର ମଠରୁ ବାହାରିଥିବା ୫୨୨ ରୁପାଇଟା ଶ୍ରୀମନ୍ଦିରକୁ ଅଣାଯାଉ ବୋଲି ପଟ୍ଟନାୟକ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବରରେ ହାଇକୋର୍ଟ ରତ୍ନଭଣ୍ଡାର ଖୋଲିବା ନେଇ ଚାରି ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏଯାବତ କୌଣସି ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗ ସ୍ଥାନ ନ ପାଇବାରୁ ସତ୍ୟପାଠ ଦାଖଲ ନେଇ ଆଶଙ୍କା ରହିଛି।

## ୬ ସ୍ଥାନରେ ଖୋଲିଲା ଧାନମଣ୍ଡି

ପିପିଲି,୪।୧(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ବ୍ଲକ ଅନ୍ତର୍ଗତ ଆରୁହା, ବନ୍ତଳସିଂହ, ପାଣିଦୋଳ, ଶୁଆବରେଇ, ରୂପଦେଇପୁର ଓ ହରଦୁର୍ଗା ସେବା ସମବାୟ ସମିତିରେ ବୁଧବାର ଧାନମଣ୍ଡି ଖୋଲିଛି। ମୁଖ୍ୟ ଅତିଥି ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥୀ ସମ୍ମାନିତ ଅତିଥି, ପୁରୀ ଜିଲା କେନ୍ଦ୍ର ସେବା ସମବାୟ ସମିତି ସଭାପତି କିଶୋର ଛୋଟରାୟ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଓ ସୁଶାନ୍ତ ମଲ୍ଲିକ, ପୂର୍ବତନ ସମିତିସଭ୍ୟ ପ୍ରିୟବ୍ରତ ସାମନ୍ତରାୟ, ପୁରୀ ଜିଲା ସମବାୟ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ, ପିପିଲି ତହସିଲଦାର ପୁନମ୍ ମହାପାତ୍ର, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଦୀପ୍ତି ରଞ୍ଜନ ଇନ୍ଦ୍ରାସିଂ, ପିପିଲି ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ଦାଶ, ଭାରତୀପୁର ସରପଞ୍ଚ ଜଗନ୍ନାଥ ନନ୍ଦ, ଦୁର୍ଗାଦାସପୁର ସେବା ସମବାୟ ସଭାପତି ବିଶ୍ୱଜିତ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶୁଆବରେଇ ସେବା ସମବାୟ ସମିତିରୁ ପଞ୍ଜୀକୃତ ଚାଷୀ ୪୧୮ରୁ ପ୍ରଥମ ଦିନରେ ୩ଜଣ ଚାଷୀ ୨୨୪ କୁଇଣ୍ଟାଲ ୬୧କିଗ୍ରା ଧାନ ମଣ୍ଡିରେ ଦେଇଥିବା ସମ୍ପାଦକ ଦିଲୀପ ନାୟକ ସୂଚନା ଦେଇଛନ୍ତି।


ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

## ନୂତନ ହିତାଧିକାରୀ ଚୟନ କରାଯାଉନାହିଁ

କଣାସ,୪।୧(ସ୍ୱ.ପ୍ର.):

କଣାସ ପଞ୍ଚାୟତ ସମିତି ପଞ୍ଚମ ବୈଠକ ବୁଧବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ ଅଧ୍ୟକ୍ଷତା କରିଥିଲେ। ଅଭିମନ୍ୟୁ ଜୟସିଂହ, ବିଡିଓ ପବିତ୍ର କୁମାର ବେହେରା, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍, ଜିଲାପରିଷଦ ସଭ୍ୟ ଲତାମଣୀ ଜଗଦେବ, ସୁରେଶ ସାହୁ, ମନମୋହନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇ ଗୃହୀତ ହେବାକୁ ଯାଉଥିବା ବେଳେ ବକୁ ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦ୍ଦେବ ପ୍ରତିବାଦ କରିଥିଲେ। ଖାଉଟି ସାମଗ୍ରୀକୁ ନେଇ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି କହିଥିଲେ, ଯେଉଁ ଲୋକଙ୍କ ମୃତ୍ୟୁ ଘଟୁଛି କିମ୍ବା ଯେଉଁ ଝିଅଙ୍କ ବିବାହ ସରୁଛି ତାହାର ନାମ ଖାଉଟି କାର୍ଡରୁ କଟାଯାଉଥିବା ବେଳେ ନୂତନ ହିତାଧିକାରୀ ଚୟନ କରାଯାଉ ନାହିଁ। ୧୫ଟି ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଁ ଲୋକପ୍ରତିନିଧିମାନେ ଦାବି କରିଥିଲେ। ଏହାର ଉତ୍ତରରେ ଶିଶୁ ବିକାଶ ଅଧିକାରୀ ସ୍ମିତା ମହାନ୍ତି କହିଥିଲେ, ୭ଟି କେନ୍ଦ୍ରର ମାମଲା କୋର୍ଟରେ ଥିବାବେଳେ ନିଯୁକ୍ତି ପାଇଁ ସରକାରଙ୍କ ପାଖକୁ ଚିଠି ଯାଇଛି। ମିଶନ ଶକ୍ତି ଯୋଜନରେ କେତେ ଟଙ୍କା ଆସିଛି ଓ କେତେ ସ୍ୱୟଂସହାୟକ ଗୋଷ୍ଠୀକୁ ଋଣ ଦିଆଯାଇଛି ଜଣାଇବା ପାଇଁ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଦାବି କରିଥିଲେ। ମିଶନ ଶକ୍ତି ଦାୟିତ୍ୱରେ ଥିବା ଅଧିକାରୀ ନିଜ ବ୍ଲକର ହୋଇଥିବାରୁ ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ବକୁ ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦ୍ଦେବ ଓ କଣାସ ସରପଞ୍ଚ ସୁବୁଦ୍ଧି ଦାବି କରିଥିଲେ। ଆଜି ସୁଦ୍ଧା ଫନୀ ସହାୟତା ଦିଆଯାଇ ନାହିଁ ବୋଲି ସମିତି ସଭ୍ୟ ମନମୋହନ ପାଇକରାୟ କହିଥିଲେ। ପାନୀୟଜଳ ଯୋଗାଣ ବଡାଳ ଓ ଦେଇପୁର ପଞ୍ଚାୟତରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ସରପଞ୍ଚ ଓ ସମିତି ସଭ୍ୟ ଅଭିଯୋଗ କରିବାରୁ ତୁରନ୍ତ ତାହାର ସମାଧାନ କରାଯିବ ବୋଲି ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ କହିଥିଲେ।



ନୀଳାଚଳ କୃଷକ ମହାସଂଘ ପକ୍ଷରୁ ବୁଧବାର କଣାସ ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି।

## ଅଷ୍ଟମ ଦିନରେ ନୀଳାଚଳ କୃଷକ ମହାସଂଘର ଧାରଣା

### ଅନଶନକାରୀଙ୍କୁ ଭେଟିଲେ ବିଡିଓ, ବ୍ଲକ ଅଧ୍ୟକ୍ଷା

କଣାସ,୪।୧(ଡି.ଏନ୍.ଏ.):

ପୁରୀ ଜିଲା କୃଷି ଓ କୃଷକଙ୍କ ମୌଳିକ ଅଧିକାର, ସାମଗ୍ରୀକ ବିକାଶ ଓ ଜିଲା ପ୍ରଶାସନ ଦେଇଥିବା ପ୍ରତଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ନୀଳାଚଳ କୃଷକ ମହାସଂଘ ପକ୍ଷରୁ କଣାସ ତହସିଲ ଅଫିସ ସମ୍ମୁଖରେ ଦିଆଯାଇଥିବା ଧାରଣା ବୁଧବାର ଅଷ୍ଟମ ଦିନରେ ପହଞ୍ଚିଛି। କଣାସ ବିଡିଓ ଲୋଚନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତଙ୍କ ସମେତ ଏକାଧିକ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନେ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଖୁବଶୀଘ୍ର ଜିଲାପାଳଙ୍କୁ ଅବଗତ କରାଯାଇ ମହାସଂଘର ଦାବି ପୂରଣ ପାଇଁ ଉଦ୍ୟମ କରାଯିବ ବୋଲି ବିଡିଓ ଓ ଅଧ୍ୟକ୍ଷା ପ୍ରତିଶ୍ରୁତି ଦେଇଥିଲେ। ମହାସଂଘର ଜିଲା ଉପସଭାପତି ପ୍ରକାଶ ନାୟକ, କଣାସ ବ୍ଲକ ସଭାପତି କେଦାରେଶ୍ୱର ପରିଡା, ଜିଲା କମିଟିସଭ୍ୟ ବିଜୟ ପାଇକରାୟ, ହୃଷିକେଶ ପ୍ରଧାନ, ଉଲ୍ଲାସ ନାୟକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## କାଗଜପତ୍ର ଜବତ କଲା ଭିଜିଲାନ୍ସ ଟିମ୍

### ପାଇଖାନା ନିର୍ମାଣରେ ଦୁର୍ନୀତି ଘଟଣା

ଗୋପ,୪।୧(ଡି.ଏନ୍.ଏ.):

ଗୋପ ବ୍ଲକ ଅନ୍ତର୍ଗତ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଥିବା ନେଇ ଲୋକାୟୁକ୍ତରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ଭିଜିଲାନ୍ସ ବିଭାଗ ଖୋଳତାଡ଼ ଆରମ୍ଭ କରିଛି। ବୁଧବାର ଜିଲା ଭିଜିଲାନ୍ସ ଡିଏସ୍‌ପି ଶିଶିର ଭୋଇଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗୋପ ବ୍ଲକରେ ପହଞ୍ଚି ତଦନ୍ତ କରିବା ସହ କେତେକ ଫାଇଲ୍ ଜବତ କରିଛି। ପ୍ରକାଶ ଯେ, ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ପାଇଖାନା ନିର୍ମାଣ ନିମନ୍ତେ ଲୋକଙ୍କୁ କାର୍ଯ୍ୟାଦେଶ ମିଳିବା ପରେ ପାଇଖାନା ମଧ୍ୟ ନିର୍ମାଣ ହୋଇଥିଲା। ଅନ୍ୟପକ୍ଷରେ କେତେଜଣ ବ୍ୟକ୍ତି ପାଇଖାନା ନିର୍ମାଣ ହୋଇ ନ ଥିବା ମିଥ୍ୟା ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ବେଳେ ପାଇଖାନା ରହିଥିଲା। ହେଲେ କେତେକ ହିତାଧିକାରୀ ନୂତନ ଗୃହ, ପାଚେରି ନିର୍ମାଣ ନିମନ୍ତେ ପାଇଖାନା ଭାଙ୍ଗିଥିବା ତଦନ୍ତ ବେଳେ ଜଣାପଡିଥିଲା। ଏପରି ଏକ ମିଥ୍ୟା ଅଭିଯୋଗରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବିତ ହେବାକୁ ପଡ଼ିଥିଲା। ଏହି ଅଭିଯୋଗ ସମ୍ପର୍କରେ ଭିଜିଲାନ୍ସ ବିଭାଗ ଫାଇଲ ଜବତ କରି ତଦନ୍ତ ଆରମ୍ଭ କରାଯିବ ବୋଲି ଭିଜିଲାନ୍ସ ବିଭାଗର ଡିଏସପି ଶିଶିର ଭୋଇ କହିଥିବା ବେଳେ ଆଉ ଥରେ କେତେ ପାଇଖାନା ନିର୍ମାଣ ହୋଇଥିଲା କେତେ ପାଇଖାନା ରହିଛି ତାକୁ ନେଇ ମଧ୍ୟ ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି।

## ପୁରୀରେ ନିର୍ମାଣ ହେଉଛି ୨୨ ଫୁଟ ହକି ଷ୍ଟିକ୍

ପୁରୀ ଅଫିସ, ୪।୧:

ଚଳିତ ବର୍ଷ ହକି ବିଶ୍ୱକପ୍ ଓଡ଼ିଶା ଆୟୋଜନ କରୁଛି। ଆସନ୍ତା ୧୩ ତାରିଖରୁ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ହକି ବିଶ୍ୱକପ୍‌କୁ ସୁନ୍ଦର ଓ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌କୁ ସୁନ୍ଦର ଭାବେ ସୁସଜ୍ଜିତ କରିବା ଲାଗି ପ୍ରଶାସନ ଅଣ୍ଟା ଭିଡ଼ିଛି। ବିଭିନ୍ନ ସ୍ଥାନରେ ତୋରଣ ନିର୍ମାଣ କରାଯାଉଛି। ତୋରଣଗୁଡ଼ିକୁ ଅଧିକ ଆର୍କର୍ଷଣୀୟ କରିବା ଲାଗି ଫାଇବରରେ ୧୬ଟି ବିରାଟକାୟ ହକି ଷ୍ଟିକ୍ ନିର୍ମାଣ କରାଯାଉଛି। ଏହି ହକି ଷ୍ଟିକ୍‌ଗୁଡ଼ିକୁ ପୁରୀ ମୁକୁନ୍ଦ ମିଶ୍ର ନଗରର ମହେଶ୍ୱର ମହାରଣା ନିର୍ମାଣ କରୁଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ୧୨ଜଣ କାରିଗର ସହଯୋଗ କରୁଛନ୍ତି। ହକି ଷ୍ଟିକଗୁଡ଼ିକର ଲମ୍ବ ୨୨ ଫୁଟ ରହିଛି। ଭୁବନେଶ୍ୱର ଓ ରାଉରକେଲାର ବିଭିନ୍ନ ସ୍ଥାନରେ ହକି ଷ୍ଟିକକୁ ସୁସଜ୍ଜିତ କରାଯିବ।

## ଜିଲାସ୍ତରୀୟ ଖୋ ଖୋ, କବାଡ଼ି ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ଅନ୍ୟ ଅତିଥିମାନେ।

ପିପିଲି,୪।୧(ଡି.ଏନ୍.ଏ./ସ୍ୱ.ପ୍ର.)

### ୧୧ ବ୍ଲକରୁ ଭାଗ ନେଲେ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

ହକି ବିଶ୍ୱ କପ୍ ପାଇଁ ସବୁ ଶିକ୍ଷାନୁଷ୍ଠାନରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ାକୁ ପ୍ରୋତ୍ସାହନ ଦିଆଯାଇ ପ୍ରତିଯୋଗିତା କରାଯାଉଛି। ପିପିଲି ଜବାହର ବିଦ୍ୟାପୀଠ ପରିସରରେ ୨ ଦିନିଆ ଜିଲାସ୍ତରୀୟ ଖୋ ଖୋ ଓ କବାଡ଼ି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିନିମନ୍ତେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସମ୍ମାନିତ ଅତିଥି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ପୁରୀ ଜିଲାର ୧୧ଟି ବ୍ଲକ ସ୍ତରରୁ ଉତ୍ତୀର୍ଣ୍ଣ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ୧୪ରୁ ଊର୍ଦ୍ଧ୍ୱ ଓ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମସ୍ତଙ୍କ ଖାଇବା ଓ ରହିବା ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସାମର୍ଥ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ରାଜୁ, ପୁରୀ ଜିଲା ସମବାୟ ସମିତି ସଭାପତି କିଶୋର ଛୋଟରାୟ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଓ ପିପିଲି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଜବାହର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପୀତବାସ ସେଠୀ ଏହାର ତତ୍ତ୍ୱାବଧାନ କରିଥିଲେ। ନିମାପଡ଼ା ବ୍ଲକ କ୍ରୀଡ଼ା ସମ୍ପାଦକ ରଞ୍ଜିତ କେଶରୀ ନାୟକ, ସହକ୍ରୀଡ଼ା ସମ୍ପାଦକ ଏଲିନା ଖୁଣ୍ଟିଆ, ଡେଲାଙ୍ଗ କ୍ରୀଡ଼ା ସମ୍ପାଦକ ସୂର୍ଯ୍ୟ ନାରାୟଣ ଜେନା, ଗୋପ ବ୍ଲକ କ୍ରୀଡ଼ା ସମ୍ପାଦକ ଜୟନ୍ତ ରାୟ, ପିପିଲି ବ୍ଲକ କ୍ରୀଡ଼ା ସମ୍ପାଦକ ତପନ ଦାସ, ଜବାହର ବିଦ୍ୟାପୀଠ କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉକ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ। ଯେଉଁ କୃତୀ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ, ସେମାନଙ୍କ ନାମ ଘୋଷଣା କରାଯିବ ବୋଲି କ୍ରୀଡ଼ା ସମ୍ପାଦକ ନାୟକ କହିଥିଲେ।

## ଦିବ୍ୟାଙ୍ଗଙ୍କ ବିକାଶ, ସଶକ୍ତୀକରଣକୁ ଗୁରୁତ୍ୱ

ପୁରୀ ଅଫିସ, ୪।୧:


ପଦଯାତ୍ରାରେ ସାମିଲ ହୋଇଥିବା ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟମାନେ।

### ବିଶ୍ୱ ବ୍ରେଲି ଦିବସ ପାଳିତ

ବିଶ୍ୱ ବ୍ରେଲି ଦିବସ ଅବସରରେ ବୁଧବାର ଶାନ୍ତା ମେମୋରିଆଲ ରିହାବିଲିଟେଶନ ସେଣ୍ଟର ଭୁବନେଶ୍ୱର ତରଫରୁ ୟୁଏସ୍ଆଇଡ ଏବଂ ଏମରାଇଟ ପ୍ରକଳ୍ପ କାର୍ଯ୍ୟକାରୀତା ଅନୁଯାୟୀ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ଗୁଣ୍ଡିଚା ମନ୍ଦିରସ୍ଥିତ ଶରଧାବାଲି ଠାରୁ ବାହାରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ଜିଲାର ସମସ୍ତ ୧୧ଟି ବ୍ଲକ୍‌ରୁ ୩୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ସାମିଲ ହୋଇଥିଲେ। ପଦଯାତ୍ରାକୁ ଜିଲାପାଳ ସମର୍ଥ ବର୍ମା ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏସ୍ଏମ୍ଆରସି କର୍ମକର୍ତ୍ତାଙ୍କ ସମେତ ଜିଲାର କ୍ଷେତ୍ର ସଂଯୋଜକ ଉପସ୍ଥିତ ରହି ପଦଯାତ୍ରାକୁ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଲୋଗାନ ମାଧ୍ୟମରେ କୋଭିଡ ୧୯ ଭ୍ୟାକ୍‌ସିନ୍‌ର ଉପକାରିତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ସଚେତନତା ଶୋଭାଯାତ୍ରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ପହଞ୍ଚିବା ପରେ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦାନ କରି ସଭା ସହ ଏସଏଚ୍‌ଜି ମେଳାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ସଦର ବ୍ଲକ୍‌ର ମଣ୍ଡଳ ଉନ୍ନୟନ ଅଧିକାରୀ ସମ୍ବିତ୍ ଶତପଥୀ, ଆୟୁର୍ବେଦିକ ମହାବିଦ୍ୟାଳୟ ଅଧ୍ୟକ୍ଷା ସୋନାଲି ଜେନା, ବିଶିଷ୍ଟ ବକ୍ତା ରଞ୍ଜିତା ଦାସ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସମାଜସେବୀ ସଦ୍ଧାର୍ଥ ରାଏ, ଏମ ରାଇଟ ପ୍ରକଳ୍ପର ରାଜ୍ୟ ସଂଯୋଜକ ଡାକ୍ତର ଶ୍ରୀପତି ଦାସ ମହାପାତ୍ର, ଶାନ୍ତା ମେମୋରିଆଲ ସେଣ୍ଟର ନିର୍ଦ୍ଦେଶିକା ଆଶା ହଂସ, ପୂର୍ବତନ ରାଜ୍ୟ ରେଡକ୍ରସ ଶାଖା ପରିଚାଳିକା ମେଜ୍‌ର କଳ୍ପନା ଦାସ, ଏସ୍ଏମ୍ଆର୍ କର୍ମକର୍ତ୍ତା ରିନା ମହାନ୍ତି, ଭାଗିରଥୀ ନାୟକ, ରିଜିୱାନା ଅକ୍‌ତାର, ଗଜଲକ୍ଷ୍ମୀ ରା , ଜିଲା ସଂଯୋଜିକା ଚିତ୍ତ ରଞ୍ଜନ ପରିଡା ପ୍ରମୁଖ ଦେଇଥିଲେ। ଏସ୍ଏଚ୍‌ଜି ମେଳାରେ ଭିନ୍ନକ୍ଷମଙ୍କ ସୁବିଧା ଅସୁବିଧା, ଆର୍ଥିକ ବିକାଶ, ସଙ୍ଗଠନର ଦକ୍ଷତା ବିକାଶ ଓ କୋଭିଡ ଟିକାର ଉପକାରିତା ଉପରେ ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ କରୋନାର ଭୟାବହତା ଦୃଷ୍ଟିରୁ ଆଗାମୀ ଦିନରେ କୋଭିଡ ଟିକାର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ସେହିପରି ବିଭିନ୍ନ ପ୍ରକାର ଦିବ୍ୟାଙ୍ଗ ମାନଙ୍କର ପୁନଃଥଇଥାନ ଓ ସଶକ୍ତୀକରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ପ୍ରଦର୍ଶନ କରାଯାଇଥିଲା। ଏସ୍ଏମ୍ଆର୍‌ସି ପ୍ରମୋଦ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଷେତ୍ର ସଂଯୋଜକ ପ୍ରେମାନନ୍ଦ ସାମନ୍ତରାୟ, ନିର୍ମଳ କୁମାର ପ୍ରଧାନ, ଦିବାକର ନାୟକ, ଧର୍ମପ୍ରସାଦ ଦାସ, ଅକ୍ଷୟ ସ୍ୱାଇଁ, ପ୍ରଦୀପ ଦାସ ଏବଂ ବେଲ୍ ଅନୁଷ୍ଠାନର ସେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସୋଆ ବିଶ୍ୱବିଦ୍ୟାଳୟରେ ୫ଜିର ଶୁଭାରମ୍ଭ, ବିଶ୍ୱବିଦ୍ୟାଳୟ, ସକାଳ ୯ଟା ୩୦।
- ମିନି ନିଯୁକ୍ତି ମେଳା, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୮, ପୂର୍ବାହ୍ନ ୧୦ଟା ୩୦।
- ନୃତ୍ୟ ସହୋତ୍ସବ ସମ୍ନେହ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା।
- ଇଣ୍ଟର ୟୁନିଭର୍ସିଟି ଓମେନ୍ ହକି ଚାମ୍ପିୟନ୍‌ସିପ୍‌ର ଉଦ୍‌ଘାଟନୀ ସମାରୋହ, ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଉତ୍କଳ ୟୁନିଭର୍ସିଟି, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- ଜିଲାସ୍ତରୀୟ କୃଷିମେଳାରେ କୃଷି ଯନ୍ତ୍ରପାତି ବିକ୍ରୟ ଓ ପ୍ରଦର୍ଶନ, ଖ୍ରୀଷ୍ଟିୟାନ ସାହି ଖେଳ ପଡ଼ିଆ, ତୁଳସୀପୁର, ପୂର୍ବାହ୍ନ ୧୦ଟା ୩୦।
- ଭାଜପା ସାଂଗଠନିକ ସଭାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଯୋଗଦାନ, ଦୁର୍ଗାପୂଜା ହଲ୍, କଲେଜ ଛକ, ଅପରାହ୍ନ ୩ଟା।
- ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ୧୩ତମ ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୪ତମ କଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା।

# ଚିଲିକାରେ ପକ୍ଷୀ ସଂଖ୍ୟା ୫ ପ୍ରତିଶତ ବୃଦ୍ଧି

**୧୮୪ ପ୍ରଜାତିର ୧୧,୩୧,୯୨୯ ପକ୍ଷୀ**

■ ୧୦ ବର୍ଷ ପରେ ଦେଖାଦେଲେ ଗ୍ଲୋସି ଆଇବିସ୍ ଓ ରେଡ୍‌କ୍ରିଷ୍ଟାର୍ଡ ପୋଚାର୍ଡ

ଖୋର୍ଦ୍ଧା ଅଫିସ୍/ବାଲୁଗାଁ,୪।୧(ଡି.ଏନ୍.ଏ.)



ବୁଧବାର ଚିଲିକାରେ ପକ୍ଷୀଗଣନା ଶେଷ ହୋଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ମିଳିତ ଆନୁକୂଲ୍ୟରେ ପକ୍ଷୀ ଗଣନା କରାଯାଇଥିଲା। ବିଭାଗୀୟ ପକ୍ଷରୁ ପ୍ରକାଶିତ ଗଣନା ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଚିଲିକାରେ ମୋଟ୍ ୧୮୪ ପ୍ରଜାତିର ୧୧ଲକ୍ଷ ୩୧ ହଜାର ୯୨୯ ପକ୍ଷୀଙ୍କ ସମାଗମ ହୋଇଛି। ତେବେ ଗତବର୍ଷ ଚିଲିକାରେ ୧୦ଲକ୍ଷ ୭୪ ହଜାର ୧୮୩ଟି ପକ୍ଷୀଙ୍କ ସମାଗମ ହୋଇଥିଲା। ଗତବର୍ଷ ତୁଳନାରେ ଚଳିତ ବର୍ଷ ୫୭ ହଜାର ୭୫୬ ପକ୍ଷୀ ଅର୍ଥାତ୍ ୫ ପ୍ରତିଶତ ବୃଦ୍ଧି ପାଇଛି।

ପକ୍ଷୀ ଅଭୟାରଣ୍ୟ ନଳବଣରେ ଚଳିତ ବର୍ଷ ୩ ଲକ୍ଷ ୪୨ ହଜାର ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଗତବର୍ଷ ଏଠାରେ ୩ ଲକ୍ଷ ୫୮ ହଜାର ୮୮୯ ପକ୍ଷୀ ଦେଖାଯାଇଥିଲା। ଏଠାରେ ଚଳିତ ବର୍ଷ ୧୬ ହଜାର ୮୮୯ ପକ୍ଷୀ ସଂଖ୍ୟା ହ୍ରାସ ପାଇଛି। ଗତବର୍ଷ ୧୮୩ ପ୍ରଜାତିର ସ୍ଥାନୀୟ ଓ ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଚଳିତ ବର୍ଷ ୧୮୪ଟି ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାପଡ଼ିଛି। ସେଥିମଧ୍ୟରୁ ବିଦେଶୀ ୧୦୫ ଓ ସ୍ଥାନୀୟ ୭୯ ପ୍ରଜାତିର ଅଛନ୍ତି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦର୍ନ ପିଣ୍ଟେଲ୍ ୨ଲକ୍ଷ ୨୯ ହଜାର, ଗଡ଼ୱାଲ ୨ଲକ୍ଷ, ୟୁରାସିଆନ୍ ୱିଜିଅନ୍ ୧ଲକ୍ଷ ୩୦ହଜାର, ବ୍ଲାକ୍ ଟେଲ୍ଡ ଗଡ଼ୱିଟ୍ ୧ଲକ୍ଷ ୩ ହଜାର ଏବଂ ନର୍ଦ୍ଦର୍ନ ସୋଭଲର ୭୦ ହଜାର ଅଛନ୍ତି। ଚିଲିକାର ଶୋଭାବର୍ଦ୍ଧନକାରୀ ଫ୍ଲେମିଂ ଗୋ (ଏରା) ହଂସଜାତୀୟ ପକ୍ଷୀ ଗତବର୍ଷ ୧୧୦୦ ଦୃଷ୍ଟିଗୋଚର ହୋଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ହ୍ରାସ ପାଇ ୩୭୦ରେ ପହଞ୍ଚିଛି। ଏହି ପକ୍ଷୀଙ୍କ ଜଳକ୍ରୀଡ଼ା ଚିଲିକାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିବା ବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଅନ୍ୟପକ୍ଷରେ ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦୃଷ୍ଟିଗୋଚର ହେଉ ନ ଥିବା ଗ୍ଲୋସି ଆଇବିସ୍ ନାମକ ପକ୍ଷୀ ଚଳିତ ବର୍ଷ ୨୦ ହଜାର ସଂଖ୍ୟାରେ ଦେଖିବାକୁ ମିଳିଥିବା ବେଳେ ବିଲୁପ୍ତପ୍ରାୟ ଲିଭର ଲ୍ୟାପଉଇଙ୍ଗ୍ ନାମକ ଦୁଇଟି ପକ୍ଷୀ ଚଳିତ ବର୍ଷ ଚିହ୍ନଟ କରାଯାଇଛି। ଏଥିସହ ବିଗତ ବର୍ଷଗୁଡ଼ିକରେ ରେଡ୍‌କ୍ରିଷ୍ଟାର୍ଡ ପୋଚାର୍ଡ ନାମକ ପକ୍ଷୀ ୫ ହଜାର ସଂଖ୍ୟାରେ ଦେଖିବାକୁ ମିଳିଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୨୦ ହଜାରରେ ପହଞ୍ଚିଛି।

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ୍ ଚିଲିକା, ସାତପଡ଼ା, ରମ୍ଭା, ବାଲୁଗାଁ ଓ ଟାଙ୍ଗୀ ଚିଲିକାଞ୍ଚଳରେ ଏହି ପକ୍ଷୀ ଗଣନା କରାଯାଇଥିଲା। ବିଭାଗୀୟ ପକ୍ଷରୁ ସମଗ୍ର ଚିଲିକାକୁ ୨୧ଟି ଜୋନ୍‌ରେ ବିଭକ୍ତ କରାଯାଇ ୨୧ଟି ଦଳ ନିୟୋଜିତ କରାଯାଇଥିଲା। ନଳବଣରେ ୬ ଦଳ ରହି ପକ୍ଷୀ ଗଣନା କରିଥିବା ବେଳେ ସ୍ଥଳଭାଗରେ ୨ ଏବଂ ଅବଶିଷ୍ଟ ୧୩ଟି ଦଳ ଅନ୍ୟାନ୍ୟ ଜୋନ୍ ବାଲିପାଟପୁରରୁ ସାତଭାୟା, ରମ୍ଭା, ମଙ୍ଗଳଯୋଡ଼ିରୁ ଭୂଷଣ୍ଡପୁର, ସୋରଣଠାରୁ ନଈରୀ, କୃଷ୍ଣପ୍ରସାଦ କାଳିଜାଇରୁ ଚନ୍ଦ୍ରାପୁଟ, ସାତପଡ଼ାରୁ ଗମ୍ଭାରୀ ଓ ଗୁରୁବାଇ, ଅରଖକୁଦା, ଗୋଠକୁଦରୁ ନୂଆପଡ଼ା ଆଦି ଅଞ୍ଚଳରେ ଗଣନା କରାଯାଇଥିଲା। ଗଣନାକାରୀଙ୍କୁ ମୋଟ ୨୧ଟି ଡଙ୍ଗା ଯୋଗାଇ ଦିଆଯାଇଥିଲା। ବୁଧବାର ସକାଳ ୬ଟାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ପକ୍ଷୀ ଗଣନା କରାଯାଇଥିଲା। ଏହି ପକ୍ଷୀ ଗଣନାରେ ବମ୍ବେ ନାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟିର ଡେପୁଟି ଡାଇରେକ୍ଟର ପି.ସାଥିୟା ସେଲଭମ, ବ୍ରହ୍ମପୁର ଆରସିସିଏଫ୍ ପ୍ରଶାନ୍ତ କୁମାର ମିଶ୍ର, ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଦାୟିତ୍ୱରେ ଥିବା ପୁରୀ ଡିଏଫ୍‌ଓ ପି. ରାମସ୍ୱାମୀ, ସିଡିଏର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଖୁସ୍‌ବନ୍ତ ସିଂ, ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖଙ୍କ ସମେତ ଓୟୁଏଟି, ୱାଇଲ୍ଡ ଓଡ଼ିଶା, ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏପରି ମୋଟ୍ ୧୨୦ ଜଣ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ବମ୍ବେ ନାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟିର ଡେପୁଟି ଡାଇରେକ୍ଟର ସେଲଭମ କୁହନ୍ତି, ଅନ୍ୟ ବର୍ଷମାନଙ୍କରେ ଚିଲିକା ତଟବର୍ତ୍ତୀରେ ଜଳସ୍ତର କମିବା ଫଳରେ ପକ୍ଷୀମାନେ ଖାଦ୍ୟ ଏବଂ ଉପଯୁକ୍ତ ବାସଗୃହ ଅନ୍ୱେଷଣରେ ନଳବଣରେ ଆଶ୍ରୟ ନେଇଥାନ୍ତି। ଚଳିତ ବର୍ଷ ତଟବର୍ତ୍ତୀ ଅଞ୍ଚଳ ମଙ୍ଗଳାଯୋଡ଼ି, ରମ୍ଭା ଅଞ୍ଚଳରେ ଜଳସ୍ତର ଠିକ୍ ରହିଥିବାରୁ ପକ୍ଷୀ ସବୁ ଅଞ୍ଚଳରେ ଦେଖାଦେଇଥିବା ଜଣାପଡ଼ିଛି।



ଓଡ଼ିଶା ସେବକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ପାଦକ ବସନ୍ତ ତ୍ରିପାଠୀ ଏବଂ ଉପସଭାପତି ମୀନାକ୍ଷୀ ନାୟକ ବୁଧବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନୂଆବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

## ହକି ବିଶ୍ୱକପ ପାଇଁ ହେଲ୍‌ପଲାଇନ ନମ୍ବର ଜାରି

ଭୁବନେଶ୍ୱର, ୪।୧ (ବ୍ୟୁରୋ)

ହକି ବିଶ୍ୱକପ ପାଇଁ କମିଶନରେଟ ପୋଲିସ ପକ୍ଷରୁ ହେଲ୍‌ପଲାଇନ ନମ୍ବର ଜାରି କରାଯାଇଛି, ଯାହାର ନାଁ ରହିଛି ପଲି । ଯେକେହି ପାର୍କିଂର ସ୍ଥାନ, ଷ୍ଟାଡିୟମ ସମ୍ବନ୍ଧୀୟ ସୂଚନା, ବସିବା ବ୍ୟବସ୍ଥା, ଲାଇଭ୍ ମ୍ୟାଚ ଅପଡେଟ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଷୟରେ ସୂଚନା ଚାହୁଁଥିଲେ ହ୍ୱାଟସ୍‌ଆପ୍ ନମ୍ବର ୭୩୭୭୭୭୦୦୭୦ କଲ୍ କରି ସହାୟତା ମାଗି ପାରିବେ। ଏହାଦ୍ୱାରା ପର୍ଯ୍ୟଟକ, ସାଧାରଣ ଲୋକ ବା ଅତିଥିମାନେ ସହଜରେ ସୂଚନା ପାଇ ପାରିବେ।

## ଜେଲରେ ଅର୍ଚ୍ଚନାଙ୍କୁ ଇଡିର ୬ ଘଣ୍ଟା ଜେରା

■ ଡିଜିଟାଲ ପ୍ରମାଣପତ୍ର ସଂକ୍ରାନ୍ତରେ ଏକାଧିକ ପ୍ରଶ୍ନ

■ ଆଜି ଜେରା ହେବେ ସହଯୋଗୀ ଖଗେଶ୍ୱର

ଭୁବନେଶ୍ୱର, ୪।୧(ବ୍ୟୁରୋ): ବେଆଇନ ଅର୍ଥ କାରବାର ମାମଲାରେ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୁଧବାର ଝାରପଡ଼ା ଜେଲରେ ପ୍ରାୟ ୬ ଘଣ୍ଟା ଜେରା କରାଯାଇଛି। ଏହି ସମୟରେ ଇଡି ପକ୍ଷରୁ ଷ୍ଟେଟ୍ ଫୋରେନ୍‌ସିକ୍ ଲ୍ୟାବ୍ (ଏସ୍ଏଫ୍ଏସ୍ଏଲ୍)ରୁ ମିଳିଥିବା ଡିଜିଟାଲ ପ୍ରମାଣପତ୍ର ସଂକ୍ରାନ୍ତରେ ଏକାଧିକ ପ୍ରଶ୍ନ ପଚରାଯାଇଥିବା ସୂଚନା ମିଳିଛି। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ରେ ଇଡିର ୪ ଜଣ ଅଧିକାରୀ ଅର୍ଚ୍ଚନାଙ୍କୁ ଜେରା ଆରମ୍ଭ କରିଥିଲେ। ଏହି ସମୟରେ ଅର୍ଚ୍ଚନାଙ୍କ ଓକିଲ ଠାକୁର ସଂଗ୍ରାମ ସିଂ ମଧ ସେଠାରେ ଉପସ୍ଥିତ ଥିଲେ। ଇଡି ପକ୍ଷରୁ ଡିଜିଟାଲ ପ୍ରମାଣପତ୍ର ସଂକ୍ରାନ୍ତରେ ପଚରାଯାଇଥିବା ପ୍ରଶ୍ନରେ ଅର୍ଚ୍ଚନା ମୁହଁ ଖୋଲିଥିବାବେଳେ ଆଉ କିଛି ତଥ୍ୟ ଗୋପନ ରଖିଥିବା ଜଣାପଡିଛି। ତେବେ ଅପରାହ୍ନ ପ୍ରାୟ ୫ଟା ୧୫ରେ ଏହି ଜେରା ପ୍ରକ୍ରିୟା ସାରି ଇଡି ଅଧିକାରୀମାନେ ଜେଲରୁ ଫେରି ଆସିଥିଲେ। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ରଙ୍କୁ ଗୁରୁବାର ଜେରା କରାଯିବ ବୋଲି କୋର୍ଟଙ୍କ ଅନୁମତି ରହିଛି। ତେଣୁ ଖଗେଶ୍ୱରଙ୍କୁ ମଧ ଏକାଧିକ ପ୍ରଶ୍ନ ପଚାରି ତଥ୍ୟ ସଂଗ୍ରହ କରିବାକୁ ଇଡି ଟିମ୍ ଯୋଜନା କରୁଛି। ସୂଚନାଯୋଗ୍ୟ, ବେଆଇନ ଅର୍ଥ କାରବାର ସଂକ୍ରାନ୍ତରେ ତଦନ୍ତ ଜାରି ରଖିଛି ଇଡି। ଅର୍ଚ୍ଚନାଙ୍କ ସହ ଅର୍ଥ କାରବାର କରିଥିବା ୧୨ରୁ ଅଧିକ ବ୍ୟକ୍ତିଙ୍କୁ ଇଡି ଜେରା କରି ବହୁ ତଥ୍ୟ ହାସଲ କରିଛି। ଅର୍ଚ୍ଚନା, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ଖଗେଶ୍ୱରଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଇଡି ପ୍ରକ୍ରିୟା ଆରମ୍ଭ କରିବା ସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ମଧ କରିଛି।

# ବିଜେବିରେ ଜୁନିୟରଙ୍କୁ ସିନିୟର ଛାତ୍ରଙ୍କ ସଂଘବଦ୍ଧ ଆକ୍ରମଣ

**ରାଗିଂ ନୁହେଁ, କାର୍ଯ୍ୟାନୁଷ୍ଠାନ ହେବ: ଅଧକ୍ଷ**

■ ଆକ୍ରମଣ ସମୟର ଭିଡିଓ ଭାଇରାଲ

■ ୪ ଛାତ୍ରଙ୍କୁ ଥାନାକୁ ଡାକି ପୋଲିସର ପଚରାଉଚରା

ଭୁବନେଶ୍ୱର, ୪।୧(ବ୍ୟୁରୋ)

ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ବିଜେବି କଲେଜ ପୁଣି ଚର୍ଚ୍ଚାକୁ ଆସିଛି। ନିକଟରେ ରାଗିଂ ଓ ଛାତ୍ରୀ ଆତ୍ମହତ୍ୟାକୁ ନେଇ ବିବାଦରେ ଛନ୍ଦି ହୋଇଥିବାବେଳେ ଏବେ କ୍ୟାମ୍ପସ ଭିତରେ ଛାତ୍ରଙ୍କ ଆତଙ୍କରାଜ ଘଟଣା ପଦାକୁ ଆସିଛି। ବୁଧବାର ଜଣେ ଜୁନିୟର ଛାତ୍ରଙ୍କୁ କେତେଜଣ ସିନିୟର ଛାତ୍ର ଗାଳିଗୁଲଜ କରିବା ସହ ଗୋଡ଼ାଇ ମାଡ଼ ମାରିଛନ୍ତି। ଘଟଣାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଥିବାବେଳେ ଏହାର ଭିଡିଓ ଭାଇରାଲ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ର ଯୁକ୍ତ୨ ବିଜ୍ଞାନ ପ୍ରଥମ ବର୍ଷର ଓ ଆକ୍ରମଣକାରୀ ଛାତ୍ରମାନେ ଯୁକ୍ତ୨ କଳା ଓ ବିଜ୍ଞାନ ଦ୍ୱିତୀୟ ବର୍ଷର ହୋଇଥିବା ଜଣାପଡିଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା ଘଟଣା ସମୟରେ ସେଠାରେ ବହୁ ଛାତ୍ର ଉପସ୍ଥିତ ରହି ଦେଖଣାହାରୀ ସାଜିଥିଲେ। ପୁଣି ଦୀର୍ଘ ସମୟ ଧରି ଆକ୍ରମଣ କରାଯାଉଥିଲେ ମଧ କଲେଜ କର୍ତ୍ତୃପକ୍ଷ କିମ୍ବା କଲେଜ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ତେବେ ଆହତ ଛାତ୍ରଙ୍କ ବାପା ବଡଗଡ ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ସଂପୃକ୍ତ ୪ ଛାତ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଧକ୍ଷ ରଞ୍ଜନ କୁମାର ବଳ କହିଛନ୍ତି, ଏହା ରାଗିଂ ନୁହେଁ। ସଂପୃକ୍ତ ଛାତ୍ର ହଷ୍ଟେଲରେ ରୁହନ୍ତି ନାହିଁ। ପ୍ରେମ ଜନିତ କିମ୍ବା ଉଭୟଙ୍କ ମଧ୍ୟରେ ପୂର୍ବରୁ କଲେଜ ବାହାରେ କିଛି ବଚସା କାରଣରୁ ଏଭଳି କାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସମ୍ପୃକ୍ତ ଛାତ୍ରଙ୍କୁ ଚିହ୍ନଟ କରାଯାଇଛି। ଏହାସହ ପରିବାରବର୍ଗଙ୍କୁ ମଧ ଘଟଣା ବିଷୟରେ ଅବଗତ କରାଯାଇଛି। ଗୁରୁବାର ୧୦ଟାରେ କଲେଜର କମିଟି ବୈଠକ ବସିବ। କମିଟିର ନିଷ୍ପତ୍ତି ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଭାଇରାଲ ହୋଇଥିବା ଆକ୍ରମଣ ସମୟର ଭିଡ଼ିଓ।

ବଡଗଡ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି, ଯୁକ୍ତ୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଜଣକ ପ୍ରତିଦିନ ଜଣେ ଛାତ୍ରୀଙ୍କ ସହ କଲେଜ ଆସୁଥିଲେ। ଏହାକୁ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳାର ଜଣେ ଛାତ୍ର ବିରୋଧ କରିବା ସହ ଛାତ୍ରୀଙ୍କଠାରୁ ଦୂରେଇ ରହିବାକୁ ତାଗିଦ୍ କରିଥିଲେ। ଛାତ୍ରୀ ଜଣକ ତାଙ୍କର ଚିହ୍ନା ପରିଚିତ ଥିବା ଯୁକ୍ତ୨ ବିଜ୍ଞାନ ଛାତ୍ର ଜଣକ କହିବା ସହ ଏ ସମ୍ପର୍କରେ ଯୁକ୍ତ ୩ର ଜଣେ ଛାତ୍ରଙ୍କୁ ଜଣାଇଥିଲେ। ସିନିୟରଙ୍କ ନିକଟରେ ଅଭିଯୋଗ କରିବା ଜାଣିବା ପରେ ଉକ୍ତ ଯୁକ୍ତ ୨ ବିଜ୍ଞାନ ଛାତ୍ରଙ୍କୁ ଯୁକ୍ତ ୨ କଳା ଦ୍ୱିତୀୟବର୍ଷର ସମ୍ପୃକ୍ତ ଛାତ୍ରଙ୍କ ସମେତ ଏକ ଛାତ୍ର ଗୋଷ୍ଠୀ ଆକ୍ରମଣ କରିଥିଲେ। ଏନେଇ ମାମଲା (ନଂ.୫/୨୦୨୩) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।




ପୁରୀ ଶରଧାବାଲିଠାରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ବୁଧବାର ସନ୍ଧ୍ୟାରେ ଅନନ୍ୟା କଳା ପରିଷଦ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।




ବିଭିନ୍ନ ଦାବି ନେଇ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବୁଧବାର କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ। (ଫଟୋ– ରାକିଶୋର )

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପପୁ



@ ଆଦିତ୍ୟ



@ ପ୍ରିୟଙ୍କା



@ ପ୍ରମିଳା



@ ଦୀପକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୯ମାସରେ ପୂରଣ ହେବ ଓଏସ୍ଏସ୍‌ସିର ୧୦ହଜାର ପଦବୀ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ(ଓଏସ୍ଏସ୍‌ସି)ର ୨୦୨୨ରେ ୫୩ଟି ନିଯୁକ୍ତି ବିଜ୍ଞାପନର ଫଳାଫଳ ଚୂଡ଼ାନ୍ତ ହୋଇଛି। ୨୦୨୨ର ଶେଷ ତ୍ରୈମାସିକରେ ରାଜ୍ୟ ସରକାର ୧୦ହଜାର ପଦବୀ ପାଇଁ ପ୍ରାର୍ଥୀ ଚୟନ କରିବାକୁ ଓଏସ୍ଏସ୍‌ସିକୁ କହିଛନ୍ତି। ଓଏସ୍ଏସ୍‌ସି ଅଧକ୍ଷ ଅଭୟଙ୍କ ସୂଚନା ଅନୁଯାୟୀ, ନଭେମ୍ବର ଏବଂ ଡିସେମ୍ବରରେ ଅନେକ ଲକ୍ଷ ପ୍ରାର୍ଥୀ ଏହି ପଦବୀ ପାଇଁ ଆବେଦନ କରି ସାରିଛନ୍ତି। ବୁଧବାର ଓଏସ୍ଏସ୍‌ସି ଦ୍ୱାରା ପ୍ରକାଶିତ ଏକ ଭିଡିଓରେ ଅଭୟ କହିଛନ୍ତି, ଏହି ପଦବୀଗୁଡ଼ିକ ଆସନ୍ତା ୯ମାସ କିମ୍ବା ତାଠୁ କମ୍ ସମୟରେ ପୂରଣ ହେବ। ଓଏସ୍ଏସ୍‌ସିର ସୁପାରିସ କ୍ରମେ ୬ଟି ମିଳିତ ନିଯୁକ୍ତି ପରୀକ୍ଷା ସମ୍ପର୍କରେ ସୂଚନା ଦିଆଯାଇଛି। ଅନ୍ୟ ଏକ ମିଳିତ ପରୀକ୍ଷା ସମ୍ପର୍କରେ ପରେ ସୂଚନା ଦିଆଯିବ। ଆବେଦନକାରୀଙ୍କଠାରୁ ଓଡ଼ିଆ କିମ୍ବା ଇଂଲିଶରେ ପରୀକ୍ଷା ପାଇଁ ବିକଳ୍ପ ନିଆଯାଉଛି। ସେହି ଅନୁସାରେ ପରୀକ୍ଷାରେ ପ୍ରାର୍ଥୀମାନଙ୍କ ନମ୍ବର ତାଙ୍କ ବ୍ୟକ୍ତିଗତ ଅନ୍‌ଲାଇନ ଆକାଉଣ୍ଟ ମାଧ୍ୟମରେ ପଠାଯିବାର ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୬ରେ ୬ଟି, ୨୦୧୭ରେ ୮, ୨୦୧୮ରେ ୨, ୨୦୧୯ରେ ୧୬, ୨୦୨୦ରେ ୩, ୨୦୨୧ରେ ୧୪ ଏବଂ ୨୦୨୨ରେ ୨ଟି ନିଯୁକ୍ତି ବିଜ୍ଞାପନ ରହିଛି। ଏହି ପ୍ରକ୍ରିୟାରେ ୨୪୮୮ଜଣ ପ୍ରାର୍ଥୀଙ୍କୁ ଚୟନ କରାଯାଇଛି ବୋଲି ଓଏସ୍ଏସ୍‌ସିର ବାର୍ଷିକ ବିବରଣୀରେ ପ୍ରକାଶ ପାଇଛି।



## ସ୍ୱାମୀଙ୍କ ସହ ବୃନ୍ଦାବନରେ ଅନୁଷ୍କା

**ମୁମ୍ବାଇ:** ନୂଆ ବର୍ଷ ପାଳନ ପାଇଁ ଅନେକେ ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଉଛନ୍ତି। ତେବେ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ସ୍ୱାମୀ ବିରାଟ କୋହଲିଙ୍କ ସହ ୟୁଏଇରେ ନୂଆବର୍ଷ ପାଳନ କରି ଏବେ ବୃନ୍ଦାବନ ଯାଇଛନ୍ତି। ସେଠାରେ ସେ ନିମ କରୋଲି ଆଶ୍ରମରେ ପହଞ୍ଚି ବାବାଙ୍କ ଆଶୀର୍ବାଦ ନେଇଛନ୍ତି। ଅନୁଷ୍କା ଏବଂ ବିରାଟଙ୍କ ବାବାଙ୍କ ଉପର ବହୁତ ବିଶ୍ୱାସ ରହିଛି। ଦୁହେଁ ୨୦୨୨ ନଭେମ୍ବରରେ ମଧ୍ୟ ନିମ କରୋଲି ଆଶ୍ରମ ପରିଦର୍ଶନ କରିଥିଲେ। ଏବେ ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୁହେଁ ଆଶ୍ରମରେ ବହୁ ସମୟ ବିତାଇ ପ୍ରାର୍ଥନା କରିଥିଲେ। ଏଥିସହ ଆଶ୍ରମରେ ଥିବା ସାଧୁଙ୍କୁ କମ୍ବଳ ଏବଂ ପୋଷାକ ବାଣ୍ଟିଥିଲେ। ତେବେ ଅନୁଷ୍କା ତାଙ୍କ ଫିଲ୍ମ 'ଚକ୍‌ଦା ଏକ୍ସପ୍ରେସ୍' ରିଲିଜ୍ ଅପେକ୍ଷାରେ ଅଛନ୍ତି। ଯେଉଁଥିରେ ସେ ଜଣେ ଭାରତୀୟ ମହିଳା କ୍ରିକେଟର ଝୁଲନ ଗୋସ୍ୱାମୀଙ୍କ ଚରିତ୍ରରେ ନଜରକୁ ଆସିଛନ୍ତି। ମୁଭିଟି ଓଟିଟିରେ ଚଳିତ ବର୍ଷ ୧୬ ଡିସେମ୍ବରରେ ଆସିବାକୁ ଥିବାବେଳେ କେବେ ସିନେମା ଘରେ ରିଲିଜ୍ ହେବ ତାହା ଜଣାପଡିନାହିଁ। ନିକଟରେ ଅନୁଷ୍କା ଏହି ସିନେମାର ଶୁଟିଂ ଶେଷ କରିଛନ୍ତି।

# ସିଆଚେନ୍‌ରେ ପ୍ରଥମ ମହିଳା ଅଫିସର

ଲେହ

ବିଶ୍ୱର ସବୁଠାରୁ ଉଚ୍ଚତମ ଯୁଦ୍ଧକ୍ଷେତ୍ର ଭାବେ ପରିଚିତ ସିଆଚେନ୍ ଗ୍ଲେସିୟରରେ ସବୁବେଳେ ସୈନ୍ୟଙ୍କ ଉପସ୍ଥିତି ରହିଥାଏ। ସେଠାରେ ସବୁ ସମୟରେ ପ୍ରାୟ ୨୦୦ ଯବାନ ମୁତୟନଥାନ୍ତି। ଏ ପର୍ଯ୍ୟନ୍ତ ସେଠାରେ କୌଣସି ମହିଳା ଅଧିକାରୀ ନିଯୁକ୍ତ ହୋଇ ନ ଥିବାବେଳେ ଏବେ ଜଣେ ମହିଳା ଅଫିସର ପ୍ରଥମ ଥର ପାଇଁ ଯୋଗ ଦେଇଛନ୍ତି। ରାଜସ୍ଥାନର ଶିବା ଚୌହାନ ନାମ୍ନୀ ମହିଳା ଉଦୟପୁରରୁ ବିଦ୍ୟାଳୟ ପାଠପଢା ସାରିଛନ୍ତି। ପରେ ଏନ୍‌ଜେଆର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ସିଭିଲ୍ ଇଞ୍ଜିନିୟର ଶେଷ କରିଛନ୍ତି। ସେ ୧୧ ବର୍ଷ ବୟସରୁ ତାଙ୍କ ବାପାଙ୍କୁ ହରାଇଥିଲେ। ଶିବା ପିଲାବେଳୁ





ସ୍କୁଲରୁ ପ୍ରେରଣା ପାଇ ଆର୍ମିରେ ଭର୍ତ୍ତି ହେବାକୁ ଚାହିଁଥିଲେ। ଏବେ ସେ ସିଆଚେନ ଗ୍ଲେସିୟରରେ ପ୍ରଥମ ମହିଳା ଭାବେ କ୍ୟାପ୍ଟେନ ପଦବୀରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ସିଆଚେନ ବ୍ୟାଟେଲ ସ୍କୁଲରେ ଟ୍ରେନିଂ ନେଇଥିଲେ।

## ସବୁ ସମୟରେ ଚାଲୁଥାଏ ଲିଫ୍ଟ

ପ୍ରାଗ୍

ଲୋକେ ସେମାନଙ୍କ ସମୟ ବଞ୍ଚାଇବା ସହ ସୁବିଧାରେ କୋଠାର ଉପରୁ ତଳକୁ ଯିବା ଆସିବା ପାଇଁ ଲିଫ୍ଟର ବ୍ୟବହାର କରୁଛନ୍ତି। ଏପରି କି ଲୋକେ ନିଜ ଘରେ ମଧ୍ୟ ଏହାର ବ୍ୟବହାର କଲେଣି। ହେଲେ ଲିଫ୍ଟରେ ଚଢ଼ିବା ପରେ ସେଥିରେ କିଛି ସୁଇଚ୍ ରହିଥାଏ, ଯାହାକି ଉପର କିମ୍ବା ତଳକୁ ଯିବାକୁ ସାହାଯ୍ୟ କରେ। ହେଲେ ଚେକ୍ ରିପବ୍ଲିକ୍ ରାଜଧାନୀ ପ୍ରାଗ୍‌ର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ଲିଫ୍ଟରେ କୌଣସି ସୁଇଚ୍ ବ୍ୟବହାର ହୋଇ ନ ଥାଏ। ତେବେ ଲିଫ୍ଟଟି ସବୁ ସମୟରେ ଆପେ ଚାଲିଥାଏ। ଏଥିସହ ଲିଫ୍ଟର



କୌଣସି କବାଟ ନ ଥାଏ। ଏପରି ଲିଫ୍ଟକୁ ପାଟେରନୋଷ୍ଟର ଲିଫ୍ଟ କୁହାଯାଏ। ଏହି ଲିଫ୍ଟ ଏକ ଚେନ୍ ସିଷ୍ଟମ ଦ୍ୱାରା ଚାଲିଥାଏ। ତେବେ ଏଥିରେ ଚଢ଼ିବାକୁ ହେଲେ ଚାଲୁଥିବା ବସ୍ କିମ୍ବା ଟ୍ରେନରେ ଚଢ଼ିବା ଅଭ୍ୟାସ ଥିବା ଆବଶ୍ୟକ।

## ସଲ୍‌ମାନଙ୍କୁ ଭେଟିବାକୁ ସାଇକେଲରେ ୧୧୦୦ କି.ମି. ଯାତ୍ରା

**ମୁମ୍ବାଇ:** ବଲିଉଡ୍ ଅଭିନେତା ସଲମାନ୍ ଖାଁଙ୍କର କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଅନେକ ପ୍ରଶଂସକ ଅଛନ୍ତି। ନିକଟରେ ସଲୁଙ୍କ ସମୀର ନାମକ ଜଣେ ଫ୍ୟାନ ତାଙ୍କୁ ଭେଟିବା ପାଇଁ ମଧ୍ୟପ୍ରଦେଶରୁ ସାଇକେଲରେ ୧୧୦୦ କି.ମି. ଯାତ୍ରା କରିଥିବା ନେଇ ଚର୍ଚ୍ଚାକୁ ଆସିଛନ୍ତି। ମଧ୍ୟପ୍ରଦେଶର ଜବଲପୁରର ସମୀର ସଲ୍‌ମାନଙ୍କ ଘରେ ପହଞ୍ଚିଥିଲେ। ଭାଗ୍ୟକୁ ସଲମାନ୍ ତାଙ୍କ ଘରେ ଉପସ୍ଥିତ ଥିଲେ। ସେ ସଲ୍‌ମାନଙ୍କୁ ଭେଟି ଆତ୍ମହରା ହୋଇପଡିଥିଲେ। ସମୀର ଓ ତାଙ୍କ ସାଇକେଲ ସହ ସଲ୍‌ମାନ ଫଟୋ ଉଠାଇଥିଲେ।




## ୪୯୮୯ କେଜିର କେକ୍

**ଏଥେନ୍ସ:** ନୂଆବର୍ଷ ଅବସରରେ ଗ୍ରୀସ୍‌ର ୨୦୦ ବେକର୍ସ ମିଶି ୪୯୮୯ କେଜି ଓଜନର କେକ୍ ପ୍ରସ୍ତୁତ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। କେକ୍‌ର ନାଁ ରହିଛି ଭାସିଲୋପିଟା। ଗ୍ରୀସ୍‌ର ଏହା ଏକ ଟ୍ରାଡିସ୍‌ନାଲ୍ କେକ୍ ବୋଲି କୁହାଯାଉଛି। ନୂଆବର୍ଷ ସନ୍ଧ୍ୟାରେ ଏହି କେକ୍‌କୁ ବେକ୍ କରାଯାଇଥିବା ବେଳେ ଏହାକୁ ପ୍ରସ୍ତୁତ କରିଥିବା ବେକର ଏବଂ ଏଥେନ୍ସର ସ୍ଥାନୀୟ ଲୋକେ ସେଠାରେ ଉପସ୍ଥିତ ଥିଲେ। ପେରିଷ୍ଟରି ଷ୍ଟ୍ରିଟ୍‌ରେ ଏହି କେକ୍‌କୁ କଟାଯାଇଥିଲା। କେକ୍ ପ୍ରସ୍ତୁତ ପାଇଁ ୩୯୯୧ କେଜି ଓଜନର ମଇଦା, ୧୯୯୫ କେଜି ବଟର୍, ୯୯୭ କେଜି ଚିନି, ୪୯ କେଜି ବ୍ରାଣ୍ଡି, ୨୦୦୦ ଅଣ୍ଡା, ୧୫୦୦ କମଳା ଏବଂ ୪ ଡବା ଭାନିଲା ବ୍ୟବହାର କରାଯାଇଛି। କେକ୍‌କୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ମିଳିଥିବାରୁ ଏହାକୁ ତିଆରି କରିଥିବା ଅର୍ଗାନାଇଜେଶନ ଖୁସି ଥିବା କୁହାଯାଉଛି। କେକ୍‌କୁ ମୋଟ ୫୦,୦୦୦ ଖଣ୍ଡ କାଟି ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ବଣ୍ଟା ଯାଇଛି।



**CORRIGENDUM**

In suppression to previous IDENTIFICATION No.:- AGLB-01/2022-23 published on NIC website on dtd.29.12.2022 and local daily newspaper Dharitri, Orissa POST & Sambad on dtd.04.01.2023 is hereby cancelled.

**Sd./- Block Development Officer, Angul**

## ଅନ୍ୟାନ୍ୟ ଖବର

### ଜବରଦଖଲ ଉଚ୍ଛେଦ: ଆଜି ସୁପ୍ରିମକୋର୍ଟରେ ଶୁଣାଣି

ହଲଦ୍ୱାନି/ନୂଆଦିଲ୍ଲୀ,୪।୧

ଉତ୍ତରାଖଣ୍ଡର ହଲ୍‌ଦ୍ୱାନିଠାରେ ୨୯ ଏକର ରେଲୱେ ଜମିରୁ ଜବରଦଖଲ ଉଚ୍ଛେଦ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ସୁପ୍ରିମକୋର୍ଟ ଗୁରୁବାର ଉକ୍ତ ଆବେଦନର ଶୁଣାଣି କରିବେ। ଉଚ୍ଛେଦ ବନ୍ଦ କରିବା ଲାଗି ସେଠାରେ ଥିବା ୪,୩୬୫ଟି ଘରର ବାସିନ୍ଦା ବିକ୍ଷୋଭ ଚଳାଇଛନ୍ତି। ଉକ୍ତ ଜମିରେ ୪ଟି ସରକାରୀ ସ୍କୁଲ, ୧୧ଟି ଘରୋଇ ସ୍କୁଲ, ଗୋଟିଏ ବ୍ୟାଙ୍କ, ୨ଟି ଓଭରହେଡ୍ ପାଣିଟାଙ୍କି, ୧୦ଟି ମସ୍‌ଜିଦ, ୪ଟି ମନ୍ଦିର ଓ ଅନେକ ଦୋକାନ ରହିଛି। ଗତ ମାସ ୨୦ ତାରିଖରେ ହାଇକୋର୍ଟ ରେଲୱେ ଜମିରୁ ଜବରଦଖଲ ଉଚ୍ଛେଦ ଲାଗି ନିର୍ଦ୍ଦେଶ ଦେବା ପରେ ଜିଲା ପ୍ରଶାସନ ଖବରକାଗଜରେ ଏକ ବିଜ୍ଞପ୍ତି ଜାରି କରିଥିଲେ। ଜାନୁୟାରୀ ୯ ସୁଦ୍ଧା ଜବରଦଖଲକାରୀ ସେମାନଙ୍କ ଜିନିଷପତ୍ର ହଟାଇନେବାକୁ ଉକ୍ତ ବିଜ୍ଞପ୍ତି ଜରିଆରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ବିରୋଧରେ ଅଧିବାସୀମାନେ ମହମବତି ଶୋଭାଯାତ୍ରା, ଧାରଣା ଜାରି ରଖିଛନ୍ତି।

## ଜାତୀୟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଜାମ୍ବୋରିକୁ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ପାଲି,୪।୧

ରାଜସ୍ଥାନର ପାଲି ଜିଲା ଅନ୍ତର୍ଗତ ନିମ୍ବଲି ଗ୍ରାମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଅପରାହ୍ନରେ ୧୮ତମ ଜାତୀୟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଜାମ୍ବୋରିକୁ ଉଦ୍‌ଘାଟନ କରିଛନ୍ତି। ଭାରତ ସ୍କାଉଟ୍‌ସ ଓ ଗାଇଡ୍ସ ସର୍ବବୃହତ୍ ସ୍ୱେଚ୍ଛାସେବୀ, ଅଣରାଜନୈତିକ ଯୁବ ସଂଗଠନ ଏବଂ ଦେଶର ଶୈକ୍ଷିକ ଆନ୍ଦୋଳନ ବୋଲି ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି। ଜାତି, ଧର୍ମ, ଲିଙ୍ଗ ନିର୍ବିଶେଷରେ ପୁଅ ଝିଅଙ୍କ ଚରିତ୍ର ଗଠନ ଦିଗରେ ଏହା କାର୍ଯ୍ୟ କରିଥାଏ। ୬୩ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟତା ସହ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ବିଶ୍ୱର ସର୍ବବୃହତ୍ ସ୍କାଉଟ୍ ଗାଇଡ୍ ସଂଗଠନ। ଏହାର ସଦସ୍ୟମାନେ ଉତ୍ସର୍ଗୀକୃତ ମନୋଭବ ନେଇ ମାନବ କଲ୍ୟାଣ ପାଇଁ ସେବା କରିଥାନ୍ତି। ପ୍ରତ୍ୟେକ ସେମାନଙ୍କ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଜୀବନରେ ମାନବୀୟ ମନୋଭାବ ନେଇ ଭଲ ପାଇବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି ନିମ୍ବଲିସ୍ଥିତ ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟପାଳ କଲରାଜ ମିଶ୍ର ଏବଂ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସ୍ୱାଗତ କରିଥିଲେ। ସେ ପତାକା ଉତ୍ତୋଳନ କରି ଜାମ୍ବୋରିକୁ ଉଦ୍‌ଘାଟନ କରିବା ପରେ ପରେଡରେ ସାମିଲ ହୋଇଥିଲେ। ଏହି ସମୟରେ ବାୟୁସେନା ପକ୍ଷରୁ ସୂର୍ଯ୍ୟକିରଣ ଏୟାର ଶୋ' ପ୍ରଦର୍ଶନ କରାଯାଇଥିଲା।

୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜମ୍ବୋରିରେ ଭାଗନେବା ପାଇଁ ଭାରତ ଓ ବିଦେଶରୁ ପ୍ରାୟ ୩୫ ହଜାର ସ୍କାଉଟ୍ ଓ ଗାଇଡ୍ ଆସିଛନ୍ତି। ସେମାନଙ୍କ ଲାଗି ୨୨୦ ହେକ୍ଟର ଅଞ୍ଚଳରେ ୩,୫୨୦ଟି ଟେଣ୍ଟ ନିର୍ମାଣ କରାଯାଇଛି। ରାଜସ୍ଥାନରେ ଏହା ଦ୍ୱିତୀୟ ଜାମ୍ବୋରି। ପୂର୍ବରୁ ଜୟପୁରରେ ୧୯୫୬ ଜାମ୍ବୋରିର ଆୟୋଜନ କରାଯାଇଥିଲା। ଏଥର ବାଂଲାଦେଶ, ସାଉଦି ଆରବ, ଘାନା, ଶ୍ରୀଲଙ୍କା, ମାଲେସିଆ, ନେପାଳ, କେନିଆ ଆଦି ଦେଶରୁ ୪୦୦ ସ୍କାଉଟ୍ ଗାଇଡ୍ ଯୋଗ ଦେଉଛନ୍ତି।

### ଜମ୍ମୁରେ ୧୮୦୦ ଅର୍ଦ୍ଧସାମରିକ ଯବାନ ମୁତୟନ ହେବେ

ନୂଆଦିଲ୍ଲୀ, ୪।୧

ଜମ୍ମୁ-କଶ୍ମୀରରେ କେନ୍ଦ୍ର ସରକାର ସେଣ୍ଟ୍ରାଲ୍ ରିଜର୍ଭପୋଲିସ ଫୋର୍ସ (ସିଆର୍‌ପିଏଫ୍)ର ୧୮ କମ୍ପାନୀ ନିୟୋଜିତ କରିବା ନେଇ ନିଷ୍ପତ୍ତି ନେଇଛନ୍ତି। ରାଜୌରୀରେ ଲଗାତର ଦୁଇ ଦୁଇଟି ଆତଙ୍କବାଦୀ ଆକ୍ରମଣରେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିବା ପରେ ଲୋକଙ୍କ ସୁରକ୍ଷା ନେଇ କେନ୍ଦ୍ର ସରକାର ତତ୍ପର ହୋଇଛନ୍ତି। ପାଖାପାଖି ୧,୮୦୦ ଜଣ ଯବାନ ଜମ୍ମୁରେ ନିୟୋଜିତ ହେବାକୁ ଥିବାବେଳେ ପୁଞ୍ଚ ଏବଂ ରାଜୌରୀରେ ଅଧିକ ସଂଖ୍ୟକ ଯବାନ ମୁତୟନ କରାଯିବେ। ଖୁବ୍‌ଶୀଘ୍ର ୮ ସିଆର୍‌ପିଏଫ୍ କମ୍ପାନୀ ଜମ୍ମୁ-କଶ୍ମୀର ପଠାଯିବାକୁ ଥିବାବେଳେ ବାକି ୧୦ କମ୍ପାନୀ ଦିଲ୍ଲୀରୁ ଅଣାଯବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଆତଙ୍କବାଦୀ ଆକ୍ରମଣରେ ରାଜୌରୀ ଜିଲା ଉପର ଦାଙ୍ଗରି ଗ୍ରାମରେ ୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ଥିଲେ।

**DISTRICT PROJECT OFFICE, SAMAGRA SHIKSHA, NABARANGPUR**

No. 03/Vehicle **TENDER CALL NOTICE** Dated: 02.01.2023

Sealed tenders are invited from interested Travel Agencies/Tour Operators or Private Individuals for providing 02 (Two) Nos. of Vehicles i.e. **01 Mahindra Bolero/TUV300/Neo and 01 Tata Tiago/ Tata Bolt/Maruti Celerio/Maruti Suzuki Swift Dzire (Diesel/Petrol) with Driver** to be engaged in the Office of District Project Coordinator, Samagra Shiksha, Nabarangpur on a monthly rental basis. The detailed information can be downloaded from **www.nabarangpur.nic.in** OR **www.osepa.odisha.gov.in**. The last date and time for submission of tender document is **31.01.2023 by 3.00 P.M.**

By Order of Collector-cum-Chairperson
**Sd./- District Educational Officer-cum-DPC**
**Samagra Shiksha, Nabarangpur**

**OFFICE OF THE COLLECTOR & DISTRICT MAGISTRATE, BALASORE**
**(TOURISM SECTION)**

**No. 03** **Date: 03.01.2023**

**EXPRESSION OF INTEREST**

No. R-14: Government of Odisha have launched a scheme namely "Baristha Nagarika Tirtha Yatra Yojana" for Senior Citizens of the State for realisation of their lifelong dream of having one Tirtha Darshan (Pilgrimage) in collaboration with IRCTC (A Govt. of India undertaking). Expression of Interest is invited from reputed Event Management Agencies / Firms / Hoteliers / Kalyani Mandaps with experience in event management for making arrangement of accommodation, fooding & other logistic arrangement for 1000 Nos. of pilgrims each who shall be travelling by train on a pilgrim tour from Balasore. The agency shall arrange all pre travel requirements for these pilgrims before boarding.
Last date of submission of EOI is **16.01.2023 upto 3 P.M.** The terms of reference may be collected from the **District Tourist Office**, Government of Odisha, Police Line, Balasore or may be downloaded from the district website **www.baleswar.nic.in**.

**Sd./- Collector & D.M., Balasore**
OIPR-24242/11/0006/2223

## ସରକାରୀ ମେଡିକାଲ କଲେଜ ଚୁକ୍ତିଭିତ୍ତିକ ଡାକ୍ତରଙ୍କ ଦରମା ବୃଦ୍ଧି

ଭୁବନେଶ୍ୱର, ୪।୧(ବ୍ୟୁରୋ)

ରାଜ୍ୟ ସରକାର ରାଜ୍ୟରେ ଥିବା ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଡାକ୍ତର ବା ମେଡିକାଲ କଲେଜ ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ପୂର୍ବରୁ ପ୍ରଫେସରଙ୍କ ଦରମା ୧,୨୫,୦୦୦ଟଙ୍କା ଥିବା ବେଳେ ଏବେ ତାହା ୨,୩୦,୦୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଆସୋସିଏଟ୍ ପ୍ରଫେସରଙ୍କ ଦରମା ୧ଲକ୍ଷରୁ ୨ଲକ୍ଷକୁ ବୃଦ୍ଧି କରାଯାଇଛି। ଆସିଷ୍ଟାଣ୍ଟ ପ୍ରଫେସରଙ୍କ ଦରମା ୭୫ ହଜାରରୁ ୧,୨୦,୦୦୦ ଟଙ୍କାକୁ ବଢ଼ାଯାଇଛି। ସେହିଭଳି ସେମାନଙ୍କ ଦରମାରେ ପୂର୍ବରୁ ବାର୍ଷିକ ୩% ବଢୁଥିବାବେଳେ ଏବେ ଏହା ୫% କରାଯାଇଛି। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୧୩ଟି ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ରହିଛି।

## ସିକ୍ୟୁରିଟି ଚେକ୍ ବେଳେ ମହିଳାଙ୍କୁ ପୋଷାକ ଖୋଲିବା ପାଇଁ କୁହାଗଲା

**ବେଙ୍ଗାଲୁରୁ, ୪।୧:** ବୁଧବାର ବେଙ୍ଗାଲୁରୁ ଏୟାରପୋର୍ଟରେ ସିକ୍ୟୁରିଟି ଚେକ୍‌ବେଳେ ଜଣେ ମହିଳାଙ୍କୁ ତାଙ୍କ ପୋଷାକ ଖୋଲିବା ପାଇଁ କୁହାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ସମ୍ପୃକ୍ତ ମହିଳାଜଣକ ଟୁଇଟରରେ ପୋଷ୍ଟ ଶେୟାର କରି ଏହା ଅପମାନଜନକ ବୋଲି କହିଛନ୍ତି। ବେଙ୍ଗାଲୁରୁ ବିମାନବନ୍ଦର ଅଫିସିଆଲ ଟୁଇଟର ହାଣ୍ଡେଲ ମହିଳାଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ଏ ବିଷୟରେ ତାଙ୍କ ସହ ଆଲୋଚନା ପାଇଁ ଯୋଗାଯୋଗ କରିବାକୁ କହିଛି।

## ରେଲୱେ ଚାକିରି ବାହାନାରେ ସାଢ଼େ ୭ଲକ୍ଷ ଠକେଇ

### ଯୁବତୀ ଗିରଫ

ବ୍ରହ୍ମପୁର ପୋଲିସ,୪।୧

ରେଲୱେ ଗ୍ରୁପ୍-ସି ଚାକିରି ଦେବାକୁ ପ୍ରତିଶ୍ରୁତି ଦେବା ସହ ଜାଲ୍ ନିଯୁକ୍ତି ପତ୍ର ଦେଇ ଜଣେ ଯୁବକଙ୍କଠାରୁ ସାଢ଼େ ୭ ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ଜଣେ ଯୁବତୀଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଜେଏମ୍‌ଏସ୍.ପ୍ରଭା(୨୮), ଘର ଜଗତସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଝିମାଣି ଗ୍ରାମରେ। ସେ ବ୍ରହ୍ମପୁରର ଶରଧାବାଲି ୨ୟ ଗଳିରେ ରହୁଥିଲେ। ସୋରଡ଼ା ଥାନା ଗୋବିନ୍ଦପୁର ଅଞ୍ଚଳର ଏସ୍.ହିତେଶ ପାତ୍ର (୨୫) ଚାକିରି ଖୋଜୁଥିଲେ। ରେଲୱେରେ ଚାକିରି କରାଇ ଦେଉଥିବା ସମ୍ପୃକ୍ତ ଯୁବତୀଙ୍କ ସମ୍ପର୍କରେ ତାଙ୍କର ଜଣେ ସାଙ୍ଗ କହି ଫୋନ୍‌ରେ କଥା କରାଇ ଦେଇଥିଲେ। ଗ୍ରୁପ୍-ସି ଚାକିରି ପାଇଁ ୧୧ଲକ୍ଷ ଟଙ୍କା ଦେବାକୁ ପଡିବ କହି ଯୁବତୀ ପ୍ରଥମେ ଅଢ଼େଇ ଲକ୍ଷ ଟଙ୍କା ମାଗିଥିଲେ। ହିତେଶ ବ୍ରହ୍ମପୁର ଆସି ଗାନ୍ଧୀନଗର ସାଇ କମ୍ପ୍ଲେକ୍ସ ନିକଟରେ ଯୁବତୀଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଦେଇଥିଲେ। ପରେ ଆଉ ଦୁଇ ଥର ଅନ୍‌ଲାଇନ୍‌ରେ ଅଢ଼େଇ ଲକ୍ଷ ଟଙ୍କା ଲେଖାଏ ପଠାଇଥିଲେ। ଏହାପରେ ହିତେଶଙ୍କୁ ଜାଲ୍ ନିଯୁକ୍ତିପତ୍ର, ଆଇଡି କାର୍ଡ଼ ଓ ଆଟେଣ୍ଡାନ୍ସ କାର୍ଡ଼ ଆଦି ଦେଇ ଯୁବତୀ ଆଉ ସାଢ଼େ ୩ଲକ୍ଷ ଟଙ୍କା ମାଗିଥିଲେ। ହିତେଶ୍ ଠକାମିର ଶିକାର ହୋଇଥିବା ଜାଣିବା ପରେ ବ୍ରହ୍ମପୁର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯୁବତୀଙ୍କୁ ଧରିବା ପାଇଁ ବଳକା ଟଙ୍କା ଦେବା ଲାଗି ହିତେଶଙ୍କ ଜରିଆରେ ଡକାଇଥିଲା। ଯୁବତୀ ଇଞ୍ଜିନିୟରିଂ ସ୍କୁଲ ଛକକୁ ଟଙ୍କା ନେବାକୁ ଆସିବା ପରେ ତାଙ୍କୁ କାବୁ କରିଥିଲା।

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
**NIT No: TPCODL/P&S/NIT/22-23/016**

**TP Central Odisha Distribution Limited invites open tender from eligible Bidders for the following:**

| Sl No | Tender Description | Tender Enquiry No. | Tender Fee incl of GST (Rs) | EMD (Rs.) | Last date & time of payment of Tender Fee |
|---|---|---|---|---|---|
| 1 | Supply, Erection and Commissioning of Package-A: 16 No 33/11kV Primary Sub-Stations Package-B: Associated 33kV & 11kV Lines of Primary Sub-Stations and 33kV independent lines underPhase-IV of ODSSP on EPC Contract Basis | TPCODL/ P&S/ 1000000339/ 22-23 | 5,000/- | Pkg(A): 1.20 Cr. Pkg (B): 1.77 Cr. | 13/01/2023, 17.00 Hrs. |
| 2 | Project Management Service for proposed 33/11 KV S/s and its connecting line in TPCODL | TPCODL/ P&S/ 1000000340/ 22-23 | 5,000/- | 2.00 Lacs | 13/01/2023, 17.00 Hrs. |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website.

**ZILLA SWASTHYA SAMITI, GAJAPATI**
**TENDER CALL NOTICE**
**CORRIGENDUM**

**No. 143** **Dated: 03.01.2023**

No. E-796: In partial modification to this office Tender No. 8212 dated 30.11.2022 as requested for sealed tenders are invited from registered manufacturers/ authorized distributors/traders for supply of Drugs and Consumables (In Generic) and other items for Gajapati district, Odisha. The details regarding the terms & conditions of prequalification rule No. IX to be read as **"Market Experience (Performance Statement) towards supply of the quoted Pharmaceutical product to Govt./Corporate Hospitals/PSU Hospitals on India during the last three financial years"** and the tender papers may be downloaded from **www.gajapati.nic.in** or available at O/o. CDM & PHO, Gajapati (Sub Store Section) upto Dt.13.01.2023 during office hours on all working days. The tenders should reach this office of the undersigned by Dt.16.01.2023 upto 5.00 P.M. through Regd. Post/Speed Post or Courier services only along with all the relevant documents and E.M.D. The tenders will be opened on dated 17.01.2023 at 12.00 Noon in presence of the tenderers or their authorised representatives. The undersigned reserves the right to reject or cancel any or all the tenders without assigning any reason thereof.

**Sd./- Chief District Medical & Public Health Officer, Gajapati**
OIPR-10105/11/0016/2223

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୪।୧: କ୍ରମାଗତ ୨ୟ ଦିନର ବଜାର ବୃଦ୍ଧି ପରେ ବୁଧବାର ଶେୟାର ବଜାର କାରବାରରେ ବ୍ୟାପକ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍ ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୩୭ (୬୩୬.୭୫) ପଏଣ୍ଟ ଖସି ୬୦,୬୫୭ (୬୦,୬୫୬.୪୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୯୦ (୧୮୯.୬୦) ପଏଣ୍ଟ ହ୍ରାସ ଘଟି ୧୮,୦୪୩(୧୮,୦୪୨.୯୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।


### ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱକୁ ସବୁଜ ଶକ୍ତି ଯୋଗାଇବା ହବ୍ ପାଲଟିବ ଭାରତ

### ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

ନୂଆଦିଲ୍ଲୀ,୪।୧

ପରିବେଶ ସୁରକ୍ଷା ଓ ପ୍ରଦୂଷଣ ମୁକ୍ତ ରାଷ୍ଟ୍ର ନିର୍ମାଣ ଦିଗରେ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏପରିକି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଜାତୀୟ ସବୁଜ ହାଇଡ୍ରୋଜେନ ମିଶନକୁ ମଞ୍ଜୁରୀ ମିଳିଛି। ଉକ୍ତ ମିଶନ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୯,୭୪୪ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଆକଳନ କରାଯାଇଛି। ଏ ନେଇ ବୁଧବାର କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇ କହିଛନ୍ତି, ଆବଣ୍ଟିତ ଅର୍ଥରୁ ୧୭,୪୯୦ କୋଟି ଟଙ୍କା ଭିତ୍ତିଭୂମି ପାଇଁ ଖର୍ଚ୍ଚ ହେବ। ପାଇଲଟ୍ ପ୍ରୋଜେକ୍ଟ ପାଇଁ ୧,୪୬୬ କୋଟି ଟଙ୍କା ଖର୍ଚ୍ଚ ହେବ। ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ପାଇଁ ୪୦୦ କୋଟି ଏବଂ ୩୮୮ କୋଟି ଟଙ୍କା ଅନ୍ୟାନ୍ୟ ଉପାଦାନ ପାଇଁ ଖର୍ଚ୍ଚ ହେବ। ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ଗାଇଡ୍‌ଲାଇନ ଜାରି କରାଯିବ। ଏହି ମିଶନ ଅନୁଯାୟୀ, ବାର୍ଷିକ ସର୍ବନିମ୍ନ ୫ମିଲିୟନ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟି) ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ କ୍ଷମତା ବିକାଶକୁ ପ୍ରୋତ୍ସାହନ କରିବା ସହ ୨୦୩୦ ସୁଦ୍ଧା ଦେଶରେ ପ୍ରାୟ ଅତିରିକ୍ତ ୧୨୫ଜିଡବ୍ଲ୍ୟୁ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରହିଛି। ଏହି ମିଶନ ଦ୍ୱାରା ପ୍ରାୟ ୬ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ହାଇଡ୍ରୋଜେନ୍ ଉତ୍ପାଦନ ବୃଦ୍ଧି ହେବା ଦ୍ୱାରା ପ୍ରାୟ ୧ଲକ୍ଷ କୋଟି ଜୀବାଶ୍ମ ଇନ୍ଧନ ଆମଦାନୀ କମ୍ ହୋଇପାରିବ। ଏହାଦ୍ୱାରା ୨୦୩୦ ସୁଦ୍ଧା ୫୦ ଏମ୍‌ଏମ୍‌ଟି ଗ୍ରୀନ୍ ହାଉସ୍ ଗ୍ୟାସ୍ ଉତ୍ପନ୍ନ ମଧ୍ୟ କମ୍ ହେବ। ସରକାରୀ ବିବୃତି ଅନୁଯାୟୀ ମିଶନ ଦ୍ୱାରା ଅନେକ ବ୍ୟାପକ ଲାଭ ହେବ। ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଫଳରେ ଏହାର ରପ୍ତାନି ସୁଯୋଗ ସୃଷ୍ଟି ହେବ। ଶିଳ୍ପରେ ଗତିଶୀଳତା, କାର୍ବନ ଡାଇଅକ୍ସାଇଡ୍ ହ୍ରାସ, ଆମଦାନୀ ହେଉଥିବା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ, ସ୍ୱଦେଶୀ ଉତ୍ପାଦନ କ୍ଷମତାର ବିକାଶ, ରୋଜଗାର ସୃଷ୍ଟି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶ ହେବ ବୋଲି କୁହାଯାଇଛି।


ଅନୁରାଗ ଠାକୁର

## ୧ ଟ୍ରିଲିୟନ୍‌ର କାରବାର କରିବ ଟାୟାର ଶିଳ୍ପ

ନୂଆଦିଲ୍ଲୀ, ୪।୧

ଦେଶରେ ଟାୟାର ଶିଳ୍ପ ଆସନ୍ତା ୩ ବର୍ଷ ମଧ୍ୟରେ ୧ ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରିବ ବୋଲି ବୁଧବାର ଅଟୋମୋଟିଭ ଟାୟାର ଉତ୍ପାଦନକାରୀ ସଂଘ (ଏଟିଏମ୍‌ଏ) ପକ୍ଷରୁ କୁହାଯାଇଛି। ତେବେ ଏହି ଶିଳ୍ପରେ ନୂତନ ନିଯୁକ୍ତି ସୃଷ୍ଟି କରିବା ପାଇଁ ଗତ ୩ ବର୍ଷ ମଧ୍ୟରେ ୩୫,୦୦୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏ ନେଇ ସଂଘ ପକ୍ଷରୁ ସତିଶ ଶର୍ମା କହିଲେ, ଦେଶରେ ପୁରୁଣା ଗାଡ଼ି ଗୁଡ଼ିକ ଚଳାଚଳ କରିବା ଏବଂ ୧୫ ବର୍ଷ ପୁରୁଣା ସରକାରୀ ଯାନ ଗୁଡ଼ିକର ପଞ୍ଜୀକରଣର ନବୀକରଣ ନ ହେବା ନୂତନ ଯାନ ଗୁଡ଼ିକର ଚାହିଦା ସୃଷ୍ଟି ହେବ। ଏହା ଦ୍ୱାରା ଟାୟାର ଶିଳ୍ପ ସହିତ ଅନେକ ସଂପୃକ୍ତ କ୍ଷେତ୍ର ମଧ୍ୟ ବିକାଶିତ ହେବ। ଯାହା ଫଳରେ ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି ସେ ମତପ୍ରକାଶ କରିଛନ୍ତି।

## ବିଲାଇଭ୍‌ର ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୪।୧

ମଲ୍‌ଟି ବ୍ରାଣ୍ଡ ବୈଦ୍ୟୁତିକ ଯାନ (ଇଭି) ପ୍ଲାଟ୍‌ଫର୍ମ ବି.ଲାଇଭ୍‌ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏପରିକି ରାଉରକେଲା ସହରରେ ବ୍ରାଣ୍ଡର ପ୍ରଥମ ମଲ୍‌ଟିବ୍ରାଣ୍ଡ ଷ୍ଟୋର ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଶେଷକରି ବୈଦ୍ୟୁତିକ ଯାନ ଉପରେ ବିଶ୍ୱସ୍ତରୀୟ ସଚେତନତା ହେତୁ ଗ୍ରାହକଙ୍କ ଆଗ୍ରହ ବୃଦ୍ଧି, ଇନ୍ଧନ ମୂଲ୍ୟ ବୃଦ୍ଧି ସହ ବ୍ରାଣ୍ଡର ଗୁରୁତ୍ୱ ଦୃଷ୍ଟିରୁ ଏହାର ୧୯ତମ ଇଭି ଷ୍ଟୋରରେ ପହଞ୍ଚିଛି। ଏଠାରେ ଏକାଧିକ ଇଭି ବ୍ରାଣ୍ଡ ଉପଲବ୍ଧ। ବୈଦ୍ୟୁତିକ ସ୍କୁଟର, ମୋଟର ସାଇକେଲ ଇତ୍ୟାଦିକୁ ଗ୍ରାହକ ସର୍ବନିମ୍ନ ଇଏମ୍‌ଆଇ ମାସିକ ୨୦୦୦ ଟଙ୍କାରେ କିଣିପାରିବେ। ଉଲ୍ଲେଖଯୋଗ୍ୟ, ଏଠାରେ କାଇନେଟିକ ଗ୍ରୀନ୍, ହିରୋ ଲେକ୍ଟ୍ରୋ,ଏଲ୍‌ଏମ୍‌ଏଲ୍-ଡିଟେଲ,ବ୍ୟାଟରେ, ଜେମୋପିୟା ପ୍ରଭୃତି ଉପଲବ୍ଧ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ବି.ଲାଇଭ୍‌ର ସିଇଓ ତଥା ସହପ୍ରତିଷ୍ଠାତା ସମର୍ଥ ଖୋଲକର କହିଛନ୍ତି, ରାଉରକେଲାଠାରେ ଆମର ପ୍ରଥମ ଷ୍ଟୋର ଶୁଭାରମ୍ଭ ସହ ଓଡ଼ିଶା ବଜାରରେ ମଧ୍ୟ ପ୍ରବେଶ ପାଇଁ ଆମେ ଗୌରବାନ୍ୱିତ ଅଛୁ। ବିଶେଷକରି ବୈଦ୍ୟୁତିକ ଯାନର ଗତିଶୀଳତାକୁ ଆମେ ଓଡ଼ିଶାର ଜନସାଧାରଣଙ୍କୁ ପ୍ରଦାନ କରିବୁ। ଏପରିକି ସହଜରେ ଗାଡ଼ି କିଣିବା ପାଇଁ ଆମେ ଗ୍ରାହକମାନଙ୍କୁ ଫାଇନାନ୍ସ ଠାରୁ ଆରମ୍ଭକରି ସବୁ ପ୍ରକାର ସହାୟତା ଯୋଗାଇଦେବୁ। ସେହିଭଳି ବି.ଲାଇଭ ଷ୍ଟୋରର ମାଲିକ ଅକ୍ଷୟ ପ୍ରହରାଜ କହିଛନ୍ତି, ଆମେ ବି.ଲାଇଭ ସହ ସହଭାଗୀ ହୋଇ ଅତ୍ୟନ୍ତ ଆନନ୍ଦିତ ଓ ଓଡ଼ିଶାର ଲୋକମାନଙ୍କ ମୋବିଲିଟି ଉଦ୍ଦେଶ୍ୟରେ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବୁ।

## ଜାନୁୟାରୀ ୭ରୁ 'ଡିଓଡି ଜୀ-ସାର୍ଥକ ସଂସାର ଡ୍ୟାନ୍ସ ଲିଗ୍'



ଭୁବନେଶ୍ୱର,୪।୧

ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକରେ ଜାନୁୟାରୀ ୭ରୁ ଆରମ୍ଭ ହେବାକୁ ଯାଉଛି 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ (ଡିଓଡି), ଜୀ-ସାର୍ଥକ ସଂସାର ଡ୍ୟାନ୍ସ ଲିଗ୍'। ଜୀ-ସାର୍ଥକରେ ପ୍ରସାରିତ ହେଉଥିବା ମେଗା ଧାରାବାହିକଗୁଡ଼ିକର ଅଭିନେତ୍ରୀମାନେ ଏଥିରେ ପ୍ରତିଯୋଗୀ ଭାବରେ ଭାଗ ନେବେ। ଏପରିକି ସୁଜିତ ଓ ଚାନ୍ଦିନୀଙ୍କ ଦମ୍‌ଦାର ସଂଯୋଜନାରେ ଆରମ୍ଭ ହେବାକୁ ଯାଉଥିବା ଏହି ଡ୍ୟାନ୍ସ ଲିଗ୍‌ରେ ଅଭିନେତା ଦେବାଶିଷ ପାତ୍ର, ଅଭିନେତ୍ରୀ ଲିପି ମହାପାତ୍ର ଏବଂ ଡ୍ୟାନ୍ସର ହରିହର ଦାଶ ଜୁରି ଆସନ ଅଳଙ୍କୃତ କରିବେ ଏବଂ ବାଛିବେ କେଉଁ ଦଳ ହେବ ବିଜେତା। ଏହି ଡ୍ୟାନ୍ସ ଲିଗ୍‌ରେ ପ୍ରତିଯୋଗୀ ଭାବେ ଭାଗନେବେ ନିକିତା,ଅଙ୍କିତା,ଜସ୍ମିନ, ଦୀପିକା, ଅନନ୍ୟା, ଏଲି, ଅର୍ପିତା ଓ ଛନ୍ଦିତା,ଉପରୋକ୍ତ ଅଭିନେତ୍ରୀମାନଙ୍କୁ ନେଇ ଦୁଇଟି ଦଳରେ ହେବାକୁ ଥିବା ଡ୍ୟାନ୍ସ ଧମାକାର ଟକ୍କର ସହ ଏହି ଶୋ, ଆପଣଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ। ଅଭିନେତ୍ରୀ ଭାବରେ ପରଦା ଉପରେ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କ ମନ ଜିଣି ସାରିଥିବା ଏହି ଚୁଲ୍‌ବୁଲି ନାୟିକାମାନେ ନୃତ୍ୟ ପ୍ରଦର୍ଶନରେ କେତେ କମାଲ ଦେଖାଇ ପାରିବେ, ତା' ଉପରେ ସମସ୍ତଙ୍କର ନଜର ରହିବ। ପ୍ରଥମଥର ପାଇଁ ଓଡ଼ିଆ ଟେଲି ଇଣ୍ଡଷ୍ଟ୍ରିରେ ଏପରି ଏକ ଡ୍ୟାନ୍ସ ରିୟଲିଟି ଶୋ ହେବାକୁ ଯାଉଛି। ଯଦିଓ ପୂର୍ବରୁ ଅନେକ କିଛି ସଫଳ କାର୍ଯ୍ୟକ୍ରମରେ ଅଭିନେତ୍ରୀମାନେ ନୃତ୍ୟ ପରିବେଷଣ କରି ସେମାନଙ୍କର ଟ୍ୟାଲେଣ୍ଟ ଦେଖାଇ ସାରିଛନ୍ତି, କିନ୍ତୁ ଏହି ଶୋରେ ସେମାନେ ପରସ୍ପରକୁ ଏକ ପ୍ରତିଯୋଗୀ ଭାବରେ ଟକ୍କର ଦେଇ ସାମ୍ନା କରିବେ। ନିଜ ଭିତରେ ପ୍ରତିଯୋଗୀ ମନୋଭାବ ନେଇ କେହି ନୃତ୍ୟ ପ୍ରଦର୍ଶନରେ ମଧ୍ୟ କାହାଠାରୁ କମ୍ ନୁହନ୍ତି ତାହା ସେମାନେ ପ୍ରତିପାଦିତ କରିବା ପାଇଁ ଏହି ରିଆଲିଟି ଶୋ'ରେ ଚେଷ୍ଟା କରିବେ ଜୀ. ସାର୍ଥକ ଚାନେଲର ମୁଖ୍ୟ ପ୍ରତୀକ ସିଲ୍ କହିଛନ୍ତି। ଏହି ମେଗା ଡ୍ୟାନ୍ସିଂ ରିଆଲିଟି ଶୋ ଆଗାମୀ ଜାନୁୟାରୀ ୭ରୁ ପ୍ରତି ଶନିବାର ଓ ରବିବାର ରାତି ୯:୩୦ ରୁ ୧୦:୩୦ ମଧ୍ୟରେ ପ୍ରସାରିତ ହେବ ବୋଲି ଜୀ-ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।

## ମାଇକ୍ରୋଭେଷ୍ଟଠାରୁ ଭର୍ଥାନାର ନିବେଶ ହାସଲ

ନୂଆଦିଲ୍ଲୀ,୪।୧

ସୁଲଭ ଶିକ୍ଷା ଋଣ ନିମନ୍ତେ ବାଙ୍ଗାଲୋରର ଏକ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ (ଏନ୍‌ବିଏଫ୍‌ସି) ଆମେରିକାର ଏକ ବିଶ୍ୱସ୍ତରୀୟ ବିନିଯୋଗ ସଂସ୍ଥା ମାଇକ୍ରୋଭେଷ୍ଟଠାରୁ ୭ ମିଲିୟନ ଡଲାର (ପ୍ରାୟ ୫୬ କୋଟି ଟଙ୍କା) ନିବେଶ ପ୍ରାପ୍ତି କରିଛି। ଏହି ପୁଞ୍ଜି ବିନିଯୋଗ ଦ୍ୱାରା ସାରା ଦେଶର ଗ୍ରାମାଞ୍ଚଳରେ ସୁଲଭ ଶିକ୍ଷାକୁ ସହଯୋଗ ଏବଂ ରୂପାନ୍ତର କରିବା ଏବଂ ଘରୋଇ ବିଦ୍ୟାଳୟକୁ ଋଣ ପ୍ରଦାନ କରିବାର ଭର୍ଥାନାର ଲକ୍ଷ୍ୟକୁ ସକ୍ଷମ କରିବ। ଏହି ପାଣ୍ଠି କୋଭିଡ୍-୧୯ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟାରୁ ସୁଲଭ ବିଦ୍ୟାଳୟଗୁଡିକୁ ମୁକୁଳିବା ନିମନ୍ତେ ସହାୟତା କରିବା ପାଇଁ ଭର୍ଥାନାର ଲକ୍ଷ୍ୟକୁ ଦୃଢ କରିବ। ବିକାଶ ବିଷୟରେ ସୂଚନା ଦେଇ ଭର୍ଥାନାର ସିଇଓ ତଥା ସହପ୍ରତିଷ୍ଠାତା ଷ୍ଟିଭ୍ ହାର୍ଡଗ୍ରେଭ କହିଛନ୍ତି, ମାଇକ୍ରୋଭେଷ୍ଟ ଆମର ଦୀର୍ଘକାଳୀନ ନିବେଶର ଅଂଶୀଦାର ହୋଇଆସୁଅଛି ଯାହା ଭାରତରେ ଗୁଣାତ୍ମକ ଶିକ୍ଷା ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରୁଛି। ସ୍ୱଳ୍ପ ବଜେଟ ବିଦ୍ୟାଳୟ ଯେଉଁଥିରେ ଆମେ ବିନିଯୋଗ କରୁଛୁ, ମହାମାରୀ ସମୟରେ ସମ୍ମୁଖୀନ ହୋଇଥିବା ସମସ୍ୟା ପରେ ବ୍ୟବସାୟକୁ ଫେରିବା ପାଇଁ ନିବେଶ ଅନ୍ତର୍ଭୁକ୍ତ ଆର୍ଥିକ ସେବା ଉପରେ ନିର୍ଭର କରୁଛନ୍ତି। ମାଇକ୍ରୋଭେଷ୍ଟ ସହଯୋଗରେ ଏହି ବିଦ୍ୟାଳୟଗୁଡିକୁ ସାହାଯ୍ୟ କରିବାରେ ଆମେ ଏକ ଦୃଢ଼ ସ୍ଥିତି ହାସଲ କରିଛୁ। ମହାମାରୀର ୨ ବର୍ଷପରେ ବିଦ୍ୟାଳୟଗୁଡିକ ସକାରାତ୍ମକ ଦିଗରେ ଗତି କରୁଛନ୍ତି। ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୦,୦୦୦ରୁ ଅଧିକ ବିଦ୍ୟାଳୟକୁ ସାହାଯ୍ୟ କରିବା ଆମର ଲକ୍ଷ୍ୟ ରହିଛି। ଋଣ ବିତରଣ କରିବା ବ୍ୟତୀତ ଭର୍ଥାନା ବିଦ୍ୟାଳୟଗୁଡ଼ିକୁ ଡିଜିଟାଲ ଲର୍ନିଂ ଟୁଲସ୍ ଏବଂ ଟିଚିଂ ମେଥଡ୍ ପ୍ରଦାନ କରିଛି ଯାହା ମାଧ୍ୟମରେ ଛାତ୍ରୀଛାତ୍ରମାନେ ମହାମାରୀ ସତ୍ତ୍ୱେ ସେମାନଙ୍କ ଶିକ୍ଷା ଜାରି ରଖିପାରିବେ।

ମାଇକ୍ରୋଭେଷ୍ଟର ସିଇଓ ଜୋଶୁଆ ମୋରାକ୍‌ଜଉସ୍କି କହିଛନ୍ତି, ଭାରତରେ ଭର୍ଥାନା ମାଧ୍ୟମରେ ସ୍ୱଳ୍ପ ଆୟ ଅନ୍ତର୍ଭୁକ୍ତ ଛାତ୍ରୀଛାତ୍ର ଏବଂ ସେମାନଙ୍କ ପରିବାରକୁ ସାହାଯ୍ୟକରି ଆମେ ଗର୍ବିତ। ଆମେ ଭର୍ଥାନା ପରି ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପ୍ରତିଷ୍ଠାନଗୁଡିକୁ ସମର୍ଥନ କରିବାପାଇଁ ପ୍ରତିଶ୍ରୁତିବଦ୍ଧ। କୋଭିଡ୍ ପରେ ସେମାନଙ୍କର ପ୍ରୟାସ ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି।

## ମୋଟୋରୋଲା ସହ ଜିଓର ସହଭାଗିତା

ନୂଆଦିଲ୍ଲୀ,୪।୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ ମୋଟୋରୋଲା ସହ ନିକଟରେ ଏକ ବାଣିଜ୍ୟିକ ସହଭାଗିତା ହୋଇଥିବା ଜଣାପଡ଼ିଛି। ବିଶେଷ କରି ନିକଟରେ ମୋଟୋରୋଲା ପକ୍ଷରୁ ୫ଜି ସ୍ମାର୍ଟଫୋନ୍‌ର ନୂତନ ବର୍ଗମାଳା ଉନ୍ମୋଚନ କରାଯାଇଛି। ଏହା ଜିଓର ଟ୍ରୁ-୫ଜି ଷ୍ଟାଣ୍ଡ-ଏଲୋନ୍ ୫ଜି ନେଟ୍‌ୱର୍କକୁ ସପୋର୍ଟ କରୁଛି। ଏପରିକି ମୋଟୋରୋଲା ଦୁନିଆରେ ପ୍ରଥମ ୫ଜି ସ୍ମାର୍ଟଫୋନ୍‌ର ଶୁଭାରମ୍ଭ କରିଥିବା ସୂଚନା ମିଳିଛି। ସେହି ଦୃଷ୍ଟିରୁ ମୋଟୋରୋଲା ଏବଂ ଜିଓ ମଧ୍ୟରେ ଏହି ସହଭାଗିତା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଅପରପକ୍ଷରେ ପ୍ରିମିୟମଠାରୁ ଆରମ୍ଭକରି ମଧ୍ୟମ ଏବଂ ଗ୍ରାହକଙ୍କୁ ସୁହାଇବା ଭଳି ବ୍ୟାପକ ୫ଜି ସ୍ମାର୍ଟଫୋନ୍ ବର୍ଗମାଳା ମୋଟୋରୋଲା ନିକଟରେ ଉପଲବ୍ଧ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓର ସଭାପତି ସୁନୀଲ ଦତ୍ତ କହିଛନ୍ତି, ଭାରତରେ ମୋଟୋରୋଲା ସହ ସହଭାଗିତା ସ୍ଥାପନ କରି ଆମେ ଅତ୍ୟନ୍ତ ଆନନ୍ଦିତ। ଏହାଦ୍ୱାରା ଟ୍ରୁ-୫ଜି ପରି ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ। ୫ଜି ସ୍ମାର୍ଟଫୋନ୍‌ର କ୍ଷମତାର ଅନୁଭୂତି କେବଳ ଜିଓ ଭଳି ଟ୍ରୁ-୫ଜି ନେଟ୍‌ୱର୍କ ଜରିଆରେ ହାସଲ କରିହେବ। ଏହା ଏକ ସବୁଠୁ ଉନ୍ନତ ନେଟ୍‌ୱର୍କ। ମୋଟୋରୋଲାରେ ଉନ୍ନତ ୫ଜି ସୁବିଧା ଏବଂ ଏହା ଭାରତରେ ଅଧିକାଂଶ ୫ଜି ବ୍ୟାଣ୍ଡରେ କାମ କରିବ। ମୋଟୋରୋଲା ସ୍ମାର୍ଟଫୋନ୍‌ର କ୍ଷମତା ଜିଓ ଟ୍ରୁ-୫ଜି ଭଳି ନେଟ୍‌ୱର୍କ ଜରିଆରେ ପୂର୍ଣ୍ଣମାତ୍ରାରେ ସାମ୍ନାକୁ ଆସିବ। ସେହିଭଳି ମୋଟୋରୋଲା ଏସିଆ ପାସିଫିକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଶାନ୍ତ ମଣି କହିଛନ୍ତି, ମୋଟୋରୋଲା ସ୍ମାର୍ଟଫୋନ୍‌ର ବର୍ଗମାଳା ଅତ୍ୟନ୍ତ ବ୍ୟାପକ। ଅସାଧାରଣ ଭାବେ ବିଶ୍ୱସନୀୟ ଏବଂ ହାଇସ୍ପିଡ୍ ୫ଜି ଅନୁଭୂତି ପ୍ରଦାନ କରିବ। ଭାରତୀୟ ଗ୍ରାହକମାନଙ୍କୁ ଟ୍ରୁ-୫ଜି ଅନୁଭୂତି ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ। ୫ଜିର ୧୩-ବ୍ୟାଣ୍ଡରେ କାମ କରୁଥିବା ଆମ ପାଖରେ ୫ଜି ସ୍ମାର୍ଟଫୋନ୍‌ର ବ୍ୟାପକ ବର୍ଗମାଳା ରହିଛି, ଯେଉଁଥିରେ ବିଭିନ୍ନ ମୂଲ୍ୟର ସ୍ମାର୍ଟଫୋନ୍ ଉପଲବ୍ଧ। କୋଟି କୋଟି ଭାରତୀୟଙ୍କ ପର୍ଯ୍ୟନ୍ତ ଜିଓର ଅତ୍ୟାଧୁନିକ ଟ୍ରୁ-୫ଜିକୁ ପହଞ୍ଚାଇବା ଲକ୍ଷ୍ୟ ନେଇ ରିଲାଏନ୍ସ ଜିଓ ସହିତ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ।

ଉଲ୍ଲେଖଯୋଗ୍ୟ, ମୋଟୋରୋଲାର ୫ଜି ଡିଭାଇସ୍ ବ୍ୟବହାର କରୁଥିବା ସମସ୍ତ ଜିଓ ଗ୍ରାହକଙ୍କୁ 'ଜିଓ ୱେଲ୍‌କମ୍ ଅଫର' ଅଧୀନରେ ଅସୀମିତ ୫ଜି ଇଣ୍ଟରନେଟ୍ ଡାଟା ଏବଂ ୧ ଜିବିପିଏସ୍‌ରୁ ଅଧିକ ସ୍ପିଡ୍ ମିଳିବ।




ରାଜସ୍ଥାନଠାରେ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାୱାର ଗ୍ରୀଡ୍‌ର ୮.୯ ଜିଡବ୍ଲ୍ୟୁ ସୋଲାର ପାୱାର ୟୁନିଟ୍‌ର ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ରାଜସ୍ଥାନ ରାଜ୍ୟପାଳ କଲରାଜ ମିଶ୍ର ଓ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ।


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175

ଭୁବନେଶ୍ୱର Sum Hospital 4 k.m. RI training Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/ Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440. D-2385


AUTOMOBILE

**SALE**

2014 model VOLKS WAGAN VENTO car in tiptop new running condition for sale at Bhubaneswar. Contact: 8895211214. D-2404

Your classified advertisement published in Dharitri will be listed free in Dharitri online edition: dharitriepaper.in




Relax, Refresh your body, Mind at Saikrupa Spa with best therapies. 8984068077. D-2374

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74623

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

### ୧୭ତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଆଶୁତୋଷ ପ୍ରଧାନ
ଅଳଗୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬
ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ବୋଉ, ମାମୁ, ମାଇଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୨୨

### ଊଣେଇଶତମ ଶ୍ରାଦ୍ଧବାର୍ଷିକ



୰କୈଳାସ ଚନ୍ଦ୍ର ସାହୁ
ଆବିର୍ଭାବ: 02.05.1951
ତିରୋଧାନ: 06.01.2004
ଆପଣଙ୍କର ସ୍ନେହ, ଆଦର୍ଶ, ବ୍ୟକ୍ତିତ୍ୱ, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିଥାଉ। ଆଜି ପବିତ୍ର ଶ୍ରାଦ୍ଧଦିବସରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଶୋକସନ୍ତପ୍ତ : ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୨୪୦୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଫଗୁ ବିହାରୀ ନାୟକ
ଚଣ୍ଡୀବଜାର, କେନ୍ଦ୍ରାପଡ଼ା
ଆବିର୍ଭାବ- ୨୩।୦୧।୧୯୩୮
ତିରୋଧାନ- ୨୬।୧୨।୨୦୨୨
ତୁମ ସ୍ମୃତି ଆମ ହୃଦୟରେ ସର୍ବଦା ଅମଳିନ ରହୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନିତ ପ୍ରାର୍ଥନା।
ଶୋକସନ୍ତପ୍ତ- ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ ତଥା ବନ୍ଧୁ ଓ ପରିବାରବର୍ଗ।
ଧ-୨୪୦୭



ଭାରତ ଯୋଡ଼ୋ ଯାତ୍ରା ଅବସରରେ ବୁଧବାର ଉତ୍ତର ପ୍ରଦେଶର ବାଗପତରେ ରାହୁଲ ଗାନ୍ଧୀଙ୍କ ସହ ଟିଭି ଅଭିନେତ୍ରୀ କାମ୍ୟା ପଞ୍ଜାବୀ।

# ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେଲେ କାମ୍ୟା ପଞ୍ଜାବୀ

**ଲକ୍ଷ୍ନୌ,୪।୧:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ ଭାରତ ଯୋଡ଼ୋ ଯାତ୍ରା ଉତ୍ତର ପ୍ରଦେଶର ବାଗପତରେ ପହଞ୍ଚିଛି। ଏଠାରେ ଟିଭି ଅଭିନେତ୍ରୀ କାମ୍ୟା ପଞ୍ଜାବୀ ଉକ୍ତ ଯାତ୍ରାରେ ସାମିଲ ହୋଇଥିଲେ। ରାହୁଲଙ୍କ ସହ କାମ୍ୟା ପଞ୍ଜାବୀଙ୍କ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଫଟୋରେ ରାହୁଲ ଗାନ୍ଧୀ ଏକ ଧଳା ଟି-ଶର୍ଟ ଏବଂ କାମ୍ୟା ଏକ ପଞ୍ଜାବୀ ଧଳା ରଙ୍ଗର ଶୁଟରେ ନଜର ଆସିଛନ୍ତି। କାମ୍ୟା 'ଅସ୍ତିତ୍ୱ ଏକ ପ୍ରେମ କାହାନୀ', 'ବନୁ ମେଁ ତେରି ଦୁଲହନ', 'ପିୟା କା ଘର', 'ମର୍ଯ୍ୟାଦା: ଲେକିନ କବ ତକ' ଏବଂ 'କ୍ୟୁଁ ହୋତା ହୈ ପ୍ୟାର୍' ଭଳି ଅନେକ ଲୋକପ୍ରିୟ ଟିଭି ଶୋ'ରେ ଅଭିନୟ କରିଛନ୍ତି। ଏଥି ସହିତ ସେ ରିଆଲିଟି ଶୋ' ବିଗ ବସର ସପ୍ତମ ସିଜନରେ ମଧ୍ୟ ଅଂଶଗ୍ରହଣ କରିଥିଲେ।

# ଗୁଜରାଟ ଏଏପିରେ ପରିବର୍ତ୍ତନ

**ଅହମ୍ମଦାବାଦ,୪।୧:** ଗୁଜରାଟ ବିଧାନସଭା ନିର୍ବାଚନ ପରାଜୟ ପରେ ଆମ ଆଦମୀ ପାର୍ଟି(ଏଏପି) ରାଜ୍ୟରେ ଏକ ବଡ ପରିବର୍ତ୍ତନ କରିଛି। ଏଏପିର ରାଜ୍ୟ ସଭାପତି ଗୋପାଳ ଇଟାଲିୟାଙ୍କୁ ଜାତୀୟ ଯୁଗ୍ମ ସଚିବ ଏବଂ ମହାରାଷ୍ଟ୍ରରେ ଏଏପିର ସହ-ପ୍ରଭାରୀ କରାଯାଇଛି। ଗୁଜରାଟ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଇସୁଦାନ ଗଡଭିଙ୍କୁ ନୂତନ ରାଜ୍ୟ ସଭାପତି କରାଯାଇଛି। ସଭାପତିଙ୍କ ବ୍ୟତୀତ ରାଜ୍ୟରେ ୬ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମଧ୍ୟ ନିଯୁକ୍ତି ଦିଆଯାଇଛି। ଗତ ବର୍ଷ ଡିସେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଇସୁଦାନ ଏବଂ ଗୋପାଳ ଇଟାଲିୟା ନିଜ ଆସନରେ ହାରିଯାଇଥିଲେ। ଗୁଜରାଟ ବିଧାନସଭା ନିର୍ବାଚନ ଜିତିବାକୁ ଆମ ଆଦମୀ ପାର୍ଟି ସମସ୍ତ ଉଦ୍ୟମ କରିଥିଲା। କିନ୍ତୁ ଦଳକୁ କେବଳ ପାଞ୍ଚଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି।

**ଇସୁଦାନ ଗଡଭି ରାଜ୍ୟ ସଭାପତି**



# ମୂଲ୍ୟାୟନ ଲାଗି କମିଟି ଗଢ଼ିଲା କଂଗ୍ରେସ

**ଗୁଜରାଟ ନିର୍ବାଚନ ଫଳାଫଳ**

ନୂଆଦିଲ୍ଲୀ,୪।୧(ପି.ଟି.)

ଗତ ମାସରେ ଶେଷ ହୋଇଥିବା ଗୁଜରାଟ ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନକୁ ମୂଲ୍ୟାୟନ କରିବା ସହ ପ୍ରତିକାର ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ଦେବା ଲାଗି ଦଳ ପକ୍ଷରୁ ବୁଧବାର ୩ ଜଣିଆ ଫ୍ୟାକ୍ଟ-ଫାଇଣ୍ଡିଂ କମିଟି ଗଠନ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗଠନ କରିଥିବା ଏହି କମିଟିରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ନୀତିନ ରାଉତ୍ ଅଧ୍ୟକ୍ଷ ଥିବାବେଳେ ସକିଲ ଅହମଦ ଖାନ୍ ଏବଂ ସପ୍ତଗିରି ଉଲାକା ସଦସ୍ୟ ରହିଛନ୍ତି। ଦୁଇ ସପ୍ତାହ ମଧ୍ୟରେ କମିଟି ଏହାର ରିପୋର୍ଟ କଂଗ୍ରେସ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭା ନିର୍ବାଚନରେ କଂଗ୍ରେସ ମାତ୍ର ୧୭ଟି ଆସନ ଜିତିଥିଲା। ଏହି ଦଳକୁ ୨୭.୨୮ ପ୍ରତିଶତ ଭୋଟ ମିଳିଥିଲା, ଯାହାକି ଗୁଜରାଟରେ ଦଳ ପାଇଁ ସବୁଠୁ ନୈରାଶ୍ୟଜନକ ପ୍ରଦର୍ଶନ।

# ଆଜମ ଖାନ୍‌ଙ୍କ ମାମଲା ସ୍ଥାନାନ୍ତର ହେବନି

ନୂଆଦିଲ୍ଲୀ,୪।୧

ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍‌ଙ୍କ ବିରୋଧରେ ରାମପୁର ସ୍ୱତନ୍ତ୍ର କୋର୍ଟରେ ବିଚାରାଧୀନ ଥିବା ଫୌଜଦାରି ମାମଲାଗୁଡ଼ିକୁ ଉତ୍ତରପ୍ରଦେଶ ବାହାରକୁ ସ୍ଥାନାନ୍ତର ଲାଗି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଆଜମ୍‌ଙ୍କୁ ଜାଣିଶୁଣି ଅସୁବିଧାରେ ପକାଯାଉଛି ବୋଲି ତାଙ୍କ ଓକିଲ କପିଲ ସିବଲ କହିବା ସହ ମାମଲାରୁ ରାଜ୍ୟ ବାହାରକୁ ସ୍ଥାନାନ୍ତର କରିବା ଲାଗି ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲେ। ଆପରାଧିକ ମାମଲାଗୁଡ଼ିକୁ ସ୍ଥାନାନ୍ତର କରିବା ଲାଗି ଅଧିକ ବଳିଷ୍ଠ କାରଣ ଆବଶ୍ୟକ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଏସ୍.ଏ. ନାଜିର ଏବଂ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି।

# ୨୦୨୪ ପାଇଁ ବିହାରରୁ ବିଗୁଲ ବଜାଇଲା ଭାଜପା

ନୂଆଦିଲ୍ଲୀ,୪।୧



ଜେ.ପି. ନଡ୍ଡା

ଆଗାମୀ ୨୦୨୪ ଲୋକ ସଭା ନିର୍ବାଚନ ଏବଂ ୨୦୨୫ ବିହାର ବିଧାନସଭା ନିର୍ବାଚନ ଲାଗି ଭଜାପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ବିହାର ମୁଜାଫରପୁର ଜିଲାରୁ ବିଗୁଲ ବଜାଇଛନ୍ତି। ବୈଶାଳୀରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ବିହାର ବଡ଼ ଧରଣର ପରିବର୍ତ୍ତନ ଚାହୁଁଥିବା ଦାବି କରିଥିଲେ। ସେଥିପାଇଁ ବିହାର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଷ୍ଟ୍ରୀୟ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଭାଜପା ସରକାର ଆଣିବାକୁ ମନ ସ୍ଥିର କରିସାରିଲେଣି। ଭାଜପାଠାରୁ ସମ୍ପର୍କ ଛିନ୍ନ କରି ମହାମେଣ୍ଟ ସରକାର ଗଢ଼ିଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭାଜପା ଅଧ୍ୟକ୍ଷ ସମାଲୋଚନା କରିଥିଲେ। ରାଜ୍ୟବାସୀ ଡିଏନ୍‌ଏକୁ ଜନାଦେଶ ଦେଇଥିଲେ। ମେଣ୍ଟ ଭାଙ୍ଗି ନୀତୀଶ ରାଜ୍ୟବାସୀଙ୍କୁ ଅପମାନିତ କରିଛନ୍ତି। ତାଙ୍କୁ ଗଣତାନ୍ତ୍ରିକ ଉପାୟରେ ଜବାବ ଦେବା ଲାଗି ସମୟ ଆସୁଛି ବୋଲି ନଡ୍ଡା କହିଛନ୍ତି। ଏନ୍‌ଡିଏ ବିହାରର ବିକାଶ ଚାହେଁ, ନୀତୀଶଙ୍କ ଭଳି ଆର୍‌ଜେଡି ସହ ସାମିଲ ହୋଇ କ୍ଷମତା ଦଖଲ କରିବାକୁ ଚାହେଁ ନାହିଁ। ପୂର୍ବରୁ ଆର୍‌ଜେଡି ସରକାରରେ ବିହାରରେ ଜଙ୍ଗଲ ରାଜ୍ ଚାଲିଥିଲା। ରାଜନୀତିରେ ନୀତୀଶଙ୍କ ପାର୍ଶ୍ୱ ପରିବର୍ତ୍ତନ ଯୋଗୁ ରାଜ୍ୟବାସୀ ପୁଣିଥରେ ଅରାଜକତାର ସମ୍ମୁଖୀନ ହେବା ଆରମ୍ଭ କରିଛନ୍ତି ବୋଲି ଭାଜପା ଅଧ୍ୟକ୍ଷ କହିଛନ୍ତି।
























































ରକୁଲ୍

# ଖୋଜା ଚାଲିଛି

କଥାରେ ଅଛି ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ନିଜର ଧୈର୍ଯ୍ୟ ରଖିବା ହେଲା ବଡ଼ କଥା। ନିଜ ଉପରେ ଶତ ପ୍ରତିଶତ ବିଶ୍ୱାସ ରଖି ଏ ରାସ୍ତାରେ ପାଦ ଦେଇଛନ୍ତି ରକୁଲ୍ ପ୍ରୀତ ସିଂ। କାହାକୁ ସେ ଅପେକ୍ଷା କରିଛନ୍ତି ଜାଣିବେନି ? କଥା କ'ଣ କି ଏକ କମେଡ଼ିଭିତ୍ତିକ କାହାଣୀ ଖୋଜୁଛନ୍ତି ସେ। ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କର ଜଣେ ପ୍ରଯୋଜକଙ୍କ ସହ ଭେଟ ହୋଇଥିଲା। ଆଲୋଚନା ପ୍ରସଙ୍ଗରେ ରକୁଲ୍ ତାଙ୍କୁ କହିଥିଲେ ଯେ, 'ମୁଁ ଏକ କମେଡ଼ିଭିତ୍ତିକ କାହାଣୀ ଖୋଜୁଛି।' ଏକଥା ଜାଣିବା ପରେ ଜନୈକ ପ୍ରଯୋଜକଙ୍କର ଉତ୍ସାହ ବଢ଼ିଯାଇଥିଲା। ସେ ତାଙ୍କୁ କହିଥିଲେ ଯେ, ଯଦି ଆପଣ ଏଭଳି ଏକ ଭଲ କାହାଣୀଟିଏ ପାଆନ୍ତି ତେବେ ମୋ ସହ ଯୋଗାଯୋଗ କରିପାରନ୍ତି। ଆଉ ତା'ପରେ ରକୁଲ୍ ଏ ନେଇ ଦିନରାତି ଏକାଠି କରିଦେଇଛନ୍ତି। ଏ ସମ୍ପର୍କରେ ରକୁଲ୍ କହନ୍ତି, 'ବର୍ତ୍ତମାନ ମୁଁ ଏକ କମେଡ଼ିକୁ ଆଧାର କରି କାହାଣୀଟିଏ ଖୋଜୁଛି। ଅବଶ୍ୟ ୟା ଭିତରେ ୨-୩ଟି ଏପରି କାହାଣୀର ସୁରାକ ମୋତେ ମିଳିଥିଲା, ହେଲେ ସେଗୁଡ଼ିକ ମୋତେ ପ୍ରଭାବିତ କରିପାରି ନ ଥିଲା। ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ ମୋର ଏହି କାହାଣୀ ମିଶନ ନିଶ୍ଚୟ ସଫଳ ହେବ। ଅବଶ୍ୟ ଏଥିପାଇଁ ସମୟ ଲାଗିପାରେ, ହେଲେ ସେ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବାକୁ ତୟାର।' ତେବେ ରକୁଲ୍ଙ୍କ ଏହି କାହଣୀ ଖୋଜାର ପରିଣାମ କ'ଣ ହେଉଛି ତାହା ଜାଣିବାକୁ ଆମକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।

# ରହସ୍ୟ ଖୋଲିଲେ ସାନ୍ୟା


ସାନ୍ୟା

'ଦଙ୍ଗଲ' ଚଳଚ୍ଚିତ୍ରର ବବିତା ଫୋଗଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସାନ୍ୟା ମାଲହୋତ୍ରା। ଏହି ଭୂମିକା ପାଇଁ ଗ୍ରୀନ୍ ସିଗ୍ନାଲ ପାଇବାକୁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଥିଲା। ଉକ୍ତ ରୋଲ୍ ପାଇଁ ଅନୁଷ୍ଠିତ ଅଡିଶନ୍‌ରେ ପ୍ରାୟ ୧୦,୦୦୦ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ସାନ୍ୟାଙ୍କୁ ପ୍ରଯୋଜନା ସଂସ୍ଥା ସିଲେକ୍ଟ କରିଥିଲା। ହେଲେ ଏହି ଭୂମିକା ତାଙ୍କୁ ରାତାରାତି ଚର୍ଚ୍ଚାର ପରିସରକୁ ଆଣିଥିଲା। ଏଥିଲାଗି ସେ ତ ପରିଶ୍ରମ କରିଥିଲେ ହେଲେ ଏହାପଛରେ ଆଉ ଜଣେ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହନ୍ତି ସେ। ''ଯେତେବେଳେ ମୋତେ ବବିତା ଫୋଗଟ ଭୂମିକା ପାଇଁ ଚୟନ କରାଗଲା, ତା'ପରେ ମୋତେ ଏଥିଲାଗି ପ୍ରସ୍ତୁତ ହେବାକୁ ପଡ଼ିଥିଲା। ପ୍ରଥମେ ଫିଲ୍ମଟିର କାହାଣୀକୁ ମୁଁ ଭଲ ଭାବରେ ବୁଝି ନେଇଥିଲି। ଯେହେତୁ ଏହା ରେସଲିଂ ଉପରେ ଆଧାରିତ ତେଣୁ ଏଭଳି ଫାଇଟ୍ ପାଇଁ ମୋତେ ଟ୍ରେନିଂ ନେବାକୁ ପଡ଼ିଥିଲା। ଜାତୀୟ ରେସଲିଂ ପ୍ରଶିକ୍ଷକ କ୍ରିପା ଶଙ୍କର ବିଷ୍ଣୋଇଙ୍କ ନିକଟରୁ ଏ ନେଇ ଟ୍ରେନିଂ ନେବାକୁ ହୋଇଥିଲା। ତାଙ୍କର ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି। ସେହି ସମୟ ସତେ ଯେପରି ମୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଥିଲା। ଯାହାହେଉ ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳିଛି। ଫିଲ୍ମଟି ହିଟ୍ ସାବ୍ୟସ୍ତ ହେବା ସହ ପରବର୍ତ୍ତୀ ସମୟରେ ମୋ କ୍ୟାରିୟର ପାଇଁ ଏହା ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା ବୋଲି କହନ୍ତି ସାନ୍ୟା।''

# ଅନନ୍ୟାଙ୍କ ଅବସୋସ


ଅନନ୍ୟା

ଅନନ୍ୟା ପାଣ୍ଡେ ବଲିଉଡ୍‌ରେ ଏଣ୍ଟ୍ରି କରିବାର ଇତି ମଧ୍ୟରେ ପାଞ୍ଚ ବର୍ଷ ହୋଇଗଲାଣି। ପୁଣି ଅନ୍ୟତମ ନାମୀ ପ୍ରଯୋଜକ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରୁ ତାଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ସେ ମାତ୍ର ପାଞ୍ଚୋଟି ସିନେମା ('ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨', 'ପତି ପତ୍ନୀ ଔର ଓ', 'ଖାଲି ପିଲି', 'ଗେହେରିୟାଁ' ଏବଂ 'ଲାଇଗର')ରେ ଅଭିନୟ କରିସାରିଛନ୍ତି। ସେପଟେ ସେ ଆକ୍ଟିଂ କରିଥିବା 'ଖୋ ଗୟେ ହମ୍ କାହାଁ'ର ଶୁଟିଂ ନିକଟରେ ଶେଷ ହୋଇଛି। ଏବେ ନିଜ ବଲିଉଡ୍ କ୍ୟାରିୟରକୁ ନେଇ ଅବସୋସ କରୁଛନ୍ତି ଏହି ଅଭିନେତ୍ରୀ। ନିଜ ସମ୍ପର୍କରେ ଅନନ୍ୟା କହନ୍ତି, 'ଯେତେବେଳେ ମୁଁ ବଲିଉଡ୍‌ରେ ଏଣ୍ଟ୍ରି କଲି ସେତେବେଳେ ମୋ କ୍ୟାରିୟରକୁ ନେଇ କାହିଁ କେତେ ସ୍ୱପ୍ନ ଦେଖିଥିଲି। କରନ୍‌ଜୀଙ୍କ ପରି ନାମୀ ପ୍ରଯୋଜକ ମୋତେ ବ୍ରେକ୍ ଦେଇଥିଲେ। ହେଲେ ତା'ପରେ ମୋତେ ଆଶାନୁରୂପ ଅଫର ମିଳିଲା ନାହିଁ। ଗତ ପାଞ୍ଚ ବର୍ଷ ଭିତରେ ମୁଁ ମାତ୍ର ପାଞ୍ଚଟି ଫିଲ୍ମରେ ଅଭିନୟ କରିଛି। ହୁଏତ ଆଗକୁ ପ୍ରଯୋଜକଙ୍କର ଶୁଭ ଦୃଷ୍ଟି ମୋ ଉପରେ ପଡ଼ିପାରେ। ସେ ପର୍ଯ୍ୟନ୍ତ ମୋତେ ଅପେକ୍ଷା କରିବାକୁ ପଡ଼ିବ।' ତେବେ ଅନନ୍ୟାଙ୍କର ଏହି ଆଶା କେତେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

ପରଦା ପଛରେ

# କାହାଣୀ ଚୟନ ବଡ଼ କଥା


ସୁତାଂଶୁ ମହାନ୍ତି

'କେବଳ ସିନେମାଟିଏ ନିର୍ମାଣ କରିବାକୁ ଅଣ୍ଟା ଭିଡ଼ିଲେ ହେବ ନାହିଁ, ତା' ପୂର୍ବରୁ ଭଲ କାହାଣୀ, ସେହି ଅନୁସାରେ କଳାକାର ଚୟନ, ନିର୍ଦ୍ଦେଶନା, ସଙ୍ଗୀତ ଏବଂ ଠିକ୍ ଉପସ୍ଥାପନା ଫିଲ୍ମଟିକୁ ଦର୍ଶକାଦୃତ କରିଥାଏ। ତେଣୁ ଯେତେବେଳେ ସିନେମାଟି ନିର୍ମାଣ କରିବାକୁ ଆଗେଇଲି ଉପରୋକ୍ତ ବିଷୟ ପ୍ରତି ପ୍ରଥମେ ନଜର ଦେଇଥିଲି ବୋଲି କହନ୍ତି ଯୁବ ପ୍ରଯୋଜକ ସୁତାଂଶୁ ମହାନ୍ତି। କେନ୍ଦ୍ରାପଡ଼ାରେ ଜନ୍ମିତ ଏହି ନବାଗତ ପ୍ରଯୋଜକଙ୍କ ଦ୍ୱାରା ପ୍ରସ୍ତୁତ ଦୁଇଟି ସିନେମା- 'ଟୋକା ନମ୍ବର ୱାନ୍' ଏବଂ 'ଜେଜେ ନମ୍ବର ୱାନ୍' ରିଲିଜ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ 'କେନ୍ଦ୍ରାପଡ଼ା ଟୋକା' ଟାଇଟଲ ବିଶିଷ୍ଟ ଆଉ ଏକ ଓଡ଼ିଆ ଚିତ୍ରର ପ୍ରାରମ୍ଭିକ କାମ ଚାଲୁରହିଛି। ନିଜର ଆଭିମୁଖ୍ୟ ସମ୍ପର୍କରେ ସୁତାଂଶୁ କହନ୍ତି, 'ପାଠ ପଢ଼ିବା ସମୟରୁ ମୁଁ ସମାଜସେବାକୁ ପ୍ରାଥମିକତା ଦେଇଆସିଥିଲି ଏବଂ ଏବେ ମଧ୍ୟ ତାହା ଚାଲୁରହିଛି। ବିଶେଷ ଭାବରେ କରୋନା ସମୟରେ ଅନେକ ଲୋକଙ୍କୁ ମୋ ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିଛି। ଆଗକୁ ଭଲ କାହାଣୀକୁ ଆଧାର କରି ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯୋଜନା ରଖିଛି।'

ରିଲିଜ ଅପେକ୍ଷାରେ

# ମାମା ୱେଡ୍‌ସ ପାପା

ସାଧାରଣତଃ ପିଲାମାନଙ୍କର ବିବାହ ମା'-ବାପାମାନେ କରିଥାଆନ୍ତି। ହେଲେ ମା-ବାପାଙ୍କ ବାହାଘର ପିଲାମାନେ କରୁଛନ୍ତି- ଏକଥା ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ। ହେଲେ ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ମାମା ୱେଡ୍‌ସ ପାପା'। 'ଏପରି ଏକ ମ୍ୟାରେଜ ପଛରେ କି କାରଣ ରହିଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏହି ଫିଲ୍ମରେ ସସ୍‌ପେନ୍ସ, କମେଡ଼ି, ରୋମାନ୍ସ ଏବଂ ଫ୍ୟାମିଲି ଡ୍ରାମା ରହିଛି। ସବୁ ବର୍ଗର ଦର୍ଶକ ଏଥିରୁ ଫୁଲ୍ ଏଣ୍ଟରଟେନ୍‌ମେଣ୍ଟ ପାଇବେ ବୋଲି କହନ୍ତି ଏହାର କାହାଣୀ, ଚିତ୍ରନାଟ୍ୟ ରଚୟିତା ତଥା ନିର୍ଦ୍ଦେଶକ ଆପୁ କାନୁନଗୋ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ବି. ଚନ୍ଦ୍ରପ୍ରିୟ ସୁବୁଦ୍ଧି। ଏହି ଚିତ୍ରର ବିଭିନ୍ନ ଭୂମିକାରେ ଅଭିଷେକ, ରିଷିତା, ପ୍ରିୟଙ୍କା, ବଲିଉଡ୍ ଅଭିନେତା କ୍ରିଷ୍ଣା ଅଭିଷେକ, ଜ୍ୟୋତି ମିଶ୍ର, ଦେବୁ ପଟ୍ଟନାୟକ ଗୁଲ୍ଲୁ, ଐଶ୍ୱର୍ଯ୍ୟା ଏବଂ ଶିଶୁ କଳାକାର ମୁନି ଅଭିନୟ କରିଛନ୍ତି। ଫିଲ୍ମଟିର ସମସ୍ତ କାମ ଶେଷ ହୋଇଛି ଏବଂ ଏହା ଚଳିତ ମାସ ଶେଷ ସପ୍ତାହ ସୁଦ୍ଧା ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଏହାର ମିଡିଆ ପ୍ଲାନର ଅମରେଶ ବେହୁରା। ଏହାପୂର୍ବରୁ ବି. ଚନ୍ଦ୍ରପ୍ରିୟ ସୁବୁଦ୍ଧି 'ଓୟେ ଗିଟାର' ନାମକ ସିନେମା ପ୍ରଯୋଜନା କରିସାରିଛନ୍ତି।


(ବାମରୁ) ରିଷିତା,ଅଭିଷେକ,ପ୍ରିୟଙ୍କା

# ଭୁଲିବେନି ପୂଜା


ପୂଜା

ଐତିହାସିକ ଫିଲ୍ମ 'ମହେଞ୍ଜୋଦାରୋ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ପୂଜା ହେଗଡ଼େ। ହେଲେ ସେ ଗୋଟିଏ କଥାକୁ ଶେଷ ଜୀବନ ପର୍ଯ୍ୟନ୍ତ ଭୁଲି ପାରିବେ ନାହିଁ। ନିକଟରେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ହ୍ରିତିକ ରୋଶନ ତାଙ୍କୁ ଏକ ଗିଫ୍ଟ ଦେଇଥିଲେ। ତାହା କ'ଣ ଥିଲା ଜାଣନ୍ତି ? ମହେଞ୍ଜୋଦାରୋର ଏକ ପ୍ରତିକୃତି। ସେହି ଗିଫ୍ଟକୁ ଯେତେବେଳେ ସେ ଖୋଲିଦେଲେ ସେତେବେଳେ ତାଙ୍କର ଖୁସିର ସୀମା ରହି ନ ଥିଲା। ଏ ବିଷୟରେ ପୂଜା କହନ୍ତି, 'ନିକଟରେ ଏକ ସାକ୍ଷାତ ଅବସରରେ ହ୍ରିତିକ ମୋତେ ଏକ ଗିଫ୍ଟ ଦେଇଥିଲେ। ଦେବା ସମୟରେ ସେ ମୋତେ କହିଥିଲେ ଯେ, 'ଏହି ଗିଫ୍ଟଟି ମୋ ପାଇଁ ସ୍ପେଶାଲ।' ଘରକୁ ଯିବା ପରେ ଯେତେବେଳେ ତାକୁ ଖୋଲି ଦେଖିବା ପରେ ମୋ ଖୁସିର ସୀମା ରହି ନ ଥିଲା। କାରଣ ତାହା ଥିଲା ମହେଞ୍ଜୋଦାରୋର ଏକ ରିପ୍ଲିକା। ଏହି ଗିଫ୍ଟଟିକୁ ମୁଁ ସାରାଜୀବନ ଭୁଲି ପାରିବି ନାହିଁ।' ୨୦୧୬ରେ ପରଦା ଉପରକୁ ଆସିଥିଲା 'ମହେଞ୍ଜୋଦାରୋ', ଯାହାର ନିର୍ଦ୍ଦେଶନା ଦେଇଥିଲେ ଆଶୁତୋଷ ଗୋୱାରିକର। ଅନ୍ୟପକ୍ଷରେ ପୂଜାଙ୍କ ଅଭିନୀତ ତଥା ଫରହଦ୍ ସାମ୍‌ଜୀଙ୍କ ନିର୍ଦ୍ଦେଶିତ 'କିସି କା ଭାଇ କିସିକି ଜାନ୍ ଚଳିତ ବର୍ଷ ଏପ୍ରିଲ ୨୧ରେ ମୁକ୍ତିଲାଭ କରିବ।

# ‘ନୂଆ ଚ୍ୟାଲେଞ୍ଜ ପାଇଁ ନେଦରଲାଣ୍ଡ ପ୍ରସ୍ତୁତ’

ଭୁବନେଶ୍ୱର, ୪।୧ (କ୍ରୀଡ଼ା ପ୍ରତିନିଧି)

ପାଖେଇ ଆସିଛି ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ। ମେଗା ପ୍ରତିଯୋଗିତା ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମ ପ୍ରସ୍ତୁତ। ଭାରତୀୟ ଦଳ ଡିସେମ୍ବର ୨୭ରୁ ରାଉରକେଲାରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଥିବାବେଳେ ବିଶ୍ୱକପ୍ ଟ୍ରଫି ଟୁର୍ ରାଜ୍ୟ ଭ୍ରମଣରେ ରହିଛି। ଏପଟେ



ହକି ବିଶ୍ୱକପ ଖେଳିବା ପାଇଁ ବୁଧବାର ଭୁବନେଶ୍ୱରରେ ପହଞ୍ଚିବାପରେ ନେଦରଲାଣ୍ଡ ଦଳ।

## ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ

ବୁଧବାର ଭୁବନେଶ୍ୱରରେ ଆସି ପହଞ୍ଚିଛି ଗତ ସଂସ୍କରଣର ରନରଅପ୍ ନେଦରଲାଣ୍ଡ। ଆଗାମୀ ଟୁର୍ନାମେଣ୍ଟ ପାଇଁ ପ୍ରଥମ ବିଦେଶୀ ଦଳ ଭାବେ ଭୁବନେଶ୍ୱରରେ ପାଦ ଦେଇଛି। ଗୁରୁବାର ପ୍ରଥମ ପଦାର୍ପଣକାରୀ ଚିଲି ଦଳ ଆସି ଏଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଫଳରେ ସ୍ୱାଭାବିକ ଭାବେ ସାରା ଓଡ଼ିଶାରେ ଏବେ ହକି ଫିଭର। ନୂଆ ରୂପରେ ସଜେଇ ହେଉଛି ଭୁବନେଶ୍ୱର ଓ ରାଉରକେଲା ସମେତ ସାରା ଓଡ଼ିଶା।

## କ୍ୱାର୍ଟର ଫାଇନାଲ ଆମର ପ୍ରଥମ ଲକ୍ଷ୍ୟ

ଓ ଥର ବିଶ୍ୱ ଚାମ୍ପିୟନ ନେଦରଲାଣ୍ଡ ଦଳକୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଥିଏରି ବ୍ରିଙ୍କ୍‌ମାନଙ୍କ ନେତୃତ୍ୱାଧୀନ ଦଳ ଭୁବନେଶ୍ୱରରେ ବିଶ୍ୱକପ୍ ପାଇଁ ଅନ୍ତିମ ପ୍ରସ୍ତୁତି କରିବ। ଏହାପରେ ଚଳିତ ମାସ ୧୦ ତାରିଖରେ ରାଉରକେଲା ଯିବ। ସେଠାରେ ବିର୍ସାମୁଣ୍ଡା ଷ୍ଟାଡିୟମରେ ଦଳ ୧୪ ତାରିଖରେ ମାଲେସିଆ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍ ଇତିହାସରେ ନେଦରଲାଣ୍ଡ ଏକ ଶକ୍ତିଶାଳୀ ଦଳ ଭାବେ ବେଶ୍ ପରିଚିତ। ୧୯୭୩, ୧୯୯୦ ଓ ୧୯୯୮ରେ ଏହି ଦଳ ଟାଇଟଲ ହାସଲ କରିଥିବାବେଳେ ୪ ଥର ରୌପ୍ୟ ପଦକ ପାଇଛି। ଏହା ମଧ୍ୟରେ ଗତ ୨ ସଂସ୍କରଣ ସାମିଲ। ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ଏହି ଦଳ ରନରଅପ୍ ହୋଇଛି। ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରତିଯୋଗିତାରେ ନେଦରଲାଣ୍ଡ ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ବେଲଜିୟମଠାରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ସମାନ ଭେନ୍ୟୁରେ ଦ୍ୱିତୀୟ ଥର ପାଇଁ ଖେଳିବାକୁ ଯାଉଥିବାରୁ ଏହି ଦଳ ପୂର୍ବଭଳି ପ୍ରଦର୍ଶନ ଆଶା ରଖିଛି। ମାତ୍ର ଏଥର ଦଳକୁ କିଛି ନୂଆ ଚ୍ୟାଲେଞ୍ଜ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୋଚ୍ ଜେରୋନ ଡେଲମି ସ୍ୱୀକାର କରିଛନ୍ତି। ‘‘ଆମେ ଗେମ୍ ପରେ ଗେମ୍ ଫାଇଟ୍ କରିବୁ। କ୍ୱାର୍ଟର ଫାଇନାଲ ପ୍ରବେଶ ଆମର ପ୍ରଥମ ଟାର୍ଗେଟ ରହିବ। ଏହାପରେ ସେମିଫାଇନାଲ ଏବଂ ସ୍ୱାଭାବିକ ଭାବେ ଫାଇନାଲ ଖେଳିବାକୁ ଲକ୍ଷ୍ୟ ରହିବ। ଯଦି ଏହା ସମ୍ଭବ ହୁଏ ତେବେ ଆମେ ଟୁର୍ନାମେଣ୍ଟ ଜିତିପାରିବୁ। ଏବେକାର ନେଦରଲାଣ୍ଡ ଏକ ଭିନ୍ନ ଦଳ। ଗତ ସଂସ୍କରଣ ଖେଳିଥିବା ଦଳ ସହ ଏହାର ତୁଳନା କରାଯାଇ ପାରିବନାହିଁ। ଦଳରେ ବିଶେଷ ଅଭିଜ୍ଞ ଖେଳାଳି ନାହାନ୍ତି। ତେଣୁ ଅନଭିଜ୍ଞତା ହିଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭାହେବ। ଆମେ ଏହି ଚ୍ୟାଲେଞ୍ଜକୁ କିପରି ସାମ୍ନା କରିପାରୁଛୁ ତା’ ଉପରେ ଅନେକକିଛି ନିର୍ଭର କରିବ। ତେବେ ଦଳକୁ ନେଇ ମୁଁ ଅନେକ ଆଶାବାଦୀ’’ ବୋଲି ଡେଲମି ପ୍ରକାଶ କରିଛନ୍ତି।




### ଖୁସି ଲାଗୁଛି: ବ୍ରିଙ୍କ୍‌ମାନ

ବିଶ୍ୱକପ୍ ପାଇଁ ଗତ କିଛି ମାସ ମଧ୍ୟରେ ଦଳର ପ୍ରସ୍ତୁତିକୁ ନେଇ ସନ୍ତୁଷ୍ଟ ଅଛନ୍ତି ଅଧିନାୟକ ଥିଏରି ବ୍ରିଙ୍କ୍‌ମାନ। ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ବିଶ୍ୱକପ୍ ପାଇଁ ଗତ କିଛିମାସ ଧରି ଆମେ ପ୍ରସ୍ତୁତି ଚଳାଇ ଆସିଛୁ। ତେଣୁ ଟୁର୍ନାମେଣ୍ଟ ପାଇଁ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଁ କହିପାରିବି। ଆମେ ଏବେ ଭାରତରେ ପହଞ୍ଚିଛୁ। ସାମୟିକ ବିଶ୍ରାମ ନେଇ ପ୍ରଥମ ମ୍ୟାଚ ପାଇଁ ଅଭ୍ୟାସ ଆରମ୍ଭ କରିବୁ। ପୁଣିଥରେ ଭାରତ ଆସିଥିବାରୁ ବହୁତ ଖୁସି ଲାଗୁଛି। ବିଶେଷ କରି ଏଠାକାର ହକି ପ୍ରଶଂସକଙ୍କ ସମ୍ମୁଖରେ ଖେଳିବା ପାଇଁ ବହୁତ ଆଗ୍ରହୀ ଅଛି’’ ବୋଲି ବ୍ରିଙ୍କ୍‌ମାନ କହିଛନ୍ତି। ଟୁର୍ନାମେଣ୍ଟରେ ପ୍ରଦର୍ଶନର ଛାପ ଛାଡ଼ିବା ଭଳି ଅନେକ ଖେଳାଳି ଦଳରେ ରହିଛନ୍ତି। ସେମାନେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଜୋରିଟ କ୍ରୁନ୍, ଜୋନାସ ଡି ଜିଉସ ଓ ଗୋଲକିପର ପିରମିନ ବ୍ଲାକ୍‌ଙ୍କ ଉପରେ ନିଶ୍ଚିତ ନଜର ରହିବ। ବ୍ୟକ୍ତିଗତ ଭାବେ ମୁଁ ଗୋଲ ସ୍କୋର କରି ହକି ଦର୍ଶକଙ୍କ ମନୋରଞ୍ଜନ କରିବା ଲକ୍ଷ୍ୟ ରଖିଛି ବୋଲି ବ୍ରିଙ୍କ୍‌ମାନ ପ୍ରକାଶ କରିଛନ୍ତି।

ନେଦରଲାଣ୍ଡ ପୁଲ୍ ‘ସି’ରେ ଚିଲି, ମାଲେସିଆ ଓ ନ୍ୟୁଜିଲାଣ୍ଡ ସହ ସ୍ଥାନ ପାଇଛି। ବିର୍ସାମୁଣ୍ଡା ଷ୍ଟାଡିୟମରେ ୧୪ରେ ମାଲେସିଆ ବିପକ୍ଷ ମ୍ୟାଚ ପରେ ଏହି ଦଳ ୧୬ରେ ନ୍ୟୁଜିଲାଣ୍ଡକୁ ଭେଟିବ। ଏହାପରେ ଭୁବନେଶ୍ୱର ଆସି ୧୯ ତାରିଖରେ ଚିଲି ବିପକ୍ଷରେ ମ୍ୟାଚ ଖେଳିବ। ନେଦରଲାଣ୍ଡର ସମସ୍ତ ଗ୍ରୁପ୍ ମ୍ୟାଚ ଅପରାହ୍ନ ୩ଟାରେ ଆରମ୍ଭ ହେବ।

### ଅଭ୍ୟାସ ଆରମ୍ଭ

ସକାଳୁ ଭୁବନେଶ୍ୱରରେ ପହଞ୍ଚିଥିବା ନେଦରଲାଣ୍ଡ ଦଳ ଅପରାହ୍ନରେ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅଭ୍ୟାସ ଆରମ୍ଭ କରିଛି। ଖେଳାଳିମାନେ ମୁଖ୍ୟତଃ ଶାରୀରିକ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଛନ୍ତି।

## ଶକିଲଙ୍କ ଶତକ: ପାକିସ୍ତାନ ୪୨ ରନରେ ପଛୁଆ

**କରାଚୀ,୪।୧ (ପି.ଟି):** ସୌଦ୍ ଶକିଲଙ୍କ ପ୍ରଥମ ଟେଷ୍ଟ ଶତକ ଓ ସର୍ଫରାଜ ଅହମଦଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ପାକିସ୍ତାନ ୪୨ ରନ୍ ପଛରେ ରହିଛି। ନ୍ୟୁଜିଲାଣ୍ଡର ୪୪୯ ରନ୍ ଜବାବରେ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ପାକିସ୍ତାନ ୯ ଉଇକେଟ ହରାଇ ୪୦୭ ରନ୍ ସଂଗ୍ରହ କରିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୫୪/୩ରୁ ଖେଳ ଆରମ୍ଭ କରିଥିଲା ପାକିସ୍ତାନ। ୭୪ ରନରେ ଅପରାଜିତ ଥିବା ଇମାମ ଉଲ୍ ହକ୍ ଆଉ ୯ ରନ୍ ଯୋଡି ପ୍ୟାଭିଲିୟନ୍ ଫେରିଥିଲେ। ୫ମ ଉଇକେଟରେ ସୌଦ୍ ଶକିଲ୍ ଓ ସର୍ଫରାଜଙ୍କ ମଧ୍ୟରେ ୧୫୦ ରନର ଭାଗୀଦାରି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ୪ ବର୍ଷ ପରେ ଟେଷ୍ଟ ଦଳରେ ସୁଯୋଗ ପାଇଥିବା ସର୍ଫରାଜ ଦ୍ୱିତୀୟ ଟେଷ୍ଟରେ କ୍ରମାଗତ ଅର୍ଦ୍ଧଶତକ ହାସଲ କରିଥିଲେ। ସର୍ଫରାଜ ୧୦୯ ବଲ୍ ଖେଳି ୧୦ ଚୌକା ମାରିଥିଲେ। ବଡ ଶଟ୍ ଖେଳିବାକୁ ଯାଇ ସେ ଡାରିଲ ମିଚେଲଙ୍କ ବଲରେ ଷ୍ଟମ୍ପ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ଆଘା ସଲମାନ୍ ୪୧ ରନ୍ କରିବା ସହିତ ଷଷ୍ଠ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୫୩ ରନ୍ ଯୋଡିଥିଲେ। ମାତ୍ର ଏକଦା ୩୯୩/୬ ଥିବା ପାକିସ୍ତାନ ପରବର୍ତ୍ତୀ ୩ ଉଇକେଟ ମାତ୍ର ୧୬ ରନରେ ହରାଇ ସଙ୍କଟରେ ପଡିଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଶକିଲ ୧୨୪ ଓ ଅବ୍ରାର ଅହମଦ୍ ୦ କ୍ରିଜ୍‌ରେ ଉପସ୍ଥିତ ଅଛନ୍ତି।

# ମୁମ୍ବାଇକୁ ଏୟାରଲିଫ୍ଟ ହେଲେ ପନ୍ତ

ନୂଆଦିଲ୍ଲୀ,୪।୧(ପି.ଟି)

ଭାରତୀୟ ଉଇକେଟ କିପର ବ୍ୟାଟର ରିଷଭ ପନ୍ତଙ୍କୁ ବୁଧବାର ମୁମ୍ବାଇ ଏୟାରଲିଫ୍ଟ କରାଯାଇଛି। ସେଠାରେ ପନ୍ତଙ୍କ ଲିଗାମେଣ୍ଟ ଅସ୍ତ୍ରୋପଚାର କରାଯିବ ବୋଲି ବିସିସିଆଇ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଡିସେମ୍ବର ୩୦ରେ ଏକ ଭୟଙ୍କର ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ପନ୍ତ। ଜାତୀୟ ରାଜପଥ ୫୮ରେ ଆସୁଥିବା ବେଳେ ଏକ ଖାଲକୁ ଏଡାଇବାକୁ ଯାଇ ତାଙ୍କ ମର୍ସିଡିଜ୍ କାର ଡିଭାଇଡରରେ ପିଟି ଜଳି ଯାଇଥିଲା। ଗୁରୁତର ଭାବରେ ଆଘାତ ପାଇଥିବା ପନ୍ତଙ୍କୁ ଡେରାଡୁନ୍‌ସ୍ଥିତ ମ୍ୟାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପନ୍ତଙ୍କ ମୁଣ୍ଡ, ବେକ, ଆଣ୍ଠୁ ଓ ଗୋଇଠିରେ ଆଘାତ ଲାଗିଥିବା ବେଳେ ସୋମବାର ତାଙ୍କୁ ଆଇସିୟୁରୁ ଜେନେରାଲ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଲିଗାମେଣ୍ଟ ଅସ୍ତ୍ରୋପଚାର ତଥା ଅନ୍ୟ ଚିକିତ୍ସା ପାଇଁ ପନ୍ତଙ୍କୁ ଏୟାର ଆମ୍ବୁଲାନ୍ସ ଜରିଆରେ ମୁମ୍ବାଇ ସ୍ଥାନାନ୍ତର କରାଯାଇଥିବା ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। ପନ୍ତଙ୍କୁ ମୁମ୍ବାଇ ସ୍ଥିତ କୋକିଳା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଓ ମେଡିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭର୍ତ୍ତି କରାଯିବ। ସେଠାରେ ବରିଷ୍ଠ ସ୍ପୋର୍ଟ୍ସ ଅର୍ଥୋପେଡିକ୍ ସର୍ଜନ ଡିନଶ ପର୍ଡିୱାଲା ତାଙ୍କର ଚିକିତ୍ସା କରିବେ ବୋଲି ଶାହା ସୂଚନା ଦେଇଛନ୍ତି। ବିସିସିଆଇର ମେଡିକାଲ ଟିମ୍ ପନ୍ତଙ୍କ ଚିକିତ୍ସା ଓ ରିହାବିଲିଟେଶନ୍ କାର୍ଯ୍ୟକ୍ରମକୁ ତଦାରଖ କରିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ସମୟରେ ପନ୍ତଙ୍କୁ ଆବଶ୍ୟକ ଥିବା ସମସ୍ତ ସାହାଯ୍ୟ ଓ ସହଯୋଗ ବୋର୍ଡ ପ୍ରଦାନ କରିବ ବୋଲି ମଧ୍ୟ ସେ କହିଛନ୍ତି। ୨୫ ବର୍ଷୀୟ ଉଇକେଟ କିପର ବ୍ୟାଟର ପନ୍ତ ଦିଲ୍ଲୀରୁ କାର୍ ଚଳାଇ ରୁରକୀ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପନ୍ତଙ୍କ ଆଖିପତା ଉପରେ ଆଘାତ ଲାଗିଥିବା ବେଳେ ଶରୀରର ଏକାଧିକ ସ୍ଥାନରେ ଆଘାତ ଲାଗିଥିଲା। ତେବେ ଆଣ୍ଠୁ ଓ ଗୋଇଠିରେ ଲାଗିଥିବା ଆଘାତ ବେଶ୍ ଗମ୍ଭୀର ରହିଛି। ଉଭୟ ସ୍ଥାନରେ ଫୁଲା ରହିଥିବାରୁ ଏମ୍‌ଆର୍‌ଆଇ ସମ୍ଭବ ହୋଇ ନ ଥିବା ବେଳେ ଟିୟର ଗ୍ରେଡେଶନ୍ ହୋଇପାରି ନାହିଁ। ମାତ୍ର ଆଘାତ କାରଣରୁ ସେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଭାରତୀୟ ଦଳରୁ ଦୂରରେ ରହିବେ। ଆସନ୍ତା ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ଓ ଆଇପିଏଲରୁ ସେ ଦୂରେଇ ରହିବେ। ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ଖେଳାଳି ହୋଇଥିବା କାରଣରୁ ପନ୍ତଙ୍କ ଚିକିତ୍ସା ଭାର ବିସିସିଆଇ ବହନ କରିବ ଏବଂ ଏନ୍‌ସିଏ ମେଡିକାଲ ଟିମ୍ ମୁଖ୍ୟ ନିତିନ ପଟେଲ ଚିକିତ୍ସା ଦାୟିତ୍ୱ ତଦାରଖ କରିବେ।



ରିଷଭ ପନ୍ତ

## ଖ୍ୱାଜା-ଲାବୁଶେନଙ୍କ ଶତକୀୟ ଭାଗୀଦାରି

**ସିଡନୀ, ୪।୧ (ପି.ଟି):** ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଟେଷ୍ଟର ପ୍ରଥମ ଦିନର ଖେଳ ବର୍ଷା ବାଧାପ୍ରାପ୍ତ ରହିଛି। ଓପନର ଉସମାନ ଖ୍ୱାଜା(୫୪*) ଓ ମାର୍ନସ୍ ଲାବୁଶେନ୍(୭୯)ଙ୍କ ଶତକୀୟ ଭାଗୀଦାରି ଫଳରେ ଅଷ୍ଟ୍ରେଲିଆ ୪୭ ଓଭରରେ ୨ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଛି। ବର୍ଷା ଓ ଖରାପ ଆଲୋକ କାରଣରୁ ଅଧା ଦିନର ଖେଳ ସମ୍ଭବ ହୋଇ ନ ଥିଲା। ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଦୀର୍ଘ ୫ ବର୍ଷ ପରେ ଦଳରେ ସ୍ଥାନ ପାଇଥିବା ଓପନର ମ୍ୟାଟ୍ ରେନଶ କୋଭିଡ କାରଣରୁ ବାଦ୍ ପଡିବାରୁ ଖ୍ୱାଜା ଇନିଂସ ଓପନ କରିଥିଲେ। ଡେଭିଡ ୱାର୍ନର(୧୦) ଦଳୀୟ ସ୍କୋର ୧୨ ରନରେ ଏନରିଚ୍ ନର୍ଜେଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ତେବେ ଖ୍ୱାଜା ଓ ଲାବୁଶେନ୍ ଦ୍ୱିତୀୟ ଉଇକେଟରେ ୧୬୦ ରନ୍ ଯୋଡିଥିଲେ। ୧୨୧ ବଲ୍ ଖେଳିଥିବା ଖ୍ୱାଜା ୬ ଚୌକା ସହିତ ୫୪ ରନରେ ଅପରାଜିତ ରହିଛନ୍ତି। ଅନ୍ୟ ପକ୍ଷରେ ୧୫୧ ବଲ୍ ଖେଳିଥିବା ଲାବୁଶେନ୍ ୧୩ ଚୌକା ସହିତ ୭୯ ରନ କରି ଇନିଂସର ଅନ୍ତିମ ବଲରେ ଆଉଟ ହୋଇଥିଲେ। ଲାବୁଶେନ୍ ଆଉଟ ହେବା ପରେ ଖରାପ ଆଲୋକ କାରଣରୁ ସ୍ପିନ୍ ବୋଲିଂ ପାଇଁ ଏଲଗାରଙ୍କୁ ଅମ୍ପାୟର ଅନୁରୋଧ କରିଥିଲେ। ସେ ଏହାକୁ ଗ୍ରହଣ ନ କରିବାରୁ ଖେଳ ବନ୍ଦ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ଦୁଇ ଟେଷ୍ଟ ଜିତିବା ସହ ଅଷ୍ଟ୍ରେଲିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଆଗୁଆ ରହିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭ ଓଭରରେ ୧୪୭/୨ ( ମାର୍ନସ୍ ଲାବୁଶେନ୍-୭୯, ଉସମାନ ଖ୍ୱାଜା-୫୪*, ଡେଭିଡ ୱାର୍ନର-୧୦, ଏନରିଚ୍ ନର୍ଜେ-୨/୨୬)।

# ରଣଜୀ ଟ୍ରଫି: ଓଡ଼ିଶା ବୋଲର ନିରାଶ

ଭୁବନେଶ୍ୱର, ୪।୧ (କ୍ରୀଡ଼ା ପ୍ରତିନିଧି)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ବୋଲରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଫଳରେ ନାଗାଲାଣ୍ଡ ଦୃଢ଼ ବ୍ୟାଟିଂ କରି ବଡ଼ ସ୍କୋର ଛିଡ଼ା କରିଛି। ଗ୍ରୁପ୍ ‘ଏ’ର ଅପେକ୍ଷାକୃତ ଦୁର୍ବଳ ଦଳ ନାଗାଲାଣ୍ଡ ବିପକ୍ଷରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା। ମାତ୍ର ପ୍ରଥମ ଇନିଂସରେ ୪୩୩ ରନ ସଂଗ୍ରହ କରି ଏହି ଦଳ ଘରୋଇ ବୋଲରଙ୍କ ବିଫଳତାକୁ ପଦାରେ ପକାଇ ଦେଇଛି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ କୌଣସି ଉଇକେଟ ନ ହରାଇ ୧୧୧ ରନ ସଂଗ୍ରହ କରିଛି। ଅନୁରାଗ ଷଡ଼ଙ୍ଗୀ ୭୫ ଓ ଶାନ୍ତନୁ ମିଶ୍ର ୩୧ ରନକରି ଅପରାଜିତ ରହିଛନ୍ତି। ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ଓଡ଼ିଶା ୩୨୨ ରନ ପଛରେ ରହିଛି। ୨ ଦିନ ଖେଳ ଶେଷ ହୋଇଯାଇଥିବାରୁ ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା କମିଛି।



ଚେତନ ବିସ୍ତ

### ବିସ୍ତଙ୍କ ଶତକ

ପ୍ରଥମ ଦିବସ ଖେଳ ଶେଷ ବେଳକୁ ନାଗାଲାଣ୍ଡ ୨୯୧ ରନ ମଧ୍ୟରେ ୬ ଉଇକେଟ ହରାଇଥିଲା। ଅର୍ଥାତ୍ ଦ୍ୱିତୀୟ ଦିବସରେ ଏହି ଦଳ ୪ ଉଇକେଟ ବିନିମୟରେ ଆହୁରି ୧୪୨ ରନ ସଂଗ୍ରହ କରି ନେଇଥିଲା। ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ ଅଭିଜ୍ଞ ଚେତନ ବିସ୍ତ। ଚଳିତ ସିଜନରେ ନାଗାଲାଣ୍ଡ ପକ୍ଷରୁ ଖେଳୁଥିବା ମହାରାଷ୍ଟ୍ରର ବିସ୍ତ ଶତକ ହାସଲ କରି ଦଳକୁ ବଡ଼ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୨୧୩ ବଲ୍‌ରୁ ୧୬ ଚୌକା ଓ ୧ ଛକା ସହାୟତାରେ ୧୨୯ ରନ କରିଥିଲେ। ୮ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ସେଦେଝାଲେ ରୁପେରୋ ଓଡ଼ିଶା ବୋଲରଙ୍କୁ ସବୁଠାରୁ ବେଶି ନିରାଶ କରିଥିଲେ। ସେ ସଫଳତାର ସହ ଘରୋଇ ବୋଲରଙ୍କୁ ମୁକାବିଲା କରି ୭୧ ରନରେ ଅପରାଜିତ ରହିଥିଲେ। ୧୭୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୁପେରୋ ନିଜ ଇନିଂସ ମଧ୍ୟରେ ୮ ଚୌକା ଓ ୧ ଛକା ମାରିଥିଲେ। ଓଡ଼ିଶା ପକ୍ଷରୁ ଦୁଇ ଷ୍ଟ୍ରାଇକ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ଓ ତାରିଣୀ ସ’ ଦ୍ୱିତୀୟ ଦିବସରେ ଉଇକେଟ ପାଇ ନ ଥିବାବେଳେ ଜୟନ୍ତ ବେହେରା ୨ଟି ଓ ଶାନ୍ତନୁ ମିଶ୍ର ଗୋଟିଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ପ୍ରୟାସ ସିଂ ମଧ୍ୟ ଉଇକେଟ ଶୂନ୍ୟ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ନାଗାଲାଣ୍ଡ ପ୍ରଥମ ଇନିଂସ: ୪୩୩/ଅଲ୍‌ଆଉଟ (ଚେତନ ବିସ୍ତ-୧୨୯, ସେଦେଝାଲି ରୁପେରୋ-୭୧*, ଶ୍ରୀକାନ୍ତ ମୁଣ୍ଡେ-୬୬, ହୋକାଇତୋ ଝିମୋମି-୫୯, ନାଗାହୋ ଚିଶି-୩୨, ସୂର୍ଯ୍ୟକାନ୍ତ ପ୍ରଧାନ-୩/୮୯, ତାରିଣୀ ସ’-୩/୮୬, ଜୟନ୍ତ ବେହେରା-୨/୯୪, ଶାନ୍ତନୁ ମିଶ୍ର-୧/୨୦)। ଓଡ଼ିଶା ପ୍ରଥମ ଇନିଂସ: ୧୧୧/୦ (ଅନୁରାଗ ଷଡ଼ଙ୍ଗୀ-୭୫*, ଶାନ୍ତନୁ ମିଶ୍ର-୩୧*)।

## ଚେସ୍ ଖେଳାଳି କମଳାକାନ୍ତଙ୍କ ପରଲୋକ



**ଭୁବନେଶ୍ୱର, ୪।୧ (ସ୍ପୋର୍ଟ୍ସ ବ୍ୟୁରୋ):** ବରିଷ୍ଠ ଚେସ୍ ଖେଳାଳି କମଳାକାନ୍ତ ବିଷୋୟୀଙ୍କ ୭୩ ବର୍ଷ ବୟସରେ ବୁଧବାର ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ଦୀର୍ଘ ଦିନଧରି ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ୧୯୫୦ରେ କଟକର ସୁଭଦ୍ରାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା କମଳାକାନ୍ତ ଏକଧାରାରେ ଜଣେ ଚେସ୍ ଖେଳାଳି ଓ କବି ରହିଥିଲେ। ଏହା ସହିତ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରି ୨୦୦୮ରେ ଅବସର ଗ୍ରହଣ କରିଥିଲେ। ସେ କଟକ ଜିଲ୍ଲା ଚେସ୍ ସଂଘର ପ୍ରତିଷ୍ଠାତା ସଭ୍ୟ ରହିଥିଲେ। ଚେସ୍ ଖେଳ ପ୍ରତି ଅବଦାନ ପାଇଁ କଟକ ଜିଲ୍ଲା ଚେସ୍ ସଂଘ ପକ୍ଷରୁ ତାଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକ ଉପସ୍ଥିତ ରହିଥିଲେ। ବାଲିକୁଦାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ଆନ୍ତଃବିଶ୍ୱବିଦ୍ୟାଳୟ ହକି ଚାମ୍ପିୟନଶିପ୍ ଆରମ୍ଭ

ଭୁବନେଶ୍ୱର, ୪।୧

ଚଳିତ ବର୍ଷ ସମଗ୍ର ରାଜ୍ୟରେ ହକିକୁ ନେଇ ଉତ୍ସାହ ଦେଖିବାକୁ ମିଳୁଥିବାବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ଚାମ୍ପିୟନଶିପ୍ ଆରମ୍ଭ ହୋଇଯାଇଛି। ସମଗ୍ର ଓଡିଶାରୁ ୯ଟି ବିଶ୍ୱବିଦ୍ୟାଳୟ ମହିଳା ହକି ଦଳ ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ। ବୁଧବାର ସକାଳୁ ଖେଳାଳିମାନେ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ ଷ୍ଟାଡିୟମ୍‌ରେ ନାମ ପଞ୍ଜୀକରଣ କରିବା ସହ ହକି ଅଭ୍ୟାସ କରିଥିଲେ। ଅପରାହ୍ନ ସାଢ଼େ ୨ଟାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଖେଳର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଦ୍ୱିତୀୟ ମ୍ୟାଚ୍ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍ ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଚାଲିବ।



ଆନ୍ତଃବିଶ୍ୱବିଦ୍ୟାଳୟ ହକି ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଚହଲଙ୍କୁ ନେଇ ଚିନ୍ତାରେ ଭାରତ

ପୁଣେ,୪।୧(ପି.ଟି)

ଗୁରୁବାର ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ ପୂର୍ବରୁ ଦଳର ପ୍ରମୁଖ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ଫର୍ମକୁ ନେଇ ଚିନ୍ତାରେ ଭାରତ। ପ୍ରଥମ ଟି୨୦ରେ ପଦାର୍ପଣ କରିଥିବା ଶୁବମାନ ଗିଲ୍‌ଙ୍କ ପାୱାର ପ୍ଲେରେ ଧିମା ବ୍ୟାଟିଂ ମଧ୍ୟ ଚିନ୍ତାର ଆଉ ଏକ କାରଣ। ପ୍ରାରମ୍ଭରୁ ସେଟ୍ ହେବା ପରେ ଆକ୍ରମଣାତ୍ମକ ବ୍ୟାଟିଂ କରିବା ଗିଲ୍‌ଙ୍କ ଷ୍ଟାଇଲ ରହି ଆସିଛି। ସମାନ ଆଭିମୁଖ୍ୟ କାରଣରୁ ନିକଟରେ ଲୋକେଶ ରାହୁଲଙ୍କୁ ଟି୨୦ ଦଳରୁ ବାଦ୍ ଦିଆଯାଇଛି। ତେଣୁ ଗିଲ୍‌ଙ୍କୁ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ନିହାତି ଆବଶ୍ୟକ। ଦଳରେ ରହିଥିବା ଋତୁରାଜ ଗାଏକ୍ୱାଡ ଏବଂ ରାହୁଲ ତ୍ରିପାଠୀ ଓପନ୍ କରିବାରେ ସମର୍ଥ ଥିବା ବେଳେ ଗିଲ୍‌ଙ୍କ ସ୍ଥାନରେ ଉଭୟ ଖେଳାଳିଙ୍କୁ ଏକ ସୁଯୋଗ ମିଳିପାରେ। ଅନ୍ୟପକ୍ଷରେ ଉଭୟ ଅକ୍ଷର ପଟେଲ ଓ ଯୁଜବେନ୍ଦ୍ର ଚହଲ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

**ଆଜି ଦ୍ୱିତୀୟ ଟି୨୦**
**ମ୍ୟାଚ ଆରମ୍ଭ: ରାତି ୭ଟା**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ**

ଶ୍ରୀଲଙ୍କା ସ୍ପିନରମାନେ ରନ୍ ସ୍କୋରର ପର୍ଯ୍ୟାପ୍ତ ସୁଯୋଗ ଦେଇ ନ ଥିବା ବେଳେ ଦୁଇ ଭାରତୀୟ ସ୍ପିନର ମହଙ୍ଗା ରହିଥିଲେ। ଶେଷ ଓଭରରେ ଅକ୍ଷର ପଟେଲ ୧୩ ରନ୍ ଡିଫେଣ୍ଡ କରିବାରେ ସଫଳ ହୋଇଥିବା ବେଳେ ଚହଲ ୨ ଓଭରରେ ଦେଇଥିଲେ ୨୬ ରନ୍। ଦ୍ୱିତୀୟ ମ୍ୟାଚରେ ଚହଲଙ୍କ ସ୍ଥାନରେ ୱାଶିଂଟନ୍ ସୁନ୍ଦରଙ୍କୁ ସୁଯୋଗ ମିଳିପାରେ।



ଯୁଜବେନ୍ଦ୍ର ଚହଲ

### ସାମସନଙ୍କ ସ୍ଥାନରେ ଜିତେଶ

ଦ୍ୱିତୀୟ ଟି୨୦ ପୂର୍ବରୁ ଭାରତକୁ ଝଟକା। ଆହତ ହୋଇ ସଞ୍ଜୁ ସାମସନ ଦଳରୁ ବାଦ ପଡିଥିବା ବେଳେ ବଦଳ ଖେଳାଳି ଭାବରେ ବିଦର୍ଭ ଉଇକେଟ କିପର ଜିତେଶ ଶର୍ମାଙ୍କ ନାମ ବଦଳ ଖେଳାଳି ଭାବରେ ଘୋଷଣା କରାଯାଇଛି। ଆଇପିଏଲରେ ପଞ୍ଜାବ କିଙ୍ଗ୍ସ ପାଇଁ ପ୍ରଦର୍ଶନ ଆଧାରରେ ଶର୍ମାଙ୍କୁ ଡାକରା ମିଳିଛି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ